

'କକ୍‌ଟେଲ୍ ୨'ର କାହାଣୀ ଲିକ୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-239 ♦TUESDAY ♦24 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୯ ♦ମଙ୍ଗଳବାର ♦୨୪ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ବିଧାନସଭାରେ ସରକାରଙ୍କ ତଥ୍ୟ

ଦେଢ଼ବର୍ଷରେ ୪୮,୭୯୮ ମହିଳା ହିଂସା

ରାଜ୍ୟରେ ଦୈନିକ ହାରାହାରି ୫୨ ନିର୍ଯାତନା ଅଭିଯୋଗ

ସରକାର ଆଖିବୃଶିଆ ପଦକ୍ଷେପ ନେଉନାହାନ୍ତି: ବିରୋଧୀ

ମହିଳା ଓ ଶିଶୁ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ମହିଳା, ଶିଶୁ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ସରକାର ମହିଳା ବିରୋଧୀ ହିଂସାକୁ ନିୟନ୍ତ୍ରଣ କରିବାରେ ଅସଫଳ ହୋଇଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି। ଏହି ସମୟରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ପ୍ରଦାନ କରିଥିବା ସାଂଘାତିକ ତଥ୍ୟ ରାଜ୍ୟରେ ଆଇନଶୃଙ୍ଖଳା ଓ ମହିଳା ନିର୍ଯାତନା ଚରମସ୍ତରରେ ପହଞ୍ଚିଥିବା ପ୍ରମାଣିତ କରିଛି। ବିରୋଧୀଙ୍କ ଅଭିଯୋଗକୁ ବାରମ୍ବାର ଖଣ୍ଡନ କରୁଥିବା ଶାସକ ଦଳର ନେତା ଓ ବିଧାୟକଙ୍କୁ ବିଧାନସଭାରେ ସରକାରଙ୍କ ତଥ୍ୟ ନିରସ୍ତ କରିଛି। ରାଜ୍ୟରେ ମହିଳା ହିଂସା ଯେ ଚରମ ସ୍ତରରେ ପହଞ୍ଚିଛି, ତାହା ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ସ୍ପଷ୍ଟ ହୋଇଛି। ଗତ ଦେଢ ବର୍ଷ(୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ) ମଧ୍ୟରେ ମୋଟ ୪୮,୭୯୮ ମହିଳା ବିରୋଧୀ ହିଂସା ସଂଘଟିତ ହୋଇଥିବା ତଥ୍ୟ ସରକାରଙ୍କୁ ଅଡୁଆରେ ପକାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅପରାଧ ନଥି ସଂସ୍ଥାର ତଥ୍ୟ ଅନୁଯାୟୀ ସଂଘଟିତ ହୋଇଥିବା ଅପରାଧ ଗୁଡିକର ତଦନ୍ତ ପରେ ମୋଟ ▶ପୃଷ୍ଠା-୭

୨୨ ମାସରେ ୨୯୯୪ ଦୁଷ୍କର୍ମ

■ ଭୁବନେଶ୍ୱର,୨୩।୨(ସମିସ): ଗୋଟିଏପଟେ ରାଜ୍ୟ ସରକାର ମହିଳାମାନଙ୍କ ସୁରକ୍ଷା ପାଇଁ

୧୧୫ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ, ୧୧୮୩କୁ ଯୌନ ନିର୍ଯାତନା

ଗୋଟିକ ପରେ ଗୋଟିଏ ଯୋଜନା ପ୍ରଣୟନ କରୁଛନ୍ତି। 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରାଯାଇଥିବା ଘୋଷଣା କରୁଛନ୍ତି। ମାତ୍ର ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯାତନା ଓ ଯୌନ ଶୋଷଣ ଘଟଣା ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ, ପ୍ରଶାସନ ▶ପୃଷ୍ଠା-୭

ଖବର ଚୁଟକି

- ପ୍ରେମ ବିବାହ ପାଇଁ ପିତାମାତାଙ୍କୁ ସୂଚନା ଦେବା ବାଧ୍ୟତାମୂଳକ
- ପଶ୍ଚିମବଙ୍ଗ ରାଜନୀତିର ଚାଣକ୍ୟ ମୁକୁଲ ରୟଙ୍କ ପରଲୋକ
- ଟ୍ରାଫିକ୍ ଜାମ୍ ପାଇଁ ୧ ଲକ୍ଷ ଗାଡ଼ି ମାଲିକଙ୍କୁ ଫେରସ୍ତ ହେବ ୫ କୋଟି ଟୋଲ୍ ଟିକସ
- ଆମେରିକାରେ ତୁଷାର ଝଡ଼: ୫ ହଜାର ବିମାନ ବାତିଲ, ଅନ୍ଧାରରେ ୨ ଲକ୍ଷ ପରିବାର

ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ୭ ମୃତ୍ୟୁ ଆଶଙ୍କା



■ ରାଞ୍ଚି, ୨୩।୨ (ଏଜେନ୍ସି): ଦେଶରେ ପୁଣି ଏକ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟରେ ଏକ ଘରୋଇ ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚତ୍ରା ଜିଲ୍ଲାର ସିମାରିଆ ଥାନା ଅନ୍ତର୍ଗତ ଖାସିୟାତୁ କର୍ମତଣ୍ଡା ଜଙ୍ଗଲ ଅଞ୍ଚଳରେ ବିମାନଟି ଖସି ପଡ଼ିଛି। ଏଥିରେ ରୋଗୀଙ୍କ ସମେତ ୭ ଜଣ ଦିଲ୍ଲୀ ଅଭିମୁଖେ ଯାତ୍ରା ▶ପୃଷ୍ଠା-୭

ଚାଷୀଙ୍କୁ ମଣ୍ଡି ଯନ୍ତ୍ରଣା

ଆଜି ରାଜଧାନୀରେ ଗର୍ଜିବ ବିଜେଡି

ଉତ୍ପାଦନର ସଂଗ୍ରହ ହୋଇଛି ମାତ୍ର ୩୧ ପ୍ରତିଶତ ଧାନ

୩୧୦୦ ଟଙ୍କାରେ କିଣା ହେଉନି ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ

■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବା ବେଳେ ଚାଷୀକୁଳ ସମ୍ପୂର୍ଣ୍ଣ ହତାଶ ହୋଇପଡ଼ିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ସରକାରଙ୍କୁ ବିଜେଡି ବାରମ୍ବାର ଜବାବ ମାଗୁଥିଲେ ହେଁ ସରକାର ଉତ୍ତର ଦେବା ପରିବର୍ତ୍ତେ ନିଜର ମିଛ ସଫଳତା ବଖାଣୁଛନ୍ତି। ତେଣୁ, ଆସନ୍ତାକାଲି (ମଙ୍ଗଳବାର) ବିଜେଡି ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଏକ ବିଶାଳ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ▶ପୃଷ୍ଠା-୭

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



ମରଣାନ୍ତକ ଆକ୍ରମଣରେ ଦୋକାନୀ ଗୁରୁତର

● ଦୋକାନ ଉପରକୁ ବୋମାମାଡ଼ କରି ଦୁର୍ବୃତ୍ତ ଫେରାର

କାମାକ୍ଷାନଗର, ୨୩।୨(ସମିସ): କାମାକ୍ଷାନଗର ଥାନା ଏକତାଳି ଗାଁରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଦୋକାନୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦୋକାନୀ ହେଲେ ସେହି ଗ୍ରାମର ତପନ ବିଶ୍ୱାଳ। ତପନ ଗାଁରେ ଏକ ପାନଦୋକାନ କରିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଦୋକାନରେ ବସିଥିଲେ। ଏହି ସମୟରେ ୩ଟି ବାଇକ୍ ଯୋଗେ ୬ଜଣ ଦୁର୍ବୃତ୍ତ ତପନଙ୍କ ଦୋକାନରେ ପହଞ୍ଚି ସିଗାରେଟ ମାଗିଥିଲେ। ତପନ ସେମାନଙ୍କୁ ସିଗାରେଟ ଦେବାପରେ ଦୁର୍ବୃତ୍ତମାନେ ହଠାତ ତାଙ୍କୁ ଏକ ପାଇପରେ ପିଟିବା ସହ ତିନିଟି ବୋମା ପକାଇଥିଲେ। ସ୍ଥାନୀୟ ଲୋକେ ଦୋକାନ ନିକଟରେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତପନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

● ମାଟ୍ରିକ ପରୀକ୍ଷା

୩୦୯ ପରୀକ୍ଷାର୍ଥୀ ଅନୁପସ୍ଥିତ, ବଢୁଛି ଅନୁପସ୍ଥିତଙ୍କ ସଂଖ୍ୟା

ଢେଙ୍କାନାଳ, ୨୩।୨(ସମିସ): ଢେଙ୍କାନାଳ ଜିଲ୍ଲାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଜାରି ରହିଛି। ସୋମବାର ତୃତୀୟ ଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ତେବେ ତୃତୀୟ ଭାଷାରେ ମୋଟ ୩୦୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଦିନକୁ ଦିନ ଅନୁପସ୍ଥିତଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଛି। ଜିଲ୍ଲାରେ ମୋଟ ୨୬୯ଟି ବିଦ୍ୟାଳୟ ରହିଥିବା ବେଳେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୩୪୫ ଜଣ ପରୀକ୍ଷାଦେଉଛନ୍ତି। ଆଜି ଅନୁଷ୍ଠିତ ଥିବା ବେଳେ ୩୦୯ ଜଣ ଅନୁପସ୍ଥିତ ରହିଛନ୍ତି। ତୃତୀୟ ଭାଷାର ମଧ୍ୟମାରେ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ମୋଟ ୩୦୯ ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାରେ ମୋଟ ୯୫ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଥିବା ବେଳେ, ଭୁବନ ବ୍ଲକରେ ୧୧ଟି କେନ୍ଦ୍ର, ଗଁଦିଆ ବ୍ଲକରେ ୧୨ଟି, ହିନ୍ଦୋଳ ବ୍ଲକରେ ୧୨ଟି, କାମାକ୍ଷାନଗର ବ୍ଲକରେ ୧୨ଟି, କଙ୍କଡ଼ାହାଡ଼ ବ୍ଲକରେ ୯ଟି କେନ୍ଦ୍ର, ଓଡ଼ାପଡ଼ା ବ୍ଲକରେ ୧୦ଟି କେନ୍ଦ୍ର, ପରଜଙ୍ଗ ବ୍ଲକରେ ୧୦ଟି କେନ୍ଦ୍ର ରହିଛି। ଆଜି ମାତୃଭାଷା ପରୀକ୍ଷାରେ କୌଣସି ଛାତ୍ରଛାତ୍ରୀ ଅସାଧୁ ଉପାୟ ଅବଲମ୍ବନ କରିନଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତରଫରୁ ୧୨ଟି କେନ୍ଦ୍ର ପରିଦର୍ଶନ କରିଥିବାର ଜଣାପଡ଼ିଛି।

ଦନ୍ତା ହତୀ ଉପଦ୍ରବ; ଲୋକେ ଆତଙ୍କିତ



ଓଡ଼ାପଡ଼ା, ୨୩।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମରେ ରବିବାର ରାତି ୧ଟାରେ ଏକ ଦନ୍ତା ହାତୀ ଶଶି ଖିଲାରଙ୍କ ଗେଟ ଭାଙ୍ଗି ତାଙ୍କ ଚାଳ ଘରକୁ ଅଧା ଭାଙ୍ଗି ଧାନ ଚାଉଳ ଖାଇଦେଇଛି। ୭୫ ବର୍ଷର ବୃଦ୍ଧା ଖିଲାର ପ୍ରାଣବିକଳରେ ଅନ୍ୟ କୋଠା ଘରକୁ ଚାଲିଯାଇଥିଲେ। ଗାଁ ଲୋକ ଆସି ବାଣ ଫୁଟାଇ ହାତୀକୁ ଘଉଡ଼ାଇବା ସମୟରେ ହାତୀଟି ଲୋକଙ୍କୁ ତଡ଼ିଥିଲା। ତା' ପୂର୍ବଦିନ କାଶିହାଡ଼ି ଗ୍ରାମରେ ମଧ୍ୟ ଏହି ହାତୀ ଘର ଭାଙ୍ଗି ଲୋକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ବନ କର୍ମଚାରୀ ହାତୀକୁ ଘଉଡ଼ାଇବାରେ ନୟାନ୍ତ ହୋଇଥିଲେ ବୋଲି ବନକର୍ମଚାରୀ ବିକ୍ରମ ସାହୁ ସୂଚନା ଦେଇଛନ୍ତି। ଏହି ହାତୀକୁ ଆଜି ଟ୍ରାକିଂ କରି ଜଙ୍ଗଲକୁ ପଠାଯିବ ବୋଲି ସେ କହିଛନ୍ତି।

ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଢେଙ୍କାନାଳ, ୨୩।୨(ସମିସ): ସ୍ଥାନୀୟ କାଞ୍ଚନ ବଜାର ସ୍ଥିତ ସ୍ୱର୍ଗତ ରତ୍ନାକର ବେହେରାଙ୍କ ଧର୍ମପତ୍ନୀ ଗେଲ୍ଲିରାଣୀ ବେହେରାଙ୍କର ରବିବାର ରାତ୍ର ୯.୪୫ ମିନିଟ୍‌ରେ ଦେହାନ୍ତ ହୋଇଯାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର କାମାକ୍ଷା ବେହେରା ଜଣେ ଜଣାଶୁଣା ବିଶିଷ୍ଟ ସମାଜସେବୀ। ଜବାହରଚୌକ ଗାନ୍ଧୀ ମନ୍ଦିର ରାସ୍ତାରେ ତାଙ୍କର ଏକ ଲଣ୍ଡ୍ରି ଦୋକାନ ରହିଛି। ମୃତ୍ୟୁ ବେଳକୁ ଗେଲ୍ଲିରାଣୀ ବେହେରାଙ୍କୁ ପ୍ରାୟ ନବେ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର କାମାକ୍ଷା, କାର୍ତ୍ତିକ ଦୁଇ ବୋହୂ ନାତି ସଦାଶିବ, କାହ୍ନା, ସୁଦୀପ୍, ସନ୍ଦୀପ୍, ସମ୍ବିତ୍ ନାତୁଣୀ ଶିବାନୀ ଓ ନାତୁଣୀ ଜ୍ୱାଇଁ କାହ୍ନୁଚରଣ ଉପସ୍ଥିତ ଥିଲେ। ସ୍ୱର୍ଗତା ବେହେରା ଜଣେ ଠାକୁର ଭକ୍ତିଆ, ମେଳାପୀ, ଅମାୟିକ ଓ ଧର୍ମପ୍ରାଣା ମହିଳା ଥିଲେ। ହୀରାସାଗର ପୋଖରୀ ପାଖରେ ଥିବା ମା'ମଙ୍ଗଳା, ସାଇବାବାଙ୍କ ମନ୍ଦିରରେ ସ୍ଥାନୀୟ ମହିଳାଙ୍କୁ ନେଇ ସାନ୍ଧ୍ୟ ପ୍ରାତଃ ଆଳତୀ କୀର୍ତ୍ତନ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଦେହାନ୍ତ ଖବର ପାଇ ଆମଆଦମୀ ପାର୍ଟିର ଭରତ ଦାସ, ପଙ୍କଜ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପାଣି, ବରିଷ୍ଠ ସାହିତ୍ୟିକ କବିଜ୍ୟୋତି ନିରଞ୍ଜନ ପତି, ବରିଷ୍ଠ ଓକିଲ ସନାତନ ମହାପାତ୍ର, ଟୁକୁନି ଦାସ, ସ୍ଥାନୀୟ କାଉନସିଲର ବଂଶୀଧର ଦଳେଇ, ସୁରେନ୍ଦ୍ର ଦଳେଇ, ମହମ୍ମଦ ମସଜିଦ ଅଲ୍ଲୀ, ନିରଞ୍ଜନ ପଣ୍ଡା, ଅଜୟ ସାମନ୍ତରାୟ, ମହାପ୍ରଭୁ ନାୟକ ପ୍ରମୁଖ ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ କାଞ୍ଚନ ବଜାର, ବାଜିଚୌକ ଓ ଜବାହର ଚୌକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଦେଲେ

ହିନ୍ଦୋଳ, ୨୩।୨(ସମିସ)

ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ପଞ୍ଚାୟତ ଅଧିକାରୀ ଜଣେ ବୃଦ୍ଧ ହିତାଧିକାରୀଙ୍କ ଭତ୍ତା କାଟିଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜରଡ଼ା ପଞ୍ଚାୟତ ଛୋଟପଡ଼ା ଗ୍ରାମରୁ। ଛୋଟପଡ଼ା ଗ୍ରାମର ସୁରେଶ ବେହେରା ଜଣେ ନିଃସହାୟ ବ୍ୟକ୍ତି ହୋଇଥିବା ବେଳେ ଦୀର୍ଘଦିନ ହେବ ସେ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। ମାତ୍ର ଗତ ୨ ମାସ ହେଲା ସେ ଭତ୍ତା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ଭତ୍ତା ପାଇଁ ସେ ପଞ୍ଚାୟତକୁ ଯାଇଥିଲେ। ତେବେ ତୁମର ଭତ୍ତା ୨ ମାସ ହେବ କଟିଯାଇଛି। ତୁମକୁ ଆଉ ଭତ୍ତା ମିଳିବ ନାହିଁ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଥିଲେ। ଏଥିରେ ବିଚଳିତ ହୋଇ ସୁରେଶ ହିନ୍ଦୋଳ ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟକୁ ଯାଇଥିଲେ। ହେଲେ ୨ ମାସ ପୂର୍ବର ସୁରେଶଙ୍କ ମୃତ୍ୟୁ ହୋଇଥିବା ପଞ୍ଚାୟତ ଅଧିକାରୀ ମନୋଜ ବାବୁ ରିପୋର୍ଟ କରିଛନ୍ତି ବୋଲି ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ଜଣକ ତାଙ୍କୁ କହିଥିଲେ। ଅଧିକାରୀଙ୍କ କଥା ଶୁଣି ସୁରେଶ ତଳେ ପଡ଼ିଯାଇଥିଲେ। ପାଖରେ ଥିବା କିଛି ଲୋକ ତାଙ୍କ ମୁଣ୍ଡରେ ପାଣି ମାରି ହୋସ ଆସିବା ପରେ ଘରକୁ ଗାଡ଼ି ସାହାଯ୍ୟରେ ପଠାଇ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠେ, ଜଣେ ବଞ୍ଚି ଥାଉ ଥାଉ କିପରି ପଞ୍ଚାୟତ ଅଧିକାରୀ ମୃତ୍ୟୁ ବୋଲି ଦର୍ଶାଇଲେ। ଏ ସମ୍ପର୍କରେ



ଜରଡ଼ା ପଞ୍ଚାୟତ ଅଧିକାରୀ ମନୋଜ କୁମାର ଭୋଇଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୁଁ ଜରଡ଼ା ପଞ୍ଚାୟତ ଭତ୍ତା ଦାୟିତ୍ୱରେ ନାହିଁ। ପଞ୍ଚାୟତର ଏଡିଓ ଓ ସରପଞ୍ଚ ଏ ଦାୟିତ୍ୱରେ ଅଛନ୍ତି। ସୁରେଶଙ୍କ ଭତ୍ତା ବିଷୟରେ କିଛି କହିପାରିବି ବୋଲି କହିଥିଲେ।

ଏ ସମ୍ପର୍କରେ ଜରଡ଼ା ପଞ୍ଚାୟତ ଏଡିଓ ସୁଜିତ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ମୁଁ ଜରଡ଼ା ପଞ୍ଚାୟତର ଭତ୍ତା ଦେଉଛି। ସୁରେଶ ଭତା ନେବା ପାଇଁ ପଞ୍ଚାୟତକୁ ଆସିଥିଲେ। ମାତ୍ର ଭତ୍ତା ତାଲିକାରେ ତାଙ୍କ ନାମ ନ ଥିବାରୁ ମୁଁ ତାଙ୍କୁ ଭତ୍ତା ଦେଇ ଦେଇପାରିଲି ନାହିଁ ବୋଲି କହିଥିଲେ। ହିନ୍ଦୋଳ ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ରୋହିତ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ୨ ମାସ ପୂର୍ବରୁ ଜରଡ଼ା ପଞ୍ଚାୟତ ଅଧିକାରୀ ସୁରେଶ ବେହେରାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ବ୍ଲକକୁ ରିପୋର୍ଟ ଦେଇଥିଲେ। ସେହି ଆଧାରରେ ସୁରେଶଙ୍କ ଭତ୍ତା କାଟି ଦିଆଯାଇଛି। ସୁରେଶ ବ୍ଲକକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛି। ବ୍ଲକ ପକ୍ଷରୁ ପଞ୍ଚାୟତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଥିଲେ। ଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ନିରୀହ ସୁରେଶ କିପରି ତାଙ୍କ ଭତ୍ତା ପାଇପାରିବେ ସେ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର



ଢେଙ୍କାନାଳ, ୨୩।୨(ସମିସ): ସ୍ଥାନୀୟ ମହିଷାପାଟସ୍ଥିତ ଏକ ହୋଟେଲରେ ଢେଙ୍କାନାଳ ରୋଟାରୀ କ୍ଲବର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହୋଇଛି। ପ୍ରଥମ ଅଧିବେଶନରେ ଶାନ୍ତି ଓ ବିବାଦର ସମାଧାନ ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (ପ୍ରାନ୍ତ ପାଳ) ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରୋଟାରୀ କ୍ଲବ ସଭାପତି ରୋଟାରିଆନ ସାଗରିକା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେମିନାର କମିଟି ଅଧ୍ୟକ୍ଷ ବିନୋଦ ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ତପନ କୁମାର ପାଲ ଉପସ୍ଥିତ ଥିଲେ। ରୋଟାରିଆନ ଜିତେନ୍ଦ୍ର ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଆଲୋଚନା ଚକ୍ରରେ ବକ୍ତା ଭାବେ ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ ଯୋଗଦେଇ ଆଧ୍ୟାତ୍ମିକ ଦିଗରେ ଆତ୍ମଶାନ୍ତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିକେ ପ୍ରତିଭା ପୃଷ୍ଟି ଯୋଗଦେଇ ରାଜଯୋଗ ଧ୍ୟାନରେ ଶାନ୍ତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ବକ୍ତା ଦେବେନ୍ଦ୍ର ପ୍ରସାଦ କର ବିବାଦ ସମାଧାନ ଦ୍ୱାରା କିଭଳି ଆତ୍ମଶାନ୍ତି ମିଳେ ସେ ବିଷୟରେ ମୂଲ୍ୟବାନ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ରୋଟାରିଆନ ଆଶୁତୋଷ ରଥ ପରିଚାଳନା କରିଥିବାବେଳେ ସୁନୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସାନ୍ଧ୍ୟ ଅଧିବେଶନ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବକୁ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରୋଟାରୀ ଡିଜି (ପ୍ରନ୍ତ ପାଳ) ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଆଶୁତୋଷ ରଥ, ଇନରହୁଇଲ କ୍ଲବ ଚେୟାରମ୍ୟାନ ରୋଟାରିଆନ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ରୋଟାରିଆନ ବିନୋଦ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତପନ କୁମାର ପାଲ୍ ଉପସ୍ଥିତ ଥିଲେ। ରୋଟାରିଆନ ଜିତେନ୍ଦ୍ର ନାରାୟଣ ଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ରୋଟାରିଆନ ରଣେନ୍ଦ୍ର ପ୍ରତାପ ସିଂଦେଓ, ନବୀନ ଚନ୍ଦ୍ର ନାରାୟଣ ଦାସ, ସାଗର ମଲ୍ଲ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ସଭ୍ୟ ଡ. ବିଧୁଭୂଷଣ ନନ୍ଦ, ଡ. ବଳଭଦ୍ର ରାମଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ ଜୟଶ୍ରୀ ମହାନ୍ତି, ତନ୍ମୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ

ଢେଙ୍କାନାଳ, ୨୩।୨(ସମିସ): ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ ଅବସରରେ ପର୍ସନାଲିଟି ଆଟ୍ ୱାର୍କ ଆଣ୍ଡ ଇନ ଲାଇଫ, ଦି ହ୍ୟୁମାନ ଫ୍ୟାକ୍ଟର ବିହାଇଣ୍ଡ ପର୍ଫର୍ମାନ୍ସ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଆରକେଏସ ମଙ୍ଗେସ ଦାସ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ ବାଣିଜ୍ୟ ବିଭାଗର ବାର୍ଷିକ ପତ୍ରିକା ଏକ୍ସପ୍ଲୋରର ଉନ୍ମୋଚନ କରାଯିବା ସହ ଚଳିତ ବର୍ଷର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ପାଠଚକ୍ରର ବୈଶିଷ୍ଟ୍ୟ ଓ ଅଧ୍ୟାପକ ଶକ୍ତିପ୍ରସାଦ କବିଶତପଥୀ ଅତିଥି



ପରିଚୟ ପ୍ରଦାନ କରିଥିଲେ। ରାକେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ ଓ ଡ. ସୌମ୍ୟା ନନ୍ଦ ସଭା ସଂଯୋଜନା କରିଥିଲେ। ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ସୁମିତ୍ରା ବେହେରା, ଡ. ସମ୍ବିତ କୁମାର ସାହୁ ଓ ଆଦିତ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରାଧା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବୈଠକ



ଯୋରନ୍ଦା, ୨୩।୨(ସମିସ): ଢେଙ୍କାନାଳ ଜିଲ୍ଲା କପିଳାସଠାରେ ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲ୍ଲା ଶାଖାର ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସ ଯୋଗଦେଇ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଓ ସରକାରଙ୍କ ପ୍ରତିଶ୍ରୁତି ବିଷୟରେ ଆଲୋଚନା କରିଥିଲେ। ଢେଙ୍କାନାଳ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟସଭ୍ୟାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଁଦିଆ ଖଣ୍ଡ ସଂଯୋଜକ ଦିଲୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ଓଝା, ମୁରଲୀ ରଣା, କାଳନ୍ଦୀ ପଣ୍ଡା, ଗୀତାଞ୍ଜଳି ମହାରଣା, ସସ୍ମିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିଜେଡି ବନ୍ଧୁମିଳନ ସଫଳତା ପାଇଁ କୃତଜ୍ଞତା



ଭୁବନ, ୨୩।୨(ସମିସ): ଭୁବନ ବିଜୁ ଜନତା ଦଳ ତରଫରୁ କଣପାଳ ଠାରେ ବନ୍ଧୁମିଳନ ଓ ନବ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପର୍ବ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲ୍ଲା ବିଜେଡ଼ି ସଭାପତି ଡ. ନୃସିଂହ ଚରଣ ସାହୁ ଓ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ (ଡୁଗୁ) ଏଥି ସକାଶେ ଭୁବନ ବିଜେଡି ଟିମ୍ କୁ ଅଭିନନ୍ଦନ ଜଣାଇଛନ୍ତି। ଅନୁରୂପ ଭାବେ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ଓ ଭୁବନ ନଗର ବିଜେଡି ସଭାପତି ତଥା କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ, ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ବିଶେଷ କରି ବିନୋଦ କୁମାର ବେହେରା, ରାକେଶ ଆଏଚ୍, ସୁଶାନ୍ତ ପୃଷ୍ଟି, ମୁରଲୀ ମୋହନ ମାହୁନ୍ତ, ସୌରଭ ରାଉତ, ସିଲୁ ନାୟକ, ଲିଙ୍ଗରାଜ ସାହୁ, ପିତୁନୁ ପାତ୍ର, ଜଗବନ୍ଧୁ ସାହୁ, ସୁଶାନ୍ତ ବାରିକ୍, ସିପୂନା ଦାସ, ସାଗର ସାହୁ, ଦେବାଶିଷ ସାହୁ, ବୁବୁନା ସେଠୀ, ଗଣେଶ୍ୱର ବିହାରୀ, ନାରାୟଣ ନାୟକ, ରାକେଶ ପୃଷ୍ଟି, ବଳରାମ ସାହୁ, ସୁବ୍ରତ ବାରିକ୍, ପ୍ରିତମ ବେହେରା, ଜୟନ୍ତ ପ୍ରଧାନ, କୁଞ୍ଜବନ ବେହେରା, ରାକେଶ ସାହୁ, ଧନେଶ୍ୱର ସାହୁ, ଭରତ ମଲ୍ଲିକ, ତ୍ରିଲୋଚନ ସାହୁ, ଶୁଭକାନ୍ତ ବର୍ଦ୍ଧନ, ଦିଲୀପ କୁମାର ରାଉତ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ କାର୍ଯ୍ୟକ୍ରମ ସଫଳ ହୋଇଥିବା ବର୍ଣ୍ଣନା କରିବା ସହ ଉପରୋକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଜନଶୁଣାଣି ଶିବିରରେ ୫୧ ଅଭିଯୋଗ ପଞ୍ଜିକୃତ

ଗଁଦିଆ, ୨୩।୨(ସମିସ)

ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକର, ଜିଲ୍ଲା ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦୀପ୍ତି ସେଠୀ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ବିଡିଓ, ତହସିଲଦାର, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୫୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଥିଲା। ୨୦ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାରପୁର



ସରପଞ୍ଚ ଅଜୟ ମହାନ୍ତି ଏନଆରଇଜିଏସ ଯୋଜନାରେ ମାଟି ମୋରମ ପରିବହନ ସମୟରେ ବନବିଭାଗର ଅସହଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ପରିବର୍ଦ୍ଧିତ ପରିସ୍ଥିତିରେ କୃଷି, ଉଦ୍ୟାନ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ, ବନାଗ୍ନି ପ୍ରତିରୋଧ, ହାତୀ ଗତିବିଧି, ମଣ୍ଡିରେ ଅଭାବୀ ଧାନ ବିକ୍ରି, ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, କନ୍ୟା ବିବାହ ଯୋଜନାର ସହଯୋଗ, ଶ୍ରମକାର୍ଡ, ସିମିନଇରେ ୨୦୦୨ ମସିହାରୁ ଆବାସ ଯୋଜନାରେ ଘର କରିବା ନେଇ ବେଣୁଧର ମହାରଣା ପ୍ରତିବାଦ କରିଥିଲେ। ରାଇତାଳାରେ ବ୍ୟକ୍ତିଗତ ଜମିରେ ଏନଆରଇଜିଏସ ଯୋଜନାରେ ଖେଳପଡ଼ିଆ ନେଇ କୈଳାସ ରାଉତଙ୍କ ସମେତ ଜମି ମାଲିକ ଅଭିଯୋଗ କରିଥିଲେ। ମହୁଲପାଳରେ ଉଠାଜଳସେଚନ ବିଭାଗର ମନମାନି ଯୋଗୁଁ ୩୫ ହେକ୍ଟରରେ ଆଖୁ ମକା ଚାଷୀ ହଇରାଣ ସମ୍ପର୍କରେ ପୂର୍ବତନ ସରପଞ୍ଚ ରଘୁନାଥ ଭଞ୍ଜ ଅଭିଯୋଗ କରିଥିଲେ। କାଡା କେନାଲ ନେଇ ଚାଷୀ ନେତା ପୂର୍ଣ୍ଣଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ଜମି ରେଜିଷ୍ଟ୍ରିସନ ନେଇ ଭୁବନ ତହସିଲଦାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଗଡ଼ନୃସିଂହପ୍ରସାଦ ଗ୍ରାମର ପତିତପାବନ ଜେନା କରିଥିଲେ ଅଭିଯୋଗ। ସହକାରୀ ଯନ୍ତ୍ରୀ ରଞ୍ଜନ ରାଉତଙ୍କ ସମେତ ବ୍ଲକ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ରେଡକ୍ରସ ରୁ ୧୦ହଜାର ଟଙ୍କା ସହଯୋଗ କରାଯାଇଛି। ଦିବ୍ୟାଙ୍ଗ ନ ଥିବା ଜଣେ ମହିଳାଙ୍କୁ ହୁଇଲ ଚେୟାର ଦେଇ ଫଟୋ ଉଠାଇବା ଘଟଣା ରୋଚକ ହୋଇଥିଲା। ଜିଲ୍ଲାପାଳ ଆସିବା ପୂର୍ବରୁ କର୍ମଚାରୀ ପୋର୍ଟିକରେ ବାଇକ ରଖି ହାଣ୍ଡେଲ ଲକ୍ କରି ପଳାଇଥିବାରୁ ଗାଡ଼ିଗୁଡ଼ିକ ଟେକି ଟେକି ପୁଲିସ କର୍ମଚାରୀମାନେ ନୟାନ୍ତ ହୋଇଥିଲେ।

ଶ୍ରୀ ସତ୍ୟନାରାୟଣଙ୍କ ବାର୍ଷିକ ଉତ୍ସବ

ଯୋରନ୍ଦା, ୨୩।୨(ସମିସ): ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ସତ୍ୟନାରାୟଣଜୀଉଙ୍କ ବାର୍ଷିକ ଉତ୍ସବ ପାଳିତ ହେଉଛି। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଠାକୁରଙ୍କ ୭ମ ଜନ୍ମୋତ୍ସବ ସହ ୧୮୯ତମ ବାର୍ଷିକ ପାଞ୍ଚରାତ୍ର ବାଦିପାଲା ଅନୁଷ୍ଠିତ ହେଉଛି। ପ୍ରାତଃ ସମୟରେ ଶ୍ରୀଜୀଉଙ୍କ ମହାସ୍ନାନ ପରେ ହୋମଯଜ୍ଞ ସହ ନୀତିକାନ୍ତି ହୋଇଥିଲା। ପୁରୋଧା ଶାନ୍ତନୁ ମିଶ୍ର, ସୁଶାନ୍ତ ରଥଙ୍କ ସହ ଦୈନିକ ପୂଜକ ନର ନନ୍ଦ ସମସ୍ତ ନୀତିକାନ୍ତି କରୁଛନ୍ତି। ଠାକୁରଙ୍କ ମାର୍ଫତଦାର ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ନବକିଶୋର ସାହୁ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମଧ୍ୟାହ୍ନରେ ୪୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ସବୁ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଗ୍ରାମ୍ୟ କମିଟି ସଦସ୍ୟ ବୃନ୍ଦ ଓ ଉପଦେଷ୍ଟା କମିଟିର ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଅଛି। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସୁନାମଧନ୍ୟ ଗାୟକ ରସ ସାଗର ବସନ୍ତ କୁମାର ବେହେରା ଓ ଗାୟକ ସମ୍ରାଟ କାଳୁଚରଣ ଦାସ ପ୍ରତ୍ୟେକ ସନ୍ଧ୍ୟା ୭ଟାରୁ ପାଲା ପରିବେଷଣ କରିବେ। ମାର୍ଚ୍ଚ ୧ ତାରିଖ ମହାଶିରିଣି ଉତ୍ସବ କାର୍ଯ୍ୟକ୍ରମ ରହିଛି। ଉପଦେଷ୍ଟା କମିଟିର ସଦସ୍ୟ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମଲ୍ଲିକ, ଅବସରପ୍ରାପ୍ତ ସରକାରୀ ବଡବାବୁ ପ୍ରସନ୍ନ କୁମାର ସାହାଣୀ, ନିତ୍ୟାନନ୍ଦ ମଲ୍ଲିକ, ମୀନକେତନ ମଲ୍ଲିକ ଓ ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ରାଉତ ଓ ସହଯୋଗୀ



ସଦସ୍ୟ, ୭ଟି ସାହିର ସଭାପତି, ଗ୍ରାମର ସ୍ୱେଚ୍ଛା ସେବକ ସଙ୍ଗଠନର ମୁଖ୍ୟ ସୁନୀଲ କୁମାର ସାହାଣୀ ସମେତ ଲାଇଟ୍ ସାଉଣ୍ଡର ସର୍ବେଶ୍ୱର ସାହୁ (ଟୁକୁନ୍ ଭାଇ) ଓ ଟେଣ୍ଟ ହାଉସର ନିର୍ମଳ ମଲ୍ଲିକ ସମସ୍ତଙ୍କ ଅକୁଣ୍ଠିତ ଚିତରେ ସହଯୋଗ ଓ ସଦିଚ୍ଛା କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ରମକୁ ଶୃଙ୍ଖଳା ଓ ସୁପରିଚାଳିତ କରିବା ପାଇଁ ଗ୍ରାମ୍ୟ କମିଟିର ପ୍ରତ୍ୟେକ ସଦସ୍ୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।



ଛାତ୍ରୀଙ୍କୁ ଯୌନ ନିର୍ଯାତନା

ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ

ଭୁବନେଶ୍ୱର, ୨୩।୨(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ଅଧ୍ୟାପକମାନେ ଅଶ୍ଳୀଳ ଓ ଆଶାଳୀନ ବ୍ୟବହାର କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରିବା ପରେ ଅଭିଯୋଗ ସତ ପ୍ରଣାଣିତ ହେଉଛି। ମାତ୍ର କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଦୋଷୀ ଅଧ୍ୟାପକଙ୍କୁ ଖୋଦ୍ ଉଚ୍ଚଶିକ୍ଷା ବିଭାଗ ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଛି। କେବଳ ଏତିକି ନୁହେଁ, ସମ୍ପୃକ୍ତ ଅଧ୍ୟାପକଙ୍କୁ ପଦୋନ୍ନତି ସଦୃଶ ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରାଯାଉଛି। ଯାହା ଅଭିଯୋଗକାରୀ ଛାତ୍ରୀଙ୍କୁ ଆନ୍ଦୋଳିତ କରୁଛି।

ରାଜଧାନୀର ପ୍ରତିଷ୍ଠିତ ବିଜେବି କଲେଜ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆର୍‌ଡିଇ) ଭୁବନେଶ୍ୱର ଅଭିଯୋଗର ତଦନ୍ତ କରିଥିଲେ। ଅଧକ୍ଷାଙ୍କ ଉପସ୍ଥିତିରେ ଯୁଜି ଓ ପିଜି ଛାତ୍ରୀଙ୍କୁ ପଚାରିବା ସହ ଅଧ୍ୟାପକଙ୍କ ବ୍ୟବହାର ସମ୍ପର୍କରେ ଲିଖିତ ଦେବାକୁ କହିଥିଲେ। ଶିକ୍ଷାଦାନ ସମୟରେ ଯୌନ ଉଦ୍ଦିପନାମୂଳକ ଓ ଦ୍ୱିଅର୍ଥବୋଧକ କଥା କହିବା ସହ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା, ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣି, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ଛାତ୍ରୀମାନେ ବଖାଣିଥିଲେ। ଏସବୁ ତଥ୍ୟ ସହିତ ଅଭିଯୋଗରେ ସତ୍ୟତା ଥିବା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେଇଥିଲେ। ମାତ୍ର ଏହାପରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ ବଞ୍ଚାଇବାକୁ ଉଚ୍ଚଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ଆର୍‌ଡିଇଙ୍କ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ କଲେଜ ଆଇସିସି କମିଟିକୁ ଚିଠି କରିଛି। ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ସତ୍ୟତା ଥିବା ଜାଣିବା ପରେ କଲେଜ କିପରି କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଶିକ୍ଷାବିତ୍‌ମାନେ ସନ୍ଦେହ ପ୍ରକାଶ କରିଛନ୍ତି।

- ଅଶ୍ଳୀଳ ବ୍ୟବହାର କଲେ ପୁରସ୍କୃତ କରୁଛି ଉଚ୍ଚଶିକ୍ଷା ବିଭାଗ
- ଛାତ୍ରୀଙ୍କୁ ଅସଦାଚରଣ କରିବାକୁ ମିଳୁଛି ପରୋକ୍ଷ ପ୍ରୋତ୍ସାହନ
- ଚର୍ଚ୍ଚାରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ଭୂମିକା

ଏତିକିରେ ସରିନାହିଁ ଉଚ୍ଚଶିକ୍ଷା ବିଭାଗର କାରସାଦି। ଅଭିଯୋଗ ପରେ କଲେଜରୁ ଡେପୁଟେସନ୍‌ରେ ଆଣି ଉଚ୍ଚଶିକ୍ଷା ବିଭାଗରେ ଥଇଥାନ କରାଯାଇଥିଲା। ଗତ ସେପ୍ଟେମ୍ବରରେ ତାଙ୍କୁ କଲେଜକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲେ ମଧ୍ୟ ସେ କଲେଜରେ ଯୋଗଦେଇ ନ ଥିଲେ। ଛାତ୍ରୀଙ୍କ ଚାଞ୍ଚଲ୍ୟକର ବୟାନ ପଦାକୁ ଆସିବା ପରେ ତାଙ୍କ ରିଭର୍ଟ ଅର୍ଡରକୁ ପୁଣି ବାତିଲ କରାଯାଇଛି। ଅର୍ଥାତ୍ ସେ ଉଚ୍ଚଶିକ୍ଷା ବିଭାଗରେ ହିଁ ରହିବେ। ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯିବାକୁ ପଦୋନ୍ନତି ବା ପୁରସ୍କୃତ ବୋଲି ବିବେଚନା କରାଯାଉଥିବାରୁ ଛାତ୍ରୀଙ୍କୁ ଅସଦାଚରଣ କଲେ ଉଚ୍ଚଶିକ୍ଷା ବିଭାଗ ପୁରସ୍କୃତ କରୁଥିବା ଏକ ଧାରଣା ଅଧ୍ୟାପକ ମହଲରେ ସୃଷ୍ଟି ହୋଇଛି।

ଅପରପକ୍ଷରେ ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଆସିଥିବାରୁ ଅଧ୍ୟାପକଙ୍କୁ ଶିକ୍ଷାନୁଷ୍ଠାନରୁ ଦୂରେଇ ରଖିବାକୁ ବିଭାଗକୁ ଡେପୁଟେସନ୍ କରାଯାଇଛି। ଛାତ୍ରୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ନ ଆସିବା ଓ କଲେଜରେ ଅପ୍ରିତିକର ସ୍ଥିତି ଏଡାଇବାକୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି ଉଚ୍ଚଶିକ୍ଷା ବିଭାଗ ଏପରି ମାନସିକତା ଜାରି ରଖେ, ତାହେଲେ ଅଧ୍ୟାପକମାନେ ଛାତ୍ରୀଙ୍କୁ ଅସଦାଚରଣ କରି ପୁରସ୍କୃତ ହେବାକୁ କାହିଁକି ଶ୍ରେୟସ୍କର ମନେ ନ କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଛାତ୍ରୀଙ୍କୁ ନିର୍ଯ୍ୟାତନା ଦେବାରେ ଏସବୁ ପଦକ୍ଷେପ ପରୋକ୍ଷରେ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଜେଟିଏସ୍ ପଦ ପୂରଣ ଦାବିରେ ଧାରଣା



ଭୁବନେଶ୍ୱର, ୨୩।୨(ସମିସ): କନିଷ୍ଠ ଶିକ୍ଷକ ସ୍କିମାଟିକ୍ (ଜେଟିଏସ୍) ଶିକ୍ଷକ ନିଯୁକ୍ତି ବିବାଦ ଥମିବାର ନାଁ ନେଉନି। ୨୦୨୪ ଅକ୍ଟୋବରରେ ପ୍ରାୟ ୧୩ ହଜାରରୁ ଅଧିକ ପଦରେ ନିଯୁକ୍ତି ଦିଆଯାଇଥିବାବେଳେ ୬୬୬୯ ପଦ ଖାଲି ରହିଛି। ଏସବୁ ପଦରେ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ରାଜ୍ୟ ସରକାର ପାଳନ କରୁ ନାହାନ୍ତି। ଏଣୁ ଆଜି ଆଶାୟୀ ପ୍ରାର୍ଥୀମାନେ ଗାନ୍ଧିମାର୍ଗରେ ଧାରଣା ଦେବା ସହ ସେମାନଙ୍କୁ ତ୍ୱରିତ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

ଆନ୍ଦୋଳନାକାରୀ ଆଶାୟୀଙ୍କ କହିବା କଥା ଖାଲି ରହିଥିବା କନିଷ୍ଠ ଶିକ୍ଷକ ସ୍କିମାଟିକ୍ ଶିକ୍ଷକ ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଗଣଶିକ୍ଷା ବିଭାଗ ପାଳନ କରୁ ନାହିଁ। ପ୍ରାୟ ଦେଢ଼ବର୍ଷ ପରେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସରକାରଙ୍କ ମେଧାବୀ ମାରଣ ନୀତିକୁ ବିରୋଧ କରିଛନ୍ତି। ସେମାନଙ୍କୁ ନିଯୁକ୍ତି ଦେବାପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ସପରିବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ସହ ଗଣଶିକ୍ଷା ବିଭାଗ ସଚିବ ଏନ୍ ଥିରୁମାଳା ନାଏକ ଆଲୋଚନା କରିଛନ୍ତି। ବିଳମ୍ବ ହୋଇଥିଲେ ମଧ୍ୟ ଏକ କମିଟି ଗଠନ କରି ସେମାନଙ୍କ ଦାବି ଓ କୋର୍ଟଙ୍କ ରାୟକୁ ବିଚାର କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଧାରଣାରତ ଆଶାୟୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସୋଆ କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ



ଭୁବନେଶ୍ୱର, ୨୩।୨(ସମିସ):ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ୨୦୨୬ ପାଳିତ ହୋଇଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନା କରିଥିଲେ। ଉତ୍ସବରେ କ୍ରିଆଟିଭୋ ଉପଦେଷ୍ଟା ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ବରିଷ୍ଠ ପ୍ରଫେସର ଡ. ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଡ. ସୁବ୍ରତ ସେନାପତିଙ୍କ ସଂଯୋଜନାରେ ଓଡ଼ିଆ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ନନ୍ଦିତା ଜେନା ଓ ଡ. ଅମ୍ବରିଶ ମଙ୍ଗରାଜ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ଡ. ବିଦ୍ୱାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରାଦ୍ଧବାର୍ଷିକୀରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୨(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ୧୨୦ ବାଟାଲିୟନ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ ତଥା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାତି କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ ରୁ ୧୯୭୧ ମସିହା ପର୍ଯ୍ୟନ୍ତ ଓଡ଼ିଶାର ୭ମ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ



କରି ଓଡ଼ିଶାର ବିକାଶ ଓ ଶାସନରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଯାଇଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସୁକନ୍ୟା କ୍ରିଷ୍ଟାପ୍ରିୟା ଦେବୀ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଛନ୍ତି।

ଏମ୍ସରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୨(ସମିସ): ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସହ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭର୍ଚୁଆଲ୍ ମାଧ୍ୟମରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଉଦ୍‌ଘାଟନ କରିଛନ୍ତି।

ଶ୍ରୀ ନଡ୍ଡା କହିଛନ୍ତି ଯେ ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଉର୍ଦ୍ଧ୍ୱ ଯାତ୍ରାରେ ଏହା ଆଉ ଏକ ମାଇଲଖୁଣ୍ଟ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତଗତିରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜଭୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ। ଅଙ୍ଗଦାନ ସହିତ ଜଡ଼ିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଅନ୍ଦୋଳନରେ ପରିଣତ କରିବ ବୋଲି କହିଥିଲେ। ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଏବଂ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବା ସହ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ରୋଗୀମାନଙ୍କ ପାଇଁ ବେଶ୍ ସହାୟକ ହେବ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଏମ୍ସ ଭୁବନେଶ୍ୱର ଅଧକ୍ଷା ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ବୁନ୍ଦେଲା, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯକୃତ ପ୍ରଦାନ କରିଥିବା ଦୁଇଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ୟୁଗ୍ମ' ପ୍ରତିଯୋଗିତା

ହଂସପାଳ, ୨୩।୨(ସମିସ): ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଶ୍ରୀମାଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ସ୍ତରୀୟ ଦଶମ ସଂସ୍କରଣ ବାଗ୍ମୀତା 'ୟୁଗ୍ମ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଭାଗିରଥି ମହାପାତ୍ର ଶ୍ରୀମା ଶ୍ରୀ ଅରବିନ୍ଦଙ୍କର ଦୃଷ୍ଟିଭଙ୍ଗୀ ରେ ଶିକ୍ଷାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ସିଏଚଡିଏନଏଲଆରର ପରିଚାଳନ ନିର୍ଦ୍ଦେଶକ ଡଃ ଆରକେଏସ ମଙ୍ଗେସ ଦାସ ମୁଖ୍ୟ ଅତିଥି ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନୀତା ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସାଇବର୍ ସଚେତନତା

ଛାପା ଗଣମାଧ୍ୟମ ଜିତିଲା କ୍ୟାପିଟାଲ କପ୍



ଭୁବନେଶ୍ୱର, ୨୩।୨ (ସମିସ): କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ସାଇବର ଓ ସାମାଜିକ ସଚେତନତା ବାର୍ତ୍ତାର ପ୍ରଚାର ଓ ପ୍ରସାର କରାଯାଇଛି। ସାଇବର୍ ସୁରକ୍ଷା, ଡିଜିଟାଲ ଦାୟିତ୍ୱବୋଧ ଓ ସାମାଜିକ ସଚେତନତାକୁ ଆଧାର କରି ରାଜଧାନୀର ୮ଟି ପେସାଦାର ଟିମ୍ ଯଥା କମିଶନରେଟ ପୁଲିସ୍, ଓଡ଼ିଶା ପୁଲିସ୍, ଓଡ଼ିଶା ଫାୟାର ସର୍ଭିସ, ଓଡ଼ିଶା ଜେଲ୍ସ, ଓଡ଼ିଶା ପ୍ରିଣ୍ଟ ମିଡିଆ (ଛାପା ଗଣମାଧ୍ୟମ), ଓଡ଼ିଶା ଇଲେକ୍ଟ୍ରୋନିକ୍ ମିଡିଆ, ଓଡ଼ିଶା ସେଲିବ୍ରିଟି କ୍ରିକେଟ ଟିମ୍ ଓ ଓଲ୍ଡ ଟାଉନ କ୍ରାଉନ୍ ଲେଜେଣ୍ଡସ ୱେଲଫେୟାର ଟ୍ରଷ୍ଟ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଓଡ଼ିଶା ପୁଲିସ୍ ଟିମ୍‌କୁ ପରାସ୍ତ କରି ଛାପା ଗଣମାଧ୍ୟମ ଚାମ୍ପିଅନ ହେବା ସହ କ୍ୟାପିଟାଲ କପ୍ ବିଜୟୀ ହୋଇଥିଲା। ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଏଥିରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଗାରିମା ବୃଦ୍ଧି କରିଛନ୍ତି। ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଜେଲ୍ ଡିଜି ସୁଶାନ୍ତ କୁମାର ନାଥ, ଡିଆଇଜି ବୀରେନ ସାହୁ, ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ଝାରପଡ଼ା ସ୍ୱତନ୍ତ୍ର କାରାଗାରର ଅଧୀକ୍ଷକ ସର୍ବେଶ୍ୱର ସାହୁ, ମିଲକ୍ ମ୍ୟୁ'ର ଜିଏମ୍ ରବୀନ୍ଦ୍ର ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଣ୍ଡାମାନ ଏକ୍ସପ୍ରେସ୍ର ଗଦାଧର ଦାସ, କର୍ପୋରେଟର ଶିବପ୍ରସାଦ ବେହେରା, ବିରଞ୍ଚି ନାରାୟଣ ମହାସୁପକାର, ଦେବବ୍ରତ ନାୟକ ଓ ଦେବ ଯୁଗଙ୍କ ଉପସ୍ଥିତି ଉଲ୍ଲେଖନୀୟ ଥିଲା। ଇଣ୍ଡିଆନ୍ ଆଇଡଲର ଜଜ୍ ଅଭିଜିତ ମିଶ୍ର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଟ୍ରଷ୍ଟ ଅଧକ୍ଷ ନାରାୟଣ ମହାରଣା, ଜିତେନ୍ଦ୍ର ସାହୁ, ସୁପ୍ରିମକୋର୍ଟ ଅଧିବକ୍ତା ଚିନ୍ମୟ ମହାନ୍ତି, ରଞ୍ଜିତ ମହାରଣା, ବିଷ୍ଣୁକୁମାର ପ୍ରଧାନ ସମସ୍ତ ଅତିଥି ଓ ଖେଳାଳିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଖେଳଓ୍ୱାଡ ମନୋଭାବ ସହ ସାଇବର ସୁରକ୍ଷା ଓ ଡିଜିଟାଲ ସଚେତନତା ବାର୍ତ୍ତା ପ୍ରସାରଣରେ ଏହି ଟୁର୍ଣ୍ଣାମେଣ୍ଟ ସଫଳ ହୋଇଛି।

୨୪ରୁ ସନ୍ତୋଷୀ ମାତାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ନନ୍ଦନକାନନ, ୨୩।୨(ସମିସ): ପଟିଆ ହରିହର ବିହାର ଶ୍ରୀଶ୍ରୀ କଣ୍ଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସନ୍ତୋଷୀ ମାତାଙ୍କ ଭବ୍ୟ ମନ୍ଦିର ତଥା ମାଆଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୨୪ତାରିଖ ଠାରୁ ୨୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା ପରିଷଦ ତରଫରୁ କୁହାଯାଇଛି। ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟସୂଚୀ ଅନୁଯାୟୀ ୨୪ ତାରିଖ ମଙ୍ଗଳବାର ମନ୍ଦିର ରତ୍ନମୁଦ, ଅଙ୍କୁରାରୋପଣ (ସକାଳ ୯ ଘଟିକା), ୨୫ତାରିଖ ବୁଧବାର କଳସଯାତ୍ରା (ସକାଳ ୬ ଘଟିକା), ଯଜ୍ଞ କର୍ମ ଆରମ୍ଭ, ମାଆଙ୍କ ମନ୍ଦିର ପ୍ରତିଷ୍ଠା, ୨୬ତାରିଖ ଗୁରୁବାର ସୂର୍ଯ୍ୟପୂଜା (ସକାଳ ୮ଘଟିକା), ଗୋପୂଜା, ମାଙ୍କ ମହାସ୍ନାନ, ଶୟନ, ଜୀବନ୍ୟାସ ପ୍ରାଣ ପ୍ରତିଷ୍ଠା, ଭଜନ ସମାରୋହ ଓ୨୭ତାରିଖ ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା, ମାଙ୍କ ଦର୍ଶନ, ପରିକ୍ରମା, ସିଂହାସନ ଆରୋହଣ ପୂର୍ଣ୍ଣାହୂତି (ସନ୍ଧ୍ୟା ୬ ଘଟିକା)। ଭଜନ ସମାରୋହ କାର୍ଯ୍ୟସୂଚୀ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ବୁଧବାର 'ସାଇନାଥ ଭଜନ ସନ୍ଧ୍ୟା', ଗୁରୁବାର 'ଦେବଶ୍ରୀ ଭଜନ ସନ୍ଧ୍ୟା', ଶୁକ୍ରବାର 'ମେଘ ମହ୍ଲାର ଭଜନ ସନ୍ଧ୍ୟା' ଭକ୍ତି ସଙ୍ଗୀତ ପରିବେଷଣ କରିବାକୁ କାର୍ଯ୍ୟକ୍ରମ ରହିଥିବା ବେଳେ ଆୟୋଜକ ଶ୍ରୀ ଶ୍ରୀ କଣ୍ଟେଶ୍ୱର ମହାଦେବ ଟ୍ରଷ୍ଟର ସଦସ୍ୟ ବୃନ୍ଦ ଏଥିରେ ଜନସାଧାରଣଙ୍କୁ ଯୋଗଦେବାକୁ ନିବେଦନ କରିଛନ୍ତି।

ପୁରଣପଧାନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା, ୨୩।୨(ସମିସ): ପୁରଣପ୍ରଧାନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଅଭିଯୋଗ ଶୁଣାଣି ଶିବିର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ପୁରଣପ୍ରଧାନ ଗ୍ରାମପଞ୍ଚାୟତର ସରପଞ୍ଚ ଦୁର୍ଯୋଧନ ମଲ୍ଲିକ, ପୁରଣପ୍ରଧାନ ଗ୍ରାମ ପଞ୍ଚାୟତର ସମିତିସଭ୍ୟା ମମତା ମାହାରୀ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୨୩ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୫ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

ମହିଳାଙ୍କ ନିଆରା କାରିଗରୀ

ଛେଳି ଚମଡ଼ାରେ ଆକର୍ଷଣୀୟ ଲାଇଟ୍

ଭୁବନେଶ୍ୱର, ୨୩।୨(ସମିସ): ଛେଳି ଚମଡ଼ାରେ ତଆରି ହୋଇଛି ବିଭିନ୍ନ ଆକର୍ଷଣୀୟ ଲାଇଟ୍। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ବେଡ୍ ଲାଇଟ୍ ଠାରୁ ଆରମ୍ଭ କରି ଟେବୁଲ ଲ୍ୟାମ୍ପ, ହ୍ୟାଙ୍ଗିଙ୍ଗ୍ ଲ୍ୟାମ୍ପ, ମ୍ୟୁଜିକ୍ ଲ୍ୟାମ୍ପ ଆଦି ବେଶ୍ ମନଲୋଭା ହୋଇଛି। ଏଭଳି ରଙ୍ଗବେରଙ୍ଗର ଆକର୍ଷଣୀୟ ଲାଇଟ୍ ଦେଖିବାକୁ ମିଳିଛି ଚଳିତ ବର୍ଷ ତୋଷାଳୀ ସ୍ୱଦେଶୀ ମେଳାରେ। ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ ଭଳି କି ଭଳି ଆକର୍ଷଣୀୟ ସମାଗ୍ରୀ ରହିଥିବା ବେଳେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛି ଏହି ନିଆରା ଲାଇଟ୍।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ହସ୍ତକଳା ଓ ହସ୍ତଶିଳ୍ପ ପ୍ରଦର୍ଶନ ନିମନ୍ତେ ୯୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ରହିଛି। ବିଭିନ୍ନ ରାଜ୍ୟର ହସ୍ତତନ୍ତ ଏବଂ ହସ୍ତକଳା ପ୍ରତି ଲୋକଙ୍କର ବେଶ୍ ଆଦୃତି ବଢ଼ୁଛି। ତେବେ ଆନ୍ଧ୍ରପ୍ରଦେଶର ଚମଡ଼ା କରିଗରୀ ପ୍ରତି ଗ୍ରାହକମାନେ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ମେଳା ପରିସରରେ ଆନ୍ଧ୍ର ପ୍ରଦେଶର ଏସ୍ ରାଧାଙ୍କ ଦ୍ୱାରା ଖୋଲାଯାଇଥିବା ଏକ ଷ୍ଟଲରେ ଛେଳି ଚମଡ଼ାରୁ ପ୍ରସ୍ତୁତ ବିଭିନ୍ନ କାରିଗରୀ ଦେଖିବାକୁ ମିଳିଛି। ଷ୍ଟଲରେ ରହିଛି ୫୦୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବିଭିନ୍ନ ଡିଜାଇନ୍‌ର ଲାଇଟ୍। ତେବେ ଚର୍ମ କାରିଗରୀ ଆନ୍ଧ୍ରପ୍ରଦେଶର



ଏକ ପାରମ୍ପରିକ କଳା। କଣ୍ଢେଇ ଛାୟା ନୃତ୍ୟରେ ଏହି ଚମଡ଼ା ଚିତ୍ରକାରୀକୁ ବ୍ୟବହାର କରାଯାଇଥାଏ। ରାମାୟଣ, ମହାଭାରତରେ ଏହି ଚମଡ଼ାରେ ବିଭିନ୍ନ ପାରମ୍ପରିକ କଥାବସ୍ତୁକୁ ଅଙ୍କାଯାଇ ପରିବେଷଣ କରାଯାଏ। ପୂର୍ବରୁ କେବଳ କଣ୍ଢେଇ ନାଚ ପାଇଁ ଏହି ଚିତ୍ରକାରୀକୁ ବ୍ୟବହାର କରାଯାଉଥିବାବେଳେ ଏବେ ଲାଇଟ୍ ଲ୍ୟାମ୍ପ ତିଆରି କରାଯାଇଛି। ରାଧାଙ୍କ କହିବା ଅନୁସାରେ, ଛେଳି ମାଂସ କଟାଯିବା ସମୟରେ ବାହାର କରାଯାଉଥିବା ଚମଡ଼ାକୁ ସଂଗ୍ରହ କରାଯାଏ। ତାହାକୁ ଭଲ ଭାବରେ ପରିଷ୍କାର କରାଯାଇ ଶୁଖାଯାଏ। ପରେ ସେଥିରେ ଲାଇନିଂ ଆର୍ଟ ମାଧ୍ୟମରେ ବିଭିନ୍ନି ଡିଜାଇନ୍‌କୁ ଅତି ନିଖୁଣଭାବେ ଶିଳ୍ପୀମାନେ ଆଙ୍କିଥାନ୍ତି। ଏଥିରେ ସାଧାରଣତଃ ବ୍ରସ୍ ଏବଂ ଫ୍ୟାବ୍ରିକ୍ କଲର୍ ବ୍ୟବହାର କରାଯାଇଥାଏ। ତେବେ ଏଥିରେ ପଟ୍ଟଚିତ୍ର କାରିଗରୀ ମଧ୍ୟ ଦେଖିବାକୁ ମିଳିଛି। ଯାହାକୁ କେବଳ କିଣିବାକୁ ନୁହେଁ ବରଂ ଦେଖିବାକୁ ମଧ୍ୟ ବହୁ ସଂଖ୍ୟାରେ ଲୋକେ ଷ୍ଟଲରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଏହା ଆକର୍ଷଣୀୟ ହେବା ସହ ବର୍ଷ ବର୍ଷ ଧରି ନଷ୍ଟ ହେବ ନାହିଁ ବୋଲି ସେ କହିଛନ୍ତି। ତେବେ ଛୋଟବଡ଼ ଲାଇଟ୍ ସାଙ୍ଗକୁ ୱାଲ ହ୍ୟାଙ୍ଗିଙ୍ଗ୍, ୱାଲ୍ ପେଣ୍ଟିଂ ମଧ୍ୟ ରହିଛି। ଏହିସବୁ ସାମଗ୍ରୀର ମୂଲ୍ୟ ୩ଶହ ଟଙ୍କାରୁ ଆରମ୍ଭ ହୋଇ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏହା ଚମଡ଼ାରେ ତିଆରି ହୋଇଥିଲେ ମଧ୍ୟ ସେଥିରୁ କୌଣସି ଦୁର୍ଗନ୍ଧ କିମ୍ବା ସଂକ୍ରମଣ ଭୟ ନଥିବା ସେ କହିଛନ୍ତି। ହେଲେ ଏହି ସାମଗ୍ରୀ ଗୁଡ଼ିକ ଉପରେ ଯଦି ସୂର୍ଯ୍ୟକିରଣ ପଡ଼େ ତେବେ ତାହା ଦୁର୍ଗନ୍ଧ ହେବାର ସମ୍ଭାନା ରହିଛି ବୋଲି ସେ କହିଛନ୍ତି।



• ଏୟାରପୋର୍ଟ ଥାନା ପଳାସପଲ୍ଲୀ ଓଭର୍‌ବ୍ରିଜ ତଳେ ଅଭାବନୀୟ ଘଟଣା

ସାଇକେଲ ଆରୋହୀଙ୍କୁ ଚଢ଼ାଇଲା ଆମ ବସ୍

ଭୁବନେଶ୍ୱର, ୨୩।୨(ସମିସ): ପୁଣି ଆମ ବସ୍‌କୁ ନେଇ ଜନ ଅସନ୍ତୋଷ। ଆମ ବସ୍ ଦୁର୍ଘଟଣା ଘଟାଇବା ଯୋଗୁଁ ଜଣେ ସାଇକେଲ ଆରୋହୀଙ୍କୁ ଗୁରୁତର ଆହତ ହୋଇଛନ୍ତି। ସାଇକେଲ ଆରୋହୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ଯୋଗୁଁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ଜଣକ କାରଗିଲ ବସ୍ତିର ରମେଶ ପାତ୍ର।

ବସ୍‌ଟି ୨୫ ନମ୍ବର ରୁଟ୍ ଯାତାୟତ କରୁଥିଲା। ଭିଏଏସ୍‌ଏସ୍ ନଗର ଡୁମୁଡୁମା ଅଭିମୁଖେ ଯାତ୍ରା କରୁଥିଲା।

ବସ୍ ଭଙ୍ଗାରୁଜା କଲେ ଉତ୍ୟକ୍ତ ଲୋକେ





ପଳାସପଲ୍ଲୀ ଓଭରବ୍ରିଜ୍ ନିକଟରେ ସାଇକେଲ୍ ଚାଳନା କରୁଥିବା ବୃଦ୍ଧଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ତାଙ୍କୁ ଗୋଡ଼ ଉପରେ ଚଢାଇ ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରଥମେ 'ଆମ ବସ' ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ସରକାରଙ୍କ ପରିଚାଳନାଗତ ତ୍ରୁଟିକୁ ନିନ୍ଦା କରିଥିଲେ। ଜଣେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏହି ସରକାର କେବଳ ରଙ୍ଗ ମାରି ୫ ବର୍ଷ କାଟିଦେବେ। ଏହା ଛଡା ତାଙ୍କୁ ଆଉ କିଛି ବି ଜଣାନାହିଁ।

ଖବର ପାଇ ପୁଲିସ ପହଞ୍ଚିବା ପରେ ଡ୍ରାଇଭରକୁ ଉଦ୍ଧାର କରି ଥାନାକୁ ନେଇଥିଲେ। ହେଲେ ଲୋକଙ୍କୁ ତାତି କମିନଥିଲା। ସେମାନେ ବସର କାଚକୁ ଭଙ୍ଗାରୁଜା କରିବା ପରେ ବସ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ପୁଲିସ ଅଗ୍ନିଶମ ଗାଡ଼ିକୁ ଡାକି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭାଇବା ପୂର୍ବରୁ ବସ ଅଧା ପୋଡ଼ିଯାଇଥିଲା। ତେବେ ଡ୍ରାଇଭର ମଦ୍ୟପାନ କରି ବେପରୁଆ ଗାଡି ଚାଳନା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଡାକ୍ତରୀ ପରିକ୍ଷା ପରେ ସ୍ପଷ୍ଟ ହେବ ଡ୍ରାଇଭର ଜଣଙ୍କ ମଦ୍ୟପାନ କରିଛନ୍ତି ନାଁ ନାହିଁ।

ଆସିଲାନି ପାଇପ ପାଣି; ସାରାଦିନ ଜଳକଷ୍ଟ

ଭୁବନେଶ୍ୱର, ୨୩।୨(ସମିସ): ଭୁବନେଶ୍ୱର ୟୁନିଟ୍ ୧ ଅଞ୍ଚଳରେ ଆଜି ସକାଳ ସାଢ଼େ ୬ଟାରୁ ପାଇପ ଜଳ ଯୋଗାଣ ବନ୍ଦ ଯୋଗୁଁ ସାରା ଦିନ ଲୋକେ ପାଣିପାଇଁ ତହକବିକଳ ହୋଇଥିଲେ। ବିଶେଷକରି ୟୁନିଟ୍ ୧ ଅଞ୍ଚଳରେ ଥିବା ଜଗନ୍ନାଥ ବସ୍ତି ଏବଂ ତାଟି କଲୋନୀ ବସ୍ତିର ହଜାର ହଜାର ଲୋକ ପାଣି ପାଇଁ ହନ୍ତସନ୍ତ ହୋଇଥିଲେ। ଅନେକ ପରିବାରରେ ପାଣି ନ ଥିବାରୁ ରୋଷେଇ ହୋଇପାରି ନ ଥିଲା। ଅଧିକାଂଶ ବସ୍ତିବାସିନ୍ଦା ପାଣି ନ ପାଇଁ ସାରାଦିନ ଆଗାଧୁଆ ରହିଥିଲେ। କିଛିକିଛି ଲୋକେ ଅନ୍ୟବସ୍ତିକୁ ଯାଇ ଗାଧୋଇଥିବା ବେଳେ ଅନ୍ୟ ବସ୍ତିବାସିନ୍ଦାମାନେ ଦୂରରୁ ପାନୀୟ ଜଳ ବୋହି ଆଣିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୩ଟା ବେଳକୁ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା। ଏଥିସହିତ ଦୈନିକ ୧ ନମ୍ବର ହାଟରେ ମଧ୍ୟ ଜଳଯୋଗାଣ ବନ୍ଦ ରହିଥିଲା ଫଳରେ ବ୍ୟବସାୟୀମାନେ ଜଳାଭାବ ସମସ୍ୟାର ଶିକାର ହୋଇଥିଲେ।

ସତ୍ୟନଗର ଅଞ୍ଚଳରେ ଫାଇରିଂ ଘଟଣା

କିଏ ଅଭିଯୁକ୍ତ? ବିଭୂତି ନାଁ ଦେବୀପ୍ରସାଦ

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀର ସତ୍ୟନଗର ଅଞ୍ଚଳରେ ଘଟିଥିବା ବ୍ଲାଙ୍କ୍ ଫାଇରିଂ ଘଟଣାରେ ନୂଆ ମୋଡ଼ ନେଇଛି। ସାମାନ୍ୟ ବଚସାକୁ ନେଇ ରାଜଧାନୀ ଛାତି ଉପରେ ବ୍ଲାଙ୍କ୍ ଫାଇରିଂ ଭଳି ଘଟଣା ଘଟିଥିଲା। ଜଣେ ପାନ ଦୋକାନୀ ଖୁଚରା ମାତ୍ର ୫୦ ଟଙ୍କା ମାଗିବାରୁ ବ୍ଲାଙ୍କ୍ ଫାଇରିଂ କରାଗଲା। ବ୍ଲାଙ୍କ୍ ଫାଇରିଂ କରିଥିବା ବ୍ୟକ୍ତିଙ୍କ ନାମ ପୁଲିସ ବିଭୂତି କୁମାର ବଡ଼ଜେନା ବୋଲି ଦର୍ଶାଇଲା। ତାଙ୍କ ପାଖରେ ବନ୍ଧୁକର ସରକାରୀ ଲାଇସେନ୍ସ ଥିଲା। ଆତ୍ମରକ୍ଷା ପାଇଁ ବ୍ଲାଙ୍କ୍ ଫାଇରିଂ କରିଥିଲେ ବୋଲି ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ତାଙ୍କ ବନ୍ଧୁକ ଜବତ କରିବା ସହ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା।

ସେପଟେ ବିଭୂତିଙ୍କ ନାଁକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ତାଙ୍କ ନାଁ ବିଭୂତି ବଡଜେନା ନୁହେଁ ବରଂ ଦେବୀ ପ୍ରସାଦ ବଡ଼ଜେନା ବୋଲି ଚର୍ଚ୍ଚା ହୋଇଛି। ସେ ଜଣେ ରାଜନେତାଙ୍କ ଦୃଢ ସମର୍ଥକ। ପୁଲିସ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଏଭଳି କରିଥିବା ଅଭିଯୋଗ ହୋଇଛି। ଏଣୁ ତାଙ୍କ ନାଁ ପରିବର୍ତ୍ତନ କରି ପୁଲିସ ଗଣମାଧ୍ୟମକୁ ମିଛ କହିଛି ବୋଲି ଅଭିଯୋଗ ହୋଇଛି। ତାଙ୍କ ଫଟୋ ସହ ବିବାହ କାର୍ଡ ମଧ୍ୟ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ଘୂରି ବୁଲୁଛି।

ଅନ୍ୟପକ୍ଷରେ ଯଦି ତାଙ୍କ ନାଁ ସତରେ ବିଭୂତି ବଡଜେନା ନ ହୋଇ ଦେବୀ ପ୍ରସାଦ ହୋଇଥାଏ ତେବେ ତାଙ୍କୁ ବନ୍ଧୁକ ଲାଇସେନ୍ସ କିପରି ଜାରି କରାଗଲା? କେବେ ଠାରୁ ଏବଂ କେଉଁ କାରଣରୁ ତାଙ୍କୁ ବନ୍ଧୁକ ଲାଇସେନ୍ସ ଜାରି କରାଗଲା ବୋଲି ପ୍ରଶ୍ନ ଉଠୁଛି। କାରଣ ତାଙ୍କ ନାମରେ ଭୁବନେଶ୍ୱରର ଏକ ଥାନାରେ ଜୋରଦବରଦସ୍ତି ଜମି କବଜା କରିବା ଭଳି ସଙ୍ଗିନ ଅଭିଯୋଗ ରହିଛି। ଏସମ୍ପର୍କରେ ଖାରବେଳନଗର ଥାନା ଅଧିକାରୀ ରଜନୀ କାନ୍ତ ମିଶ୍ର କହିଛନ୍ତି ଆମେ ବନ୍ଧୁକ ଜବତ କରିଛୁ। ତେବେ ତାଙ୍କ ନାମ ବିଭୂତି ବଡ଼ଜେନା। ତାଙ୍କ ନାମରେ ଭୁବନେଶ୍ୱର କୌଣସି ଥାନାରେ ମାମଲା ଥିବା ନେଇ କିଛି ସ୍ପଷ୍ଟ ହୋଇନାହିଁ।

• ହିଟ୍ ଆଣ୍ଡ ରନ୍: ଇନୋଭା ଧକ୍କାରେ ମହିଳା ମୃତ

ଚାରିଆଡ଼େ ସିସିଟିଭି; ଡ୍ରାଇଭରକୁ ଖୋଜୁଛି ପୁଲିସ

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀରେ ପୁଣି ଏକ ହିଟ୍ ଆଣ୍ଡ ମାମଲା ସାମ୍ନାକୁ ଆସିଛି। ଏକ ଇନୋଭା ଧକ୍କାରେ ଜଣେ ମହିଳାଙ୍କ ଜୀବନ ଯାଇଛି। ଭୁବନେଶ୍ୱର କୋର୍ଟ ସାମ୍ନା ଲୁଇସ୍ ରୋଡ଼ରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ବବିତା ମହାନ୍ତି (୩୨)। ସ୍ୱାମୀ ମନୋଜ କୁମାର ଦାସଙ୍କ ଆଖି ଆଗରେ ବବିତା ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇ ଇନୋଭା ଚାଳକ ଫେରାର ହୋଇଯାଇଛନ୍ତି। ଏନେଇ ମନୋଜଙ୍କ ପକ୍ଷରୁ ବଡ଼ଗଡ଼ ଥାନାରେ ଏତଲା ଦିଆଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ମାଳମାଳ ସିସିଟିଭି ଲାଗିଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଅମାନିଆ ଡ୍ରାଇଭରକୁ ପୁଲିସ କିଭଳି ଚିହ୍ନଟ କରିପାରୁନି ତାକୁ ନେଇ ଉଠିଛି ପ୍ରଶ୍ନ।

ଦ୍ରୁତଗତିରେ ଯମ ଭଳି ମାଡି ଆସିଲା ଇନୋଭା କାର୍, ଦମ୍ପତି ମନୋଜ ଓ ବବିତାଙ୍କ କୋର୍ଟରେ କୌଣସି ଏକ ମାମଲାକୁ ନେଇ କାମ ଥିଲା। ସେମାନେ ପୂର୍ବାହ୍ଣରେ ବାଇକରେ ଘରୁ ଆସିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଲୁଇସ୍ ରୋଡ଼ ପାର୍ଶ୍ୱରେ ସେମାନେ ବାଇକ ରଖିଥିଲେ। ଏହାପରେ ସ୍ୱାମୀ ସ୍ତ୍ରୀ କୋର୍ଟ ପାର୍ଶ୍ୱକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଇନୋଭାଟି କଳ୍ପନା ଛକ ପଟୁ ଦ୍ରୁତଗତିରେ ମାଡି ଆସିଥିଲା। ବବିତାଙ୍କୁ ଗାଡିଟି ଶକ୍ତ ଧକ୍କା ଦେଇଥିଲା। ବବିତା ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଉପରେ ଇନୋଭା ଚକା ଚଢିଯାଇଥିଲା। ସ୍ଥାନୀୟ ଲୋକମାନେ ଗାଡିକୁ ଧରିବାକୁ ଚାହୁଁଥିବା ବେଳେ ଚାଳକ ଦ୍ରୁତଗତିରେ ରବି ଟକିଜ ଆଡ଼କୁ ଚାଲିଯାଇଥିଲେ। ଫଳରେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଲୋକମାନେ ଧରି ପାରି ନ ଥିଲେ। ଗୁରୁତର ବବିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୁଲିସ ପହଞ୍ଚିଥିଲା। ଉତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା।

ତେବେ ଗାଡ଼ିକୁ ଧରିବାକୁ ପୁଲିସ ତଦନ୍ତ ଆରମ୍ଭ କରିଛି। ଏକାଧିକ ସିସିଟିଭି ଯାଞ୍ଚ ହେଉଛି। ବଡ଼ଗଡ଼ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି, ଘଟଣାକୁ ଆମେ ଗୁରୁତର ସହ ନେଇଛୁ। ଚାଳକ ଗାଡି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାସ୍ଥଳ ଓ ଗାଡିଟି ଯାଇଥିବା ରୁଟରେ ସିଡିଟି ଯାଞ୍ଚ କରୁଛୁ। ବହୁତ ଶୀଘ୍ର ଗାଡିକୁ ଚିହ୍ନଟ କରାଯାଇ ଚାଳକଙ୍କୁ ଗିରଫ କରାଯିବ।

ପଞ୍ଚମ ମାମଲାରେ ଜମି ମାଫିଆ ଗୟାଧରକୁ ସଜା

ଭୁବନେଶ୍ୱର, ୨୩।୨(ସମିସ): କୁଖ୍ୟାତ ଜମି ମାଫିଆ ଗୟାଧର ଜେନା ଲଗାତାର ୫ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛି। ଭୁବନେଶ୍ୱରସ୍ଥିତ ଜେଏମଏଫସି (ଚତୁର୍ଥ)ର ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜମି ଜାଲିଆତି ମାମଲାର ବିଚାର କରି ଆସାମୀ ଗୟାଧରକୁ ସଜା ଶୁଣାଇଛନ୍ତି। ଅଦାଲତ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୫ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ପୁଲିସ ସୂଚନାନୁଯାୟୀ, ଆଇଆରସି ଭିଲେଜର ନିବେଦିତା ଜଗଦେବ ୨୦୦୮ ମସିହାରେ ଜମି କିଣିବା ପାଇଁ ଯୋଜନା କରୁଥିବା ବେଳେ ଶାରଳା ରିଅଲକନର ମାର୍କେଟିଙ୍ଗ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ମୁଦୁଲିଙ୍କ ସହିତ ପରିଚୟ ହୋଇଥିଲା। କୈଳାଶ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ ସ୍ଥିତ ନିବେଦିତାଙ୍କ ବାପାଙ୍କ ଅଫିସକୁ ଯାଇ ଝାରପଡ଼ା ମୌଜାରେ ଥିବା ପ୍ଲଟ୍ ବିକ୍ରି ସମ୍ବନ୍ଧରେ କଥା ହୋଇଥିଲେ। ସେହି ପ୍ଲଟ୍‌ଗୁଡ଼ିକ ମୂଳ ମାଲିକଙ୍କ ଠାରୁ ଜେନେରାଲ୍ ପାୱାର ଅଫ୍ ଆଟର୍ଣ୍ଣି ମାଧ୍ୟମରେ ନେଇଥିବା କଥା କୈଳାଶ କହିଥିଲେ। ଏହାପରେ ନିବେଦିତା ଓ ତାଙ୍କ ବାପା ଶାରଳା ରିଅଲକନର ଅଫିସକୁ ଯାଇ ପରିଚାଳନା ନିର୍ଦ୍ଦେଶକ ଗୟାଧର ଜେନାକୁ ଭେଟିଥିଲେ। ଆଲୋଚନା ପରେ ପ୍ଲଟର ମୂଲ୍ୟ ୮ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ଓ ସମ୍ପୂର୍ଣ୍ଣ ଟଙ୍କା ପରେ ଜମି ପଞ୍ଜିକରଣ ହେବ ବୋଲି ଗାୟାଧର କହିଥିଲା। ନିବେଦିତା ସମ୍ପୂର୍ଣ୍ଣ ଟଙ୍କା ଦେବାପରେ ଗୟାଧର ଜମି ପଞ୍ଜିକରଣ କରିଥିଲା। ନିବେଦିତା ଜମି କିଣିବା ପୂର୍ବରୁ ଗୟାଧର ପାଖରେ ଜମିର ମାଲିକାନା ନ ଥିଲା ଓ ପାୱାର ଅଫ୍ ଆଟର୍ଣ୍ଣି ବାତିଲ୍ ହୋଇଯାଇଥିଲା ବୋଲି ଯାଞ୍ଚରୁ ଜାଣିବାକୁ ପାଇଥିଲେ। ନିବେଦିତାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ତତ୍କାଳୀନ ଏଏସ୍‌ଆଇ ଜୟନ୍ତୀ ସ୍ୱାଇଁ ଅଭିଯୁକ୍ତ ଗୟାଧରକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅପହରଣ ମାମଲାରେ ପୁଲିସ ଅଜବ ତଦନ୍ତ

ଅଭିଯୁକ୍ତ ଗିରଫ; ଅପହୃତାଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୨୩।୨(ସମିସ): ରାଜଧାନୀରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଗତ କିଛିଦିନ ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ଅପହରଣ ମାମଲା ସାମ୍ନାକୁ ଆସିବାରେ ଲାଗିଛି। ଯେଉଁଥିରେ ଅପହରଣ ଅଭିଯୁକ୍ତମାନଙ୍କୁ ପୁଲିସ ପାଇ ଯାଉଛି। ହେଲେ ଅପହରଣ କେମିତି ହେଲା। ଅପହୃତା କୁଆଡେ ଗଲେ ପୁଲିସ ପତ୍ତା ଲଗାଇ ପାରୁନି। ଅପହରଣ କେମିତି ହେଲା ପଚାରିଲେ କେବଳ ତଦନ୍ତ ଚାଲିଛି ବୋଲି କହି କେବଳ ସମୟ ଗଡ଼ାଇ ଚାଲିଛି।

ଚନ୍ଦକା ଥାନା ପୁଲିସ ଏକ ୬ବର୍ଷର ଅପହରଣ ମାମଲାର ଖୋଳତାଡ଼ କରିଥିଲା। ବ୍ୟବସାୟୀ ବଳରାମ୍ ସାହାଣୀ ଅପହରଣ ମାମଲାରେ ତାଙ୍କ ଗାର୍ଲଫ୍ରେଣ୍ଡ ରଶ୍ମିତା ସ୍ୱାଇଁଙ୍କୁ ପୁଲିସ ଗତ ଜାନୁୟାରୀ ମାସରେ ଗିରଫ କରିଥିଲା। ୬ ବର୍ଷ ପରେ ନ୍ୟାୟ ମିଳିଲା ବୋଲି ଏହାକୁ ନେଇ କମିଶନରେଟ୍ ପୁଲିସ ବେଶ୍ ହେଡ୍‌ଲାଇନ୍‌ର ସାଉଁଟିଥିଲା। ହେଲେ ବଳରାମ୍ ସାହାଣୀ ମୃତ କିମ୍ବା ଜୀବିତ ପୁଲିସ ପତ୍ତା ଲାଗଇ ପାରି ନଥିଲା। ସେ କୁଆଡେ ଗଲେ ବି ପୁଲିସ କହି ପାରୁନି। ଏପରିକି ପୁଲିସ ଏହା ମଧ୍ୟରେ ରଶ୍ମିତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରି ସାରିଛି। ଏହାପରେ ବି ବଳାରାମ୍ ଲାପତା। ପରିବାର ଲୋକେ ବଳରାମଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି।

ଗତ ମାସ ୨୭ ତାରିଖରେ ସହିଦ ନଗର ଥାନା ପୁଲିସ ୨୦୨୪ ମସିହାର ଏକ ଅପହରଣ ମାମଲାର ତଦନ୍ତ ଭାର ନେବାକୁ ମନସ୍ଥ କଲା। ୨ବର୍ଷ ପରେ ୪୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା। ଶାନ୍ତିପଲ୍ଲି ବସ୍ତିର ସିଦ୍ଧାର୍ଥ ବାରିକ ଓରଫ ମୁନ୍ନାଙ୍କ ଅପହରଣ ମାମଲାର ଫାଇଲ ଖୋଲିବାକୁ ଲାଗିଲା। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀଙ୍କ ପୁଅ ସିଦ୍ଧାର୍ଥ ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ କଳହ ହେତୁ ତାଙ୍କ ପତ୍ନୀ ଘର ଛାଡ଼ି ଯାଇଥିଲେ। ଗତ ମେ୨୦୨୪ ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିର ଗୀତାଞ୍ଜଳି କାହାଲି ଓରଫ ଡଲିଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ପରେ ଉଭୟ ପ୍ରାୟ ସମୟ ଏକାଠି ରହୁଥିଲେ। ଗୀତାଞ୍ଜଳି କାହାଲିଙ୍କୁ ବ୍ୟବସାୟ କରିବା ପାଇଁ ୩୫, ୦୦୦ ଟଙ୍କା ଧାର ସୂତ୍ରରେ ଦେଇଥିଲେ। ସେ ସମୟରେ ମହିଳାଙ୍କ ସ୍ୱାମୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ୪ ମାସ ମଧ୍ୟରେ ଟଙ୍କା ଫେରେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁନର୍ବାର ଟଙ୍କା ଫେରାଇବା ଲାଗି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସିଦ୍ଧାର୍ଥଙ୍କୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ମଣିନାଗେଶ୍ୱର ବସ୍ତିରେ ସିଦ୍ଧାର୍ଥଙ୍କୁ ଡାକି ଅପହରଣ କରାଗଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପ୍ରମାଣ ନ ମିଳିବାରୁ କୌଣସି ଗିରଫଦାରୀ ହୋଇ ପାରି ନଥିଲା।

ସେପଟେ ଅପରାଧସ୍ଥଳ ମଞ୍ଚେଶ୍ୱର ଥାନା ମଣିନାଗେଶ୍ୱର ବସ୍ତିରେ ଥିଲା। ହେଲେ ସହିଦ ନଗର ଥାନା ପୁଲିସ ତଦନ୍ତ ଭାର ହାତକୁ ନେଲା। ଏଥିରେ ଜଣେ ମହିଳା ଅଭିଯୁକ୍ତ ଗୀତାଞ୍ଜଳୀ କାହାଲିଙ୍କୁ ଗିରଫ କଲା। କିନ୍ତୁ ଅପହୃତଙ୍କ ପତ୍ତା ଲଗାଇ ପାରିଲା ନାହିଁ। ସେ କୁଆଡେ ଗଲେ। ଏବେ କେଉଁ ପରିସ୍ଥିତିରେ ଅଛନ୍ତି ତାହାର ପତ୍ତା ପାଉନି ପୁଲିସ। ପୁଲିସର ଏହା କିଭଳି ନିତି ଯେଉଥିରେ ଅଭିଯୁକ୍ତ କୌଣସି ଅପରାଧ ପାଇଁ ଗିରଫ ହୋଇଯାଉଛନ୍ତି କିନ୍ତୁ ଅପହୃତାଙ୍କ ପତ୍ତା ମିଳୁନି। ତେବେ ଏଭଳି କରିବା ପଛରେ ଏକ ବଡ଼ ରହସ୍ୟ ଲୁଚି ରହିଛି ବୋଲି ଚର୍ଚ୍ଚା ହେଉଛି। ଅପହୃତାଙ୍କ ପରିବାର ଲୋକେ ନିଜ ପରିଜନଙ୍କୁ ନପାଇ ଘୁରି ବୁଲୁଛନ୍ତି। ବିଭିନ୍ନ ସ୍ଥାନରେ ଅଭିଯୋଗ କରି ପୁଲିସ ଉପରେ ଚାପ ପକାଉଛନ୍ତି। ପୁଲିସ ଚାପ ସମ୍ଭାଳି ନପାରି ଅଭିଯୁକ୍ତଙ୍କୁ ଗିରଫ କରୁଥିଲେ ମଧ୍ୟ ଅପହୃତାଙ୍କୁ ଖୋଜିବାରେ ବିଫଳ ହେଉଛି।

ପ୍ରଥମ ମାମଲାରୁ ଧରିପାରୁନି ପୁଲିସ

ଆତଙ୍କ ଖେଳାଉଛନ୍ତି ଫେରାର ଅଭିଯୁକ୍ତ

ଭୁବନେଶ୍ୱର, ୨୩।୨ (ସମିସ): ରାଜଧାନୀରେ ଅପରାଧୀଙ୍କ ଉତ୍ପାତ ବଢୁଥିବା ବେଳେ ଆଇନଶୃଙ୍ଖଳା ହାତରୁ ଖସୁଛି। ପ୍ରତିଦିନ ଚୋରି, ଛିନତାଇ ଠାରୁ ଆରମ୍ଭ କରି ହଣାକଟା ଭଳି ଘଟଣା ସାମ୍ନାକୁ ଆସୁଛି। ପୁଲିସର କୋହଳ ମନୋଭାବ ଯୋଗୁଁ ଫେରାର ଅଭିଯୁକ୍ତମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଆତଙ୍କ ଖେଳାଉଛନ୍ତି। ନେଡ଼ି ଗୁଡ଼ କହୁଣିକୁ ବୋହିବା ନ୍ୟାୟରେ ପ୍ରଥମ ଅପରାଧରୁ ଅଭିଯୁକ୍ତକୁ ଗିରଫ ନ କରିବା ପୁଲିସ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ଗୋଟିଏ ମାମଲାରେ ଫେରାର ଥିବା ସମ୍ପୃକ୍ତ ଅଭିଯୁକ୍ତ ପରବର୍ତ୍ତୀ ସମୟରେ ଜଘନ୍ୟ କାଣ୍ଡ ଘଟାଉଛନ୍ତି। ପୁଲିସର ଖାମଖିଆଲି ମନୋଭାବ ଅଭିଯୁକ୍ତକୁ ଅପରାଧ ଘଟାଇବାକୁ ସୁଯୋଗ ଦେଉଥିବା ବେଳେ ଅଭିଯୋଗକାରୀ ମନରେ ଭୟ ସୃଷ୍ଟି ହେଉଛି। ନିକଟରେ ରାଜଧାନୀରେ ଘଟିଥିବା କେତେକ ଘଟଣାରୁ ଏହା ପ୍ରମାଣିତ ହୋଇଛି।

ସୂଚନା ଅନୁସାରେ, ଗତମାସ ୨୩ ତାରିଖ ରାତି ୧୧ଟା ୩୦ରେ ଭଗବାନପୁରର ତପନ ବେହେରା ଘରକୁ ଫେରୁଥିବା ବେଳେ ଗାଡ଼ି ସାଇଡ୍‌ମରାକୁ ନେଇ ସ୍ଥାନୀୟ ଅଞ୍ଚଳର ଆଦିତ୍ୟ ବେହେରା ଓରଫ୍ ବଣ୍ଟି ସହ ବଚସା ହୋଇଥିଲା। ବଣ୍ଟି ତାଙ୍କୁ ଭୟଙ୍କର ପରିଣାମର ଧମକ ଦେଇ ଘଟଣାସ୍ଥଳରୁ ପଳାଇଥିଲା। ତପନ ନିଜ କାରକୁ ରାମ ମନ୍ଦିର ନିକଟରେ ପାର୍କିଂ କରି ଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ବଣ୍ଟି ତାଙ୍କ କାରରେ ନିଆଁ ଲଗାଇ ପୋଡ଼ି ଦେଇଥିଲା। ତପନଙ୍କ ଅଭିଯୋଗ କ୍ରମେ



ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ବଣ୍ଟିକୁ ଧରିପାରି ନ ଥିଲା। ଏହାର ୨୪ ଦିନ ପରେ ଅର୍ଥାତ୍ ଗତ ୧୬ ତାରିଖ ରାତିରେ ଫେରାର ଥିବା ବଣ୍ଟି ପୁଣିଥରେ ଆତଙ୍କ ଖେଳାଇଥିଲା। କାଫେ କାର୍ଟୁନ୍ ଆଗରେ ଗୋପୀନାଥ ଓ ଶନିଆଙ୍କୁ ଖଣ୍ଡାରେ ହାଣିଥିଲା।

ସେହିପରି ଗତ ନଭେମ୍ବର ୯ ତାରିଖ ଦିନ ଲକ୍ଷ୍ମୀସାଗର ଅଞ୍ଚଳର ଅଜୁ ବର୍ଦ୍ଧନ ଚାଲିଚାଲି ଘରକୁ ଫେରୁଥିଲେ। ସେହି ସମୟରେ ବୁଦ୍ଧ ନଗର ରେଙ୍ଗା ବସ୍ତିର ପ୍ରତୀକ ମେହେତୋ ଓ ତାର ସହଯୋଗୀ ତାଙ୍କୁ ଖଣ୍ଡାରେ ହାଣିଥିଲେ। ଅଜୁ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ପ୍ରତୀକକୁ ଧରିବାରେ ସଫଳ ହୋଇ ନ ଥିଲା। ପୁଲିସର ଅପାରଗତା ପ୍ରତୀକକୁ ଅପରାଧ ଘଟାଇବାକୁ ସୁଯୋଗ ଦେଇଥିଲା। ଡିସେମ୍ବର ୧୫ ତାରିଖ ରାତିରେ ମୋଚି ସାହିର ଗୀତା ଦାସଙ୍କ ଭଣଜା ଘର ସାମ୍ନାରେ ବସିଥିଲେ। ଠିକ୍ ସେହି ସମୟରେ ପ୍ରତୀକ ଓ ତା'ର ୫ ଜଣ ସହଯୋଗୀ ଆସି ତାଙ୍କୁ ଖଣ୍ଡା ଦେଖାଇ ଅପହରଣ କରି ନେଇଥିଲେ। ଫାଳିକିଆ ବସ୍ତିକୁ ଉଡ଼ାଇ ନେଇ ସେଠାରେ ଖଣ୍ଡାର ବେଣ୍ଟରେ ତାଙ୍କୁ ଆକ୍ରମଣ କରିଥିଲେ। ଗୀତାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ମାମଲା ରୁଜୁ କରିବା ସହ ପ୍ରତୀକକୁ ଗିରଫ କରିଥିଲା। ଏହି ଦୁଇଟି ଘଟଣାରେ କେବଳ ଗୋଟିଏ ଆଉ ଏକ ସମାନତା ସାମ୍ନାକୁ ଆସିଥିଲା। ବଣ୍ଟି ଓ ପ୍ରତୀକ ଉଭୟ ଅଭ୍ୟାସଗତ ଅପରାଧ ହୋଇଥିବା ବେଳେ ସେମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିଲା।

କେବଳ ମାରପିଟ୍ କି ଗଣ୍ଡଗୋଳ ନୁହେଁ, ସମ୍ପତି ଜନିତ ଅପରାଧରେ ମଧ୍ୟ ସମାନ ଘଟଣା ପରିଲକ୍ଷିତ ହେଉଛି। ଅପରାଧିମାନେ ଗୋଟିଏ ସ୍ଥାନରୁ ସୁନା ଚେନ ଲୁଟ୍ କରୁଛନ୍ତି। ଅଭିଯୋଗ ପରେ ମାମଲା ରୁଜୁ ହେଉଥିଲେ ମଧ୍ୟ ପୁଲିସ ସେମାନଙ୍କୁ ତୁରନ୍ତ ଗିରଫ ନ କରିବା ଲୋକଙ୍କ ପାଇଁ ବିପଦଜନକ ସ୍ଥିତି ସୃଷ୍ଟି କରୁଛି। ଗୋଟିଏ ମାମଲାରେ ଗିରଫ ହୋଇନଥିବା ଲୁଟେରା ପରବର୍ତ୍ତୀ ସମୟରେ ସିରିଜ୍ ଲୁଟ୍ କରୁଥିବାର ନଜିର ରହିଛି। ଅଭିଯୁକ୍ତମାନେ ପ୍ରଥମରୁ ଛୋଟମୋଟ ଅପରାଧ ଘଟାଉଥିବାରୁ, ପୁଲିସ ଗୁରୁତ୍ୱ ଦେଉନାହିଁ କି ଗିରଫ କରୁନାହିଁ। ଫଳରେ ସେମାନେ ନିର୍ଭୟରେ ଲଗାତାର ଅପରାଧିକ କାଣ୍ଡ ଘଟାଉଛନ୍ତି।

ଲିଙ୍ଗିପୁର ସୁପର୍ ମାର୍ଟରେ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୩।୨(ସମିସ): ଧଉଳି ଲିଙ୍ଗିପୁରସ୍ଥିତ ନିକଟରେ ଥିବା ସୁପରମାର୍ଟର ତୃତୀୟ ମହଲାରେ ଭୟାବହ ଅଗ୍ନିକାଣ୍ଡ ଘଟି ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ ହୋଇଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଇଛି। ଅଗ୍ନିକାଣ୍ଡ ଖବର ପାଇଁ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁରେ କେତେ ପରିମାଣର ସାମଗ୍ରୀ ନଷ୍ଟ ହୋଇ ଜଣାପଡ଼ି ନ ଥିଲେ ମଧ୍ୟ ବିଶେଷତଃ କପଡ଼ାଜାତୀୟ ସାମଗ୍ରୀ ପୋଡ଼ି ଯାଇଥିବା ଅନୁମାନ କରାଯାଉଛି। ସୁପରମାର୍ଟ ବନ୍ଦ ଥିବାରୁ କୌଣସି ମୃତାହତ ହୋଇପାରି ନାହିଁ ବୋଲି କୁହାଯାଉଛି।



ବିଧାନସଭା ସମ୍ମୁଖରେ ଆଶା ସାଥୀଙ୍କ ବିକ୍ଷୋଭ

ଭୁବନେଶ୍ୱର, ୨୩ା୨(ସମିସ): କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ୨୦୦୬ ମସିହାଠାରୁ ଆସା ଭାବେ ପ୍ରଥମେ ଗ୍ରାମାଞ୍ଚଳ ପରେ ସହରାଞ୍ଚଳ ଏବଂ ବସ୍ତିମାନଙ୍କରେ ନିଯୁକ୍ତି ଦିଆଯାଇଥିଲା। ଯେଉଁ ଆସା ମାନେ ନିଜ ନିଜ ଅଞ୍ଚଳରେ ଭଲ କାର୍ଯ୍ୟ କଲେ ସେମାନଙ୍କ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ମେସାମନଙ୍କୁ ଜାତୀୟ ସ୍ୱାସ୍ଥ୍ୟମିଶନ ନିୟମ ଅନୁଯାୟୀ ଆଶା ସାଥୀ ଭାବେ ଚୟନ କରାଯାଇ ତାଲିମ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ଆଶା କାର୍ଯ୍ୟ ସହିତ ଆଶାସାଥୀ କାର୍ଯ୍ୟ କରିବା ପାଇଁ ବାଧ୍ୟ ବୋଲି ନୋଟିସ ଲେଖାଯାଇଥିଲା। ତା ପ୍ରତି ବଦଳରେ ସେମାନଙ୍କୁ ଆଶା ସାଥୀ କାର୍ଯ୍ୟ ପାଇଁ ୩ ହଜାର ଟଙ୍କା ପ୍ରୋତ୍ସାହନ ରାଶି ରଖାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଶା କାର୍ଯ୍ୟ ଛାଡି ଆଶା ସାଥୀ ଭାବେ କାର୍ଯ୍ୟ କରିଆସୁଛନ୍ତି। କେନ୍ଦ୍ର ସରକାର ୮ ହଜାର ପ୍ରୋତ୍ସାହନ ରାଶି କରିଥିଲେ ମଧ୍ୟ ରାଜ୍ୟ ସରକାର କାହାକୁ ୨୮ ଶହ ଟଙ୍କା ତ କାହାକୁ ୩ ହଜାର ଟଙ୍କା ମନଇଚ୍ଛା ଦେଉଛନ୍ତି। ଏହାର ପ୍ରତିବାଦ ସ୍ୱରୂପ




ଆଶା ସାଥୀମାନେ ୧୩ ଦଫା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ବିଧାନସଭା ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହିତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ୧୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଆଦିବାସୀ କୃଷକଙ୍କ ଉଦ୍ୟୋଗରେ ପରିବର୍ତ୍ତନ ଆଣିଛି ଏଫିଓ

ଭୁବନେଶ୍ୱର, ୨୩ା୨(ସମିସ): ଓଡ଼ିଶାର ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାର କ୍ଷୁଦ୍ର ଓ ସୀମାନ୍ତ ଚାଷୀମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ୨୦୧୬ ମସିହାରେ ନନ୍ଦପୁର ବ୍ଲକ ସ୍ଥିତ ଜୈବିକଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗଠିତ ହୋଇଥିଲା। ସାମୂହିକ ଶକ୍ତିର ଆବଶ୍ୟକତାକୁ ସ୍ୱୀକାର କରି ୧୦ ଜଣ ପ୍ରଗତିଶୀଳ ଚାଷୀଙ୍କୁ ନେଇ ୧.୨୬ ଲକ୍ଷ ଟଙ୍କାର ଇକ୍ୱିଟି ଅର୍ଥରୁ ବର୍ତ୍ତମାନ ୧୭୯ ଟି ଗ୍ରାମ ମଧ୍ୟରେ ଏହି ଏଫପିଓ ନିଜ କାର୍ଯ୍ୟ କ୍ଷମତାକୁ ବିସ୍ତାର କରିବା ସହିତ ଏହାର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'ସେଣ୍ଟର ଅଫ ଏକ୍ସଲେନ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ସହାୟତାରେ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଶ୍ରୀଅନ୍ନ ଅଭିଯାନ ଯୋଜନାରେ ମଣ୍ଡିରେ ବାଜରା ଏବଂ ବିପଣନ ପ୍ରକ୍ରିୟାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରୋତ୍ସାହନ ଦିଆଯାଉଛି।

ପୁରୁଣା ଫଟୋ; ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୩ା୨ (ସମିସ): ପୁରୁଣା ଫଟୋ କେବଳ କାଗଜର ଖଣ୍ଡ କି ଚିତ୍ର ନୁହନ୍ତି। ସେସବୁ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯାହା ମନକୁ ପୁଣିଥରେ ସେହି ସୁନେଲି ଦିନକୁ ନେଇଯାଏ। ଧୂଳି ଯମିଥିବା ସେହି ପୁରୁଣା ଫଟୋଟି କାହା ପାଇଁ ମିଠା ସ୍ମୃତି ପାଲଟେ ତ କାହା ପାଇଁ ଦେଖି ନଥିବା କାହାଣୀ ବା ଇତିହାସ। ସେହି ପୁରୁଣା ଦିନକୁ ଆଉଥରେ ମନେ ପକେଇବାକୁ ହିଁ ଆମର ଆଜିର ଏହି ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରୁ ଆସିଥିବା ଏହି ଫଟୋଚିତ୍ରଟି ପୁରୁଣା ଭୁବନେଶ୍ୱର ଅଞ୍ଚଳର ଏବଂ ଫଟୋଟି ଅନେକ ବର୍ଷ ପୁରୁଣା ଅଟେ। ଯେଉଁଠି ଦେଖିବାକୁ ମିଳିଛି ଲିଙ୍ଗରାଜ ମନ୍ଦିର ନିକଟ ହାଟ ସାହି ପାଖରେ ଅବସ୍ଥିତ ଏକାଦଶ ଶତାବ୍ଦୀର ମହାକାଳ ମହାକାଳୀ ମନ୍ଦିର। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ମାହାକାଳ ଏବଂ ମହାକାଳୀ ହେଉଛନ୍ତି ଲିଙ୍ଗରାଜଙ୍କ ପିତାମାତା।

ପିସିସି ପକ୍ଷରୁ କାହ୍ନୁ ଚରଣ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୩ା୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପିସିସି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଛି। ସୋମବାର କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ଲେଙ୍କାଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି ଚାରଣ କରି ଶ୍ରୀ ଦାସ କହିଛନ୍ତି ଯେ ସ୍ୱର୍ଗତ ଲେଙ୍କା କଂଗ୍ରେସ ପ୍ରତି ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଦାୟିତ୍ୱକୁ ସେ ନିର୍ବାହ କରିବାରେ ସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇଛନ୍ତି। ତାଙ୍କର ବିଚାରଧାରା, ସାଂଗଠନିକ ଦକ୍ଷତା ଓ ସମର୍ପଣ ଭାବ ପ୍ରତ୍ୟେକ କଂଗ୍ରେସ କର୍ମୀ ଆପଣାଇ ପାରିଲେ ତାହା ସ୍ୱର୍ଗତ ଲେଙ୍କାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବବୋଲି ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ପ୍ରକାଶ ଜେନା, ବିଜୟଲକ୍ଷ୍ମୀ ସାହୁ, ବାଙ୍କନିଧି ବେହେରା, ଅଭୟ ସାହୁ, ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ପଟିଆ ଶିରିଡ଼ି ସାଇ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନନ୍ଦନକାନନ, ୨୩ା୨(ସମିସ): ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ପଟିଆ ଶିରିଡ଼ି ସାଇ ମନ୍ଦିରର ୧୪ତମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସାଇଶକ୍ତି ଟ୍ରଷ୍ଟ ଓ ପଟିଆ ଗ୍ରାମବାସୀ ବୃନ୍ଦ ଉତ୍ସବକୁ ଧୁମଧାମ ସହିତ ପାଳନ କରିବାକୁ ବିବିଧ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ଏଠାରେ ପବିତ୍ର ଯଜ୍ଞ ଆହୁତ କରାଯାଇଛି। ଯଜ୍ଞ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ଅଙ୍କୁରରୋପଣ, ନବବ୍ୟୁହ ପୂଜା, ଶନିବାର କଳସ ଯାତ୍ରା, ରବିବାର) ସୂର୍ଯ୍ୟ ପୂଜା



ଏବଂ ସୋମବାର ସୂର୍ଯ୍ୟ ପୂଜା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁସାରେ ପ୍ରତି ସନ୍ଧ୍ୟା ୭ ଘଟିକାରେ ପ୍ରବଚକ- ଡ଼. ଗୁରୁ ପ୍ରସାଦ ମହାପାତ୍ର ପ୍ରବଚନ ପରିବେଷଣ କରିଥିଲେ। ୨୨ତାରିଖରେ ଶିଶୁ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳ ଆଳତୀ ଭଜନ ସନ୍ଧ୍ୟା ଦ୍ୱାରା ଅଞ୍ଜଳୀ ଦତ୍ତ, ଇପ୍ସିତା ପୂଜାପଣ୍ଡା, ସନତ ପାଣିଗ୍ରାହୀ, କୁମାର ବାପି ଏବଂ ସାଥି କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା ବୋଲି ଆୟୋଜକ କମିଟି ତରଫରୁ ମିହିର କୁମାର ରାଉତ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ୨୫ରୁ 'ସମର୍ପଣ'



ଭୁବନେଶ୍ୱର, ୨୩ା୨(ସମିସ): ସାଂସ୍କୃତିକ ସଂଗଠନ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ତିନିଦିନିଆ ଉତ୍ସବ 'ସମର୍ପଣ' ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବ। ଦୀର୍ଘ ଦିନ ଧରି ଏହି ସଂଗଠନ ଦେଶର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାସ୍ତ୍ରୀୟ, ସୁଫି ଏବଂ ଭକ୍ତିମୟ ସଙ୍ଗୀତ ଶିଳ୍ପୀମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ସଙ୍ଗୀତ ପ୍ରେମୀମାନଙ୍କୁ ସାଙ୍ଗୀତିକ ଅନୁଭବ ଦେଇଆସୁଛି। ଉତ୍ସବର ପ୍ରଥମ ଦିନରେ କୋଲକାତାର ବିଦୂଷୀ କୋଏଲ ଭଟ୍ଟାଚାର୍ଯ୍ୟଙ୍କ ସୁଫି ଓ ଭକ୍ତିମୟ ସଙ୍ଗୀତର ଉପସ୍ଥାପନା ରହିଛି। ଏହାପରେ ହାଇଦ୍ରାବାଦର ଜନାବ ଅତୀକ ହୁସେନ୍ ଖାନ୍ ବନ୍ଦାନୱାଜୀ ଏବଂ ତାଙ୍କ ଦଳଙ୍କ ଦ୍ୱାରା ସୁଫି କଣ୍ଢାଲୀ ପରିବେଷଣ ହେବ। ଏହି ଅବସରରେ ପ୍ରସିଦ୍ଧ କଳାକାର ଘନଶ୍ୟାମ ପଣ୍ଡାଙ୍କୁ 'ଇନ୍ଦିରା ଟେକ୍ସଟାଇଲ୍ସ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯିବ। ଦ୍ୱିତୀୟ ଦିନରେ କଟକର ବିଦୂଷୀ ରାକ୍ଷୀ ସେନ୍, ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁର, ଗୁରୁ ଅତୁଲ ପ୍ରସାଦ ଓ କାଜୀ ନଜରୁଲ ଇସଲାମଙ୍କ ରଚନା ଆଧାରିତ ସଙ୍ଗୀତ ପ୍ରସ୍ତୁତ କରିବେ। ପରେ, ହାଇଦ୍ରାବାଦର ବିଦୂଷୀ ସ୍ମିତା ବେଲୁରଙ୍କ ନିର୍ଗୁଣ ଭଜନ ପ୍ରଦର୍ଶନ ହେବ। ଶେଷ ଦିନରେ ଭୁବନେଶ୍ୱରର ଡ. ପ୍ରିୟା କାନୁନ୍‌ଗୋଙ୍କ ଦ୍ୱାରା ମୀରା ଭଜନ ପରିବେଷଣ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସାଧାରଣ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ସୂଚନା ଦେଇଛନ୍ତି।

■ ଘନଶ୍ୟାମ ପଣ୍ଡାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ମିଡିଆ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩ା୨(ସମିସ): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ୨୧ ତାରିଖ ଶନିବାର ନୂଆଦିଲ୍ଲୀର ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି। ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ତରଫରୁ ନୂଆଦିଲ୍ଲୀଠାରେ 'ଜାତୀୟ ଚେତନା' ସମ୍ବାଦପତ୍ରର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଛି।

ପ୍ଲାଷ୍ଟିକ୍ ମୁକ୍ତ ସମାଜ ଉଦ୍ଦେଶ୍ୟରେ କର୍ମଶାଳା



ଭୁବନେଶ୍ୱର, ୨୩ା୨(ସମିସ):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ପକ୍ଷରୁ ଜାତୀୟ ସେବା ସଂସ୍ଥା ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଭୁବନେଶ୍ୱରସ୍ଥିତ ଶ୍ୟାମପୁର ଗ୍ରାମର ଓଁ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ସୋଆ କୃଷିମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ, ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହନ୍ତ, ବରିଷ୍ଠ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନ କରି ବର୍ତ୍ତମାନ ସମୟରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ସମାଜ ପ୍ରତି ଏହାର କୁପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ୧୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଏହି ଅବସରରେ ମାନସ ଦାସଙ୍କ ରଚିତ ପଥପ୍ରାନ୍ତ ନାଟକ 'ଆଜିର ପ୍ଲାଷ୍ଟିକ କାଲିର ବିପଦ' ପ୍ରଦର୍ଶିତ ହୋଇଥିଲା। ଏହାପରେ ପ୍ଲାଷ୍ଟିକମୁକ୍ତ ସମାଜର ସ୍ଲୋଗାନ ସହିତ ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

ରେଭେନ୍ସା ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଭୁବନେଶ୍ୱର, ୨୩ା୨(ସମିସ): ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ବ୍ୟାଚର ଓଡ଼ିଆ ସ୍ନାତକୋତ୍ତର ବିଭାଗ ଛାତ୍ରଛାତ୍ରୀଙ୍କର ବୈଠକ ହୋଟେଲ ପପେୟା ଥିଓରୀରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ବଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗଳ୍ପ, ଆଧୁନିକ କବିତାପାଠ, ବ୍ୟଙ୍ଗାତ୍ମକ ଢଗ ଢମାଳି, ଡାନ୍ସ ଓ ଓଡ଼ିଆ ପାଲା ପରିବେଷଣ ସହିତ ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଯଥା ଓଡ଼ିଆଭାଷାର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବନ୍ଧୁମିଳନର ନେତୃତ୍ୱ ଡ. ବ୍ରଜକିଶୋର ନାୟକ ନେଇ ଥିବାବେଳେ ସହଯୋଗ କରିଥିଲେ ଡ଼. ପ୍ରଶାନ୍ତ ରଥ, କଳ୍ପନା ମିଶ୍ର, ପ୍ରତାପ ହାତୀ, ଡ. ସୁବାସ ବିଶ୍ୱାଳ, ଡ. ରବିନାରାୟଣ ମହାରଣା, ଆଡ଼ଭୋକେଟ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ବନ୍ଧୁମିଳନର ସଫଳତା କାମନା କରିଥିଲେ।

ନିରାକାର ସାହୁଙ୍କୁ ଉତ୍କଳମଣି ସେବା ସମ୍ମାନ



ଭୁବନେଶ୍ୱର, ୨୩ା୨(ସମିସ): କେନ୍ଦ୍ରାପଡ଼ା ରାଜନଗରଠାରେ ଓଡ଼ିଶା ସାଇନ୍ ଫାଉଣ୍ଡେସନ ତରଫରୁ ପ୍ରଥମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ନିରାକାର ସାହୁଙ୍କୁ ଉତ୍କଳମଣି ସେବା ସମ୍ମାନ ପ୍ରଦାନ କରାଯାଇଛି।

ମାତୃଭାଷା ଦିବସରେ ବହୁଭାଷିକତାରେ ଯୁବପିଢ଼ିର ଭୂମିକା ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୩ା୨(ସମିସ): ପୂର୍ବାଞ୍ଚଳ ଭାଷାକେନ୍ଦ୍ର ଓ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଆନ୍ତର୍ଜାତିକ ବିଶ୍ୱ ମାତୃଭାଷା ଦିବସରେ 'ବହୁଭାଷିକତାରେ ଯୁବପିଢ଼ିର ଭୂମିକା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶନିବାର ଦିନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ଆଲୋଚକମାନେ ଯୋଗଦେଇ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ମନୀଷ କୁମାର, ସାନ୍ତାଳୀ ଅଧ୍ୟାପିକା ଅନିମା ବାସ୍କ ସାନ୍ତାଳୀ ଭାଷାଭାଷୀଙ୍କ ଭିତରେ କିପରି ବର୍ତ୍ତମାନ ବହୁଭାଷିକତା ବଢ଼ିବାରେ ଲାଗିଛି ଓ ଏହା ତାଙ୍କର ଜ୍ଞାନ ଏବଂ ଗବେଷଣାକୁ ପରିପୁଷ୍ଟ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟକ୍ଷ ତଥା ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସଭାପତିତ୍ୱ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବହୁଭାଷିକ ନେଇ କବିତା ଓ ଗଳ୍ପ ପଠନ କାର୍ଯ୍ୟକ୍ରମ ହୋଇଥିଲା।


ସାରସ୍ୱତ ସମାଜର ସାହିତ୍ୟ ପାଠଚକ୍ର ଓ କବିତା ଆସର



ଭୁବନେଶ୍ୱର, ୨୩ା୨(ସମିସ): ସାରସ୍ୱତ ସମାଜ ସାହିତ୍ୟ ଅନୁଷ୍ଠାନ ତରଫରୁ ସାହିତ୍ୟ ପାଠଚକ୍ର ଓ କବିତା ଆସର ଗୋଦାବରୀଶ ସାହିତ୍ୟ ସଂସଦରେ ଅନୁଷ୍ଠିତ ହୋଇଯାଇଛି। କବି ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଜୟକୃଷ୍ଣ ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳନା ସମ୍ପାଦିକା ଡ. ସରୋଜିନୀ ପାଣି ଅତିଥି ପରିଚୟ ଦେଇଥିଲେ। ଏହାପରେ କବି ତଥା ସମାଜସେବୀ ଶୁଭ୍ରା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ୭୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଙ୍ଗୀତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନୀଳକଣ୍ଠେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୩ା୨(ସମିସ): ଅନନ୍ତ ଓ ଅସୁମାରୀ କୀର୍ତ୍ତିରାଜିରେ ଭରା ଓଡ଼ିଶା ଭୂଖଣ୍ଡ। ହିରଣ୍ୟଗର୍ଭା ଆମ ଏ ପବିତ୍ର ମାଟିର କୋଣାନୁକୋଣରେ ରହିଛି କେତେଯେ ଦେଉଳ, କେତେ ମଠ ଓ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧାତ୍ମିକ ଭାବନା ସହ ମଧ୍ୟ ଜଡିତ। ଗୌରବମୟ ଆମ ଅତୀତ ଓ ଇତିହାସ। ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଙ୍ଗୀତ କେତେ ଯେ ଉତ୍କୃଷ୍ଟ କଳାରେ ଭରି ହୋଇ ରହିଛି। ସେହି ଇତିହାସ ପୃଷ୍ଠାର ଅନ୍ୟତମ କୀର୍ତ୍ତିରାଜି ଦ୍ୱାଦଶରୁ ତ୍ରୟଦଶ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ନିଳକଣ୍ଠେଶ୍ୱର ମନ୍ଦିର।

ଏହି ନିଳକଣ୍ଠେଶ୍ୱର ଶିବ ମନ୍ଦିର ପୁରୁଣା ଭୁବନେଶ୍ୱରସ୍ଥିତ ଖରାଖିଆ ବୈଦ୍ୟନାଥ ସାହିରେ ଅବସ୍ଥିତ। ଲିଙ୍ଗରାଜ ମନ୍ଦିରରୁ କପିଳେଶ୍ୱରକୁ ଯାଉଥିବା ବୈଦ୍ୟନାଥ ରାସ୍ତାର ବାମ ପାର୍ଶ୍ୱରେ ମନ୍ଦିରଟି ରହିଛି। ଏହା ଏକ ଜୀବନ୍ତ ମନ୍ଦିର ଏବଂ ପଶ୍ଚିମ ଆଡକୁ ମୁହଁ କରି ରହିଛି। ମନ୍ଦିରର ପ୍ରତିଷ୍ଠିତ ଦେବତା ହେଉଛନ୍ତି ପ୍ରଭୁ ଶିବ। ଇତିହାସ ଅନୁଯାୟୀ ମନ୍ଦିରଟି ଦ୍ୱାଦଶରୁ ତ୍ରୟଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ। ଶିବରାତ୍ରି, ସଂକ୍ରାନ୍ତି ଭଳି ଶୈବ ପୂଜା ଏଠାରେ ଏକ ବଡ ପର୍ବ ରୂପେ ପାଳନ କରାଯାଏ। ମନ୍ଦିରକୁ ଚାରିପଟୁ ଘରୋଇ କୋଠାବାଡି ଘେରି ହୋଇ ରହିଛି। ପରିସର ଭିତରେ ଆଉ ଏକ ମନ୍ଦିର, ଯାହାର ନାମ ଶ୍ୟାମେଶ୍ୱର ମନ୍ଦିର ରହିଛି। ଶାନ୍ତି ଏବଂ ଉନ୍ନତି ପାଇଁ ଶ୍ରଦ୍ଧାଳୁ ଏଠାରେ ପୂଜା କରିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ମନ୍ଦିରଟି କଳିଙ୍ଗ ସ୍ଥପତ୍ୟ ଶୈଳୀରେ ନିର୍ମିତ।

ଏବେ କେମିତି ରହିଛି



ମନ୍ଦିରଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ହେଁ ମନ୍ଦିରକୁ ଦେଖିଲେ ରକ୍ଷଣାବେକ୍ଷଣ ଅଭାବ ପରିଲକ୍ଷିତ ହୋଇଥାଏ। ମନ୍ଦିରର ଚାରିପାଖକୁ ଘରୋଇ କୋଠା ଘେରିରହିଛି। ଫଳରେ ମନ୍ଦିରର ଅବସ୍ଥିତି ଜଣାପଡୁ ନାହିଁ। କେବଳ ସେତିକି ନୁହଁ ଏହି ପୁରାତନ କିର୍ତ୍ତିରାଜି ବର୍ତ୍ତମାନ କ୍ଷୟ ହେବାକୁ ବସିଲାଣି। ରଙ୍ଗ କ୍ଷୟ ହେବା ସହ ଗଛ ଲତା ମାଡି ମନ୍ଦିର ଚାରିପଟ ବଣ ହୋଇଗଲାଣି। ପୂଜାର୍ଚ୍ଚନା ହେଉଥିଲେ ହେଁ ମନ୍ଦିରର ଏପରି ଅବସ୍ଥାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ମନ୍ଦିରଟି ବର୍ଷ ବର୍ଷ ଧରି ଏମିତି ପଡ଼ି ରହିଛି। ପରିସରରେ ମଧ୍ୟ ଚାରିପାଖ ଅଳିଆ ହୋଇ ପଡ଼ିଛି।

ଧାନ କିଣାରେ ଅନିୟମିତତା

ଧାନବସ୍ତା ରଖି ରାସ୍ତାରୋକ କଲେ ଚାଷୀ

ଇବଥର୍ମାଲ, ୨୩।୨(ସମିସ)

ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନ ନବୀକରଣ ଦାବି ନେଇ ସୋମବାର ସକାଳୁ ରମ୍ପେଲା ପଞ୍ଚାୟତ ଡୁନଡୁନ ଛକରେ ରାସ୍ତା ଉପରେ ଧାନ ବସ୍ତା ପାହାଡ ଭଳି ଗଦା କରି ଚାଷୀ ରାସ୍ତାରୋକ କରିଛନ୍ତି। ଫଳରେ ବନ୍ଧବାହାଲ-ରେଙ୍ଗାଲି ମୁଖ୍ୟରାସ୍ତାରେ ଗାଡିମଟର ଚଳାଚଳ ଠପ୍ ହୋଇଥିଲା। ଏହିରାସ୍ତା ଦେଇ ଜେଏସଡବ୍ଲ୍ୟୁ ସାହାଜବାହାଲକୁ ଆସୁଥିବା ଶହଶହ କୋଇଲା ବୋଝେଇ ଭାରୀଯାନ ତଥା ଅପରପକ୍ଷରୁ ଓପିଜିସି ଆସପଣ୍ଡ ଓ ଜେଏସଡବ୍ଲ୍ୟୁ ସାହାଜବାହାଲ ଠାରୁ ପରିବହନ କରାଯାଉଥିବା ଶହଶହ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ ବନ୍ଦ ରହିଥିଲା। ରାସ୍ତାକଡରେ ଗାଡି ଗୁଡିକର ଲମ୍ବା ଧାଡି ଲାଗିଥିବା ଦେଖାଯାଇଥିଲା। ଜିଲ୍ଲାର ଲଖନପୁର ବ୍ଲକ ଜୋନ୍-୩ ଅନ୍ତର୍ଗତ ତିଲିଆ, ରମ୍ପେଲା, କୁମ୍ଭାର ବନ୍ଧ, ପିପିଲିକାନିର ଚାଷୀଙ୍କୁ ନେଇ ତିଲିଆ ସୋସାଇଟି। ଏହି ସୋସାଇଟିରେ ଧାନ ବିକ୍ରି ସମସ୍ୟା ଦେଖା ଦେଇଛି। ପୂର୍ବ ସୂଚନା ଅନୁଯାୟୀ ଆଜି କୃଷକ ସଙ୍ଗଠନ ପକ୍ଷରୁ ସକାଳ ୧୦ରେ ଡୁନଡୁନ ଛକ ଠାରେ ଶତାଧିକ ଧାନ ବସ୍ତା ରଖି ରାସ୍ତାରୋକ କରାଯାଇଥିଲା। ରାସ୍ତାରୋକ ଆନ୍ଦୋଳନକୁ ଲଖନପୁର ବ୍ଲକ ଚାଷୀ ସଂଗଠନ ସମେତ ଝାରସୁଗୁଡ଼ା ଜିଲ୍ଲା ଚାଷୀ ସଂଗଠନ ସମର୍ଥନ ଜଣାଇଥିବା ସହ ଜିଲ୍ଲା କୃଷକ ସଂଗଠନ ସଭାପତି ଦିଲ୍ଲିପ ବଡ଼େଇ, ସରଣ୍ଡାମାଲ ଟ୍ୟାଙ୍କ ସଭାପତି ବସନ୍ତ ପାଢ଼ୀ, ତିଲିଆ ଟ୍ୟାଙ୍କ ସଭାପତି ଭୋ ନାଥ ବଡ଼େଇ ପ୍ରମୁଖ

ସମର୍ଥନ ଜଣାଇଲେ ଅଳକା, ଆଲୋଚନା ବିଫଳ

ଆସି ସାମିଲ ହୋଇଥିଲେ। ଆଜି ଆନ୍ଦୋଳନ ସ୍ଥଳୀରେ ପହଞ୍ଚି ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଚାଷୀଙ୍କୁ ସମର୍ଥନ ଜଣାଇଛନ୍ତି।

ସଂଗଠନ ଦାବି ମୁତାବକ ୪ଟି ପଞ୍ଚାୟତର ଚଳିତ ଖରିଫ୍ ଧାନ ବିକ୍ରୟ ସକାଶେ ଚିଲିକା ସେବା ସମବାୟ ସମିତରେ ୯୧୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ। ପଞ୍ଜୀକରଣ ଆଧାରରେ ପାକ୍ସ ପକ୍ଷରୁ ପ୍ରାୟ ୪୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲକ୍ଷ୍ୟ ରଖାହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୧ ହଜାର ୭୧୦ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଟାର୍ଗେଟ ଦିଆ ଯାଇଛି। ଆହୁରି ୧୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ରହିଛି। ଫେବୃଆରୀ ସରିବାକୁ ଥିବା ବେଳେ ଟେକ୍ନିକାଲ ତ୍ରୁଟି ଯୋଗୁଁ



ବର୍ତ୍ତମାନ ସୁଦ୍ଧା ୮ରୁ ୧୦ଜଣ ଚାଷୀଙ୍କ ଟୋକନ ବିଳମ୍ବ ହୋଇଛି। ଏହାର ପ୍ରତିବାଦରେ ଚାଷୀ ଆଜି ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ଯୋଗାଣ ଅଧିକାରୀ ଅଜୟ କେରକେଟା, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ପ୍ରମୁଖ ଯାଇ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା କୃଷକ ସଂଗଠନ ସଭାପତି ଦିଲ୍ଲିପ ବଡ଼େଇ, ମାଁ ସମଲେଇ ଆଞ୍ଚଳିକ କୃଷକ ସଂଗଠନ ବରିଷ୍ଠ ସଦସ୍ୟ ଲିଙ୍ଗରାଜ ବଡ଼େଇ, ତିଲିଆ ସେବା ସମବାୟ ସମିତି ସଭାପତି ଭୋ ନାଥ ବଡ଼େଇ, ସମାଜସେବୀ ହେମନ୍ତ ପ୍ରଧାନ, ପ୍ରମୁଖ ଚାଷୀଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ସମସ୍ତ ଦାବି ଉପସ୍ଥାପନ କରିବା ସହ ସିଏସଓଙ୍କୁ ବାରମ୍ବାର କହିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉ ନଥିବା ଓ ଜିଲ୍ଲା ପ୍ରଶାସନ ମିଲର ଆଳ ଦେଖାଇ ଟାଳଟୁଳ ନୀତି ଆପଣାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାଦ୍ୱାରା ଚାଷୀ ତାର ଧାନ ବିକି ପାରିବ କି ନାହିଁ ସେ ନେଇ ଆଶଙ୍କାରେ ରହିଛି। ତେଣୁ ଟୋକନ ସମସ୍ୟାର ସମାଧାନ କରାଯାଇ ୧୪ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ୍ ନ ଆସିବା, ସମସ୍ତ ଧାନ ନ ଉଠିବା ଓ ପୋଟଲ ସମସ୍ୟା ସମ୍ପୂର୍ଣ୍ଣ ଦୂର ନହେବା ପର୍ଯ୍ୟନ୍ତ ରାସ୍ତାରୋକରୁ ଉଠିବୁ ନାହିଁ ବୋଲି ଚାଷୀ ସ୍ପଷ୍ଟ ଦାବି ରଖିଥିଲେ। ଆଗରୁ ଏପରି ସମସ୍ୟା ଦେଖାଦେଇ ନଥିବା ବେଳେ ଏବେ ଏପରି ହେବାର କାରଣ ସମ୍ପର୍କରେ ଚାଷୀ ପ୍ରଶ୍ନ କରିଥିଲେ। ସପ୍ଲାଏ ଇନିପେକ୍ଟର ଶ୍ରୀ କେର୍କେଟା ଘଟଣା ସ୍ଥଳରେ ଜିଲ୍ଲା ପ୍ରଶାସନ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ଏହାପରେ ଆଜି ୩୦୦୦ କ୍ୱିଣ୍ଟାଲ ଧାନ ଉଠିବାର ଟାର୍ଗେଟ ଦିଆଯିବ ଓ ପରବର୍ତ୍ତୀ ସମୟରେ ବାକି ଧାନ ଉଠିବାର ପ୍ରକ୍ରିୟା କରାଯିବ ବୋଲି କହିଥିଲେ। ହେଲେ ଚାଷୀ ନିଜ ଜିଦରେ ଅଟଳ ରହିବାରୁ ଆଲୋଚନା ବିଫଳ ହୋଇଥିଲା। ତେଣୁ ରାସ୍ତାରୋକ ଏବେ ମଧ୍ୟ ଜାରି ରହିଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

ଗାଡ଼ି ଧକ୍କାରେ ଶିଶୁକନ୍ୟା ମୃତ, ଡ୍ରାଇଭର ଅଟକ

ଝାରସୁଗୁଡ଼ା, ୨୩।୨(ସମିସ): ଜିଲ୍ଲାର ଲଇକେରା ଥାନା ଅଧୀନ ଅଇତାପାଲି ଗାଁରେ ସ୍କର୍ପିଓ ଗାଡି ଧକ୍କାରେ ଜଣେ ୩ ବର୍ଷର ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଅଭିଯୁକ୍ତ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ମୃତ ଶିଶୁକନ୍ୟାର ନାମ ପ୍ରିୟଂଶି ଓରାମ (୩) ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ମୃତ ଶିଶୁକନ୍ୟାର ପିତା ଧର୍ମେନ୍ଦ୍ର ଓରାମ ସ୍ତ୍ରୀ ଓ ଝିଅ ସହ କୌଣସି କାମରେ ଅଇତାପାଲି ଅଞ୍ଚଳକୁ ଆସିଥିଲେ। ଧର୍ମେନ୍ଦ୍ର ଦୋକାନରୁ ସାମଗ୍ରୀ କିଣୁଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ବାଇକ ପାଖରେ ଛିଡା ହୋଇଥିଲେ। ଏହି ସମୟରେ ଏକ ସ୍କର୍ପିଓ ଗାଡ଼ି ଦ୍ରୁତଗତିରେ ଆସି ପ୍ରିୟଂଶିକୁ ଧକ୍କା ଦେଇଥିଲା। ଗୁରୁତର ଆହତ ପ୍ରିୟଂଶିକୁ ପ୍ରଥମେ ମୁଦ୍ରାପୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରାଯାଇଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା। ଲଇକେରା ପୁଲିସ ଗାଡିଟିକୁ ଜବତ କରିବା ସହ ଅଭିଯୁକ୍ତ ଡ୍ରାଇଭର କୋଲାବିରା ଥାନା ଅଧୀନ ଗହ୍ମାପାଲି ଗାଁର ରାଜ ଖରସେଲକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୨୩।୨(ସମିସ): ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩ଟି ବ୍ୟକ୍ତିଗତ ଏବଂ୧୧ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅର୍ଜୁନଝରି ଗାଁରେ ବନ୍ୟହାତୀ ସୁରକ୍ଷା, ଜମିର ପଟ୍ଟା, ପିଇବା ପାଣି ଓ ରାସ୍ତାର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଏସ୍‌ପି ଅନିଲ ମିଶ୍ର, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ଓ ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଯୋଗ ଦେଇ ଲୋକଙ୍କ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୂହିକ ସମସ୍ୟା ରହିଥିଲା। ଶିବିରରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଶିବିରରେ ବାନ୍ଧପାଲି ଗାଁର ଆର୍‌ଏଡି ୨୦୨୪-୨୫ ଯୋଜନାରେ ହିତାଧିକାରୀ ଉଚିତ ପ୍ରାପ୍ୟ ପାଇ ନଥିବା ଏବଂ ୨୦୨୪ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ନ ମିଳିବା ନେଇ ଚାଷୀ ଅଭିଯୋଗ କରିଥିଲେ। ସେହିଭଳି କିର୍ମିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଦାନ ଅର୍ଥର ବିନିଯୋଗରେ ହୋଇଥିବା ଅନିୟମିତତା ଏବଂ ବାଲାଜୀ କମ୍ପାନୀ ଦ୍ୱାରା ଶ୍ରମିକମାନଙ୍କୁ ପ୍ରାପ୍ୟ ପାରିଶ୍ରମିକ ନ ଦେବା ଭଳି ଗମ୍ଭୀର ବିଷୟ ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଧୂବେନବୁଡି ଗାଁରେ ଥିବା ରାଧାକୃଷ୍ଣ ମନ୍ଦିର ପରିସରରେ ଅସ୍ଥାୟୀ ବାଡ ଦେଇ ବେଆଇନ ଘର ନିର୍ମାଣ ଏବଂ କିର୍ମିରା ଶିବ ମନ୍ଦିରରେ ବିଦ୍ୟୁତ ସଂଯୋଗ ଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଶାସନ ତରଫରୁ ଶୁଣାଣି କରାଯାଇଛି।

ଧାନ କ୍ରୟ ନାମରେ ଚାଷୀଙ୍କଠୁ ଲକ୍ଷାଧିକ ଟଙ୍କା ଠକେଇ

ଦେବଗଡ଼, ୨୩।୨(ସମିସ): ରିଆମାଳ ଥାନାଞ୍ଚଳ କୁଣ୍ଡିଆପାଲି ଗାଁର ସମ୍ବିତ ଭୋଇ ନାମକ ଜଣେ ଯୁବକ ଧାନ କ୍ରୟ ନାମରେ ରିଆମାଳ ଥାନାଞ୍ଚଳର ବିଭିନ୍ନ ଗାଁର ଗରିବ ଚାଷୀଙ୍କ ନିକଟରୁ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ଅଭିଯୁକ୍ତ ସମ୍ବିତ ବିରୁଦ୍ଧରେ ଏକ ମାମଲା ରୁଜୁକରି ଘଟଣାରତ ତଦନ୍ତ ଚଳାଇଛି। ପୁଲିସ ଅନୁଯାୟୀ ଅଭିଯୁକ୍ତ ସମ୍ବିତ ଚଳିତ ଖରିଫ ଋତୁରେ ରିଆମାଳ ବ୍ଲକ ଅଧୀନ ବଡବାହାଳ, ଆଡସ, ରିଆମାଳ, ବାଘବର ବେଲମୁଣ୍ଡା, ବଡ କଙ୍କରଖୋଳ, କଣ୍ଡାବାହାଳ ଆଦି ଗାଁକୁ ଯାଇଥିଲା। କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୫୦୦ ଟଙ୍କା ଦରରେ ଧାନ କିଣିବା ପାଇଁ ଅଭିଯାନ ଚଳାଇଥିଲା। ପରେ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଅଞ୍ଚଳର ପ୍ରାୟ୨୯ ଜଣ ଚାଷୀଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ଦାନ ସଂଗ୍ରହ କରିଥିଲା। କିଛିଦିନ ପରେ ଧାନ ବିକ୍ରି କରିଥିବା ଚାଷୀ ସମ୍ବିତକୁ ପ୍ରାପ୍ୟ ଟଙ୍କା ମାଗିଥିଲେ। ହେଲେ ଆଜି ଦେବି, କାଲି ଦେବି କହି ସେ ଦିନ ଗଡ଼ାଇ ଚାଲିଥିଲା। ଏପରିକି ବାରମ୍ବାର ଟଙ୍କା ମାଗିବାରୁ ସେମାନଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲା। ଫଳରେ ପ୍ରତାରିତ ଚାଷୀ ଏନେଇ ଗତକାଲି ରାତ୍ରିରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ସମ୍ବିତ ବିରୁଦ୍ଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରତାରକ ଯୁବକ ଗିରଫ

ଦେବଗଡ଼, ୨୩।୨(ସମିସ): ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ ପରେ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିବା ଜଣେ ଯୁବକକୁ ପୁଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ଜଣକ ରିଆମାଳ ଥାନା ଈଶ୍ୱରପାଲି ଗାଁର ପ୍ରକାଶ ପ୍ରଧାନ (ମଣ୍ଟୁ) ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ୨୦୨୪ରୁ ମଣ୍ଟୁ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରି ଆସୁଥିଲା। ଇତିମଧ୍ୟରେ ସେ ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ପାଇଁ ଯୋଜନା କରିଥିଲା। ଏପରିକି ବିବାହ ପାଇଁ ଅନ୍ୟ ଜଣେ ଯୁବତୀଙ୍କ ସହିତ ନିର୍ବନ୍ଧ ମଧ୍ୟ ସରିଥିଲା। ପୀଡିତା ଏବିଷୟରେ ଜାଣିବାପରେ ନ୍ୟାୟ ପାଇଁ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡିତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା ପରେ ପ୍ରକାଶଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିଲା।।

ଇବସେତୁ-ବିଶିଉକ୍ରା ରାସ୍ତା ମରାମତି ଦାବିରେ ରାସ୍ତାରୋକ

ଇବଥର୍ମାଲ, ୨୩।୨(ସମିସ): ଜିଲ୍ଲାର ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ଅଧୀନ ଇବ ସେତୁ ଠାରୁ ବିଶିଉକ୍ରା ବସଷ୍ଟାଣ୍ଡ ଯାଏଁ ଭାରୀଯାନ ଚଳାଚଳ ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ବିଜେଡି ନେତ୍ରୀ ତଥା ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ରମ୍ପେଲା ପଞ୍ଚାୟତ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ଓ ଶତାଧିକ ମହିଳା ରମ୍ପେଲା ସେତୁ

ଭାରୀଯାନ ଚଳାଚଳକୁ ବିରୋଧ

ପୁଲିସ ବିଟ୍ ହାଉସ୍ ପାଖରେ ଏକ ସଭା କରି ରାସ୍ତାରୋକ କରିଥିଲେ। ଗତ ୭ ତାରିଖରେ ମହାନ୍ତିଙ୍କ ନେତୃତ୍ୱରେ ରମ୍ପେଲା ପଞ୍ଚାୟତ ସରପଞ୍ଚ ଓ ଜନସାଧାରଣ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ରାସ୍ତାର ପୁନଃ ନିର୍ମାଣ, ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବା ପାଇଁ ଚେତାବନୀ ଦେଇଥିଲେ। ସେହି ଆଧାରରେ ଆଜି ରାସ୍ତାରୋକ କରାଯାଇଥିବା କୁହା ଯାଇଛି। ଖବର ପାଇ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା



ଅଧିକାରୀ ରଞ୍ଜିତ ନାଏକ ପହଞ୍ଚିଥିଲେ। ପୂର୍ବତନ ବିଧାୟିକା ଅଳକାଙ୍କ ସମେତ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା କ୍ଷମତା ଓ ନିୟମଠାରୁ ଅତ୍ୟଧିକ ମାତ୍ରାରେ ଭାରୀଯାନ ଚଳାଚଳ ଫଳରେ ରାସ୍ତା ଏବେ ମରଣ ଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଥିଲେ। ଏ ସଙ୍କ୍ରାନ୍ତରେ ଜିଲ୍ଲାପାଳଙ୍କୁ ଦାବି କରିବା ସହ ଦାବିପତ୍ର ନକଲ ମୁଖ୍ୟମନ୍ତ୍ରୀ, ବରଗଡ଼ ସାଂସଦ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ, ମାନବାଧିକାର କମିଶନ, ଆରଡିସି ସମ୍ବଲପୁର, ଏସ୍‌ପି ଝାରସୁଗୁଡ଼ା ପ୍ରମୁଖଙ୍କୁ ଜଣାଇଥିବା କହିଥିଲେ। ହେଲେ ଏତେଦିନ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ରାସ୍ତା ଯୋଗୁଁ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବା ସହ ଦୁର୍ଘଟଣା ବଢୁଛି। ଅଭିଯୋଗ ଶୁଣିବା ପରେ ଆସନ୍ତା ୨୭ ତାରିଖରେ କୁମ୍ଭାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓପିଜିସି ଓ ଜେଏସଡବ୍ଲୁ କର୍ତ୍ତୃପକ୍ଷ ଥାଇ ତ୍ରିପାକ୍ଷିକ ଆଲୋଚନା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିବା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଆଜିର ଏହିରାସ୍ତାରୋକରେ ଅଳକାଙ୍କ ସମେତ ରମ୍ପେଲା ସରପଞ୍ଚ ବିମଳା କିଶାନ, ବନ୍ଧବାହାଲ ସରପଞ୍ଚ ଆର ବେହେରା, ଟିଙ୍କେଶ୍ୱର ସେନାପତି, କିଶୋର କିଶାନ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୁଲିସଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରଜରାଜ ନଗର, ୨୩।୨ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ଅଧୀନରେ ଥିବା ଜାତୀୟ ରାଜପଥ ୪୯ରେ ରବିବାର ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ୫ ପୁଲିସ କର୍ମଚାରୀଙ୍କୁ ବ୍ରଜରାଜନଗର ପୁଲିସ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନେତୃତ୍ୱରେ ରେଳ ଷ୍ଟେସନ ଦୁର୍ଗା ମନ୍ଦିର ଠାରୁ ଥାନା ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରା କରାଯାଇଥିଲା। ସହରର ଶତାଧିକ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଥାନା ସମ୍ମୁଖରେ ମୃତ ଯବାନ ମାନଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ସହ ପୁଲିସ ବାହିନୀ ସାମିଲ ହୋଇଥିଲେ। ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ କୋର୍ଟଚାଲାଣ

ଇବଥର୍ମାଲ, ୨୩।୨(ସମିସ): ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଧୀନ ଆଇବି କଲୋନୀ ସ୍ଥିତ ମାଛ ବଜାର ନିକଟରେ ଥିବା ବିଲୁଆ ବସ୍ତିରେ ରବିବାର ଖଣ୍ଡାରେ ଆକ୍ରମଣ ହେବା ଫଳରେ ୫ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରା ଯାଇଥିଲା। ସେପଟେ ଆକ୍ରମଣକାରୀ ଅଙ୍କିତ ସିଂହ (୨୮) ଓ ତାର ବାପା ଦିନାନାଥ ସିଂହ (୫୭) ଫେରାର ଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଖୋଜିବା ଆରମ୍ଭ କରିଥିଲା। ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନେତୃତ୍ୱରେ ବନହରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଘଟଣାର ତଦନ୍ତ କରିଥିଲା। ତଦନ୍ତରୁ ଅଙ୍କିତର ମା' ଲଳିତା ଦେବୀ (୫୨) ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଜାଣିବା ପରେ ରବିବାର ବିଳମ୍ବିତ ରାତିରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ସହାୟତାରେ ଅଙ୍କିତ ଘରୁ ବ୍ୟବହୃତ ଖଣ୍ଡା, ବର୍ଛା ଆଦି ମାରଣାସ୍ତ୍ର ଜବତ ହୋଇଛି। ଘଟଣାର କାରଣ ଅସ୍ପଷ୍ଟ ଥିଲେ ହେଁ ସାମାନ୍ୟ ବଚସା ଓ ପୂର୍ବ ଶତ୍ରୁତାକୁ ଆଧାରକରି ଏହି ଘଟଣା ଘଟିଥିବା କୁହାଯାଇଛି। ଆଜି ବିଭିନ୍ନ ଧାରାରେ ବନହରପାଲି ପୁଲିସ ତିନି ଅଭିଯୁକ୍ତ ଅଙ୍କିତ, ଦିନାନାଥ ଓ ଲଳିତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଞ୍ଜିତ ନାଏକ କହିଛନ୍ତି।

ପୁଲିସ ପକ୍ଷରୁ ରକ୍ତଦାନ ଶିବିର

ଦେବଗଡ଼, ୨୩।୨(ସମିସ): ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ଦେବଗଡ଼ ଆଦର୍ଶ ଥାନାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏସ୍‌ପି ଅନିଲ ମିଶ୍ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ମାହାନା ଉପସ୍ଥିତ ଥିଲେ। ଶିବିରରେ ପୁଲିସ ଓ ସାଧାରଣ ଲୋକ ରକ୍ତଦାନ କରିଥିଲେ ଏବଂ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୁଲିସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ମଧ୍ୟ ଶିବିରର ଲକ୍ଷ୍ୟ ରହିଥିଲା। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ଥାନାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏସ୍‌ଆଇ ବିନୟ ପରିଡ଼ା ଓ ଏସ୍‌ଆଇ ଅସିତ୍ ସାହୁଙ୍କ ସମେତ ଦେବଗଡ଼ ଆଦର୍ଶ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

୩୦ ୟୁନିଟ୍ ରକ୍ତ ସଂଗ୍ରହ

ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ବାମଣ୍ଡାକୁ ପରାସ୍ତ କଲା ଦିଶା ଏକାଦଶ



ଦେବଗଡ଼, ୨୩।୨(ସମିସ): ସ୍ଥାନୀୟ ମହାବୀର କ୍ଲବ୍ ଆନୁକୂଲ୍ୟରେ ମହୁଲଡ଼ିପା ସାହି ନାଳ ପଡ଼ିଆଠାରେ ସୋମବାର ୧୬ ତମ ବଜରଙ୍ଗ କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ଲବ୍‌ର ସଭାପତି କାର୍ତ୍ତିକ ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁଳସୀ କନଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ଼ର ଦିଶା ଏକାଦଶ ଓ ଦେବଗଡ଼ର ବାମଣ୍ଡା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାମଣ୍ଡା କ୍ରିକେଟ କ୍ଲବ୍‌କୁ ୩୨ରନରେ ପରାସ୍ତ କରି ସୁନ୍ଦରଗଡ଼ର ଦିଶା ଏକାଦଶ ବିଜୟୀ ହୋଇଥିଲା। ଦିଶା ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ଅପୁଙ୍କ ୫୪ରନ ଓ ଗୌତମଙ୍କ ୪୮ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ବାମଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରକାଶ ସାହୁ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ବାମଣ୍ଡା କ୍ରିକେଟ କ୍ଲବ୍ ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୫୨ରନ କରି ୩୨ରନରେ ପରାଜିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌କୁ ଅମ୍ପାୟାର ଭାବେ ମୁକେଶ ଦଳାଇ ଓ ଗଣେଶ ନଟିଆ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡ଼ନାୟକ ଓ ନୟନ ଦେବ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ସୁନ୍ଦରଗଡ଼ର ଦିଶା ଏକାଦଶର ଖେଳାଳି ଗୌତମଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ରମଣି ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଗୌତମଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ମହାବୀର କ୍ଲବ୍‌ର ସମ୍ପାଦକ ରାଜେନ୍ଦ୍ର ଦବେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ଶାଶ୍ୱତ ନନ୍ଦ ଓ କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରୁଥିବା ଜଣାପଡ଼ିଛି।

ଝାରସୁଗୁଡ଼ାରେ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ, ବଢୁଛି ଦୁର୍ଘଟଣା

ପୂର୍ବତନ ବିଧାୟିକା ଦୀପାଳିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୨୩।୨(ସମିସ)

ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ ରକ୍ତମୁଖା ହୋଇଛି। ଏହି ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣାରେ ନିରୀହ ଜନସାଧାରଣଙ୍କ ଜୀବନ ଯାଉଛି। ରବିବାର ଏହି ରାସ୍ତା ରାଜ୍ୟର ୫ ଜଣ ପୁଲିସ କର୍ମଚାରୀଙ୍କ ପ୍ରାଣ ନେଇଛି। ଝାରସୁଗୁଡ଼ା ଜିଲ୍ଲା ବିଜେଡି ପକ୍ଷରୁ ପୂର୍ବରୁ ଅନେକ ଥର କେନ୍ଦ୍ର ସରକାରଙ୍କ ନିକଟରେ ଏହାର ସମାଧାନ ପାଇଁ ଦାବି କରାଯାଇଛି। ତେବେ ପୁନର୍ବାର ସୋମବାର ଝାରସୁଗୁଡ଼ା ବିଜେଡି ପକ୍ଷରୁ ଜିଲ୍ଲାର ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ଅଧକ୍ଷତାରେ ଏକ ଦଳ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ସଡକ ସୁରକ୍ଷା ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ସହିତ ଦୁର୍ଘଟଣା ଜନୀତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଜିଲ୍ଲାର ରାଜପଥ ଏବଂ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଅସୁରକ୍ଷିତ ହୋଇପଡ଼ିଛି। ବିଶେଷଭାବେ ଅନେକ ଭାରୀ ଶିଳ୍ପ ଯାନବାହାନ ଯୋଗୁଁ



ହେଉଥିବା ଦୁର୍ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଛି। ରବିବାର ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପରେ ଏହି ପ୍ରସଙ୍ଗ ଆହୁରି ତୀବ୍ର ହୋଇଛି। ଏହି ଦୁର୍ଘଟଣା ରାସ୍ତାରେ ରହିଥିବା ଅବ୍ୟବସ୍ଥାର ନଗ୍ନ ଚିତ୍ର ଦର୍ଶାଉଥିବା ସାରା ରାଜ୍ୟରେ ଚର୍ଚ୍ଚା ହେଉଛି। ଏହିରାସ୍ତାକୁ ୪ ଲେନ କରାଯିବା ନେଇ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଘୋଷଣା କେବଳ ଘୋଷଣାରେ ହିଁ ସୀମିତ ରହିଥିବା ପରିଲକ୍ଷିତ ହୋଇଛି। ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ହୋଇଥିବାରୁ ଏଠାରେ କୋଇଲା ଖଣି ଓ ଶତାଧିକ ଶିଳ୍ପ କାରଖାନା ଗଢ଼ି ଉଠିଛି। ଫଳରେ ସରକାରଙ୍କୁ ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି। ଝାରସୁଗୁଡ଼ାର ଏପରି ଆର୍ଥିକ ଅବଦାନ ସତ୍ତ୍ୱେ ଜିଲ୍ଲାର ଜନସାଧାରଣ ଏବଂ ଯାତ୍ରୀଙ୍କୁ ପ୍ରତିଦିନ ରାସ୍ତାରେ ମୃତ୍ୟୁ ସହ ସଂଗ୍ରାମ କରିବାକୁ ହେଉଛି। ଏହାର ନିରାକରଣ ନିମନ୍ତେ ଝାରସୁଗୁଡ଼ା ବିଜେଡି ପକ୍ଷରୁ ନିରାପଦ ଓ ସୁଗମ ପରିବହନ ପାଇଁ ପର୍ଯ୍ୟାପ୍ତ ସଡକ ଭିତ୍ତିଭୂମିର ଅଭାବ ଉପରେ ଗୁରୁତ୍ୱାରୋପ କରାଯାଇଛି। କୋଇଲା ଖଣି, ଶିଳ୍ପ ଗୃହ ଏବଂ ସହଯୋଗୀ ଶିଳ୍ପ ଦ୍ୱାରା ବ୍ୟବହୃତ ଭାରୀ ଯାନବାହାନ ଚଳାଚଳ ପାଇଁ ଏକ ପୃଥକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ସରକାରଙ୍କୁ ଏକ ପ୍ରସ୍ତାବ ଦାଖଲ କରିବାକୁ ମଧ୍ୟ ଦାବି କରାଯାଇଛି। ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୌରାଧକ୍ଷା ରାନୀ ହାତୀ, ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା, ସମସ୍ତ କାଉନସିଲର, ବରିଷ୍ଠ ବିଜେଡି ନେତା ସନ୍ଦିପ ଅବସ୍ଥି, ପ୍ରତାପ ନନ୍ଦ, ମଦନ ହାତୀ, ରବିନ ପାଣ୍ଡେ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ସରସତିଆକୁ ଜିଆଇ ଟ୍ୟାଗ୍ ପାଇଁ ଚାଲିଛି ଉଦ୍ୟମ

ସମ୍ବଲପୁରରେ 'ସରସତିଆ ଦିନ୍' ପାଳିତ

ସମ୍ବଲପୁର, ୨୩।୨ (ସମିସ)

ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ଫେବୃଆରୀ ୨୩ ତାରିଖ ପୂର୍ବାହ୍ନରେ ଦ୍ୱିତୀୟ ବର୍ଷ ପାଇଁ 'ସରସତିଆ ଦିନ୍' ପାଳିତ ହୋଇଯାଇଛି। କେଉଁ ଯୁଗରୁ ବର୍ଷକ ଥରେ ଶିବରାତ୍ରି ସମୟରେ ଗଞ୍ଜେର ଫୁଲ ମହାଦେବଙ୍କୁ ଲାଗି ହୋଇଥାଏ, ଗଞ୍ଜେର ରସରୁ ସରସତିଆ ତିଆରି ହେଉଥିବାରୁ ଶିବରାତ୍ରି ପରେ ପରେ 'ସରସତିଆ ଦିନ୍' ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା (ମିଞ୍ଛୁ କାକା) ଙ୍କ ଅନୁଯାୟୀ, ତାଙ୍କ ଅଜାଙ୍କଠାରୁ ଆରମ୍ଭ କରି ଚାରିପିଢ଼ି ଧରି ସେମାନେ ସରସତିଆ ପ୍ରସ୍ତୁତ କରିଆସୁଛନ୍ତି। ଗଞ୍ଜେର ବୋଲି ଏକ ଗଛର ରସରେ ଚାଉଳ ଚୂନା ଓ ଚିନି ଦେଇ ଏହାକୁ ପ୍ରସ୍ତୁତ କରାଯାଇଥାଏ। ୧୮୬୬ ମସିହାରେ ରାଜାରାଜୁଡ଼ା ସମୟରୁ ତାଙ୍କ ଦୋକାନରେ ସରସତିଆ ପ୍ରସ୍ତୁତ ହେଉଛି। ଗୋରା ଶାସନ ସମୟରେ ଏଠାକାର ଜଙ୍ଗଲ ରାସ୍ତାରେ ସେମାନେ ଯାଉଥିବାବେଳେ ଏହାକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଉଥିଲେ। ସରକାର ଶୀଘ୍ର ସରସତିଆକୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ଶ୍ରୀ ଗୁପ୍ତା ଦାବି କରିଛନ୍ତି। ଜିଆଇ ଟ୍ୟାଗ୍



ପାଇଲାପରେ ଭୁବନେଶ୍ୱର କିମ୍ବା ଅନ୍ୟ ସ୍ଥାନରେ ଏହାକୁ ପ୍ରସ୍ତୁତ କରିବା ପାଇଁ କହିଲେ ଆମେ ସହଯୋଗ କରିବୁ ବୋଲି ସେ କହିଛନ୍ତି।

ଲଳିତ ମୋହନ ବେବର୍ତ୍ତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓରମାସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସଞ୍ଜୟ ମହାପାତ୍ର, ସମାଜସେବୀ ଡ. ପ୍ରମୋଦ ରଥ, ସମ୍ବଲପୁରୀ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ଫଣୀନ୍ଦ୍ର ପଣ୍ଡା, ସଞ୍ଜିବ ପ୍ରସାଦ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଶ୍ରୀ ହୋତା ସରସତିଆକୁ ଜିଆଇ ଟ୍ୟାଗ୍ ସକାଶେ ପ୍ରକ୍ରିୟା ଜାରି ରହିଥିବା ସୂଚନା ଦେଇଥିଲେ। ଅତିଥିମାନେ ସମ୍ବଲପୁରର ପ୍ରସିଦ୍ଧ ମିଷ୍ଟାନ୍ନ ସରସତିଆ ବିଷୟରେ କହିବାସହ ଏହାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା (ମିଞ୍ଛୁ କାକା) ଓ ରେଖା ଗୁପ୍ତାଙ୍କ ସହ ପରିବାରର ଲୋକବନ୍ଧୁ ଗୁପ୍ତା, ବବଲି ଗୁପ୍ତା, ଗୌରହରି ଗୁପ୍ତା ଉପସ୍ଥିତ ଥିଲେ। ସରସତିଆକୁ ନେଇ ଏକ ବୁକ୍‌ଲେଟ୍ 'ସରସତିଆ ଦିନ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଚାରପ୍ରସାରରେ ସହଯୋଗ କରିଥିବା ଇନ୍‌ଫ୍ଲୁଏନ୍ସର ଓ ୟୁ-ଟ୍ୟୁବ୍ ମେକର୍ ସୌରଭ ବ୍ଲଗ୍ସ, ରାହୁଲ ମେହେର ବ୍ଲଗ୍ସ, କୃପାଭାଇ ବ୍ଲଗ୍ସ, ଡାଇନ୍ ୱିଥ୍ ବନ୍ଦନା, ସମ୍ବଲପୁରିଆ-ଆମେ, ସ୍ପନ୍ଦନ ବେହେରା, ଓଏସ୍‌ଏମ୍-ହିମୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଂଶୁ ଶେଖର ସାହୁ, ରାଜେଶ ସ୍ୱାଇଁ, ପ୍ରେମ ସାହାଣୀ, ଅମିତ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଜାମିନୀ ଠାକୁର, ଭୂମିସୁତା ମେହେର, ଲଳିତା ଭୋଇ, କାନ୍ତି ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାହୁଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

ମାଆର ମଲା ମୁଁହ ଦେଖିବାକୁ ଆସିଲେନି ଜନ୍ମକଲା ପୁଅଝିଅ

ସ୍ୱେଚ୍ଛାସେବୀ କଲେ ଅନ୍ତିମ ସଂସ୍କାର

କୁଚିଣ୍ଡା, ୨୩।୨(ସମିସ): ସମ୍ବଲପୁର ଜିଲ୍ଲା ବାମରା ନିକଟ କୁଲୁଟା ଠାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ମାଆଙ୍କ ମଲା ମୁଁହ ଦେଖିବାକୁ ଆସିଲେ ନାହିଁ ତାଙ୍କ ଜନ୍ମ କଲା ପୁଅଝିଅ। ଶେଷରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୁଲୁଟା ଗ୍ରାମର ଗୌରୀ କିସାନଙ୍କ ସାଗରା ଅଞ୍ଚଳରେ ବିବାହ ହୋଇଥିଲା। ତାଙ୍କ ୨ ପୁଅ ଓ ଜଣେ ଝିଅ ଅଛନ୍ତି। ଗତ ପ୍ରାୟ ୧୦ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ସହ ମନୋମାଳିନ୍ୟ ହେବାରୁ ସେ ନିଜ ମାଆଘର କୁଲୁଟାକୁ ଆସି ରହୁଥିଲେ। ସେ ଅତି ଗରିବ ଶ୍ରେଣୀର ଥିବା ବେଳେ ପାଖ ପଡୋଶୀଙ୍କ ଘରେ କାମ କରି ପେଟ ପୋଷୁଥିଲେ। ହେଲେ କିଛି ଦିନ ହେଲା



ସେ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବେଳେ ଗତ ଶନିବାର ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ପଡୋଶୀମାନେ ତାଙ୍କ ପୁଅ ଝିଅଙ୍କୁ ସୂଚନା ଦେଇ ଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ମାଙ୍କ ମଲାମୁଁହ ଦେଖିବା ପାଇଁ ତାଙ୍କ ପୁଅଝିଅ ଆସିନଥିଲେ। ଶେଷରେ ତାଙ୍କ ଭାଇ ତ୍ରିନାଥଙ୍କ ଅନୁରୋଧକ୍ରମେ ସ୍ୱେଚ୍ଛାସେବୀ ଶ୍ୟାମ ଦାସ, ପିର ଅନସାରି, ଯୁଧିଷ୍ଠିର ବାଗ, କିଶୋର ପଟେଲ୍ ଓ ମାଧବ ଠେମରିଆଙ୍କ ସହ ଅନ୍ୟମାନେ ମିଶି ଶବ ସତ୍କାର କରିଥିଲେ।

ରେଳବାଇ କର୍ମଚାରୀ ପୁରସ୍କୃତ



ସମ୍ବଲପୁର, ୨୩।୨ (ସମିସ) : ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ଦୁଇଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ଟେକ୍ନିସିଆନ୍-ଓ/ସି ଆଣ୍ଡ ଡବ୍ଲ୍ୟୁ/ ସରଲା ଦୟାନିଧି ବାଗ ଓ ଟ୍ରାକମ୍ୟାନ୍-ଓଓ/ ରେଙ୍ଗାଲି ନୀଳାମ୍ବର ନାଏକ। ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସିନିୟର ଡିଭିଜନାଲ ଇଞ୍ଜିନିୟର (ସମନ୍ୱୟ) ପ୍ରଭାତ ସିଂହ, ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ମାନେଶ୍ୱର ଶୁଣାଣିରେ ୨୩ ଅଭିଯୋଗ



ସମ୍ବଲପୁର, ୨୩।୨ (ସମିସ) : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣିରେ ମୋଟ ୨୩ଟି ଆବେଦନ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରେ ୧୮ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ରେଡକ୍ରସ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରାଗଲା। ମଧୁବାବୁ ପେନସନ ଯୋଜନା ଅଧୀନରେ ୧୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୨୩ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପ୍ରଧାନ କରାଯାଇଥିଲା।

୨୭ରେ ପଞ୍ଚମୁଖି ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ

ସମ୍ବଲପୁର, ୨୩।୨(ସମିସ): ଆସନ୍ତା ୨୭ ତାରିଖ ପଡ଼ିଆବାହାଲ ବଜାରପ୍ରାଙ୍ଗଣ ଠାରେ ନବନିର୍ମିତ ପଞ୍ଚମୁଖୀ ହନୁମାନ ମନ୍ଦିରର ପବିତ୍ର ରତ୍ନମୁଦ ମହୋତ୍ସବ ଅନୁଷ୍ଠିତ ହେବ। ଦିନ ସକାଳ ୯ଟା ଗତେ କଳସଯାତ୍ରା ଓ ୧୦ଟାରେ ଶ୍ରୀଶ୍ରୀଗଣେଶ ପୂଜା ଅନୁଷ୍ଠିତ ହୋଇ ଦିବା ଘ:୧.୧୫ରୁ ଘ:୨.୫୦ ମଧ ରତ୍ନମୁଦ ପୂର୍ଣ୍ଣ କରାଯିବ। କାର୍ଯ୍ୟକ୍ରମ ସହିତ ଉପସ୍ଥିତ ସମସ୍ତେ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ସମସ୍ତ ଭକ୍ତଜନ ଯୋଗଦେବାକୁ ପଡ଼ିଆବାହାଲ ଆଞ୍ଚଳିକ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

ଲାୟନ୍ସ କ୍ଲବ୍ ମହାନଦୀର ନୂତନ କମିଟି



ସମ୍ବଲପୁର, ୨୩।୨(ସମିସ): ଲାୟନ୍ସ କ୍ଲବ୍ ମହାନଦୀର ନୂତନ କମିଟି ୨୦୨୬-୨୭ ପାଇଁ ସଭାପତି ମୁକେଶ ଚୌହାନଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ନିର୍ବାଚନ ପକ୍ରିୟା ଚେୟାରମ୍ୟାନ ପ୍ରିତମ ଚୌହାନଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ସଭାପତି ଭାବେ ମୁକେଶ ଚୌହାନ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ଉମାଶଙ୍କର ଗୌଡ଼, ପ୍ରଥମ ଉପସଭାପତି ସୁଧୀର ତରିଆ, ଦ୍ୱିତୀୟ ଉପସଭାପତି ସୁରଜ ଚୌଧୁରି, ତୃତୀୟ ଉପସଭାପତି ଆକାଶ ପଟ୍ଟନାୟକ, ସର୍ଭିସ ଚେୟାର ପର୍ସନ ସୁଜିତ ଭଞ୍ଜ, ମେମ୍ବର ସିପ ଚେୟାର ପର୍ସନ ଗଗନ ମହାନ୍ତି, ମାର୍କେଟିଂ ଚେୟାର ପର୍ସନ ଅଶୋକ ପଟ୍ଟନାୟକ, ବୋର୍ଡ଼ ଅଫ ଡାଇରେକ୍ଟର ମନରଞ୍ଜନ ମଲିକ, ରବୀନ୍ଦ୍ର କୁମାର ସେଠି, ପ୍ରିତମ ଚୌହାନ, କ୍ଲବ୍ ଆଡମିନଷ୍ଟ୍ରେଟର ଉମାଶଙ୍କର ଗୌଡ଼ ଏବଂ ଲାୟନ୍ସର ବିଭିନ୍ନ ପଦପଦବୀରେ ଅନ୍ୟ ସଦସ୍ୟମାନେ ରହିଥିଲେ।

ଏଲ୍‌ଆଇସି ପକ୍ଷରୁ ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନ୍‌କୁ ବସ୍ ପ୍ରଦାନ

ସମ୍ବଲପୁର, ୨୩।୨ (ସମିସ) : ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଲ୍‌ଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନ ପ୍ରୟୋଜନାରେ ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନ, ସମ୍ବଲପୁର ରିଜନ୍‌କୁ ଏକ ୨୬ ସିଟ୍‌ର ବସ୍ ପ୍ରଦାନ କରାଯାଇଛି। ଏହି ବସ୍ ଦାନ ମାଧ୍ୟମରେ ଫାଉଣ୍ଡେସନ୍‌ର ସାମାଜିକ ସେବା, ଆଧ୍ୟାତ୍ମିକ ଉନ୍ନତି ତଥା ଏକ ନିଶାମୁକ୍ତ ସମାଜ ଗଠନର କାର୍ଯ୍ୟକଳାପରେ ଯାତାୟାତର ସୁବିଧା ସୁଦୃଢ଼ ହେବ। ଏହା ଏଲ୍‌ଆଇସିର ସମାଜ ସେବା ପ୍ରତି ପ୍ରତିବଦ୍ଧତା ଓ ଶିକ୍ଷା, ଆଧ୍ୟାତ୍ମିକ ଉନ୍ନତି ଏବଂ ସାମୁଦାୟିକ ବିକାଶ ପ୍ରତି ଦୃଢ଼ ସମର୍ଥନକୁ ପ୍ରତିବିମ୍ବିତ କରୁଛି।

ଏହି ଅବସରରେ ଏଲ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ବସ୍‌ର ଚାବିକାଠି ବ୍ରହ୍ମକୁମାରୀ ପାବନ ସରୋବର, ସମ୍ବଲପୁରରେ ଅଧ୍ୟକ୍ଷାଙ୍କୁ ହସ୍ତାନ୍ତର କରିଥିଲେ।



ତାଙ୍କ ସହିତ ଆଞ୍ଚଳିକ ପରିଚାଳକ (ଇସିଜେଡ୍) ମନୋଜ କୁମାର ପଣ୍ଡା, କ୍ଷେତ୍ରୀୟ ପ୍ରବନ୍ଧକ ରବିନାରାୟଣ ପୂଜାରୀ, ବିପଣନ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି ତଥା ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଲ୍‌ଆଇସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ସମାଜର ସାମଗ୍ରିକ ବିକାଶ ପାଇଁ ଏପରି ସେବାମୂଳକ ପଦକ୍ଷେପ ଭବିଷ୍ୟତରେ ମଧ୍ୟ ଜାରି ରହିବ। ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେସନର ପ୍ରତିନିଧିମାନେ ଏଲ୍‌ଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନକୁ ଏହି ମହତ୍ତ୍ୱପୂର୍ଣ୍ଣ ସହଯୋଗ ପାଇଁ ପ୍ରଶଂସା କରିଥିଲେ।

ସମ୍ବଲପୁର-ପୁରୀ ଓ ସମ୍ବଲପୁର-ରାୟଗଡ଼ା

ଟ୍ରେନ୍‌ରେ ନୂତନ ଏଲ୍‌ଏଚ୍‌ବି କୋଚ୍ ସଂଯୋଗ ନିଷ୍ପତ୍ତିକୁ ସ୍ୱାଗତ

ସମ୍ବଲପୁର, ୨୩।୨ (ସମିସ) : ସମ୍ବଲପୁର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବ ରେଳବାଇ। ବହୁଦିନ ହେଲା ଆଇସିଏଫ୍ କୋଚ୍ ବଦଳରେ ଏଲ୍‌ଏଚ୍‌ବି କୋଚ୍ ସଂଯୋଗ କରିବାକୁ ଦାବି ହେଇଆସୁଥିଲା। ଶେଷରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୨୫ ତାରିଖରୁ ସମ୍ବଲପୁର-ପୁରୀ ଓ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ଏହି ନୂତନ କୋଚ୍ ସଂଯୋଗ କରିବାକୁ ରେଳବାଇ ପକ୍ଷରୁ ପତ୍ର ସଂଖ୍ୟା ୫୨/୨୦.୨.୨୦୨୫ ଜରିଆରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅତି ପୁରୁଣା ବଗି ହେବାସହ ନିମ୍ନମାନର ହୋଇଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜନଦାବୀ ଓ ଚାପ ଫଳରେ ଶେଷରେ ଏଲ୍‌ଏଚ୍‌ବି (ଲିଙ୍କେ-ହୋଫ୍‌ମେନ୍-ବୁସ୍) କୋଚ୍ ଲାଗିବ, ଯାହାକି ଭାରତୀୟ ରେଳ ଦ୍ୱାରା ଆଧୁନିକ ପେସେଞ୍ଜର ଟ୍ରେନ୍ ମାନଙ୍କରେ ଲାଗିଥାଏ। ଏହା ଏଣ୍ଟି ଟେଲିସ୍କୋପିକ୍ ଟେକ୍ନୋଲୋଜିରେ ତିଆରି ଯଦ୍ୱାରା ଯାତ୍ରା ଆରାମଦାୟକ ହୋଇଥାଏ। ଆଇସିଏଫ୍ କୋଚ୍ ଗୁଡ଼ିକ ଅପେକ୍ଷା ଏଲ୍‌ଏଚ୍‌ବି କୋଚ୍ ଅଧିକ ଉନ୍ନତମାନର ହୋଇଥାଏ। ୨୦୦୦ ମସିହାଠାରୁ ପ୍ରଚଳିତ ଏହି ବଗିଗୁଡ଼ିକୁ ବର୍ତ୍ତମାନ ଏସ୍‌ଟମ୍ କୁହାଯାଉଛି। ସୁରକ୍ଷା ଦୃଷ୍ଟିରୁ ଉଚ୍ଚମାନର ଏହି ବଗି ଘଣ୍ଟାପ୍ରତି ଅଧିକ ବେଗରେ ଯାତାୟାତର କ୍ଷମତା ରହିଛି। ପୂର୍ବତନ ପ୍ରଶାସକ ସୀତାଂଶୁ ତ୍ରିପାଠୀ ରେଳବାଇର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଶ୍ରୀ ତ୍ରିପାଠୀ ଏହାକୁ କାର୍ଯ୍ୟକାରୀ କରିବାକୁ ବହୁବାର ସମ୍ବଲପୁର ଡିଆର୍‌ଏମ୍ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତକରି ଅନୁରୋଧ କରିଥିଲେ।

ଜମନକିରାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜମନକିରା, ୨୩।୨(ସମିସ): ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ (ଓୟୁଜେ) ଓ ଆରୋଗ୍ୟ ଭାରତୀ ଓଡ଼ିଶା ପଶ୍ଚିମପ୍ରାନ୍ତ ତଥା ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ, କ୍ରିଷ୍ଣା ବିକାଶ ହସ୍ପିଟାଲସ୍ ମିଳିତ ଆନୁକୂଲ୍ୟରେ ଜମନକିରା ସାମ୍ବାଦିକ ଭବନରେ ରବିବାର ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ସ୍ଥିତ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ, କ୍ରିଷ୍ଣା ବିକାଶ ହସ୍ପିଟାଲସ୍‌ର ଗୋଷ୍ଠୀ ସେବା ମୁଖ୍ୟ ଡ଼.ଅଜିତ୍ ନାଏକଙ୍କ ତତ୍ତ୍ୱାବଧାନରେ ଚର୍ମରୋଗ ଡ଼. ଦେବାଂଶୀ ସାରୱାଗୀ, ଭେଷଜ ଡ଼. ସୌରଭ ରାଠି, ଛାତି ଓ ଫୁସଫୁସ୍ ଡ଼. ଏନ୍ ଅତୁଲ୍ୟା, ଦନ୍ତ ରୋଗ ଡ଼. ମୌସୁମୀ ଦୁବେ, ଫିଜିଓଥେରାପି ଡ଼. ଅମନ ଦାସ, ଆହାର ଓ ତଥ୍ୟ ଡ଼. ଶ୍ରଦ୍ଧା ଶର୍ମା ତଥା ବରଗଡ଼ ବିକାଶ ହସ୍ପିଟାଲର ଷ୍ଟାଫ ନର୍ସ, ଟେକ୍ନିସିଆନ୍ ପ୍ରମୁଖ ୨୦ଜଣିଆ ଡାକ୍ତରୀ ଟିମ୍ ଯୋଗ ଦେଇଥିଲେ। ଜମନକିରା ବ୍ଲକ ଅଞ୍ଚଳର ପ୍ରାୟ ୪୩୦ ଜଣଙ୍କୁ ପଞ୍ଜିକୃତ ପରେ ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ପରିକ୍ଷା ପରେ ମାଗଣା ଔଷଧ ପ୍ରଦାନ କରାଯାଇ ଥିଲା। ଏଥିସହ ପ୍ରାୟ୨୦ ଜଣ ରୋଗୀଙ୍କୁ ଚକ୍ଷୁପରୀକ୍ଷା ସହ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଥିଲା। ସମସ୍ତ ମୋତିଆବିନ୍ଦୁ ରୋଗୀଙ୍କୁ ବରଗଡ଼ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଥିଲା। ସେଠାରେ ମାଗଣା ରେ ଚକ୍ଷୁ ରୋଗୀଙ୍କୁ ଲେନ୍ସ ରୋପଣ ସହ ଚଷମା, ଔଷଧ ପ୍ରଭୃତି ପ୍ରଦାନ କରାଯିବ। ଜମନକିରା ବ୍ଲକ ସାମ୍ବାଦିକ ୟୁନିଅନ୍ (ଓୟୁଜେ) ସଭାପତି କ୍ଷିତିରଞ୍ଜନ ପଧାନ, ସମ୍ପାଦକ ସନ୍ତୋଷ ପଟେଲ, ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ସଚ୍ଚିକାନ୍ତ ସାହୁ, ଜିଲ୍ଲା ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ସୁବାଷ ନାଥ ଶର୍ମା, ଅଶ୍ୱିନୀ ମହାକୁଲ, ସଞ୍ଜୟ ପଟେଲ, ଦାମୋଦର ନାଏକ, ଦ୍ରୌପଦୀ ପଧାନ ତଥା ଆରୋଗ୍ୟ ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଚିବ ଡ଼. କାର୍ତ୍ତିକେଶ୍ୱର ପଧାନ, କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ, ଦୀପକ ସାହୁ, ରାମ ନାରାୟଣ ସାହୁ, ଶ୍ରୀପତି ଦେହୁରୀ, ଦିଲିପ ବହିଦାର, ବିନୋଦ ଅର୍କ, ମୋତିଲାଲ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ପରିକ୍ଷା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଜିଲ୍ଲାର ନୂତନ ରେଙ୍ଗାଲି ଏନ୍‌ଏସିରେ ୧୪ ଓ ବାମରାରେ ୧୨ ୱାର୍ଡ ପ୍ରସ୍ତାବ

ସମ୍ବଲପୁର, ୨୩।୨ (ସମିସ) : ସମ୍ବଲପୁର ଜିଲ୍ଲାରେ କୁଚିଣ୍ଡା ଓ ରେଢ଼ାଖୋଲି ଦୁଇଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଥିବାବେଳେ ସରକାରଙ୍କ ଘୋଷଣା ଅନୁଯାୟୀ ଆଉ ଦୁଇଟି ଏନ୍‌ଏସି ରେଙ୍ଗାଲି ଓ ବାମରା ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଙ୍ଗାଲି ଓ ବାମରା ଏନ୍‌ଏସିର ଡ୍ରାଫ୍ଟ ନୋଟିଫିକେସନ୍ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ଯଥାକ୍ରମେ ୩୩୨୨ ଓ ୩୩୨୭ ଜରିଆରେ ପ୍ରକାଶ ପାଇଛି। ଏଥିଅନୁଯାୟୀ ରେଙ୍ଗାଲି ଏନ୍‌ଏସିରେ ଅନ୍ତର୍ଭୁକ୍ତ ଅଞ୍ଚଳକୁ ନେଇ ୧୪ଟି ୱାର୍ଡ ରହିଥିବାବେଳେ ବାମରା ଏନ୍‌ଏସିରେ ୧୨ଟି ୱାର୍ଡ ରହିଛି। ପ୍ରସ୍ତାବିତ ୱାର୍ଡ ସୀମା ନିର୍ଦ୍ଧାରଣ (ଡିଲିମଟେସନ୍ ଅଫ୍ ୱାର୍ଡ) ଏବଂ ଆସନ ସଂରକ୍ଷଣକୁ ନେଇ ଅଭିଯୋଗ ଏବଂ ପ୍ରସ୍ତାବ ଆହ୍ୱାନ କରାଯାଇଛି।

ସୂଚନା ଅନୁଯାୟୀ, ରେଙ୍ଗାଲି ଏନ୍‌ଏସିରେ ୱାର୍ଡ ନଂ.୧ ଲଛମନପଡ଼ା, ଡୁଙ୍ଗରିପଡ଼ା ଓ ଗଣେଶ ନଗରକୁ ନେଇ ହୋଇଥିବାବେଳେ ୱାର୍ଡ ୨ ସିଆନବାହାଲ ଓ ପନସପଡ଼ା, ୱାର୍ଡ ୩ ସାଲେପଡ଼ା ଓ ଜାମବାହାଲ, ୱାର୍ଡ ୪ ମହୁଲପଡ଼ା ବଡ଼ପଡ଼ା ଓ ରାମପଡ଼ା, ୱାର୍ଡ ୫ ପୁରୁଣାବସ୍ତି (କ), ୱାର୍ଡ ୬ ପୁରୁଣାବସ୍ତି (ଖ), ୱାର୍ଡ ୭ ମାଉଲିନଗର, ୱାର୍ଡ ୮ ଓରାମପଡ଼ା, ୱାର୍ଡ ୯ ଷ୍ଟେସନବସ୍ତି ଓ ଝଣ୍ଡା ଛକ, ୱାର୍ଡ ୧୦ ଗୌରପଡ଼ା ଓ ଭୀମନଗର, ୱାର୍ଡ ୧୧ ଝୁରିପଡ଼ା, ରାୟନପଡ଼ା ଓ ବାହାଲପଡ଼ା, ୱାର୍ଡ ୧୨ ଚାଉଲଡିପୋ (କ), ୱାର୍ଡ ୧୩ ଚାଉଲଡିପୋ (ଖ) ଏବଂ ୱାର୍ଡ ୧୪ ଗୋବର୍ଦ୍ଧନପଡ଼ା, କଲୋନୀପଡ଼ା ଓ ବ୍ଲକପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଏସ୍‌ଟି, ୩ ଏସ୍‌ଟି (ମହିଳା), ୪ ଏସ୍‌ଟି (ମହିଳା), ୫ ଅଣସଂରକ୍ଷିତ, ୬ ଏସ୍‌ଟି, ୭ ମହିଳା, ୮ ଅଣସଂରକ୍ଷିତ, ୯ ଅଣସଂରକ୍ଷିତ, ୧୦ ମହିଳା, ୧୧ ଏସ୍‌ଟି, ୧୨ ଅଣସଂରକ୍ଷିତ, ୧୩ ମହିଳା ଏବଂ ୧୪ ଏସ୍‌ଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ସଂରକ୍ଷଣକୁ ନେଇ ଆପତ୍ତି ଅଭିଯୋଗ କରାଗଲେ ପ୍ରଶାସନ ପକ୍ଷରୁ ତାହାର ବିଚାର କରାଯିବ।

ସେହିପରି ବାମରା ଏନ୍‌ଏସିରେ ୱାର୍ଡ ନଂ.୧ ମଝିପଡ଼ା, ଗୁଣ୍ଡିଚାପଡ଼ା ଓ ପୁରୁଣାବସ୍ତିକୁ ନେଇ ହୋଇଥିବାବେଳେ ୱାର୍ଡ ୨ ତାଲଡିହିପଡ଼ା, ଟିଡିସି ଗୋଦାମପଡ଼ା ଓ ପଶୁପଡ଼ା, ୱାର୍ଡ ୩ ମିଟୁପଡ଼ା ଓ ପଣ୍ଡରିପଥର, ୱାର୍ଡ ୪ ନୂଆପଡ଼ା ଓ ଗୌରପଡ଼ା, ୱାର୍ଡ ୫ ଡୁମେରମୁଣ୍ଡା, ଆମମୁଣ୍ଡା ଓ ବିଜୁ ଛକ, ୱାର୍ଡ ୬ ଷ୍ଟେସନବସ୍ତି, ଡେଲି ମାର୍କେଟ୍ ଓ ରେଲୱେ କଲୋନୀ, ୱାର୍ଡ ୭ ମନ୍ଦିରପଡ଼ା ଓ ଶିଶାଲ ଫାର୍ମ, ୱାର୍ଡ ୮ ରଜାବନ୍ଧପଡ଼ା, ହାତୀପଡ଼ା ଓ ଫରେଷ୍ଟ କଲୋନୀ, ୱାର୍ଡ ୯ ବ୍ଲକ କଲୋନୀ, ବସଷ୍ଟାଣ୍ଡ, ଦଲଦଲିଆପଡ଼ା ଓ ହାଇସ୍କୁଲପଡ଼ା, ୱାର୍ଡ ୧୦ ବଗିଚାପଡ଼ା, ମୁଣ୍ଡାଢ଼ିପା ଓ ବଜାରପଡ଼ା, ୱାର୍ଡ ୧୧ ଗଣେଶନଗର, ମଇନାପଡ଼ା ଓ ଖୋକୋପଡ଼ା ଏବଂ ୱାର୍ଡ ୧୨ ହରିପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଅଣସଂରକ୍ଷିତ, ୩ ମହିଳା, ୪ ଅଣସଂରକ୍ଷିତ, ୫ ଏସ୍‌ସି (ମହିଳା), ୬ ଅଣସଂରକ୍ଷିତ, ୭ ଅଣସଂରକ୍ଷିତ, ୮ ଏସ୍‌ଟି, ୯ ଏସ୍‌ଟି, ୧୦ ଏସ୍‌ଟି (ମହିଳା), ୧୧ ମହିଳା ଏବଂ ୧୨ ଏସ୍‌ଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ଏହାକୁ ନେଇ ପ୍ରଶାସନ ପକ୍ଷରୁ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି।

ମାଟ୍ରିକ ପରୀକ୍ଷାର ତୃତୀୟ ପତ୍ର

ସମ୍ବଲପୁର, ୨୩।୨ (ସମିସ)

ଗତ ୧୯ ତାରିଖରୁ ମାତୃଭାଷା ଓଡ଼ିଆ ସହ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଆୟୋଜିତ ପରୀକ୍ଷାର ଆଜି ଥିଲା ତୃତୀୟ ଦିନ। ମାଧ୍ୟମିକ ଶିକ୍ଷା ବୋର୍ଡର ସମ୍ବଲପୁର ଜୋନ୍ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ଆଜି ତୃତୀୟ ପତ୍ର ସଂସ୍କୃତ / ହିନ୍ଦୀ ପରୀକ୍ଷାରେ ୨୩୫୫ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୭୦୯ ଜଣ

ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାରୁ ୨୩୫୫ ଅନୁପସ୍ଥିତ

ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ପ୍ରଥମ ଦିନରୁ ହିଁ ସମ୍ବଲପୁର ଜୋନ୍‌ରେ ୨୩୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିଲେ। ଗତବର୍ଷ ମଧ ରାଜ୍ୟରେ ପଞ୍ଜିକରଣ କରିବାସହ ସମସ୍ତ ଯୋଗ୍ୟତା ପୂରଣ କରିଥିବା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ଆସିନଥିବା ଚର୍ଚ୍ଚା ପରିସରକୁ ଆସିଥିଲା। ଚଳିତବର୍ଷ ମଧ ଦାଦନପ୍ରବଣ କିଛି ଜିଲ୍ଲାରେ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇ ପରୀକ୍ଷା ସମୟରେ ମଧ ଆସିପାରିନଥିବା କୁହାଯାଉଛି। ଏନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଉଛି।

ସୋମବାର ପରୀକ୍ଷାର ତୃତୀୟ ପତ୍ରରେ ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ବଲପୁର ଜୋନ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ୧୧୪୯୮ ଜଣରୁ ୧୩୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଦେବଗଡ଼ ଜିଲ୍ଲାରେ ୪୦୫୭ ରୁ ୬୮, କଳାହାଣ୍ଡି ଜିଲ୍ଲାରେ ୨୧୧୦୩ ରୁ ୪୪୦, ବରଗଡ଼ ଜିଲ୍ଲାରେ ୧୭୬୩୬ ରୁ ୨୨୦, ସୁନ୍ଦରଗଡ଼ ଜିଲ୍ଲାରେ ୨୪୦୦୫ ରୁ ୩୧୭, ବଲାଙ୍ଗୀର ଜିଲ୍ଲାରେ ୨୩୪୯୧ରୁ ୭୦୯, ଝାରସୁଗୁଡା ଜିଲ୍ଲାରେ ୬୧୩୩ ରୁ ୧୦୬, ସୁବର୍ଣ୍ଣପୁର ଜିଲ୍ଲାରେ ୮୧୮୩ ରୁ ୧୫୩ ଏବଂ ନୂଆପଡ଼ା ଜିଲ୍ଲାରେ ୯୬୩୬ ରୁ ୨୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ଅନ୍ୟପକ୍ଷରେ ଆଜି ପଶ୍ଚିମର ୯ଟି ଜିଲ୍ଲାରୁ ପରୀକ୍ଷାରେ ଜଣେ ହେଲେ କପିକରି ଧରା ପଡ଼ିନଥିବା ସୂଚନା ମିଳିଛି।

ଆସନ୍ତା ୨୫ ତାରିଖରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ଶେଷଦିନ ମାର୍ଚ୍ଚ ୨ ତାରିଖରେ ଗଣିତ ପରୀକ୍ଷା ହେବ। ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ସହ ଲାଇଭ୍ ଷ୍ଟ୍ରିମିଂ ହେଉଥିବାବେଳେ ମାଧ୍ୟମିକ ଶିକ୍ଷା ବୋର୍ଡ କାର୍ଯ୍ୟାଳୟ, କଟକରୁ ତାହାକୁ ମନିଟରିଂ କରାଯାଉଛି। ପ୍ରଥମଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଜିଲ୍ଲା ଗୁଡ଼ିକର ନୋଡାଲ କେନ୍ଦ୍ର ମାନଙ୍କରେ ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ସିସିଟିଭି କ୍ୟାମେରା ସହ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି।

ସମ୍ବଲପୁର ଜିଲ୍ଲାରେ ପରୀକ୍ଷା ଦେଲେନି ୧୩୨

ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ମାଧ୍ୟମିକ ଶିକ୍ଷା ବୋର୍ଡର ମାଟ୍ରିକ ପରୀକ୍ଷାରେ ସୋମବାର ତୃତୀୟ ପତ୍ର ସଂସ୍କୃତ / ହିନ୍ଦୀରେ ସମ୍ବଲପୁର ଜିଲ୍ଲାରେ ୧୩୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସମ୍ବଲପୁର ଜିଲ୍ଲାରେ ୨୧୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ହେଉଛି। ଆଜି ମାଟ୍ରିକ ପରୀକ୍ଷାର ତୃତୀୟ ପତ୍ର ପରୀକ୍ଷାରେ ଜିଲ୍ଲାର ରେଗୁଲାର ଓ ଏକ୍ସ-ରେଗୁଲାର ୧୧୪୯୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୩୬୬ ଜଣ ପରୀକ୍ଷା ଦେଇଛନ୍ତି, ୧୩୨ ଜଣ ଅନୁପସ୍ଥିତ ଥିଲେ। ସେହିପରି କରେସ୍‌ପଣ୍ଡେନ୍ସ କୋର୍ସ (ସିସି) ପରୀକ୍ଷାରେ ୩୪ରୁ ୪ ଜଣ ଅନୁପସ୍ଥିତ ଥିବାବେଳେ ମଧ୍ୟମାରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀ ସମସ୍ତ ୪ ଜଣ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସମ୍ବଲପୁର ଜିଲ୍ଲାରେ କେହି ବି କପି କରି ଧରାପଡ଼ିନାହାନ୍ତି। ଆଜି ସୋମବାର ପରୀକ୍ଷା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ୭ଟି ଓ ୩ଟି କେନ୍ଦ୍ର ପରିଦର୍ଶନ କରିଥିବାବେଳେ ଡିଇଓ କାର୍ଯ୍ୟାଳୟ ସ୍କ୍ୱାଡ୍ ୭ଟି ଏବଂ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ ୭ଟି ଏହିଭଳି ମୋଟ ୨୪ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି।

ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ବୋର୍ଡ ସମ୍ପାଦକ

ସମ୍ବଲପୁର, ୨୩।୨ (ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶାର ସମ୍ପାଦକ ସରୋଜ ବେହେରା ଆଜି ସମ୍ବଲପୁର ଗସ୍ତରେ ଆସି ମାଟ୍ରିକର ତୃତୀୟ ପତ୍ର ପରୀକ୍ଷା ଚାଲିଥିବା ବେଳେ ୭ଟି କେନ୍ଦ୍ର ବୁଲି ଦେଖିଛନ୍ତି। ସେଗୁଡ଼ିକ ହେଲା - ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଲେଡିଲୁଇସ ଗାର୍ଲସ ହାଇସ୍କୁଲ, ଧନୁପାଲି ଶ୍ରୀଗଣେଶ ଗାର୍ଲସ ହାଇସ୍କୁଲ, ମାନେଶ୍ୱର ହାଇସ୍କୁଲ, ବଟେମୁରା ହାଇସ୍କୁଲ, ବରଗାଁ ହାଇସ୍କୁଲ ଓ ଯୁଯୋମୁରା ହାଇସ୍କୁଲ। ପରିଦର୍ଶନ ସମୟରେ ସମ୍ପାଦକ ଶ୍ରୀ ବେହେରା ନୋଡାଲ କେନ୍ଦ୍ରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଣ, ପରୀକ୍ଷା କେନ୍ଦ୍ର ମାନଙ୍କରେ ସିସିଟିଭି କ୍ୟାମେରା କଟକ ମୁଖ୍ୟାଳୟକୁ ସଂଯୋଗ, ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପରୀକ୍ଷା ହଲ୍‌ରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥା, ପିଲାମାନଙ୍କ ପାଇଁ ଶୁଦ୍ଧ ପାନୀୟ ଜଳଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା ସହ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ସଦସ୍ୟ ସୁଭାଶିଷ ସରକାର ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ସମ୍ପାଦକ ସରୋଜ ବେହେରା ଡିଇଓ ଶ୍ରୀ ଭୋଇ ଓ ଶ୍ରୀ ସରକାର ପରବର୍ତ୍ତୀ ପରୀକ୍ଷା ଗୁଡ଼ିକ ପାଇଁ ପ୍ରସ୍ତୁତି ଓ ପରିଚାଳନା ବିଷୟରେ ବିଶଦ ଭାବେ ଆଲୋଚନା କରି ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ।

■ ବିଦ୍ୟାଳୟ ଆଗରେ ମୁକୁଳା ଟ୍ରାନ୍ସଫର୍ମର

ସୁରକ୍ଷା ବାଡ଼ ନିର୍ମାଣ ଦାବି



ବରଗଡ଼, ୨୩।୨(ସମିସ): ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ ଅନ୍ତର୍ଗତ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ମୁକୁଳା ଟ୍ରାନ୍ସଫର୍ମରକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଦ୍ୟାଳୟ ପ୍ରବେଶଦ୍ୱାର ସମ୍ମୁଖରେ ଏହି ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଥିବାରୁ ପ୍ରତିଦିନ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ସ୍କୁଲ ଛୁଟି ସମୟରେ ପିଲାମାନେ ଖେଳିବା ସହିତ ଏହି ଅଞ୍ଚଳରେ ଭିଡ଼ ଲାଗୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି ବୋଲି ଅଭିଭାବକମାନେ କହିଛନ୍ତି। ବର୍ଷା ଋତୁରେ ପାଣି ଜମିଥିବା ସମୟରେ ଏହାର ବିପଦ ଆହୁରି ବଢ଼ିଯାଏ ବୋଲି ସ୍ଥାନୀୟମାନେ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରିପଟେ ଦୃଢ଼ ସୁରକ୍ଷା ବାଡ଼ ବ୍ୟବସ୍ଥା କରାଯିବା ସହ ସତର୍କତା ସୂଚନା ବୋର୍ଡ ଲଗାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଦନ୍ତା ଓ ଜିରା ନଦୀରୁ ବାଲି ଚୋରା ଚାଲାଣ

ରୋକିବାକୁ କଂଗ୍ରେସର ଦାବିପତ୍ର

ଭେଡେନ, ୨୩।୨(ସମିସ): ଭେଡେନ ବ୍ଲକ ଜିରା, ଦନ୍ତା ଓ ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ଜେସିବି ଲଗାଇ ହାଇୱାମାନଙ୍କରେ ବାଲି ଚୋରା ଚାଲାଣ କରାଯାଇ ଜିଲ୍ଲା ତଥା ରାଜ୍ୟ ବାହାରକୁ ଯାଉଛି। ଫଳରେ ଭବିଷ୍ୟତରେ ବାଲି ଅଭାବ ହେବା ସହ ଉଠାଜଳସେଚନ ପ୍ରକଳ୍ପକୁ ପାଣି ପହଞ୍ଚି ପାରୁ ନଥିବାରୁ ଚାଷ କାର୍ଯ୍ୟରେ ଚାଷୀଙ୍କୁ ସମସ୍ୟା ଦେଖା ଦେଉଛି। ଏଥିସହ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ମାନଙ୍କରେ ମଧ୍ୟ ଫାଟ ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ବାଲି ମାଫିଆଙ୍କ ଦବଙ୍ଗ ଗିରି ଓ ବାଲି ଚୋରା ଚାଲାଣ ବନ୍ଦ କରିବାକୁ ଦାବି କରି ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସହିତ ଭେଡେନ -ଲୁପୁରସିଂହା ଛକ ଦେଇ ବାଲି ଚୋରା ଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଲୁପୁରସିଂହା ସରପଞ୍ଚ ପ୍ରତାପ ହୋତାଙ୍କ ସମେତ ଅନେକ ଲୋକ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ମଧୁମେହ ବିଶେଷଜ୍ଞଙ୍କ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ସମାବେଶ

ଭବାନୀପାଟଣା, ୨୩।୨(ସମିସ)

ଭବାନୀପାଟଣା ଠାରେ ରିସର୍ଚ୍ଚ ସୋସାଇଟି ଫର୍ ଷ୍ଟଡିଜ୍ ଅଫ୍ ଡାଏବେଟିସ୍ ଇନ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ଚାପ୍ଟର୍ (ଆର୍‌ଏସ୍‌ଏସ୍‌ଡିଆଇ) ତରଫରୁ ହୋଟେଲ ଶ୍ରୀଜା ସେଣ୍ଟ୍ରାଲରେ ପ୍ରଥମଥର ପାଇଁ ଡାୟମିଟ୍-୨୦୨୬ ଶୀର୍ଷକ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ସମାବେଶ ଆୟୋଜିତ ହୋଇଥିଲା। ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ବିଭାଗର ଡାକ୍ତରଙ୍କୁ ମଧୁମେହ ସମ୍ପର୍କରେ ଆଲୋଚନା ତଥା ପାଠଚକ୍ର

୧୫୦ରୁ ଉର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ

କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ତଥା ସାମ୍ପ୍ରତିକ ଗବେଷଣାମୂଳକ ନୂତନ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ସଚେତନ କରିବାର ଲକ୍ଷ୍ୟ। ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଦେଶ ଶାଖାର ଅଧ୍ୟକ୍ଷ ପ୍ରଫେସର୍ ଡ.ରମେଶ କୁମାର ଗୋଏଙ୍କା, ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଡ.ସଞ୍ଜୟ ଦାସ, ଡ.ସୁରେଶ କୁମାର ବଂଶଲ, କାର୍ଯ୍ୟକ୍ରମର ସାଂଗଠନିକ ସମ୍ପାଦକ ଡ.ଦୀନବନ୍ଧୁ ସାହୁ, ସାଂଗଠନିକ ଅଧ୍ୟକ୍ଷ ଡ.ଜଗୁଲାଲ ଅଗ୍ରୱାଲ, ଶିକ୍ଷାବିତ୍ ଡ.ଉମେଶ ଚନ୍ଦ୍ର ଶତପଥୀ, ଶହୀଦ୍ ରେଣ୍ଡୋମାଝୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କ୍ରିଷ୍ଣା କର, ପ୍ରେଫେସର ଡ.ଶରତ ଚନ୍ଦ୍ର ସିଂ ପ୍ରମୁଖଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଫେସର ଡ.ଶରତ ଚନ୍ଦ୍ର ସିଂ, ଡାକ୍ତର ରାଜେଶ ମେହେର, ସିଦ୍ଧାର୍ଥ ପାଣିଗ୍ରାହୀ, ଶ୍ରୀକାନ୍ତ ଧର, ଡ.ଜୟନ୍ତ କୁମାର ପଣ୍ଡା, ଡ.ସନ୍ତୋଷ କୁମାର ସ୍ୱାଇଁ, ଡ.ଦୀପକ ରଞ୍ଜନ ଦାସ, ଡ.ଜିଆ ଉଲ୍ ହକ୍, ଡ.ବାସନ୍ତୀ ମେହେର, ପ୍ରଫେସର ଚନ୍ଦନ ଦାସ, ଡ.ସନ୍ଦୀପ ଦେବାଶିଷ ମିଶ୍ର, ଡ.ସତ୍ୟ ନାରାୟଣ କର ପ୍ରମୁଖ ବକ୍ତବ୍ୟ ରଖିଥିଲେ।ବହୁ ଅଭିଜ୍ଞ ଓ ବରିଷ୍ଠ ଭେଷଜ ବିଶେଷଜ୍ଞଙ୍କ ଗହଣରେ ମଧୁମେହ ସମ୍ପର୍କିତ ପ୍ରଶ୍ନୋତ୍ତର ମୂଳକ ଆଲୋଚନା ଉପସ୍ଥିତ ଅଂଶଗ୍ରହଣକାରୀ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଛି। ଜିଲ୍ଲାର ବରିଷ୍ଠ ଭେଷଜ ବିଶେଷଜ୍ଞ ଡ.ହରିଶ ଚନ୍ଦ୍ର ପ୍ରଧାନ ଏବଂ ଡା.କବିରାଜ ଚୌଧୁରୀଙ୍କୁ ମଧୁମେହ ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ମାନପତ୍ର, ଉପଢୌକନ ତଥା ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆର୍‌ଏସ୍‌ଏସ୍‌ଡ଼ିଆଇ, ଓଡ଼ିଶା ଷ୍ଟେଟ୍ ଚାପ୍ଟର ମୁଖ୍ୟ ଅଧ୍ୟକ୍ଷ ଡ.ଗୋଏଙ୍କା ତଥା ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଅନୁରୂପ ଭାବେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ବରିଷ୍ଠ ଡାକ୍ତର, ଆଇଏମ୍‌ଏର ଜିଲ୍ଲା ଶାଖା, ବେସରକାରୀ ଚିକିତ୍ସାଳୟ ତଥା ମଧୁମେହ ଓ ହୃଦ୍‌ରୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ଔଷଧୀୟ କମ୍ପାନୀଙ୍କ ସହାୟତାରେ ଆୟୋଜିତ ବିଶେଷଜ୍ଞ ସମ୍ମିଳନୀ ପ୍ରାରମ୍ଭରେ ଗୁରୁ ମଧୁସୂଦନ ମହାରଣାଙ୍କ ପରିଚାଳିତ 'ବନ୍ଦେ ଉତ୍କଳ ଜନନୀ' ଶୀର୍ଷକ ସଙ୍ଗୀତ ପରିବେଷଣ ତଥା ଜାତୀୟ ସଙ୍ଗୀତ ପରିବେଷଣରେ ଅନ୍ୟ କଣ୍ଠଶିଳ୍ପୀଙ୍କ ସହ ଅମ୍ଲାନ ଅଂଶୁମାନ, ଲିପ୍ସା ବାରିକ ତଥା ବେହେଲା ବାଦନରେ ଡା.ଦୀନବନ୍ଧୁ ସାହୁ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡ.ଦୀନବନ୍ଧୁ ସାହୁ ସମସ୍ତ ଅତିଥି ଅଭ୍ୟାଗତ, ଅଂଶୀଦାର ସମସ୍ତ ଡାକ୍ତର, ସାମ୍ବାଦିକ, ଶୁଭେଚ୍ଛୁମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ ସମସ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଡ.ଆଲିଶା ହୁସେନଙ୍କ ନେତୃତ୍ୱରେ ଅନ୍ତଃଚିକିତ୍ସକ ଡ.ଶ୍ରୀତମ, ଡ.ସଂଗ୍ରାମ, ଡ.ନୀଲମ, ଡ.ସନାତନ ଆଦିଙ୍କ ଦ୍ୱାରା ସଫଳତାର ସହ ସମ୍ପାଦିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ କରିଥିଲେ।



ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ବୁଣାକାର ମହାସଂଘ



ବରଗଡ଼, ୨୩।୨(ସମିସ): ସୋମବାର ଭୁବନେଶ୍ୱର ଲୋକ ଭବନଠାରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପତିଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରି ଆଲୋଚନା କରିଛନ୍ତି ଓଡ଼ିଶା ବୁଣାକାର ମହାସଂଘର କାର୍ଯ୍ୟକର୍ତ୍ତା। ଏହି ପରିପ୍ରେକ୍ଷୀରେ ଅନେକ ବିକାଶ ମୂଳକ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ସାକ୍ଷାତ ସମୟରେ ବୟନିକା ଡାଇରେକ୍ଟର ସଞ୍ଜୟ ମେହେର, ପୂର୍ବତନ ବିଜେଡି ସାଂସଦ ପ୍ରଭାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଧାନବିକ୍ରି ଓ ଟୋକନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭେଡେନ, ୨୩।୨(ସମିସ): ଭେଡେନ ଅଞ୍ଚଳର ହଜାରେ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଆସି ନଥିବାରୁ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡ଼ିରହିଥିବାରୁ ଚାଷୀମାନେ ଆଜି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ନିୟମ ମୁତାବକ ସମସ୍ତ କାଗଜପତ୍ର ଅଗଷ୍ଟ ୨୫ ତାରିଖ ମଧ୍ୟରେ ଦେଇ ପଞ୍ଜିକରଣ କରିବା ପାଇଁ ଜଣାଇଥିଲେ। ହେଲେ ବ୍ୟବସ୍ଥାର ଜଟିଳତା କାରଣରୁ ପଞ୍ଜିକରଣ ହୋଇ ପାରିଲାନାହିଁ। ଅନେକ ଆନ୍ଦୋଳନ କରିବା ପରେ ନଭେମ୍ବର ୨୦ ତାରିଖ ଦିନ ବିଧାୟକ ନିହାର ମହାନନ୍ଦ ଆସି ୪୮୦୫ ଚାଷୀଙ୍କ ଟୋକନ ଆସିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଟୋକନ ଆସିନାହିଁ, ଧାନ କ୍ରୟ ନ ହୋଇ ଖୋଲା ଆକାଶ ତଳେ ଅସୁରକ୍ଷିତ ଭାବରେ ସହରାଟିକ୍ରା ମଣ୍ଡିରେ ପଡ଼ିଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ତାହାର କ୍ଷତି ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ସେମାନେ କ୍ଷୋଭର ସହ କହିଥିଲେ। ଏହାର ତୁରନ୍ତ ସମାଧାନ କରି ଧାନ କିଣିବା ବ୍ୟବସ୍ଥା କରିବାକୁ ଯାମଡୋଲ ଗ୍ରାମର ଚାଷୀ ବିମଳ ସାହୁଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

ନିଳୀମା ସାହୁଙ୍କ ପରଲୋକ

ବରଗଡ଼, ୨୩।୨(ସମିସ): ସ୍ୱର୍ଗତ ବରିଷ୍ଠ ଆଇନଜୀବୀ ନୀଳମାଧବ ସାହୁଙ୍କ ଧର୍ମପତ୍ନୀ ନିର୍ମଳ ପ୍ରଭା ସାହୁଙ୍କ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମସ୍ତିଷ୍କଘାତ ରୋଗରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ଶିବେନ୍ଦ୍ର(ପିଙ୍କୁ), ପୁତ୍ରବଧୂ ପ୍ରୀତି, ସାନ ପୁଅ ନୋଟାରୀ ଓ ଓକିଲ ଦେବେନ୍ଦ୍ର(ଡିଙ୍କୁ) ଓ ଅନାମିକା (ରେଖା), ନାତି ବିଶାଲ ଓ ନାତୁଣୀ ଲାଡଲି, ଝିଅ ପିଙ୍କି, ନାତି ମୟୂର ଓ ଆୟୁଷ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ସ୍ଥିତ ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ବଡ ପୁଅ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଓକିଲ ସଂଘ ସଭାପତି ଭିଷ୍ମଦେବ ସରାଫ, ସମ୍ପାଦକ ଲଲାଟେନ୍ଦୁ ବେହେରା, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ସ୍ଥାନୀୟ କାଉନସିଲର ଉମାଚରଣ ରାଉତ (ଡୁଲୁ), ପୂର୍ବତନ ପୌର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, କରଣ ସମାଜ ସଭାପତି ନେତ୍ରାନନ୍ଦ ପୁରଷେଠ ଓ ସମ୍ପାଦକ ହରିନାରାୟଣ ପଟ୍ଟନାୟକ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।



ମାଣ୍ଡୋସିଲରେ ଶିବ ଜୟନ୍ତୀ



ପାଇକମାଲ, ୨୩।୨(ସମିସ): ପାଇକମାଲ ବ୍ଲକ ମାଣ୍ଡୋସିଲ ଗୀତା ପାଠଶାଳା ମାଉସୀ ମନ୍ଦିରରେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ପାଇକମାଲ ସେଣ୍ଟର ବ୍ରହ୍ମାକୁମାରୀ ଝୁନା ଭଉଣୀ, ସନ୍ଧ୍ୟା ଭଉଣୀଙ୍କ କରକମଳରେ ଶିବଙ୍କର ଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ଦୀପ ପ୍ରଜ୍ୱଳନ ପୂର୍ବକ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ସମାଜସେବୀ ମହେନ୍ଦ୍ର ଖୁଣ୍ଟିଆ, ବ୍ରହ୍ମକୁମାର ଅଶୋକ ଭାଇ, ଗଣେଶ ଭାଇ, ମାଣ୍ଡୋସିଲର ସମସ୍ତ ଭାଇଭଉଣୀ ଉପସ୍ଥିତ ଥିଲେ।

ବୁର୍ଲା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୋକସଭା

ସମ୍ବଲପୁର, ୨୩।୨ (ସମିସ) : ବୁର୍ଲା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏବଂ ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକଙ୍କ ବିୟୋଗରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱର୍ଗତ ଡା. ପାଣିଗ୍ରାହୀଙ୍କ ଜଗନ୍ନାଥ ମନ୍ଦିର ପ୍ରତି ରହିଥିବା ଆନ୍ତରିକତା ଏବଂ ଅବଦାନକୁ ସ୍ମରଣ କରାଯାଇଥିଲା। ଏହାସହିତ ସେ ଜଣେ ଉତ୍ତମ ଚିକିତ୍ସକ ଏବଂ ତାଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶାର ଅନେକ ରୋଗୀ ଉପକୃତ ହୋଇ ଆସୁଥିଲେ। ଏହାସହିତ ଅନୁଷ୍ଠାନର ଉନ୍ନତି ଏବଂ ପ୍ରଗତି ପାଇଁ ସେ ଅନେକ କାମ କରିଥିଲେ। ସେ ବିଧାୟିକା ରହିଥିବା ସମୟରେ ବୁର୍ଲା ଜଗନ୍ନାଥ ମନ୍ଦିରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପନ୍ନ କରିବା ସହିତ ମନ୍ଦିର ପରିଚାଳନା କମିଟିର ସଭାପତି ମଧ୍ୟ ରହିଥିଲେ। ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକ କମିଟିର ପ୍ରଥମ ସମ୍ପାଦକ ଏବଂ ସଂଗଠକ ଥିଲେ। ତାଙ୍କର ଅଗାଧ ପରିଶ୍ରମ ଜଗନ୍ନାଥ ମନ୍ଦିର ପରିକଳ୍ପନା ଏବଂ ମନ୍ଦିର ନିର୍ମାଣରେ ତାଙ୍କର ସହଯୋଗ ଅତିମାତ୍ରାରେ ରହିଥିଲା। ପ୍ରାରମ୍ଭରେ ମନ୍ଦିର କମିଟି ସଦସ୍ୟମାନେ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ସଭାପତି ପ୍ରମୋଦ ଦାଶ, ସମ୍ପାଦକ ଶିବ ନାରାୟଣ ପୁରୋହିତ, ନଳିନୀପ୍ରଭା ଗୌଡ଼, ରଣଜିତ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ଶତପଥୀ, ଶଶାଙ୍କ ଶେଖର ପଣ୍ଡା, ବିଶ୍ୱଜିତ ଶତପଥୀ, ରବୀନ୍ଦ୍ର ନାୟକ, ବିଜୟ କୁମାର ପଣ୍ଡା, ନେପୋଲେଶ୍ୱର ମହାପାତ୍ର, ଡାକ୍ତର ବ୍ରଜମୋହନ ମିଶ୍ର, ଜୀବନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଦୁର୍ଘଟଣାରେ ବରିଷ୍ଠ ରାଜସ୍ୱ ସହାୟକଙ୍କ ମୃତ୍ୟୁ

ନୂଆପଡ଼ା, ୨୩।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ବୁଧୁରାମ ନାଏକ (୫୪)ଙ୍କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ଗତ ୧୭ ତାରିଖ ଦିନ ସ୍ୱର୍ଗତ ନାଏକ ନିଜ ନୂଆପଡ଼ା ସ୍ଥିତ ବାସଗୃହରୁ ବାହାରିବା ବେଳେ ନୂଆପଡ଼ାରୁ ହଂସପୁରୀ ଯିବା ରାସ୍ତାରେ ଏକ ବାଇକ ତାଙ୍କୁ ଜୋର ଧକ୍କା ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯିବା ପରେ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲେ ସୁଦ୍ଧା ତାଙ୍କ ଚେତା ଫେରି ନଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହେବା ନେଇ ଆଜି ଜଣା ପଡ଼ିବାପରେ ଜିଲ୍ଲାର କର୍ମଚାରୀ ଓ ଅଧିକାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ଆଜି ତାଙ୍କର ମର ଶରୀର ନିଜସ୍ୱ ପୈତୃକ ଗ୍ରାମ ନୂଆପଡ଼ା ବ୍ଲକ ଅନ୍ତର୍ଗତ ଧନୋରାରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଯାଇଛି। କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପବିତ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ତାଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରା ଯାଇଥିଲା। ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ (ଜାନ)ତରଫରୁ ସମସ୍ତ କାର୍ଯ୍ୟକର୍ତ୍ତା ଶୋକ ବ୍ୟକ୍ତ କରିଛନ୍ତି।

କୋକସରା-ଚିଲିଗୁଡା ରାସ୍ତାରେ ଟ୍ରକ୍ ଦୁର୍ଘଟଣା; ୨ ଗୁରୁତର

କୋକସରା, ୨୩।୨ (ସମିସ) : ସୋମବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥରେ କୋକସରା-ଚିଲିଗୁଡା ରାସ୍ତାରେ ଦୁର୍ଘଟଣା ଘଟିଛି। ପାଇପ୍ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଛିଲିପାମଲା ଗ୍ରାମର ଚିନୁ ନାଗ(୧୯) ଓ ଚିଲିଗୁଡା ଗ୍ରାମର ଉପେନ୍ଦ୍ର ହଂସ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଚିନୁ ଓ ଉପେନ୍ଦ୍ର ଚିଲିଗୁଡାରୁ ବାଇକ୍ ଯୋଗେ କୌଣସି କାମ ପାଇଁ କୋକସରା ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପାଇପ୍ ବୋଝେଇ ଟ୍ରକ୍ ନଂ-ଟିଏନ୍ ୫୨ଏଇ-୯୫୧୪ସେମାନଙ୍କ ବାଇକ୍‌କୁ ମୁହାଁ ମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ଚିନୁ ନାଗ ପାଇପ୍ ଭିତରେ ଫସିଯାଇଥିବା ବେଳେ ଉପେନ୍ଦ୍ର ରାସ୍ତାରେ ଛିଟିକି ପଡ଼ିଥିଲେ। ଖବର ପାଇ କୋକସରା ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟରେ ଉଦ୍ଧାର କରିଥିଲେ। ଉଦ୍ଧାର କରି ଉଭୟ ଗୁରୁତରକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। କୋକସରା ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିବା ଜଣାପଡ଼ିଛି।



ଜାତୀୟ ହୁଇଲ ଚେୟାର କ୍ରିକେଟ କପ୍

ଆନ୍ଧ୍ରପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିଅନ୍



ବରଗଡ଼, ୨୩।୨(ସମିସ): ବରଗଡ଼ ଜିଲ୍ଲା ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ସମୀର ଦିବ୍ୟାଙ୍ଗ ସହାୟତା ଟ୍ରଷ୍ଟ ଆନୁକୂଲ୍ୟରେ ବରଗଡ଼ ପାୱାର ଅଫ୍ ଦିବ୍ୟାଙ୍ଗସ୍ ସହଯୋଗରେ ବହ୍ନିକନ୍ୟା ପାର୍ବତୀ ଗିରି ଟି-୨୦ ଜାତୀୟ ହୁଇଲ ଚେୟାର କ୍ରିକେଟ କପ୍ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚରେ ଆନ୍ଧ୍ରପ୍ରଦେଶ ଦିବ୍ୟାଙ୍ଗକୁ ହରାଇ ଓଡ଼ିଶା ଦିବ୍ୟାଙ୍ଗ ଚାମ୍ପିଅନ୍ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦଙ୍କ ପ୍ରତିନିଧି ବିରେନ୍ଦ୍ର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ପାୱାର ଅଫ ଦିବ୍ୟାଙ୍ଗସ୍ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲା, ମୁଖ୍ୟ ଟ୍ରଷ୍ଟି କିର୍ତ୍ତନ ଦାସ, ଟ୍ରଷ୍ଟି ସଦସ୍ୟ ଏଡଭୋକେଟ ଦ୍ୟୁତିଶ ଚନ୍ଦ୍ର ଆଚାର୍ଯ୍ୟ, ଦିବାକର ମାଝୀ, ଜସ୍ୱିର ସିଂ, ମାମି ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, କିଶୋର ଚନ୍ଦ୍ର ଦେବତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ବରୋଦା (ଗୁଜରାଟ) ଦିବ୍ୟାଙ୍ଗ ଦଳଗୁଡିକ ଅଂଶଗ୍ରହଣ କରିଥିଲେ। ଏଥିରେ କୋଶଳ ଡିଫେନ୍ସ ଏକାଡେମୀର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

ୱାଇଏମ୍‌ସିଏ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି


ମେଲଛାମୁଣ୍ଡା, ୨୩।୨(ସମିସ): ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ସନିମାଲ ହାଇସ୍କୁଲ ପଡ଼ିଆଠାରେ ଚଳିତ ଫେବୃଆରୀ ମାସ ୨୭ ତାରିଖ ଠାରୁ ଆରମ୍ଭ ହେବ ୱାଇଏମସିଏ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସନିମାଲ କ୍ରିକେଟ କ୍ଲବ୍‌ର ସଭାପତି ସୁନୀଲ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ଏକ କମିଟି ଚୟନ ହୋଇଛି। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ଭାବରେ ସୁନୀଲ ରାଉତ ଓ ଉପସଭାପତି ଭାବରେ ହେମନ୍ତ କୁଅଁରଙ୍କୁ ମନୋନୀତ କରାଯାଇଛି। ନିପୁ ଦାଶ ସମ୍ପାଦକ ଓ ସହସମ୍ପାଦକ ଭାବରେ ରିପନ୍ ଭୋଇ, କୋଷାଧ୍ୟକ୍ଷ ଭାବରେ ପ୍ରେମାନନ୍ଦ ବରିହା ମନୋନୀତ ହୋଇଛନ୍ତି। ସରୋଜ ବରିହା, ମଣ୍ଟୁ ସାହୁ, ବିକାଶ ଶିଖା, ପ୍ରକାଶ ଶିଖା, ଅମୃତ ବରିହା, ରମଣୀ ବରିହା, ଅକ୍ଷୟ ମଲ୍ଲିକ, ଅପୁ ଦାଶ, ବବୁଲୁ ସାହୁ, ଲକ୍ଷ୍ମୀକାନ୍ତ ଭୋଇ ଓ ବାଦଲ ବରିହା ପ୍ରମୁଖ ପରିଚାଳନା କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଆସନ୍ତା ୨୭ ତାରିଖ ଠାରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ତିନିଦିନ ଧରି ଟୁର୍ଣ୍ଣାମେଣ୍ଟ ହେବାକୁ ଥିବାବେଳେ ଏଥିରେ ଜିଲ୍ଲାର ୧୬ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିବେ ବୋଲି ସଭାପତି ସୁନୀଲ ରାଉତ ସୂଚନା ଦେଇଛନ୍ତି।

ଆନ୍ଧ୍ରରେ ଦାଦନ ଶ୍ରମିକ ବନ୍ଧକ

ଫେରାଇ ଆଣିବାକୁ ପରିବାର ପ୍ରଶାସନର ଦ୍ୱାରସ୍ଥ

ଧର୍ମଗଡ଼, ୨୩।୨(ସମିସ)

କଳାହାଣ୍ଡି ଜିଲ୍ଲାରେ ଦାଦନ ସମସ୍ୟା ଦିନକୁ ଦିନ ଗମ୍ଭିର ହେବାରେ ଲାଗିଛି।ବର୍ତ୍ତମାନ ଦୁଇ ଦାଦନ ଶ୍ରମିକ ବନ୍ଧକ ଥିବା ଖବର ସାମ୍ନାକୁ ଆସିଛି। ଏପରିକି ପରିବାର ପକ୍ଷରୁ ଦୁଇ ଦାଦନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ ଓ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି। ଦାଦନ ଶ୍ରମିକ ମଧ୍ୟରେ ଜୁନାଗଡ଼ ବ୍ଲକ କଲେର ଗାଁର ନରେନ୍ଦ୍ର ନାଏକ(୨୪) ଓ ଗୋଲାମୁଣ୍ଡା ବ୍ଲକ ସିନାପାଲି ଗ୍ରାମର ପ୍ରେମରାଜ ନାଏକ(୪୫) ହୋଇଥିବା ଜଣାପଡ଼ିଛି। ସୂଚନାମତେ ଦୁହେଁ ଗତ ମେ ମାସ ୨୦୨୫ରେ ପେଟ ପାଟଣା ପାଇଁ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଯାଇଥିଲେ। ହେଲେ ଯିବା ବାଟରେ କିଛି ଆନ୍ଧ୍ରପ୍ରଦେଶର ଗୁପି ଅନ୍ନପା, ଆଞ୍ଜୀ ଓ ସୁରେଶ ନାମକ ବ୍ୟକ୍ତିମାନେ କାମ ଯୋଗାଇ ଦେବାକୁ କହି ସେଠାରୁ ନେଇ ଯାଇ ଏକ ମହାଜନ ପାଖରେ ଛାଡି ଦେଇଥିଲେ। ସେହି ବ୍ୟକ୍ତି ଜଣକ ବନ୍ଧକ ରଖି ଜବରଦସ୍ତ ମାଛ ମାରିବା କାମରେ ନିୟୋଜିତ ରଖି ଦୁଇଙ୍କ ନୀତି ଦିନ ନିର୍ଯାତନା ଦେଇ ଆସୁଛନ୍ତି। କୌଣସି ଉପାୟ ନ ପାଇ ଦୁହେଁ ମୁଣ୍ଡ ନୁଆଇଁ କେବଳ ଗଣ୍ଡେ ଖାଇ ରହି ଆସୁଛନ୍ତି। ଏହି ଘଟଣା ସମ୍ପର୍କରେ ପରିବାରକୁ ଦୁହେଁ ଜଣାଇ ଥିବା ବେଳେ ଉଦ୍ଧାର କରିବାକୁ ଗୁହାରି କରିଛନ୍ତି। କୌଣସି ସଠିକ ଠିକଣା କହି ପାରୁ ନ ଥିଲେ ମଧ୍ୟ ବିଜୟବାଡା ଆନ୍ଧ୍ରପ୍ରଦେଶ ରହିଥିବା ଅନୁମାନ କରାଯାଏ। ଯାହା ସାମସେଲା, ଆନ୍ଧ୍ରପ୍ରଦେଶ -ନେଲିରୁ ପାଖ ସମୁଦ୍ର ପାଖରେ ମାଛ ମାରିବା କାମ ରେ ନିୟୋଜିତ ଥିବା ଜଣାପଡେ। ଏନେଇ ପରିବାର ଲୋକ ଜିଲ୍ଲାପାଳ, ଧର୍ମଗଡ଼ ଉପଜିଲ୍ଲାପାଳ, ଜିଲ୍ଲା ଶ୍ରମିକ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପରିବାର କହନ୍ତି। ଏକ ସମ୍ବେଦନଶୀଳ ଘଟଣା ପ୍ରତି ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରୁ ନଥିବା ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।ତୁରନ୍ତ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ସାଧାରଣରେ ଦାବି ହୋଉଛି।



ଝାରବନ୍ଧ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ଝାରବନ୍ଧ, ୨୩।୨(ସମିସ): ଝାରବନ୍ଧ ଡିଗ୍ରୀ କଲେଜର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଜୀବନରେ ଶିକ୍ଷା ସହିତ ଶୃଙ୍ଖଳା, ପରିଶ୍ରମ ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇଆଇଏମ ସମ୍ବଲପୁରର ପ୍ରଫେସର ଡ. ସୁଜିତ କୁମାର ପୃଷେଠ ଉପସ୍ଥିତ ଥିଲେ। କଲେଜର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ଏମସିଏଲସିଏସଆର ଫଣ୍ଡରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଶ୍ରେଣୀ ଗୃହର ସାଂସଦ ପୁରୋହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅତିଥି ପରିଚୟ ଅଧ୍ୟାପକ ସାର୍ତ୍ତିକ ସାହୁ ଦେଇଥିବା ବେଳେ ମଞ୍ଚ ପରିଚାଳନା ଅଧ୍ୟାପିକା ଋିତାଞ୍ଜଳୀ ଗୁରୁ କରିଥିଲେ। ଝାରବନ୍ଧ ଅଞ୍ଚଳର ବୁଦ୍ଧିଜୀବୀ ହରିହର ସାହୁ, ଡାକ୍ତର ମୋହନ ପ୍ରସାଦ ନାୟକ, ଜଗଦୀଶ ସାହୁ, ସତ୍ୟମ ପ୍ରଧାନ, ନନ୍ଦକିଶୋର ଅଗ୍ରୱାଲ, ରାମକୃଷ୍ଣ ପ୍ରଧାନ, ନନ୍ଦକିଶୋର ଅଗ୍ରୱାଲ, ପଦ୍ମନ ରଣା, ଦୁର୍ଗା ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଗଗନ ବିହାରୀ ଡନସନା, ନବୀନ ମେହେର, ଡ. ଖ୍ୟାତିମୟ ତ୍ରିପାଠୀ, ମୁକେଶ ବାଗ, ଚନ୍ଦ୍ରମଣି ବାଗ ଅଧ୍ୟାପିକା ଯାଜ୍ଞସେନୀ ନାୟକ, କୁନି ସାହା, ରଶ୍ମି ମହାଲିଙ୍ଗଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପିକା ମିନପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ।



ହରଗୌରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବାରିକପୁର,୨୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନପଙ୍ଗ ପଞ୍ଚାୟତ ବାଙ୍କମୁହାଁଠାରେ ହରଗୌରୀ ମନ୍ଦିରର ଶୁଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୈତରଣୀ ନଦୀରୁ ଘଟ ଉତ୍ତୋଳନ ପରେ ଶହଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପରେ ପୀଠରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ରୁଦ୍ର ମଙ୍ଗଳ ପୂଜା, ଭକ୍ତ ମଣ୍ଡଳ ପୂଜା, ସ୍ନାନ, ଷୋଡ଼ଶ ଉପଚାର ପୂଜା ସହିତ ହରଗୌରୀଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ପୂଜକ ନିମାଇଁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟତମ ପୂଜକ ଜ୍ଞାନରଞ୍ଜନ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, ଶ୍ରୀଧର ପଣ୍ଡା, ନରେନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ। ସଂକଳ୍ପ କର୍ତ୍ତା ଭାବେ ଦିଲ୍ଲୀପ କୁମାର ଧଳ ଓ ରାଜଶ୍ରୀ ଧଳ ଦାୟିତ୍ୱ ନିର୍ବାହ କରିଥିବାବେଳେ ଦୁଇ ଦିନ ଧରି ଚାଲିଥିବା ଉତ୍ସବକୁ ପ୍ରଦୀପ କୁମାର ଧଳ, ରଞ୍ଜିତ କୁମାର ଧଳ, ବିରେନ୍ଦ୍ର ଧଳ, ମନୋରଞ୍ଜନ ରାୟ, ବାଉରୀବନ୍ଧୁ ଜେନା, ଦୁଃଶାସନ ଧଳଙ୍କ ସମେତ ଗ୍ରାମବାସୀମାନେ ପରିଚାଳନା କରିଥିଲେ। ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

୪ ବର୍ଷ ବି ଗଲାନି ଯୋଜନା

କାମରେ ନ ଲାଗୁଣୁ ନଷ୍ଟ ହେବାକୁ ବସିଲାଣି

ବନ୍ତ/ଆଗରପଡ଼ା,୨୩।୨(ସମିସ)





ସରକାର ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନାମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ୧ ଲକ୍ଷ ଟଙ୍କା ବ୍ୟୟରେ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଗୋଟିଏ ଗୋଟିଏ ଆବର୍ଜନା ପୃଥକୀକରଣ କେନ୍ଦ୍ର ନିର୍ମାଣ କରାଯାଇଥିଲା। କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏହା କାମରେ ଲାଗି ନ ପାରି କେବଳ ଶୋଭାବର୍ଦ୍ଧନ କରି ଶେଷରେ କେଉଁଠି ନଷ୍ଟ ହେବାକୁ ବସିଲାଣି ତ ଆଉ କେଉଁଠି ଗୁଳ୍ମ ଘେରରେ ରହି ତା'ର ଅସ୍ତିତ୍ୱ ହରାଇଲାଣି। କହିବାକୁ ଗଲେ କର୍ପୂର ଉଡ଼ିଯାଉଛି କିନ୍ତୁ କନା ପଡ଼ିରହି ଯୋଜନାକୁ ମନେ ପକାଉଛି।

ନିର୍ମାଣ ସମୟରେ ସୁନ୍ଦର ରଙ୍ଗ କାମକୁ ୩ଟି ଅଲଗା ଅଲଗା କୋଠରି ନିର୍ମାଣ କରାଯାଇଥିବା ବେଳେ ନିର୍ମିତ କେନ୍ଦ୍ରର କାନ୍ଥ ଚାରିପଟେ ଏହାର ଉପଯୋଗିତା ଉପରେ ବ୍ୟଙ୍ଗ ଚିତ୍ର ମଧ୍ୟ ଅଙ୍କାଯାଇଥିଲା। କିନ୍ତୁ ନିର୍ମାଣକୁ ବହୁ ଦିନ ବିତିଯାଇଥିଲେ ସୁଦ୍ଧା ଏହା କାମରେ ଲାଗି ପାରୁ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ପଞ୍ଚାୟତରେ ନିର୍ମିତ କେନ୍ଦ୍ର ବଜାର ଅଞ୍ଚଳରେ ହୋଇଥିବାରୁ ବଜାର ଅଞ୍ଚଳ ସ୍ୱଚ୍ଛ ରହିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ କୁଣ୍ଡ ପଡ଼ିଛି ଫାଙ୍କା କିନ୍ତୁ ବାହାରେ ଗଦା ଗଦା ଅଳିଆ ପଡ଼ି ପରିବେଶକୁ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳୁଛି। ପ୍ରକଳ୍ପ ନିର୍ମାଣ ହେଉଛି କିନ୍ତୁ ଏହାର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରକଳ୍ପର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ପ୍ରକଳ୍ପକୁ ଦେଖିଲେ ସ୍ପଷ୍ଟ ବାରିହୋଇ ପଡୁଛି। ଯେପରିକି ଛୟାଳସିଂହ ପଞ୍ଚାୟତର ଛୟାଳସିଂହ ଗ୍ରାମରେ ନିର୍ମିତ କେନ୍ଦ୍ରର ଅଧା ଛାତ(ଆଜ୍‌ବେଷ୍ଟସ) ଉଡ଼ିଯାଇଥିବା ଦେଖାଯାଇଥିଲା କିନ୍ତୁ ଏହାର କୌଣସି ମରାମତି କରା ନ ଯିବାରୁ ଏହା ବର୍ତ୍ତମାନ ଛାତବିହିନ ହୋଇ ନିଜ ଅସ୍ତିତ୍ୱ ହରାଇ ପଡ଼ିରହିଛି। ଏହା ନିକଟରେ ବର୍ତ୍ତମାନ ବିଭାଗ ପକ୍ଷରୁ ଅନ୍ୟ ପ୍ରକଳ୍ପମାନ ନିର୍ମାଣ ହେଉଛି କିନ୍ତୁ ଉକ୍ତ ପ୍ରକଳ୍ପ ଅଛୁଆଁ ହୋଇ ପରିଚୟ ଖୋଜୁଛି। ସରକାରଙ୍କ ଅର୍ଥକୁ ବିଭାଗୀୟ ଅଧିକାରୀମାନେ କିପରି ଅପବ୍ୟବହାର କରୁଛନ୍ତି ଉକ୍ତ ଯୋଜନାରୁ ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ପରିବେଶକୁ ସରସସୁନ୍ଦର କରିବା ସହ ଆବର୍ଜନାମୁକ୍ତ କରିବା ପାଇଁ ଆବର୍ଜନା ପୃଥକୀକରଣ କେନ୍ଦ୍ରଗୁଡ଼ିକ ପୂରା ନଷ୍ଟ ହେବା ଆଗରୁ ତାକୁ କାର୍ଯ୍ୟକ୍ଷମ କରିବା ସହ ଅଳିଆ କୁଣ୍ଡ ତା'ର ପ୍ରକୃତ ଲକ୍ଷ୍ୟ କିପରି ସାଧିତ କରିପାରିବ ବିଭାଗୀୟ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

କର୍ପୂର ଉଡ଼ିଯାଇଛି; କନା ପଡ଼ିରହି ଯୋଜନାକୁ ମନେ ପକାଉଛି

କେନାଲ ରାସ୍ତା ନବୀକରଣ ଦାବି



ବାରିକପୁର,୨୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବେଲଗଡ଼ିଆ ସ୍କୁଲଠାରୁ ଖରିଗଡ଼ିଆ ଛକ ଯାଏଁ କେନାଲ ରାସ୍ତାଟି ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ପାଲଟିଛି। ଧାମନଗର ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟିର ନବୀକରଣ ତ ଦୂରର କଥା ଏଯାଏଁ ମରାମତି ଟିକେ ହୋଇପାରୁ ନାହିଁ। ପ୍ରାୟ ୩ କିମି ବିଶିଷ୍ଟ ଉକ୍ତ ରାସ୍ତାରେ ଦୈନିକ ଶତାଧିକ ସାଇକଲ ଓ ବାଇକ୍ ଯାତାୟାତ କରିଥାଏ। ସ୍ଥାନୀୟ ନୂଆପୋଖରୀଠାରୁ ଆରମ୍ଭ କରି ସନ୍ତରାପଡ଼ା, ବେଲଗଡ଼ିଆ, ରହଣିଆ, ରାଣୀଗଡ଼ିଆ, ଖରିଗଡ଼ିଆ, କୁରିଗାଁ, ନାଉରୀଗଡ଼ିଆ ପ୍ରମୁଖ ଗ୍ରାମର ଜନସାଧାରଣମାନେ ଏହି ରାସ୍ତାରେ ସକାଳୁ ସଞ୍ଜ ଯାଏଁ ଗମନାଗମନ କରିଥାନ୍ତି। ଦୀର୍ଘ ବର୍ଷ ପୂର୍ବରୁ ଏହା ଉପରେ ମେଣ୍ଟାଲ ଓ ମୋରମ୍ ମୁଠେ ପଡ଼ିଥିବାବେଳେ ତାହା ଏବେ ଉଠି ଗଲାଣି। ପରିସ୍ଥିତି ଏଭଳି ହୋଇଛି ଯେ କେନାଲ ରାସ୍ତାରେ ଗର୍ତ୍ତମାନ ସୃଷ୍ଟି ହୋଇ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାସ୍ତାରେ ମେଣ୍ଟାଲ ଏଭଳି ବିକ୍ଷିପ୍ତ ଭାବରେ ପଡ଼ିଛି ଯେ, ବାଇକ୍ ଆରୋହୀ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣାର ଶିକାର ହେଉଛନ୍ତି। ପାଦରେ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ତେଣୁ ରାସ୍ତାଟିର ନବୀକରଣ ପାଇଁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି। ଏନେଇ ସହକାରୀ ଯନ୍ତ୍ରୀ ନାରଣ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଯଥାଶୀଘ୍ର ନବୀକରଣ ହେବ ବୋଲି ସୂଚନା ଦେଇଛନ୍ତି।

ଶ୍ରୀଚୈତନ୍ୟଙ୍କ ଭବ୍ୟ ନବକଳେବର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ଦୋବଲ,୨୩।୨(ସମିସ): ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ଜୟନ୍ତିରାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉତ୍ସବକୁ ଭବ୍ୟ ରୂପେ ପାଳନ ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହାନୁଷ୍ଠାନ ଆୟୋଜିତ ହେବ। ୨୪ ତାରିଖରେ ବେଦୀ ପ୍ରସ୍ତୁତି, ମଣ୍ଡଳ ରଚନା ଓ ୨୪ ପ୍ରହରୀ ନାମ ସଙ୍କୀର୍ତ୍ତନର ଶୁଭାଧିବାସ କାର୍ଯ୍ୟକ୍ରମ ରହିଛି। ୨୫ରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଚୈତନ୍ୟଙ୍କ ନାମରେ ବହି ଉନ୍ମୋଚନ, ଯଜ୍ଞାରମ୍ଭ ଓ ଅଙ୍କୁର ପୂଜା କାର୍ଯ୍ୟ ସମ୍ପନ୍ନ ହେବ। ୨୬ ତାରିଖରେ ନୂତନ ବିଗ୍ରହର ପ୍ରାଣ ପ୍ରତିଷ୍ଠା, ବୈଷ୍ଣବ ସମ୍ମିଳନୀ ଓ ପୁରୁଣା ବିଗ୍ରହଙ୍କ ପାତାଳୀ କାର୍ଯ୍ୟ ହେବ। ୨୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଓ ୨୮ ତାରିଖରେ ସାଧୁସନ୍ଥ ସମ୍ମିଳନୀ, ନଗର ପରିକ୍ରମା ସହିତ ଉତ୍ସବ ସମାପନ ହେବ। ସୂଚନା ଅନୁସାରେ, ପ୍ରାୟ ୪୦୦ ବର୍ଷ ପୂର୍ବରୁ ଏହି ମଠରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବିଗ୍ରହର ପୂଜାର୍ଚ୍ଚନା ହୋଇଆସୁଥିଲା। ଦୀର୍ଘବର୍ଷ ଧରି ବିଗ୍ରହ ନଷ୍ଟ ହୋଇଯାଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଏହି ମହାନୁଷ୍ଠାନର ଆୟୋଜନ କରାଯାଇଛି। ଏହି ମହାନୁଷ୍ଠାନକୁ ବରଦା ପ୍ରସାଦ ମହାପାତ୍ର ନେତୃତ୍ୱ ଅନୁଷ୍ଠିତ ହେବ।

ଇତିହାସ ଅନୁସାରେ ୧୫୨୬ ମସିହାରେ ସ୍ଥାନୀୟ ବଂଶୀଧର ଗୋସ୍ୱାମୀଙ୍କ ଦ୍ୱାରା ଚୈତନ୍ୟ ମଠଟି ସ୍ଥାପିତ ହୋଇଥିଲା। ପୁରୀ ଯାତ୍ରା ସମୟରେ ଚୈତନ୍ୟ ମହାପ୍ରଭୁ ଏଠାରେ ବିଶ୍ରାମ ନେଇଥିବାରୁ ଏହା ''ଚୈତନ୍ୟ ମଠ' ନାମରେ ପରିଚିତ ହୋଇଥିଲା।



ଗୌରାଙ୍ଗ ଦେବଙ୍କ ନାମାନୁସାରେ ଗ୍ରାମଟି ''ଗୌରାଙ୍ଗପୁର' ଭାବେ ପରିଚିତ। ପ୍ରତ୍ୟେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ପଶ୍ଚିମବଙ୍ଗରୁ ହଜାର ହଜାର ଶ୍ରଦ୍ଧାଳୁ ପହଞ୍ଚିବା ଆଶା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା, ପାନୀୟ ଜଳ ଓ ବିଦ୍ୟୁତ୍ ସରବରାହ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଏହି ପ୍ରସ୍ତୁତି ବୈଠକରେ ଘନଶ୍ୟାମ ଦାସ ଗୋସ୍ୱାମୀ, ବିନୋଦ ନାୟକ, କୁଳମଣି ବେହେରା, ମନୋରଞ୍ଜନ ମହାପାତ୍ର, ହରିହର ଦାଶ, ସନ୍ତୋଷ ଦାଶ ଅଧିକାରୀ, ବିଜୟ ଦାଶ, ତପନ କୁମାର ଦାଶ, ଦଶରଥ ଦାଶ, ଚିନ୍ମୟ ଦାଶ, ସୁରେନ୍ଦ୍ର ଦାଶ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ନାହିଁ ନାହିଁରେ ଚାଲିଛି ପିଏମ୍‌ଶ୍ରୀ ବିଦ୍ୟାଳୟ

ବାରିକପୁର,୨୩।୨(ସମିସ): ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଯୋଜନା ଅନ୍ତର୍ଭୁକ୍ତ ଭଣ୍ଡାରିପୋଖରୀ ବ୍ଲକ୍‌ର ଏକମାତ୍ର ପିଏମ୍‌ଶ୍ରୀ ରହଣିଆ ହାଇସ୍କୁଲଠାରେ ଅନେକ ସମସ୍ୟା ଦେଖାଯାଉଛି। ନାହିଁ ନାହିଁରେ ବିଦ୍ୟାଳୟଟି ଅନେକ ଦିନ ହେବ ଚାଲିଛି। ଅସ୍ଥାୟୀ ରଙ୍ଗୀନ ତୋରଣ ମଧ୍ୟରେ ପିଏମ୍‌ଶ୍ରୀ ନାଁ ଅନୁଯାୟୀ ବର୍ଷରେ କେତୋଟି ଅତ୍ୟାଧୁନିକ ଉତ୍ସବ ଓ ନାଚଗୀତକୁ ଛାଡ଼ିଦେଲେ ଏଯାଏଁ ବିଦ୍ୟାଳୟରେ ଲାଗି ରହିଥିବା ବହୁବିଧ ସମସ୍ୟା ଦୂର ହୋଇନାହିଁ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ୩୬୮ ପିଲା ଅଧ୍ୟୟନ କରୁଛନ୍ତି। ସର୍ବନିମ୍ନ ଶ୍ରେଣୀଗୃହ ଅଭାବ ରହିଥିବାବେଳେ ପିଲାମାନଙ୍କ ପାଇଁ ଖେଳ ପଡ଼ିଆଟିଏ ନାହିଁ। ଇଚ୍ଛା ଥିବା ସତ୍ତ୍ୱେ ଖେଳ ପଡ଼ିଆ ନ ଥିବା ହେତୁ ଅଭ୍ୟାସ ବିନା ଛାତ୍ରଛାତ୍ରୀମାନେ କ୍ରିକେଟ, ଫୁଟ୍‌ବଲ ତଥା ଅନ୍ୟାନ୍ୟ ଲୋକପ୍ରିୟ କ୍ରୀଡ଼ାରେ ନିଜର ପ୍ରତିଭା ପ୍ରତିପାଦନ କରିପାରୁ ନାହାନ୍ତି। ବ୍ଲକ୍ କିମ୍ବା ଜିଲ୍ଲାସ୍ତରୀୟ କ୍ରୀଡ଼ାରୁ ବିଦ୍ୟାର୍ଥୀମାନେ ବଞ୍ଚିତ ହେଉଛନ୍ତି। ସେହିଭଳି ଆଧୁନିକ ରୋଷେଇ ଘର ନ ଥିବାରୁ ୨୦ ବର୍ଷ ତଳର ପୁରୁଣା ଜରାଜୀର୍ଣ୍ଣ ଘରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଅତ୍ୟାଧୁନିକ ଶୌଚାଳୟ, ସାଇକଲ ଷ୍ଟାଣ୍ଡ, ପ୍ରାର୍ଥନାସ୍ଥଳୀ, ଅଡିଟୋରିୟମ୍ ମଧ୍ୟ ନିର୍ମାଣ ହୋଇନାହିଁ। ପରିଚାଳନା କମିଟି ଏନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଶିକ୍ଷା ବିଭାଗଠାରୁ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଏତେଗୁଡ଼ାଏ ସମସ୍ୟା ରହିଥିବାବେଳେ କେବଳ ପିଏମ୍‌ଶ୍ରୀ ନାଁ ଅନୁଯାୟୀ ବିଦ୍ୟାଳୟ ପରିଚାଳନାରେ ଯଥାର୍ଥତା ନାହିଁ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।



କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଚକାଡୋଳା ୱାରିୟର ଚାମ୍ପିଅନ



ବନ୍ତ/ଆଗରପଡ଼ା,୨୩।୨(ସମିସ): ଆଗରପଡ଼ା ନିକଟସ୍ଥ ମୌଦାଠାରେ ନେତାଜୀ ଯୁଥ୍ କ୍ଲବ୍ ପକ୍ଷରୁ ମୌଦା ପ୍ରିମିୟର ଲିଗ୍ ସିଜିନ୍-୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଚକାଡୋଳା ୱାରିୟର୍ ସହିତ ଯବାନ ସୁପରକିଙ୍ଗ୍ ମଧ୍ୟରେ ହୋଇଥିଲା। ସମାଜସେବୀ ତଥା ଆଦର୍ଶ ଶିକ୍ଷକ ପ୍ରଭାତ ନାୟକ, ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଚକାଡୋଳା ୱାରିୟରକୁ ଚାମ୍ପିଅନ ଟ୍ରଫି ଓ ଯବାନ ସୁପର କିଙ୍ଗ୍‌କୁ ରନର୍ସଅପ୍ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଯବାନ ନାୟକ, ରଞ୍ଜିତ ରାଉତ, ଶ୍ରୀତମ୍ ଚନ୍ଦ, ଅରୁଣ ଜେନା, ମୁନା ଜେନା, ମିଥୁନ୍ ଜେନା, ବିଜୟ ଜେନା, ରାଜକିଶୋର ଜେନା, ମିହିର ନାୟକ, ପ୍ରବୀର ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ମଣ୍ଟୁ ପାଣିଗ୍ରାହୀ ଓ ଅରୁଣ କୁମାର ଜେନା ମ୍ୟାଚ୍ ପରିଚାଳନା କରିଥିଲେ।

ଧର୍ମପରାୟଣ ମହିଳା ଦେବକୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଦୋବଲ,୨୩।୨(ସମିସ): ଧାମନଗର ବ୍ଲକ୍ ଦୋବଲ ନିକଟସ୍ଥ ନନ୍ଦୀପୁର ଗ୍ରାମର ଧର୍ମପରାୟଣ ମହିଳା ଦେବକୀ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ବିଜେଡି ନେତା ପ୍ରଦୀପ ମଲ୍ଲିକ, ବ୍ଲକ୍ ଯୁବ ସଭାପତି ଭାରତ ବିଜୟ ଦଳାଇ, ଯୁବ ନେତା ସୁଶାନ୍ତ ରାଉତ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କିଶାନ କୁମାର ରାଉତ, ସୁଧାକର ଦାସ, ସରୋଜ ସେଠୀ, ସୁଦୀପ୍ତ ଖଟୁଆ, ଗୌରାଙ୍ଗ ଦାସ, ସଞ୍ଜିବ ମହାନ୍ତି, ପ୍ରଶାନ୍ତ ସାହୁ, ବିଶ୍ୱଜିତ୍ ସାହୁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଦେବକୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ନିଶି ପ୍ରହରୀ ଅନୁଷ୍ଠିତ ହୋଇଥିଲା।

ନାମକୁ ମାତ୍ର କେନାଲ ପାଣି; ରବି ଫସଲ ପାଇଁ ଚାଷୀ ହନ୍ତସନ୍ତ

୧୭ ହଜାର ହେକ୍ଟର ଜମିରେ ମାଡୁନି ଜଳ

ବାରିକପୁର,୨୩।୨(ସମିସ):



ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ କେନାଲ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ବ୍ଲକ୍‌ର ମଞ୍ଜୁରୀ ରୋଡ଼୍‌ଠାରୁ ଆରମ୍ଭ କରି ଆଖୁଆପଦା ଓ ବିଷ୍ଣୁପୁରଠାରୁ ଆରମ୍ଭ କରି ମାଳଦା ଅଞ୍ଚଳ ଯାଏଁ କେନାଲ ରହିଛି। ଶାଳପଡ଼ା ଓ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଜିଲ୍ଲାର ଅର୍ଦ୍ଧାଧିକ ଭାଗରେ କେନାଲ ଜଳ ପରିଚାଳନା ହୋଇଥାଏ। ବର୍ଷା ଦିନେ ଜଳ ପରିଚାଳନା ଆପାତତଃ ଠିକ୍‌ଠାକ୍ ରହୁଥିବାବେଳେ ରବି ଫସଲ ବେଳକୁ କେନାଲ ପାଣିର ଅଭାବ ଦେଖାଯାଉଛି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଦୁଇ ଚାରି ଦିନ ମୁଖ୍ୟ କେନାଲରେ ପାଣି ଟିକିଏ ଛାଡ଼ି ଦେଇ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। କେନାଲ ପାଣି ଚାଷୀଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଆନିକଟରେ କବାଟ ବନ୍ଦ ହୋଇଯାଉଛି। ସମ୍ପ୍ରତି ଜମିରେ ରବି ଫସଲ କରିବା ପାଇଁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ଡାଲି ଜାତୀୟ ମୁଗ ଓ ବିରି ଚାଷ ପାଇଁ ଜମିରେ ବିହନ ବୁଣା ପରେ ଏବେ କ୍ଷେତରେ ଗଛ ଉଠିଛି। ଠିକ୍ ସମୟରେ ଜମିରେ କେନାଲ ପାଣି ପହଞ୍ଚିପାରୁ ନାହିଁ। କେନାଲଗୁଡ଼ିକ ଏକପ୍ରକାର ଶୁଖିଲା ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଖାପାଖି ୧୭ ହଜାର ହେକ୍ଟର ଚାଷ ଜମିକୁ ରବି ଋତୁରେ କେନାଲ ପାଣି ମାଡୁ ନାହିଁ। ଏବେ ସୁଦ୍ଧା ଶାଳଣିଆ ଜଳସମ୍ପଦ ବିଭାଗ ଅଧୀନସ୍ଥ କେନାଲଗୁଡ଼ିକରେ ପାଣି ଆସି ନ ଥିବାବେଳେ ଆଖୁଆପଦା ଜଳସମ୍ପଦ ଅଧୀନସ୍ଥ କେନାଲଗୁଡ଼ିକରେ ନାମକୁ ମାତ୍ର ପାଣି ଆସି କେବେଠାରୁ ବନ୍ଦ ହୋଇ ଗଲାଣି। ଫଳରେ ଯେଉଁ ଚାଷୀମାନେ ମୁଗ, ବିରି ବୁଣିଛନ୍ତି ସେମାନେ ଏବେ ହଇରାଣ ହେବା ଯାହା ସାର ହୋଇଛି।

ଏପରିକି କେନାଲ ପାଣି ବିନା ପନିପରିବା ଚାଷ ମଧ୍ୟ ଅନେକ ପ୍ରଭାବିତ ହେଉଛି। କେତେକ ଜାଗାରେ କେନାଲ କାମ ହେଉଥିବା ଯୋଗୁଁ ପାଣି ଆସୁ ନ ଥିବାବେଳେ ଆଉ କେତେକ ଜାଗାରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀମାନେ କେନାଲ ଜଳରୁ ବଞ୍ଚିତ ହୋଇଛନ୍ତି। କେବଳ ଠିକାଦାରଙ୍କ ଖୁସି ପାଇଁ ଏଭଳି ହେଉଥିବା ବିଭିନ୍ନ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ୍ ସମେତ କେନାଲ ବ୍ୟବସ୍ଥା ଥିବା ଭଦ୍ରକ, ଧାମନଗର ଓ ବନ୍ତ ବ୍ଲକ୍‌ରେ ମଧ୍ୟ ଏଭଳି ଅବସ୍ଥା ଲାଗି ରହିଛି। ସରକାର ଜଳ କର ବାବଦରେ ଚାଷୀଙ୍କଠାରୁ ବର୍ଷକୁ ବର୍ଷ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିବାବେଳେ ଜମିରେ କେନାଲ ପାଣି ନ ପହଞ୍ଚିବା ପରିତାପର ବିଷୟ ପାଲଟିଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ଜଳସମ୍ପଦ ବିଭାଗ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

ବ୍ୟାସନଗରରେ ପୁଣି ଲଜ୍ଜା

ପୁଣି ୧୫ ବର୍ଷୀୟ ନାବାଳିକା ଗର୍ଭବତୀ

ବ୍ୟାସନଗର,୨୩।୨(ସମିସ): ବ୍ୟାସନଗରରେ ପୁଣି ଲଜ୍ଜା। ଗୋଟିଏ ମାସରେ ଏହି ସହରରେ ୨ ଜଣ ନାବାଳିକା ଗର୍ଭବତୀ ହେବା ଭଳି ଖବର ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ଯେ ଗତ କିଛି ଦିନ ତଳେ ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ କୋପଣ୍ଡ ଗ୍ରାମର ମହନ୍ତ ସାହିରେ ଜନୈକା ନାବାଳିକା ମା' ହେବା ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ଏହି ମାମଲାରେ ପୁଲିସ ତଦନ୍ତ ଆରମ୍ଭ କରି ମୁଖ୍ୟ ଅଭିଯୁକ୍ତ ପଦ୍ମନାଭ ଶତପଥୀ, ବେଆଇନ ଭାବେ ନାବାଳିକାର ପିଲା ଜନ୍ମ କରାଇଥିବା ଘରୋଇ ମେଡିକାଲର ମାଲିକ ମନୋଜ କୁମାର ନାୟକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତ ଡାକ୍ତର ଏଯାଏଁ ଫେରାର ରହିଛନ୍ତି। ତେବେ ଏହି ମାମଲାରେ ପୁଲିସ ସମ୍ପୃକ୍ତ ହସ୍ପିଟାଲରେ କାର୍ଯ୍ୟରତ ଷ୍ଟାଫ୍ ନର୍ସ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଇ ବୟାନ ରେକର୍ଡ କରୁଥିବା ବେଳେ ଆଗକୁ ଅନେକ ଦିଗକୁ ନେଇ ତଦନ୍ତ ଚଳାଇଛି। ଏପରି ସ୍ଥିତିରେ ସମ୍ପୃକ୍ତ ନାବାଳିକା ମା' ହେବା ପୂର୍ବରୁ କେଉଁଠି ତାଙ୍କର ଅଲଟ୍ରାସାଉଣ୍ଡ କରାଇଲେ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋମବାର ସହରର ସାପଗଡିଆ ଅଞ୍ଚଳରେ ଜନୈକ ୧୫ ବର୍ଷୀୟ ନାବାଳିକା ଗର୍ଭବତୀ ଥିବା ଖବର ସହରବାସୀଙ୍କୁ ସ୍ତବ୍ଧ କରିଦେଇଛି। ତେବେ ସୂଚନା ମୁତାବକ ସମ୍ପୃକ୍ତ ନାବାଳିକା ପରିବାର ପ୍ରତିପୋଷଣ ନିମନ୍ତେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ କିଏ ଏପରି ଘୃଣ୍ୟ କାର୍ଯ୍ୟ କରିଛି ତାକୁ ନେଇ ଅନେକ ଲୋକ ଭିନ୍ନ ଭିନ୍ନ କଥା କହୁଛନ୍ତି। ତେବେ ଖବରପାଇ କୋରେଇ ସିଡିପିଓ ଶାନ୍ତିଲତା ବେଶରା ଘଟଣାସ୍ଥଳରେ ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଖବରପାଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀ ମଧ୍ୟ ଯାଜପୁର ରୋଡ଼ ଆଦର୍ଶ ଥାନାରେ ପହଞ୍ଚି ମାମଲାର ତଦନ୍ତ କରୁଛନ୍ତି।

ପୁଣି ଆଇଆଇସି ସ୍ତରରେ ଅଦଳବଦଳ

ଯାଜପୁର, ୨୩।୨(ସମିସ): ଯାଜପୁର ଜିଲ୍ଲାରେ ପୁଣି ଆଇଆଇସି ସ୍ତରରେ ଅଦଳ ବଦଳ କରାଯାଇଛି। ବରୀ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କୁ ଧର୍ମଶାଳା ଥାନା, ଦଶରଥପୁର ଥାନା ଅଧିକାରୀ ହେମଲତା ଦାସଙ୍କୁ ବରୀ ଥାନା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ୍ ନାୟକଙ୍କୁ ଯାଜପୁର ରୋଡ ଥାନା (ସିସି ଏଣ୍ଡ ଇଓ), ଯାଜପୁର ଟାଉନ ଥାନାର ଅତିରିକ୍ତ ଥାନା ଅଧିକାରୀ ଦିଲ୍ଲିପ କୁମାର ମହାନ୍ତିଙ୍କୁ ବାଲିଚନ୍ଦ୍ରପୁର ଥାନା, ଧର୍ମଶାଳା ଥାନାର ଅତିରିକ୍ତ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କୁ ଦଶରଥପୁର ଥାନା ଅଧିକାରୀ ଏବଂ ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକଙ୍କୁ ପାଣିକୋଇଲି ସ୍ଥିତ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବିଜ୍ଞପ୍ତିରୁ ଜଣାପଡିଛି।

ପିଇଓଙ୍କ ସ୍ୱାମୀ ଭତ୍ତା ବାଣ୍ଟିବା ଘଟଣା

ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ବିଞ୍ଝାରପୁର,୨୩।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ଗ୍ରାପର ପିଇଓ ରଶ୍ମିତା ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ଦାସ ଗତ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ବସି ଭତ୍ତା ବାଣ୍ଟିବାକୁ ନେଇ ବଚସା ଓ ପରେ ପିଇଓଙ୍କ ସ୍ୱାମୀଙ୍କ ମାଡ଼ ମାରିବାକୁ ଧମକ ଘଟଣାରେ ଅଭିଯୋଗ ଆଧାରରେ ବିଞ୍ଝାରପୁର ପୁଲିସ ଦୁଇଟି ପୃଥକ ମାମଲା ୯୫/୨୬ ଓ ୯୬/୨୬ ରଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ କାର୍ଯ୍ୟାଳୟରେ ଗତ ଶନିବାର ବାର୍ଦ୍ଧକ୍ୟ ଭତ୍ତା ପିଇଓ ରଶ୍ମିତା ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ଦାସ ହିତାଧିକାରୀଙ୍କୁ ବଣ୍ଟନ କରୁଥିଲେ। ବିଜୟଙ୍କ ଭତ୍ତା ବଣ୍ଟନକୁ ନେଇ ସେହି ପଞ୍ଚାୟତର ସନ୍ତୋଷ କୁମାର ଧଳ ତୁମେ କିଏ, ପିଇଓଙ୍କ ବଦଳରେ ଭତ୍ତା ବଣ୍ଟନ କରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ପିଇଓଙ୍କ ସ୍ୱାମୀ ବିଜୟ ନିଜକୁ ବିଜେପିର ବଡ଼ ସମର୍ଥକ ବୋଲି କହିବା ସହିତ ମାଡ଼ ମାରିବା ପାଇଁ ଧମକ ଦେଇଥିଲେ। ଯା' ମୋ ନାମରେ କେଉଁଠି ଅଭିଯୋଗ କରିବା କଥା କର। ମୋର କେହି କିଛି କରିପାରିବେ ନାହିଁ ବୋଲି କହିଥିଲେ। ତେବେ ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅନ୍ୟ ପକ୍ଷରେ ସୋମବାର ପୂର୍ବାହ୍ଣରେ ଘଣ୍ଟିଆଳି ପଞ୍ଚାୟତର ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ସତ୍ୟଭୂଷଣ ବିଶ୍ୱାଳଙ୍କ ନିକଟରେ ଶନିବାର ଘଟଣା ସମ୍ପର୍କରେ ଅବଗତ କରିବା ସହିତ ତୁରନ୍ତ ପିଇଓ ରଶ୍ମିତା ବେହେରାଙ୍କୁ ନିଲମ୍ବନ କରିବା ଏବଂ ତାଙ୍କ ସ୍ୱାମୀ ବିଜୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଏବିଡିଓ ସତ୍ୟଭୂଷଣ ବିଶ୍ୱାଳଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କ ନିକଟରୁ ପିଇଓ ରଶ୍ମିତା ବେହେରାଙ୍କ ବିରୋଧରେ ଏକ ଅଭିଯୋଗ ମୂଳକ ଦାବିପତ୍ର ପାଇଥିବା କହିଥିବା ବେଳେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏବିଡିଓ ବିଶ୍ୱାଳ କହିଛନ୍ତି।

● ସାଇବର ଠକେଇ ଅଭିଯୋଗ

ମାମଲା ରୁଜ୍ଜୁ; ତଦନ୍ତ ଆରମ୍ଭ

ପାଣିକୋଇଲି,୨୩।୨(ସମିସ): ସାଇବର ଅପରାଧ ଉପରେ ଲଗାମ ଲଗାଇବାକୁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ କବଚ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଉଛି। କେତେକ ସ୍ଥାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କେତେକ ସ୍ଥାନରେ ମାମଲା ରୁଜ୍ଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏହି କ୍ରମରେ ପାଣିକୋଇଲି ପୁଲିସ ବ୍ୟାଙ୍କରୁ ଅଭିଯୋଗ ପାଇ ସାଇବର ଠକେଇ ନେଇ ଏକ ମାମଲା ୫୧/୨୬ ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସମୟରେ କିଛି ଜମାଖାତାଧାରୀ ସାଇବର ଠକେଇର ଶିକାର ହେଉଥିବା ବେଳେ କିଛି ଜମାଖାତାଧାରୀ ମଧ୍ୟ ଏହି ଠକେଇ କରୁଛନ୍ତି। ଥାନାଧିକାରୀ ରଞ୍ଜିତ ମହାନ୍ତି ନିଜେ ଏହି ମାମଲାର ତଦନ୍ତ କରୁଛନ୍ତି। ପାଣିକୋଇଲିସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ୯ଟି ଆକାଉଣ୍ଟ ଫ୍ରିଜ କରାଯିବା ସହ ଜମାଖାତାଧିକାରୀଙ୍କ ନାମରେ ମାମଲା ରୁଜ୍ଜୁ କରାଯାଇଛି। ପାଣିକୋଇଲି ଏସ୍‌ବିଆଇ ଶାଖାର ଜମାଖାତାଧାରୀ ମନୋଜ କୁମାର ଦାସ, ଗୌରାଙ୍ଗ ଚରଣ ସୁଣ୍ଡି, ସରୋଜ କୁମାର ସାହୁ, ଶୀତଳ ସ୍ୱାଇଁ, ପ୍ରକାଶ ଚନ୍ଦ୍ର କବି, ସଞ୍ଜୟ କୁମାର ଦାସ, ଆଶୁତୋଷ ପଣ୍ଡା, ରମାକାନ୍ତ ସାହୁ, ଜୟବ୍ରତ ସାହୁଙ୍କ ନାମରେ ମାମଲା ରୁଜ୍ଜୁ ହୋଇ ତଦନ୍ତ ଜାରି ହୋଇଛି। ଏହି ମାନଙ୍କ ଜମାଖାତାକୁ କେତେ ଟଙ୍କା ଆସିଛି, କେତେ ଟଙ୍କାର ନେଣଦେଣ ହୋଇଛି। କାହା ପାଖକୁ ଟଙ୍କା ପଠାଯାଇଛି, କେତେ ଟଙ୍କା ଗଚ୍ଛିତ ରହିଛି ତାହା ସମ୍ପୂର୍ଣ୍ଣ ବିବରଣୀ ଉପରେ ତଦନ୍ତ ଚାଲିଥିବା ତଦନ୍ତାଧିକାରୀ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

ଡିଜେ ସାଉଣ୍ଡ ନେଲା ବୃଦ୍ଧଙ୍କ ଜୀବନ

ବିଞ୍ଝାରପୁର,୨୩।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତରେ ଡିଜେ ସାଉଣ୍ଡର ଉଚ୍ଚ ଧ୍ୱନି ଯୋଗୁ ଜଣେ ବୃଦ୍ଧ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାଧୁ ଚରଣ ସାହୁ (୮୪)। ସାଧୁ ଚରଣ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ



ପୀଡ଼ିତ ଥିଲେ ଏବଂ ଘରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ଗତ ରବିବାର ଅପରାହ୍ନ ସମୟରେ ବରୁଣେଶ୍ୱର ନିକଟସ୍ଥ ପୋଖରୀଆପଡ଼ା ଅଞ୍ଚଳରୁ ଏକ ବରଯାତ୍ରୀ ଡିଜେ ସାଉଣ୍ଡ ସହ ଅରେଇ ଛକ ଅଭିମୁଖେ ଯାଉଥିଲା। ସେ ସମୟରେ ଉଚ୍ଚ ସ୍ୱରର ଡିଜେ ସାଉଣ୍ଡ ଶୁଣି ସାଧୁଚରଣ ଅଚେତ ହୋଇପଡିଥିବା ପରିବାର ଲୋକ କହିଛନ୍ତି। ତୁରନ୍ତ ପରିବାରବର୍ଗ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପୁଅ ଅକ୍ଷୟ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁ ତାଙ୍କ ବାପାଙ୍କ ଜୀବନ ଯାଇଛି। ଏ ନେଇ ସେ ଥାନାରେ ଅଭିଯୋଗ ଦାଖଲ କରିବେ ବୋଲି କହିଛନ୍ତି।

ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କରାଣ୍ଡିପୁରକୁ ହରାଇ ଇଚ୍ଛାପୁର ଚାମ୍ପିଅନ୍



ମଙ୍ଗଳପୁର,୨୩।୨(ସମିସ): ଦଶରଥପୁର ବ୍ଲକ କର୍ୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆଠାରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଆରମ୍ଭ ହୋଇଥିବା ୧୭ତମ ଜିଲ୍ଲାସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇଚ୍ଛାପୁର କ୍ରିକେଟ ଟିମ୍ ଓ କରାଣ୍ଡିପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ଇଚ୍ଛାପୁର କ୍ରିକେଟ ଟିମ୍ ନିର୍ଦ୍ଧାରିତ ୭ ଓଭରରେ ୨ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା। ଜବାବରେ କରାଣ୍ଡିପୁର କ୍ରିକେଟ ଟିମ୍ ୭ ଓଭର ଖେଳି ୭ ୱିକେଟ ହରାଇ ୬୫ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଆରତ ରଞ୍ଜନ ନାୟକ, ଅଜିତ କୁମାର ମଲ୍ଲିକ, ସୁନୀଲ କୁମାର ନାୟକ ଓ ବିଶ୍ୱଜିତ ପଣ୍ଡା ଅମ୍ପେୟାର ଦାୟିତ୍ୱ ତୁଲାଇଥିବା ବେଳେ ନିର୍ମଳ କୁମାର ଯେନା, ସନ୍ତୋଷ କୁମାର ପଣ୍ଡା ଭାଷ୍ୟକାର ଏବଂ ରଞ୍ଜନ କୁମାର ଯେନା (ରନି) ଓ ଶିବଶଙ୍କର ବିଶ୍ୱାଳ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟରେ ଇଚ୍ଛାପୁର କ୍ରିକେଟ ଟିମର ଚନ୍ଦନ ନାୟକ ମ୍ୟାନ୍ ଅଫ ଦି ସିରିଜ, ରଜତ ରାଉତ ବେଷ୍ଟ ବୋଲର, ରାକେଶ ଦାସ ବେଷ୍ଟ ବ୍ୟାଟ୍ସ ମ୍ୟାନ, ବଣ୍ଟି ଖାନ ବେଷ୍ଟ କ୍ୟାଚେସ ଓ କରାଣ୍ଡିପୁର କ୍ରିକେଟ ଟିମର କମଲ ଖାନ ମ୍ୟାନ ଅଫ ଦ ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ।

ନେତାଜୀ କ୍ଲବର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ଭାବେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ, ଥାଲକୁଡ଼ି ପଞ୍ଚାୟତ ବିଜେଡି ସଭାପତି ବିଜୟ ପାତ୍ର, କର୍ୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ସମିତିସଭ୍ୟ ରୋଶନ ଦାସ, ଯାଜପୁର ଜିଲ୍ଲା ବିଜେଡିର ଉପସଭାପତି ବିରଜା ମଲ୍ଲିକ, କମାରଡ଼ିହି ସମିତିସଭ୍ୟ ସଜନୀ ଯେନା, କମାରଡ଼ିହି ପଞ୍ଚାୟତର ଯୁବ ନେତା ଶଶୀଭୂଷଣ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଦଶରଥପୁର ବ୍ଲକର ସାମ୍ବାଦିକ ମନୋରଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଟୁର୍ଣ୍ଣମେଣ୍ଟ ପରିଚାଳନାରେ କ୍ଲବର ସଭ୍ୟ ସୁବ୍ରତ କୁମାର ଯେନା, ଲକ୍ଷ୍ମଣ ସେଠୀ, ସୁବାସ ମଲ୍ଲିକ, ବିଜୟ ରାଉତ, ନିରଞ୍ଜନ ବାରିକ, ରାକେଶ କୁମାର ସାହୁ, ଲିପୁ ଯେନା ପ୍ରମୁଖ ସହଯୋଗ କରିଥିଲେ।

ବିଭିନ୍ନ ସ୍ଥାନରୁ ମଦ ଜବତ; ଜଣେ ଗିରଫ

ବ୍ରହ୍ମବରଦା,୨୩।୨(ସମିସ): ବ୍ରହ୍ମବରଦା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅବୈଧ ଭାବେ ବିକ୍ରି କରାଯାଉଥିବା ମଦ ଜବତ କରାଯାଇଛି। ଘଟଣା ସ୍ଥଳରୁ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ପାଟ୍ରୋଲିଂ ସମୟରେ ମିଳିଥିବା ଭରସାଯୋଗ୍ୟ ସୂଚନା ଆଧାରରେ ଚଢ଼ଉ କରାଯାଇଥିଲା। ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମ ବ୍ରହ୍ମଣୀ ସେତୁ ନିକଟରେ ଥିବା ଚିକେନ ସେଣ୍ଟର ନିକଟରେ ସେହି ଗ୍ରାମର ପରମାନନ୍ଦ ଜେନାଙ୍କ ପୁଅ ପ୍ରଭାତ ଚନ୍ଦ୍ର ଜେନା (୩୬) ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ପାଇ ବ୍ରହ୍ମବରଦା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏଥିରେ ୨୪ଟି ଆସ୍କା ଫଟି ବୋତଲ ୪.୮ ଲିଟର ମଦ ଜବତ କରାଯିବା ସହିତ ମଦ ବିକ୍ରି କରୁଥିବା ପ୍ରଭାତକୁ ଗିରଫ କରିଥିବା ବେଳେ ୩୦/୨୬ରେ ମାମଲା ରୁଜ୍ଜୁ କରାଯାଇ ତଦନ୍ତ ଜାରି ରହିଛି। ସେହିପରି ବଡ଼ ରାୟପଡ଼ା ଗ୍ରାମର ଗଣେଶ୍ୱର ମଲ୍ଲିକଙ୍କ ପୁଅ ଶୁଶାନ୍ତ ମଲ୍ଲିକ(୨୬) ନିଜ ଘରର ପଛପଟେ ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ଖବର ପାଇ ଥାନା ଅଧିକାରୀ ସଦଳବଳେ ଚଢ଼ଉ କରିଥିବା ବେଳେ ସେଠାରୁ ୪ଟି ନମ୍ବର ୱାନ ଓ ୧୦ଟି ରମ୍, ୬ଟି ଅଫିସରସ ଚଏସ ମୋଟରେ ୩.୬ଲିଟର ମଦ ଜବତ କରାଯାଇ ଥାନାକୁ ଅଣାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏନେଇ ପୁଲିସ ୩୧/୨୬ରେ ମାମଲା ରୁଜ୍ଜୁ କରି ତଦନ୍ତ ଜାରି ରଖିଛି।

ଧର୍ମପରାୟଣ ମହିଳାଙ୍କ ସ୍ମୃତିସଭା

କବାଟବନ୍ଧ,୨୩।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଖଜୁରିବାଟି ଗ୍ରାମର ଧର୍ମପରାୟଣ ମହିଳା ସରସ୍ୱତୀ ମଲ୍ଲିକଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଣୁଧର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ବହୁ ମାନଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଆର୍ତ୍ତତ୍ରାଣ ମଲ୍ଲିକଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ତ୍ରୀଶରଣ ଏବଂ ବନ୍ଦନା ପାଠ କରାଯାଇଥିଲା। ବହୁଜନ ସମାଜ ସଙ୍ଗଠନର ପ୍ରଫୁଲ ଜେନା, ସତ୍ୟାନନ୍ଦ ମଲିକ, ବେଣୁଧର ଜେନା, ଜିତେନ ବେହେରା, ଧର୍ମଶାଳା କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ଦୁଷ୍ମନ୍ତ ଜେନା ଏବଂ ଧର୍ମଶାଳା ବ୍ଲକ ଆମ୍ବେଦକର ସଙ୍ଘର ସଭାପତି ସୁରେନ୍ଦ୍ର ମଲିକ, ଉପଦେଷ୍ଟା କାର୍ତ୍ତିକ ମଲିକ, ଅନିଲ କୁମାର ଜେନା, ଭରତ ମଲିକ ଏବଂ ବରିଷ୍ଠ ସାମ୍ବାଦିକ ଶଙ୍କର ପ୍ରତାପ ଦାସ, ସାମ୍ବାଦିକ ସୁଶାନ୍ତ ଗୋଛାୟତ, ସାମ୍ବାଦିକ ବସନ୍ତ ମଲିକ, ସାମ୍ବାଦିକ ସୁବ୍ରତ କୁମାର ମଲିକ ଏବଂ ସାମ୍ବାଦିକ ଅସିତ କୁମାର ନାୟକ, ରବୀନ୍ଦ୍ର ମଲିକ, ଅକ୍ଷିନ ମଲିକ, ରାଉଳ ମଲିକ, ରମାକାନ୍ତ ମଲିକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଶ୍ରୀବିରଜା ସେବା ସମିତିର ଗଣ ବ୍ରତୋପନୟନ



ଯାଜପୁର,୨୩।୨(ସମିସ): ବିରଜା ମନ୍ଦିର ପରିସରରେ ଶ୍ରୀବିରଜା ସେବା ସମିତି ଆନୁକୂଲ୍ୟରେ ଗଣ ବ୍ରତୋପନୟନ ସଭାପତି ବିଶ୍ୱମ୍ଭର ମିଶ୍ର ଓ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଭାବେ ସଚ୍ଚିକାନ୍ତ ଶତପତୀ ବ୍ରତୋପନୟନ କାର୍ଯ୍ୟ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, କୋଷାଧ୍ୟକ୍ଷ ହରିହର ବେହେରା, ନୃସିଂହ ଚରଣ ମହାପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ରବି ଶତପଥୀ, ନିର୍ମଳାବାଳା ମିଶ୍ର, ବିଷ୍ଣୁ ଚରଣ ଲେଙ୍କା, ମନ୍ଦିର ପୂଜକ ଦେବୀପ୍ରସାଦ ପାଣି, ସାମ୍ବାଦିକ ବିରଜା ପ୍ରସାଦ ପାଣି ବ୍ୟକ୍ତିମାନେ ଆର୍ଥିକ ଓ କାୟିକ ସହଯୋଗ ପ୍ରଦାନ କରିଥିବା ବେଳେ ଅତି ଶୃଙ୍ଖଳିତ ଭାବେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା।

ସଙ୍କଟ ମୋଚନଙ୍କ ବାର୍ଷିକ ଉତ୍ସବ

ପାଣିକୋଇଲି,୨୩।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା (ଗିରିସାହି) ଠାରେ ସଙ୍କଟମୋଚନ ମହାରାଜଙ୍କ ବାର୍ଷିକ ଉତ୍ସବ ଆଜି ଠାରୁ ଆରମ୍ଭ ହୋଇଛି। ୬ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଆଜି ପୂଣ୍ୟତୋୟା ବୈତରଣୀ ନଦୀରୁ କଳସ ଯାତ୍ରା ଆରମ୍ଭ ହୋଇ ସଙ୍କଟ ମୋଚନଙ୍କ ଠାରେ ପହଞ୍ଚିଥିଲା। ଗୀତାଯଜ୍ଞ ସହ ବୁଧବାର ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୨ଦିନ ମୁକ୍ତାକାଶ ନାଟକ ପରିବେଷଣ କରାଯିବ। ଏହି ଅବସରରେ ଗ୍ରାମରେ ତିନି ଦିନ ପାଇଁ ଆମିଷ ପ୍ରବେଶ ବାରଣ କରାଯିବା ସହ ପ୍ରତ୍ୟେକ ପରିବାର ଆନନ୍ଦ ମୁଖର ହୋଇଛି। ରଙ୍ଗୀନ ମାଳାରେ ସୁସଜ୍ଜିତ ତୋରଣ, ଦୋଳି ଓ ବିଭିନ୍ନ ସାମଗ୍ରୀର ଷ୍ଟଲ ଭକ୍ତ ଓ ଦର୍ଶକଙ୍କ ମନମୋହୁଛି।

ବ୍ୟାସନଗର ପବ୍ଲିକ ସ୍କୁଲର ଦ୍ୱିତୀୟ କ୍ୟାମ୍ପସ୍

ଡୁବୁରୀ,୨୩।୨(ସମିସ): ସୁକିନ୍ଦା ବ୍ଲକ ଓଳିଆ ପଞ୍ଚାୟତଠାରେ ବ୍ୟାସନଗର ପବ୍ଲିକ ସ୍କୁଲର ଦ୍ୱିତୀୟ କ୍ୟାମ୍ପସ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଅଧ୍ୟକ୍ଷ ଲେସରଆବର୍ସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅକ୍ଷକ ସୁପ୍ରସନ୍ନ ମଲ୍ଲିକ, ବ୍ୟାସନଗର ପବ୍ଲିକ ସ୍କୁଲ ସଭାପତି ଭାରତ ଭୂଷଣ ଦେଓ, ସମ୍ପାଦିକା ଡ.ଦେବସ୍ମିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘବର୍ଷ ହେବ ଏହି ଅନୁଷ୍ଠାନର ନିଜସ୍ତ ଗୃହ ନଥିବାରୁ ଡୁବୁରୀଠାରେ ଭଡ଼ାଘରେ ଚାଲୁଥିଲା। ଏହି ଅବସରରେ ଅତିଥିମାନେ ସ୍କୁଲର ଏକ ପତ୍ରିକା ଉନ୍ମୋଚନ କରିଥିଲେ। ବାଳକ ବାଳିକାଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଞ୍ଚଳର ଶିକ୍ଷାପ୍ରେମୀ, ଅଭିଭାବକମାନେ ଉପସ୍ଥିତ ଥିଲେ।

ଡୁବୁରୀ ଜାଗର ମହୋତ୍ସବ ଉଦ୍‌ଯାପିତ

ସୁକିନ୍ଦା,୨୩।୨(ସମିସ): ଡୁବୁରୀ ଜାଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ



ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମଣୀ ରଞ୍ଜନ ବଳ ସାମନ୍ତ ମୁଖ୍ୟଅତିଥି, କଳିଙ୍ଗ ନଗର ଥାନା ଅଧିକାରୀ ପ୍ରକାଶ ସାହୁ, ସ୍ଥାନୀୟ ସରପଞ୍ଚ ନିରୁପମା ପାତ୍ର, ସଞ୍ଜୟ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କପିଳେଶ୍ୱର କମିଟିର ଗୋବିନ୍ଦ ଚନ୍ଦ୍ର ସାହୁ, ସନ୍ତୋଷ ଦେଓ, ଲକ୍ଷ୍ମୀଧର ଓଝା, ରଜତ କୁମାର ସାହୁ, ଟୁକୁ ଦେଓ, ଅରୁଣ ସାହୁ, ଉଦୟ ପାତ୍ର, ନିଲୁଆ ଦେଓ, ସନାତନ ଦେଓ, ଅକ୍ଷୟ କୁମାର ସାହୁ, ପ୍ରଶାନ୍ତ ସାହୁ, ମଧୁସୂଦନ ଦାଶ, ରଙ୍ଗାଧର ଆଚାର୍ଯ୍ୟ, ନାରାୟଣ ସାହୁ, ଶରତ ଦେଓ, ସତ୍ୟନାରାୟର ଦାସ, ଉମେଶ ସାମଲ, କଣ୍ଠଶିଳ୍ପୀ ଚନ୍ଦନ ସାହୁ, ଗୀତିକାର ସଞ୍ଜୀବ ମହାନ୍ତ, ନୃତଶିଳ୍ପୀ ରାଜିବ ଲୋଚନ ଆୟଚ, କଣ୍ଠଶିଳ୍ପୀ ଜିତେନ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଚନ୍ଦ୍ରଶେଖର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗତ ଚାରିଦିନ ଧରି ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଅଖପାଖ ଅଞ୍ଚଳର ପ୍ରତିଭାଙ୍କ ଦ୍ୱାରା ଝୁମର, ସମ୍ବଲପୁରୀ, ଅଧୁନିକ, ନାଚଗୀତ ପରିବେଷଣ କରାଯାଇଥିଲା। ଛୋଟ ଛୋଟ ପିଲାମାନଙ୍କ ଫେସନ ଶୋ, ଝୋଟି, ଗ୍ୟାମ୍ପ ଶୋ, ଆଦି କାର୍ଯ୍ୟକ୍ରମ ଖୁବ ଆକର୍ଷଣୀୟ ହେଇଥିଲା। ଏଥିରେ ରଜକୁଇନ ବିଜେତା ସୂର୍ଯ୍ୟପ୍ରଭା ମହାନ୍ତ ଯୋଗ ଦେଇ ଦର୍ଶକଙ୍କୁ ନିଜର ନୃତ୍ୟରେ ମତୁଆଲା କରିଥିଲେ। ସଂସ୍କୃତିକ କାର୍ଯ୍ୟକ୍ରମକୁ ଗୌତମ ଦାସ, ଭିକି ଦାସ, ଟିକିନା ରାଉତ, ପବନା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ପାଣିକୋଇଲି,୨୩।୨(ସମିସ): ପାଣିକୋଇଲି ଠାରେ ଅବସ୍ଥିତ ଜିଲ୍ଲାର ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭାଗୀୟ କର୍ମଚାରୀ ମାନେ ରାଜନୈତିକ ବ୍ୟକ୍ତିଙ୍କର ସୁରକ୍ଷାରେ ରହି ଜନସାଧାରଣଙ୍କ ଟିକସ ଟଙ୍କାରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ସ୍ୱଚ୍ଛତା ପ୍ରଦର୍ଶନ କରୁନାହାନ୍ତି। ଉକ୍ତ କାର୍ଯ୍ୟାଳୟ ଅଧୀନରେ ଯେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉଛି ତାହାର କୌଣସି ସୂଚନା ଫଳକ ମରାଯାଉନାହିଁ। ଏପରିକି ଜନସାଧାରଣ ଉକ୍ତ କାର୍ଯ୍ୟ ସମ୍ପର୍କରେ ସୂଚନା ମାଗିଲେ ତାଙ୍କୁ ଆଜିକାଲି କହି ଦିନ ଗଡ଼ାଉଛନ୍ତି। ବିଭାଗୀୟ ଅଧିକାରୀ ମାନେ ଫୋନ ଉଠାଉନାହାନ୍ତି। ଫଳରେ ବାଧ ହୋଇ ପୂର୍ତ୍ତ ବିଭାଗ ସମ୍ମୁଖରେ କୋରାଇ ଜନସାଧାରଣ ପକ୍ଷରୁ ଧାରଣା ଦିଆଯାଇଥିଲା। ଉକ୍ତ ଧାରଣାରେ ପ୍ରମୋଦ କୁମାର ପାତ୍ର, ଆଶୁତୋଷ ମହାନ୍ତି, ପ୍ରହ୍ଲାଦ ଦେଓ, ତାରିଣୀ କୁମାର ପଟ୍ଟନାୟକ, ସିପିଆଇ ନେତା ଆଲୋକ ମହାନ୍ତି, ସିପିଏମ୍ ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥ, ରାଜକିଶୋର ମଲିକ, ପିତାମ୍ବର ନନ୍ଦ, ରାମଚନ୍ଦ୍ର ବାରିକ ପ୍ରମୁଖ ଧାରଣାରେ ବସିଥିବା ବେଳେ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. କୋମଲ କୁମାର ସ୍ୱାଇଁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସମସ୍ତ ଦାବିକୁ ୧୫ ଦିନ ମଧ୍ୟରେ ପୂରଣ ପାଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ମାନେ ଧାରଣାରୁ ଉଠିଥିଲେ।

କସ୍ତୁରବା ଗାନ୍ଧୀଙ୍କ ସ୍ମୃତିସଭା

ବରୀ,୨୩।୨(ସମିସ): ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ପଞ୍ଚାୟତର ମାତୃମଙ୍ଗଳ କେନ୍ଦ୍ର (ସେବା ଘର) ଠାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଧର୍ମପତ୍ନୀ କସ୍ତୁରବା ଗାନ୍ଧୀଙ୍କ ୮୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ନିରୂପମା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମା' କସ୍ତୁରବାଙ୍କ ଜୀବନାଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ବରୀ ରମାଦେବୀ ଆଶ୍ରମର ସମ୍ପାଦକ ରମାକାନ୍ତ ମଣ୍ଡଳ ଏବଂ ସଭାପତି ନିମାଇଁ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କସ୍ତୁରବା ମାତୃମଙ୍ଗଳ କେନ୍ଦ୍ରର ସଞ୍ଚାଳିକା ଭାରତୀ ଘୋଷ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ସ୍ମୃତିଲିପି ପକ୍ଷରୁ ପୁରସ୍କାର ଘୋଷଣା

ରାଜୀବ ଷଡ଼ଙ୍ଗୀ ପାଇବେ ଅବଦୁଲ ସତ୍ତାର ସେବା ସ୍ମୃତିସମ୍ମାନ






ଯାଜପୁର/କୋରେଇ,୨୩।୨(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ହଳଦିଗଡ଼ିଆ ଗ୍ରାମର ସତ୍ୟନାରାୟଣ ପାଠାଗାର ଆନୁକୂଲ୍ୟରେ ଦୀର୍ଘ ୩୧ବର୍ଷ ଧରି ନିୟମିତ ଭାବେ ପ୍ରକାଶିତ ହୋଇଆସୁଥିବା ଜନଚେତନାର ପ୍ରତୀକ ସାହିତ୍ୟ ପତ୍ରିକା 'ସ୍ମୃତିଲିପି' ପକ୍ଷରୁ ପ୍ରତିବର୍ଷ ଦିଆଯାଉଥିବା ବିଭିନ୍ନ ବର୍ଗର ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ଅବଦୁଲ ସତ୍ତାର ସେବା ସମ୍ମାନ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ଦିଆଯାଉଥିବା ବେଳେ ଆଇନଜୀବୀ ପ୍ରଫୁଲ୍ଲ କୁମାର ଧଳ ସ୍ମୃତିସମ୍ମାନ ଯୁବ ଲେଖିକା ଶ୍ୱେତା ରାଉତଙ୍କୁ ପ୍ରଦାନ କରାଯିବ। ସେହିଭଳି ଆଦର୍ଶ ଶିକ୍ଷାବିତ ରଜନୀ ମିଶ୍ର ସ୍ମୃତିସମ୍ମାନ କବି ଇଂ. ସରୋଜ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଉଥିବା ବେଳେ ଆଦର୍ଶ ଅଧ୍ୟାପିକା ଓ ମଞ୍ଚ ସଂଯୋଜିକା ରୀନା ମହାପାତ୍ରଙ୍କ ସ୍ମୃତି ସମ୍ମାନ ବରିଷ୍ଠ ସଂଗଠିକା ଓ କବି ସରୋଜିନୀ ପତିଙ୍କୁ ପ୍ରଦାନ କରାଯାଉଛି। ସେହିପରି ଭାବେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ.ପ୍ରମୋଦିନୀ ହୋତା, ଶିକ୍ଷାବିତ ଡ. ରଘୁ ସାହୁ, ବରିଷ୍ଠ ଆଇନଜୀବୀ କବିର କୁମାର ଜେନା, ସଂଗୀତ ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଇଶ୍ରୀବିଶ୍ୱଜିତା ରାୟ, ସୁସାହିତ୍ୟକା ଓ ସଂଗଠିକା ଡ. ଗୀତାଞ୍ଜଳି ପୃଷ୍ଟି, ସୁସାହିତ୍ୟକ ଓ ବରିଷ୍ଠ ପ୍ରଶାସକ ସଞ୍ଜିତ କୁମାର ଦେଓ, ସୁସାହିତ୍ୟ ଓ ବରିଷ୍ଠ ସଂପାଦିକା ଡ.ବସନ୍ତ ମଞ୍ଜରୀ ଦାସ, ବରିଷ୍ଠ ଲେଖକ ଓ ଶିକ୍ଷାବିତ ଗୋଲକ ବିହାରୀ ବେହେରା, ପ୍ରଶାସକ ଓ ସଂଗୀତକାର ଧ୍ରୁବଚରଣ ସେଠୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଲେଖକ ବଂଶୀଧର ସାହୁ, ବରିଷ୍ଠ ସଂଗଠକ କବ ଇଂ. ଫକୀର ମୋହନ ସାହୁ, ଯୁବକବି ସୌମ୍ୟରଞ୍ଜନ ପରିଡା, ବରିଷ୍ଠ ଶିକ୍ଷାବିତ ଓ ମଞ୍ଚ ସଂଯୋଜିକା ଝରଣା ମଲ୍ଲିକ, ଆଧାତ୍ମିକ ଭକ୍ତି ସାହିତ୍ୟର ବିଶାରଦ ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଯୁବକବି ଶାନ୍ତନୁ କୁମାର ରାଉତ ଓ କବି ବିଶ୍ୱନାଥ ପାଢ଼ୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଂପାଦକ ଭୁବନମୋହନ ମହାନ୍ତି, କାର୍ଯ୍ୟନିର୍ବାହୀ ସଂପାଦକ ଦୟାନିଧି ନାୟକ ଓ ଅଧ୍ୟକ୍ଷ ଅଭ୍ୟର୍ଥନା ସମିତିର ପଦ୍ମାକର ଗୁରୁ ମିଳିତ ଭାବେ ଜଣାଇଛନ୍ତି। ଆସନ୍ତା ୧ ତାରିଖ ଅପରାହ୍ଣରେ ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଏହି ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ।

ରକ୍ତଦାନ ନିମନ୍ତେ ବୈଠକ

କବାଟବନ୍ଧ,୨୩।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁରର ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀଙ୍କ ସଭାପତିତ୍ୱରେ ବୃନ୍ଦାଦେଇପୁର ଶାସନ ସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସଭାରେ ଆସନ୍ତା ମାର୍ଚ୍ଚ ୮ ତାରିଖ ମହିଳା ଦିବସ ପରିପ୍ରେକ୍ଷୀରେ ତୃତୀୟ ବାର୍ଷିକ ରକ୍ତଦାନ ଉତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ପ୍ରମୋଦ କୁମାର ମଲ୍ଲିକ, କାହ୍ନୁ ଚରଣ ସାହୁ, ଲୋକନାଥ ପୁରୀ, ରାମଚନ୍ଦ୍ର ମହାନ୍ତି, ଉପସଭାପତି ନିର୍ମାଲ୍ୟ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ପ୍ରଭାତ ସାହୁ, ତୀର୍ଥବାସି ଦଳାଇ, ସମାଜସେବୀ ମହେଶ୍ୱର ଖଟୁଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

ଖାଦ୍ୟ ନାମରେ ବିକ୍ରି ହେଉଛି ଜହର, ସ୍ଥାଣୁ ପାଲଟିଛି ଖାଦ୍ୟ ନିରାପତ୍ତା ବିଭାଗ

୫ ବର୍ଷରେ ମାତ୍ର ୭୩ ଦିନ ହୋଇଛି ଚଢ଼ଉ

ବାଲେଶ୍ୱର, ୨୩।୨ (ରୁଚିକ ରଞ୍ଜନ ମହାପାତ୍ର)

ଆର୍ଥିକ ବର୍ଷ	ଚଢ଼ାଉ ଦିନ ସଂଖ୍ୟା	ଫାଇନ ଆଦାୟ (ଟଙ୍କାରେ)
୨୦୨୧-୨୨	୧୪	୪୯,୮୦୦
୨୦୨୨-୨୩	୧୮	୬୩,୦୦୦
୨୦୨୩-୨୪	୧୯	୭୬,୨୦୦
୨୦୨୪-୨୫	୧୦	୫୯,୮୦୦
୨୦୨୫-୨୬	୨୨	୨,୭୩,୬୦୦

ରାଜ୍ୟରେ ଅପମିଶ୍ରିତ ଖାଦ୍ୟ ବିକ୍ରି ନେଇ ଆଜି ବିଧାନସଭାରେ କଂଗ୍ରେସ ବିଧାୟକ ତାରା ବାହିନୀପତି ଅପମିଶ୍ରିତ ଖାଦ୍ୟ ପଦାର୍ଥ ବିକ୍ରିବଟା ରୋକିବା ପ୍ରସଙ୍ଗରେ ପ୍ରଶ୍ନ ଉଠାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମନ୍ତ୍ରୀଙ୍କୁ ଉତ୍ତର ମାଗିଥିଲେ। ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅପମିଶ୍ରିତ ଖାଦ୍ୟ ପ୍ରସଙ୍ଗକୁ ସ୍ୱୀକାର କରି ଉତ୍ତର ରଖିଥିଲେ। ଯାହା ଆଜି ବିଧାନସଭାର ପ୍ରଶ୍ନ ଉତ୍ତରରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ଖାଦ୍ୟ ନିରାପତ୍ତା ବିଭାଗର ତଥ୍ୟ ଅତ୍ୟନ୍ତ ଚିନ୍ତାଜନକ। ଜିଲ୍ଲାରେ ଗତ ୨୦୨୧ -୨୨ ଠାରୁ ୨୦୨୫- ୨୬ ମସିହା ଅର୍ଥାତ ୫ ଆର୍ଥିକ ବର୍ଷରେ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମୋଟ ୭୩ ଦିନ ମାତ୍ର ଚଢ଼ଉ କରାଯାଇଛି। ନିୟମିତ ଯାଞ୍ଚ ନକରାଯିବା କାରଣରୁ ଖାଉଟି ଅପମିଶ୍ରିତ ଖାଦ୍ୟ ଖାଇ ରୋଗାକ୍ରାନ୍ତ ହେଉଛନ୍ତି।

ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ହଜାର ହଜାର ଖାଦ୍ୟ ଦୋକାନ, ହୋଟେଲ୍ ଓ ଉତ୍ପାଦନ କେନ୍ଦ୍ର ଚାଲୁଥିବା ବେଳେ କେଉଁଠି ଖାଦ୍ୟ ନିରାପତ୍ତା ଲାଇସେନ୍ସ ନାହିଁ ତ କେଉଁଠି ଲାଇସେନ୍ସ ଥାଇ ବି ଅପମିଶ୍ରିତ ଖାଦ୍ୟ ଦେଇ ଜନସାଧାରଣଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି। ବିଭିନ୍ନ ସମୟରେ ନିଆଯାଇଥିବା ନମୁନାରୁ ଅନେକ ଅପମିଶ୍ରଣ ଘଟଣା ପ୍ରକାଶ ପାଇଥିଲେ ମଧ୍ୟ ନିୟମିତ ଯାଞ୍ଚ ଓ କଠୋର କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁଁ ଜିଲ୍ଲାରେ ଅପମିଶ୍ରଣ କ୍ରମଶଃ ବଢ଼ିବାରେ ଲାଗିଛି। ଖାଦ୍ୟ ତେଲ, ମସଲା, ଦୁଗ୍ଧଜାତ ପଦାର୍ଥ ଓ ମିଠାରେ ଅପମିଶ୍ରଣ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏ ନେଇ ଆଜି ବିଧାନସଭା ଅଧିବେଶନରେ ରାଜ୍ୟରେ ଅପମିଶ୍ରିତ ଖାଦ୍ୟ ସଂକ୍ରାନ୍ତରେ ପ୍ରଶ୍ନ ପଚାରି ସରକାରଙ୍କୁ ଘେରିଥିଲେ କଂଗେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତି। ପ୍ରତି ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଏହାକୁ ସ୍ୱୀକାର କରି ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ସାମଗ୍ରୀ ଅପମିଶ୍ରଣ ହୋଇଛି ତାହାର ଉତ୍ତର ରଖିଥିଲେ। ରାଜ୍ୟରେ ଏଭଳି ସ୍ଥିତିରେ ବାଲେଶ୍ୱରରୁ ସାଙ୍ଘାତିକ ସମସ୍ତଙ୍କୁ ତଥ୍ୟ ତାଜୁବ କରିଛି। ଜିଲ୍ଲାରେ ଅପମିଶ୍ରଣ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାରେ ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ ହୋଇଛନ୍ତି। ହେଲେ ଖାଦ୍ୟ ନିରାପତ୍ତା ବିଭାଗର ନିୟମିତ ଯାଞ୍ଚ ନ କରୁନଥିବାରୁ ଅପମିଶ୍ରଣ ଖାଦ୍ୟ ଖାଇ ଜିଲ୍ଲାବାସୀ ରୋଗରେ ପଡୁଛନ୍ତି। ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗରୁ ମିଳିଥିବା ତଥ୍ୟ ମୁତାବକ ବାଲେଶ୍ୱର ଜିଲ୍ଲାରେ ୨୦୨୧-୨୨ ମସିହାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ମାତ୍ର ୧୪ ଦିନ ଚଢ଼ାଉ ଏବଂ ଯାଞ୍ଚ କରି ବର୍ଷ ତମାମ ୪୯, ୮୦୦ ଟଙ୍କାର ଜରିମାନା ଆଦାୟ କରିଥିଲେ। ସେହିଭଳି ୨୦୨୨-୨୩ ମସିହାରେ ୧୮ ଦିନ ଚଢ଼ାଉ କରି ନିୟମ ଉଲ୍ଲଂଘନ କରି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ସମୁଦାୟ ୬୩ ହଜାର ଟଙ୍କାର ଜରିମାନା ଆଦାୟ କରିଛି। ୨୦୨୩-୨୪ ମସିହାରେ ୧୯ ଦିନ ଚଢ଼ାଉ କରି ୭୬ ହଜାର ୨୦୦ ଟଙ୍କା ଆଦାୟ କରିଥିଲେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ। ସେହିଭଳି ୨୦୨୪- ୨୫ ମସିହାରେ ବର୍ଷ ତମାମ ମାତ୍ର ୧୦ ଦିନ ଚଢ଼ାଉ କରି ୫୯, ୮୦୦ ଟଙ୍କା ଆଦାୟ କରିଥିବା ବେଳେ ୨୦୨୫-୨୬ ମସିହାରେ ୨୨ ଦିନ ଚଢ଼ାଉ କରି ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏମିତି କି ସମୁଦାୟ ୫ ବର୍ଷ ମଧ୍ୟରେ ମାତ୍ର ୭୩ ଦିନ ଚଢ଼ାଉ କରାଯାଇ ଫାଇନ କାଟିଛି ବିଭାଗ। ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସଂପୃକ୍ତ ଏହି ସମସ୍ୟାର ସମାଧାନ ପାଇଁ ନିୟମିତ ଚଢ଼ାଉ, ମାନ ପରୀକ୍ଷା ଓ ଦୋଷୀଙ୍କୁ କଠୋର ଦଣ୍ଡ ପାଇଁ ଥିବା ଏହି ଖାଦ୍ୟ ନିରାପତ୍ତା ବିଭାଗ ବାଲେଶ୍ୱର ଜିଲ୍ଲାରେ ସ୍ଥାଣୁ ପାଲଟିଛି। ଜିଲ୍ଲାରେ ୫ ବର୍ଷ ମଧ୍ୟରେ ୭୩ ଦିନ ଚଢ଼ଉ ଅର୍ଥାତ ବର୍ଷକୁ ହାରାହାରି ୧୫ ଦିନରୁ କମ ଚଢ଼ଉ କରାଯାଇଛି। ଜିଲ୍ଲାରେ ନିଯୁକ୍ତ ଫୁଡ୍ ସେଫ୍ଟି ଅଫିସରମାନଙ୍କ କର୍ତ୍ତବ୍ୟ ହେଉଛି ନିୟମିତ ଚଢ଼ଉ, ନମୁନା ସଂଗ୍ରହ ଓ ଲାବରୋଟାରୀରେ ଖାଦ୍ୟର ପରୀକ୍ଷା କରିବା। କିନ୍ତୁ ତଥ୍ୟରେ ଯାଞ୍ଚ ପ୍ରକ୍ରିୟା କିଭଳି ଦିଗହରା ହୋଇଛି ତାହା ଚଢ଼ଉ ଏବଂ ଫାଇନ ଆଦାୟରୁ ସ୍ପଷ୍ଟ ବାରି ହୋଇ ପଡ଼ିଛି। ନିୟମ ମୁତାବକ ଅପମିଶ୍ରିତ ଖାଦ୍ୟ ବିକ୍ରି ଗୁରୁତର ଅପରାଧ ହୋଇଥିବା ବେଳେ ଦୋଷୀ ପ୍ରମାଣିତ ହେଲେ ଜରିମାନା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଅପମିଶ୍ରିତ ଖାଦ୍ୟ ଖାଇ ଗୁରୁତର କ୍ଷତି କିମ୍ବା ମୃତ୍ୟୁ ଘଟିଲେ କାରାଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ସର୍ବୋପରି ପ୍ରତ୍ୟେକ ଖାଦ୍ୟ ବ୍ୟବସାୟୀଙ୍କ ପାଇଁ ଏଫଏସଏସଏଆଇ ଲାଇସେନ୍ସ ଅନିବାର୍ଯ୍ୟ ହୋଇଥିବା ବେଳେ ଅନେକ ଦୋକାନରେ ଏଯାବତ ଏହି ଲାଇସେନ୍ସ ନ ଥିବା ସ୍ଥଳେ ବିଭାଗୀୟ ଅଧିକାରୀ ସଚେତନତା ଏବଂ ନିୟମିତ ଯାଞ୍ଚ କରୁନଥିବା ଏଥିରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଅପମିଶ୍ରିତ ଖାଦ୍ୟ ଦୀର୍ଘମିଆଦୀ ରୋଗର କାରଣ ହୋଇପାରେ। ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ଖାଦ୍ୟ ସୁରକ୍ଷା ବିଭାଗ ସକ୍ରିୟ ହୋଇ କଠୋର ନିୟନ୍ତ୍ରଣ ନେବା ଆବଶ୍ୟକ ବୋଲି ସଚେତନ ନାଗରିକମାନେ ପ୍ରକାଶ କରିଛନ୍ତି। ସେପଟେ ବିଧାନସଭାରେ ଖାଦ୍ୟ ଅପମିଶ୍ରଣ ପ୍ରସଙ୍ଗ ଉଠିବା ପରେ ବିଭାଗ ସକ୍ରିୟ ହୋଇ ଯାଞ୍ଚ ସହ ଚଢ଼ଉ ଜାରି ରଖିବ ବୋଲି ଜିଲ୍ଲାବାସୀ ଆଶା ରଖିଛନ୍ତି। ଏ ନେଇ ବାଲେଶ୍ୱର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କୁ ପଚାରିବାରୁ ସେ ନିୟମିତ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାର ସଫେଇ ଦେଇଛନ୍ତି।

ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର,୨୩।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଯୋଗରେ ଆୟୋଜିତ ଓଡିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭରେ ରାଜ୍ୟର ୧୫ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨୩୦୦ରୁ ଉଦ୍ଧ୍ୱର୍ କ୍ରୀଡାବିତ ଓ କୋଚ୍ ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସମୁଦାୟ ୧୧ଟି ଖେଳକସରତ ଓ କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରାରମ୍ଭରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଂଶଗ୍ରାହୀମାନଙ୍କ ଭବ୍ୟ ସମାବେଶ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଯୋଗିତାର ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ୧୫ଟି ବିଶ୍ୱବିଦ୍ୟାଳୟ ଦଳମାନଙ୍କ ଦ୍ୱାରା ଶୃଙ୍ଖଳିତ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ତାଙ୍କ ଉଦବୋଧନରେ ଉଚ୍ଚଶିକ୍ଷା ସଂସ୍ଥାମାନଙ୍କ ମଧ୍ୟରେ କ୍ରୀଡା ସଂସ୍କୃତିର ବିକାଶରେ ଏପରି ପ୍ରତିଯୋଗିତାର ଭୂମିକାକୁ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ (ଦାୟିତ୍ୱରତ) କରନ ସୋରେନ ଅଭିଭାଷଣ ପ୍ରଦାନ କରିଥିଲେ। ଏହାସହିତ ସମସ୍ତ କ୍ରୀଡ଼ାଳୁ ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା କ୍ରୀଡା ଶପଥ ଗ୍ରହଣ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନର ସମନ୍ୱୟକାରୀ ଭାବେ ସହାୟକ ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟନିର୍ବାହ କରିଥିଲେ। କ୍ରୀଡା ପରିଷଦ ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ।

ଭାଷାବିକାଶ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳା ଉଦ୍‌ଘାଟିତ



ବାଲେଶ୍ୱର,୨୩।୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳା ଉଦଘାଟିତ ହୋଇଯାଇଛି। ପୂର୍ବତନ ପୌରପାଳ ଆଲୋକ କୁମାର ସାହୁଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଭାଷାପକ୍ଷରେ ସହରର ବିଭିନ୍ନ ବରେଣ୍ୟ ସାରସ୍ୱତ ସାଧକଙ୍କ ସୃଷ୍ଟି ସଂପର୍କରେ ଯୁବ ସାହିତ୍ୟିକମାନେ ଆଲୋଚନା କରିବା କାର୍ଯ୍ୟକ୍ରମ ଥିବାବେଳେ କୁଟୀର ବହିମେଳାରେ ଫକୀରମୋହନ ସାହିତ୍ୟ ପରିଷଦ, ରେମୁଣା ସାହିତ୍ୟ ସଂସଦ, ସ୍ରଷ୍ଟା ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସ ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପ୍ରଥମ କବିତାଗ୍ରନ୍ଥ ‘ଶରୀର ଏକ ପାନ୍ଥଶାଳା’ ଉନ୍ମୋଚିତ ହୋଇଯାଇଛି। ଉପସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଏହି ସଭାରେ “ଅକ୍ଷାଂଶ’ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା, ସାରସ୍ୱତ ସାଧକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଗାଳ୍ପିକ ନିବାରଣ ଜେନା ପ୍ରମୁଖ ପୁସ୍ତକ ସଂପର୍କରେ ଆଲୋଚନା କରିଥିବା ବେଳେ ସୁଶ୍ରୀ ଅରୁଣା ରାୟ, ଡ. ରମାକାନ୍ତ ନାୟକ, ଦୀନବନ୍ଧୁ ଲେଙ୍କା, ସୁଷମା ମହାପାତ୍ର, ପ୍ରଦୀପ ଚାଟାର୍ଜୀ, ଶରତ କୁମାର ମହାପାତ୍ର, ଡ. ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ତପନ ରାୟ ପ୍ରାକ୍‌କଥା ରଖିଥିବାବେଳେ ଡାକ୍ତର ନନ୍ଦ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ରଶ୍ମିରେଖା ପତି, ସୁବ୍ରତା ମହାନ୍ତି, ମମତା ମହାନ୍ତି, ଶୁଭଶ୍ରୀ ଦାସ, ଡ. ରତ୍ନାକର ସିଂହ, ଡ. ସାରଙ୍ଗଧର ତ୍ରିପାଠୀ, ପୀତାମ୍ବର ବେହେରା, ପଦ୍ମଲୋଚନ ପ୍ରଧାନ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ପୁସ୍ତକର ବିଭିନ୍ନ କବିତା ପାଠ କରିଥିଲେ। ସଭା ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସଙ୍ଗୀତା ବାରିକ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ବାସନ୍ତୀ ଦେ, ଗୀତାଞ୍ଜଳି ଶତପଥୀ, କବିତା ଜେନା ଓ ପୁଷ୍ପଲତା ଚକ୍ରବର୍ତ୍ତୀ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗ୍ମ ସଂପାଦକ ଜ୍ଞାନରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ମିଳିତ ଭାବେ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ କବି ଦୀପକ ବୋଷ ଶେଷକଥା ରଖିଥିଲେ।

ପୁଲିସ ଅଧିକାରୀଙ୍କ ପରଲୋକ

ବାଲେଶ୍ୱର,୨୩।୨(ସମିସ): ବାଲେଶ୍ୱରରେ କାର୍ଯ୍ୟରତ ଜନୈକ ପୁଲିସ ଅଧିକାରୀଙ୍କ ପରଲୋକ ହୋଇଯାଇଛି। ସେ ହେଉଛନ୍ତି ସବ୍ ଇନ୍ସପେକ୍ଟର ସୂର୍ଯ୍ୟ କୁମାର ନାୟକ। ଆଜି ଭୁବନେଶ୍ୱର ଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ହଳଦୀପଦା ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ଦୀର୍ଘ ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିଲେ। ବାରିପଦା ସହରର ୧୭ ନମ୍ବର ୱାର୍ଡରେ ତାଙ୍କର ଘର।

ଜିଏସ୍‌ଟି ମଣ୍ଡଳ ଏବଂ ଟାକ୍ସ ବାର୍ ମଧ୍ୟରେ କ୍ରିକେଟ ମ୍ୟାଚ୍



ବାଲେଶ୍ୱର,୨୩।୨(ସମିସ): ବାଲେଶ୍ୱର ଜିଏସଟି ମଣ୍ଡଳ ଏବଂ ଟାକ୍ସ ବାର(ବାଣିଜ୍ୟ କର) ମଧ୍ୟରେ ୧୫ ଓଭର ବିଶିଷ୍ଟ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ପରମିଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ପାଇଁ ବାଲେଶ୍ୱର ଟାକ୍ସ ବାର୍ ର କ୍ୟାପଟେନ କମଳାକାନ୍ତ ମହାକୁଡ଼ ନିର୍ଣ୍ଣୟ ନେଇ ୮୯ ରନ୍ କରିଥିଲେ। ଟାକ୍ସ ବାର୍ ବିପକ୍ଷରେ ନିର୍ଦ୍ଧାରିତ ୧୫ ଓଭରକୁ ୧ ବଲ୍ ଥାଇ ମ୍ୟାଚ୍ ତାଙ୍କ ଅକ୍ତିଆରରେ ନେଇଥିଲେ। ଏହି ମ୍ୟାଚ୍ ରେ ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ୍ ତୁଷାର କୁମାର ଦୋଶି, ଶ୍ରେଷ୍ଠ ବଲର୍ ଭାବେ ସୁନୀଲ ବେହେରା ଏବଂ ଶ୍ରେଷ୍ଠ ଫିଲଡର୍ ଭାବେ ରଣଦୀପ ତ୍ରିପାଠୀ ଏବଂ ଜିଏସଟି ଆରବିବି ଟିମ୍‌ର କ୍ୟାପଟେନ ଡେପୁଟି କମିଶନର ଅରୁଣ କୁମାର ପ୍ରଧାନ ସର୍ବଶ୍ରେଷ୍ଠ ଖେଳାଳି ହୋଇଥିଲେ। ମୁଖ୍ୟଅତିଥି ଏଡିସନାଲ କମିଶନର ଧୀରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଟାକ୍ସ ବାର୍ ସଭାପତି ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ଏବଂ ସମ୍ପାଦକ ସୂର୍ଯ୍ୟକାନ୍ତ କର ଏବଂ ବାଲେଶ୍ୱର ବାର୍ ସଭାପତି କେଶବ ଆଚାର୍ଯ୍ୟ ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଜିଏସଟି ଅଫିସର ମହିଳା ଅଧିକାରିଣୀ ଏବଂ ବାଲେଶ୍ୱର ଟାକ୍ସ ବାର୍ ମହିଳା ଓକିଲଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ବାଲେଶ୍ୱର ଆଥଲେଟିକ ଆସୋସିଏସନ୍ ଅଜିତ କୁମାର ପାତ୍ର ଓ ଦିଲ୍ଲୀପ କୁମାର ଜେନା ଖେଳ ପରିଚାଳନା କରିଥିଲେ।

ରେମୁଣା ବିଜେଡିର ସମ୍ବର୍ଦ୍ଧନା ସଭା



ରେମୁଣା,୨୩।୨(ସମିସ): ରେମୁଣା ହନୁମାନ କଲ୍ୟାଣ ମଣ୍ଡପଠାରେ ରେମୁଣା ବିଜେଡିର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଏହି ସଭାରେ ସଭାପତିତ୍ୱ କରିଛନ୍ତି ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରେମୁଣା ବିଜୁ ଜନତା ଦଳର ନବ ନିଯୁକ୍ତି ଭାବରେ ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଧିନ୍ଦା ଏବଂ ରେମୁଣା ଏନ. ଏ. ସି. ସଭାପତି ଆୟେସାନ ଖାନଙ୍କୁ ମନୋନୀତ କରାଯାଇଛି । ଏହି ସଭାରେ ରେମୁଣା ଏନ. ଏ. ସି ଚେୟାରମ୍ୟାନ ତନୁଜା ଗିରି, ବ୍ଲକ ଉପସଭାପତି ସୁମତି ବେହେରା, ମହିଳା ସଭାପତି ସଂଗୀତ ରାଉତ, ସୋମନାଥପୁର ଶାନ୍ତି କମିଟି ସଭାପତି ଧୀରେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ବରାଳ ଉପସ୍ଥିତ ହୋଇ ବିଜେଡି କେମିତି ସୁଦୃଢ଼ ହେବ ସେଥିପାଇଁ ଆଲୋଚନା କରାଯାଇଥିଲା। ଗୌରାଙ୍ଗ ପଡ଼ିଆରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରଦୀପ ବେହେରା, ପ୍ରଫୁଲ୍ଲ ମଣ୍ଡଳ, ସନ୍ତୋଷ ବେହେରା, ହରିଶ୍ଚନ୍ଦ୍ର ସାହୁ, କପିଳ ଦାସ, ରବୀନ୍ଦ୍ର ପଣ୍ଡା, ଦୁଷ୍ମନ୍ତ ଦାସ, ଜୟ ସିଂହ, ସଞ୍ଜୟ ବେହେରା, ପରମାନନ୍ଦ ସାହୁ, ବ୍ରହ୍ମାନନ୍ଦ ଦାସ, ରଘୁନାଥ ସାହୁ, ରୁପେଶ ଜେନା, ଗୌରାଙ୍ଗ ଦାସ ଓ ଅନେକ ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନେତୃତ୍ୱ ମଣ୍ଡଳୀ ପରିଚାଳନାରେ ସହଯୋଗ କରିଥିଲେ। ମାଧବାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

ସଦର କଂଗ୍ରେସର ମିଶ୍ରଣ ପର୍ବ

ବାଲେଶ୍ୱର,୨୩।୨(ସମିସ): ସଦର କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସଦରର ଯୁବ ନେତା ତଥା ଜିଲ୍ଲା କଂଗ୍ରେସର ଉପ ସଭାପତି ସରୋଜ ଲେଙ୍କାଙ୍କ ଲୋକପ୍ରିୟତାକୁ ଆଧାର କରି ଶତାଧିକ କର୍ମୀ କଂଗ୍ରେସର ସଦସ୍ୟତା ଗ୍ରହଣ କରିଛନ୍ତି। ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ଟାଉନ ସଭାପତି ଅନୁପ ସ୍ୱାଇଁ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲ୍ଲା କଂଗ୍ରେସ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ସଂଖ୍ୟାଲଘୁ ନେତା ସେଖ ଅସଗର ଅଲ୍ଲି, ସମ୍ପାଦକ ସେଖ ନେଜାମୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ଦଳରେ ସ୍ୱାଗତ କରିଥିଲେ। ୨୫ ନମ୍ବର ଜୋନ ସଭାପତି ଅନନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱ ମାତୃଭାଷା ଦିବସ ପାଳିତ



ବାଲେଶ୍ୱର,୨୩।୨(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସୁସାହିତ୍ୟିକ କୁଳମଣି ବାରିକ ଯୋଗଦେଇ କହିଲେ ଯେ ମାତୃଭାଷା ପ୍ରୀତି ନରହିଲେ ମାଆ, ମାଟି, ମଣିଷ ପ୍ରୀତି ରହିବ ନାହିଁ। ଭାଷା ପାଇଁ ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗ ସରକାର ଯେଉଁ କାର୍ଯ୍ୟମାନ କରୁଛନ୍ତି ଓ ଅର୍ଥବ୍ୟୟ କରୁଛନ୍ତି, ଓଡିଶା ସରକାର ଏ କ୍ଷେତ୍ରରେ ବହୁ ପଛରେ ରହିଛନ୍ତି ବୋଲି କ୍ଷୋଭର ସହ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା କବୀ ଦୀପ୍ତି ଦାସ ଆଲୋଚନାରେ ଭାଗନେଇ ମତ ପ୍ରକାଶ କରି କହିଲେ ଯେ ଭାଷା ବିନା ନିଷ୍ପ୍ରାଣ ଏ ପୃଥିବୀ। ମାଆ ବାଗଦେବୀଙ୍କ ଆବିର୍ଭାବ ଦ୍ୱାରାଏଠାରେ ସବୁକିଛି ଆନନ୍ଦଦାୟୀ ହୋଇଛି। ବିଶ୍ୱର ଅନ୍ୟ ଭାଷା ମସ୍ତିଷ୍କର ଭାଷା ହୋଇଥିଲା ବେଳେ କେବଳ ମାତୃଭାଷା ତାଙ୍କ ହୃଦୟର ଭାଷା ହୋଇରହେ। ଉକ୍ତ ଭାଷା ଦିବସରେ ବାଲେଶ୍ୱର ଜିଲ୍ଲା ସ୍କୁଲ, ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁନ୍ତଳା କୁମାରୀ ମହିଳା ମହାବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଯୁବପିଢ଼ି ଭାଷାପ୍ରତି ନିଜସ୍ୱ ଚିନ୍ତନକୁ ପ୍ରକାଶ କରିଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିବା ବେଳେ କଲ୍ୟାଣୀ ନନ୍ଦ ଓ ସାଥୀଙ୍କ ଦ୍ୱାରା ଭାଷା ବନ୍ଦନା ଗାନ କରାଯାଇଥିଲା। ଶେଷରେ ଡ. ପାତ୍ର ମାତୃଭାଷାର ପ୍ରୀତିରେ ଜାତୀୟ ପ୍ରୀତି ଓ ପ୍ରଗତି ସମ୍ଭବପର ହୋଇଥାଏ ବୋଲି ମତବ୍ୟକ୍ତ କରି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମରେ ଝୁଲୁଛି ତାଲା

ବାଲେଶ୍ୱର,୨୩।୨(ସମିସ)



● ନିୟମିତ ଖେଳକୁଦରୁ ବଞ୍ଚିତ ହେଉଛନ୍ତି ଗ୍ରାମାଞ୍ଚଳ ପିଲା

● ଆସନ୍ତା ଇଶାଣୀ ବୈଶାଖୀ ମହୋତ୍ସବ, ବାସନ୍ତୀ ପୂଜା ଓ ବିଶାଳ ଉଡ଼ାଯାତ୍ରା ହେବ କେଉଁଠି

ଖେଳକୁଦ ହେଉ ଅବା ପ୍ରାତଃ ଭ୍ରମଣ ହେଉ କିମ୍ବା କିଛି ମହୋତ୍ସବ ପାଇଁ ଅନେକ ସମୟରେ ପଡିଆର ଅଭାବ ହେଉଥିବା ଦେଖିବାକୁ ମିଳିଛି। ସହର ତ ଦୂରରେ କଥା ଏବେ ଗାଁରେ ଏପରି ସମସ୍ୟା ଦେଖାଦେଇଛି। ଐତିହାସିକ ଇଶାଣୀ ପଡ଼ିଆରେ ଦୀର୍ଘ ବର୍ଷ ଧରି ବୈଶାଖୀ ମହୋତ୍ସବ ପୂଜା ଏବଂ ବିଶାଳ ଉଡ଼ାଯାତ୍ରା ହୋଇଆସୁଥିଲା। ହେଲେ ଏବେ କିଛି ମାସ ହେବ ଉକ୍ତ ପଡ଼ିଆ ତଥା ମିନି ଷ୍ଟାଡିୟମରେ ଝୁଲୁଛି ତାଲା। ଫଳରେ ସ୍ଥାନୀୟ ତଥା ଗ୍ରାମାଞ୍ଚଳ ପିଲାମାନେ ଖେଳକୁଦ କରିବା ପାଇଁ ପଡ଼ିଆ ପାଉନଥିବା ଅଭିଯୋଗ ହୋଇଛି। ଏଥିସହିତ ଏବର୍ଷ ବୈଶାଖୀ ମହୋତ୍ସବ ପୂଜା ଏବଂ ବିଶାଳ ଉଡ଼ାଯାତ୍ରା କେଉଁଠି ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆଜି ଇଶାଣୀ ବୈଶାଖୀ ମହୋତ୍ସବ ଆବାହକ କମିଟି ସାଧାରଣ ସଂପାଦକ ଭାଗବତ ସାହୁଙ୍କ ଆହ୍ୱାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ “ମା’ ବାସନ୍ତୀ ସାର୍ବଜନୀନ ମଣ୍ଡପ’ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ବରିଷ୍ଠ ଆଡ଼ଭୋକେଟ୍ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ସବୁବର୍ଷ ପରି ଏପ୍ରିଲ୍ ୧୦ରୁ ୧୪ ତାରିଖ ପାଞ୍ଚଦିନିଆ ବହୁବିଧ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଦୁଇରାତି ଯାତ୍ରା, ବିଦ୍ୟାଳୟ ପିଲାମାନଙ୍କ ତଥା ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବା ସହ ଶତାଧିକ ବିଭିନ୍ନ ଷ୍ଟଲ୍-ବିପଣୀ ଓ ରାମଦୋଳି ଆଦି ହରେକ ପ୍ରକାର ମନୋରଞ୍ଜନକାରୀ ଆଲୋକ-ଆକର୍ଷଣ, ଅତ୍ୟାଧୁନିକ ଏଲଇଡି ମାଧ୍ୟମର ରହିବାର ଆପାତଃ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଇଶାଣୀ ପଡ଼ିଆରେ ମହୋତ୍ସବ ଓ ବିଶାଳ ଉଡାଯାତ୍ରା ହୁଏ। ହେଲେ କିଛି ମାସ ହେବ ସେହି ଷ୍ଟାଡିୟମ ଗେଟ୍‌ରେ ତାଲା ଝୁଲୁଛି। ବର୍ତ୍ତମାନ ଆମେ କାର୍ଯ୍ୟକ୍ରମ କରିବା ପାଇଁ ପଡ଼ିଆ ପାଉନୁ। ପଡିଆ ତଥା ଷ୍ଟାଡିୟମରେ ଝୁଲୁଛି ତାଲା। ଏ ବାବଦରେ ଆମେ ବିଡ଼ିଓଙ୍କୁ ଜଣାଇଛୁ। ହେଲେ କିଛି ପଦକ୍ଷେପ ଗ୍ରହଣ ହୋଇନାହିଁ। ଏହାପରେ ଜିଲ୍ଲାପାଳଙ୍କୁ ମଧ ଜଣାଇବୁ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବୈଶାଖୀ ମହୋତ୍ସବ, ମା’ ବାସନ୍ତୀ ପୂଜା ଓ ବିଶାଳ ଉଡାଯାତ୍ରା ପାଇଁ ବାଲେଶ୍ୱର ସମୁଦ୍ର ଉପକୂଳବର୍ତ୍ତୀ ପ୍ରାୟ ପଚାଶଖଣ୍ଡ ଗାଁର ଜନଗଣଙ୍କ ପାଇଁ ଏକ ସ୍ମରଣୀୟ ଭକ୍ତିର ବିଶ୍ୱାସ ଭାବରେ ପରିଚିତ। ଏହା ଆଂଚଳିକ ଅନୁଗ୍ରହୀ ଭକ୍ତିପୂତ ବ୍ୟକ୍ତିବିଶେଷମାନଙ୍କ ସମାବେଶରେ ଏକ ସ୍ୱାତନ୍ତ୍ର୍ୟ ବହନ କରେ। ଏହି ମହୋତ୍ସବ ଇଶାଣୀ ପଡ଼ିଆରେ ହୁଏ। ଏହି ଇଶାଣୀ ପଡିଆ ଲବଣ ସତ୍ୟାଗ୍ରହ ସ୍ମରକୀ ମିନି ଷ୍ଟାଡିୟମରେ ପରିଣତ ହୋଇଛି। ହେଲେ ଏତାଦୃଶ ବିଶାଳ ପଡ଼ିଆର “ଲବଣ ସତ୍ୟାଗ୍ରହ ମିନି ଷ୍ଟାଡ଼ିୟମ୍’ ଦୁଇମାସରୁ ଊଢ଼ିମ କାଳ ଧରି ପଡ଼ିଆର ପ୍ରଦେଶ ପଥକୁ ତାଲା ଲଗାଯାଇ ଦିବସବ୍ୟାପୀ ଗୋରୁଗାଈମାନଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ, ପିଲାମାନଙ୍କର ନିୟମିତ ଖେଳାଖେଳିରୁ ବଂଚିତ କରାଇବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେଉଁ ଘଟଣାକୁ ସର୍ବସାଧାରଣ ତଥା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଅପରିଣାମଦର୍ଶୀ ପଦକ୍ଷେପ ବିରୁଦ୍ଧରେ ଜିଲ୍ଲାର ବିଭାଗୀୟ ଅଧିକାରୀ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଇ ଆଗାମୀ ଉଡ଼ାଯାତ୍ରା, ବାସନ୍ତୀ ପୂଜା ଓ ବୈଶାଖୀ ମହୋତ୍ସବର ପାରମ୍ପରିକ କାର୍ଯ୍ୟକ୍ରମ ଯଥାଯଥ ସୁଚାରୁ ସଂପାଦନ ପାଇଁ ସର୍ବସମ୍ମତି ମତେ ଦାବି ଉପସ୍ଥାପନ ହୋଇଛି। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଉପସଭାପତି କବି ଶ୍ରୀଦେବ, ନରେନ୍ଦ୍ର ଦାସ, ଚଞ୍ଚଳ ବନ୍ଧନ, ହିମାଂଶୁ ପରିଡ଼ା, ଦୀନବନ୍ଧୁ ବେହେରା, ଜନାର୍ଦ୍ଦନ ବିନ୍ଧାଣୀ, ପ୍ରଫୁଲ୍ଲ ନାୟକ, ସାରିକା କର, ଆଡ୍. ଦୀପ୍ତେନ୍ଦ୍ର ରାୟ, ନରେନ୍ଦ୍ର ବାରିକ, ରମେଶ ବେହେରା, ରବୀନ୍ଦ୍ର ମଡୁଆଳ, ସନାତନ ବେହେରା, ମହେନ୍ଦ୍ର ମହାଳିକ, ମନ୍ମଥ ମାଝୀ (ନାଏବ ସରପଞ୍ଚ), ବାବୁ ଦାସ, କାହ୍ନୁଚରଣ ଦାସ, ମନୋଜ ଦାସ, ସାର୍ଥକ ସାହୁ, ଶଶିକାନ୍ତ ସିଂ ପ୍ରମୁଖ ଆଶୁ ସମାଧାନ କରାନ ନଗଲେ ଆଗାମୀ ସପ୍ତାହ ମଧ୍ୟରେ ଜନସାଧାରଣଙ୍କ ଅସନ୍ତୋଷ ସମ୍ଭାବନାକୁ ଏଡ଼ାଯାଇନପାରେ ବୋଲି କୁହାଯାଇଛି।

ବିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ୨୫ରେ

- ୩ମାସ ବ୍ୟବଧାନରେ ବୈଠକ ହେଉଥିବାରୁ ଆଲୋଚନା ସରଗରମ ହେବା ସମ୍ଭାବନା
- ଟେଣ୍ଡର ଆହ୍ୱାନରେ ବିଳମ୍ବ, ଭତ୍ତା ଜନିତ ସମସ୍ୟା, ବିକାଶରେ ବାଧା ହେବ ପ୍ରସଙ୍ଗ
- ବିଜେଡି ଦଖଲରେ ଥିବା ବିଏମ୍‌ସିକୁ ସରକାରୀ ଅବହେଳା ନେଇ ଉଠିବ ସ୍ୱର

ବ୍ରହ୍ମପୁର,୨୩।୨(ସମିସ): ଦିର୍ଘ ୩ମାସ ବ୍ୟବଧାନରେ ଆସନ୍ତା ୨୫ତାରିଖରେ ବ୍ରହ୍ମପୁର ମହାନଗର ନିଗମର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବା କର୍ପୋରେସନ ବୈଠକ ବସିବାକୁ ସ୍ଥିର ହୋଇଛି। ଯଦିଓ ଏଥି ପୂର୍ବରୁ ଗୋଟିଏ ସ୍ୱତନ୍ତ୍ର ଓ ଗୋଟିଏ ଜରୁରୀ ବୈଠକ ହୋଇଥିଲା ତେବେ ଗତ ୨୦୨୫ମସିହା ନଭେମ୍ବର ୨୧ତାରିଖରେ ନିଗମର ଶେଷ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ନିୟମିତ ଭାବେ ପ୍ରତି ମାସରେ ଅଥବା ଦୁଇମାସରେ ଥରେ କର୍ପୋରେସନ ବୈଠକ ବସିବାର ବିଧି ଥିବା ବେଳେ ଏଥିରେ ନିୟମିତ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଫଳରେ ସହରର ବିଭିନ୍ନ ୱାର୍ଡରେ ଥିବା ସମସ୍ୟାର ସମାଧାନ ହେବାରେ ଏପରିକି ସାମଗ୍ରିକ ଭାବେ ବିକାଶ କ୍ଷେତ୍ରରେ ବାଧା ଉପୁଜୁଥିବା ଅଭିଯୋଗ କରିଛନ୍ତି ଖୋଦ୍ ଅଧିକାଂଶ କର୍ପୋରେଟର। ବିଳମ୍ବରେ ହେଲେ ମଧ୍ୟ କର୍ପୋରେସନ ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସରଗରମ ଆଲୋଚନା ହେବ ବୋଲି ଜଣାପଡିଛି। ଖାସ କରି ବିଭିନ୍ନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନରେ ଅହେତୁକ ବିଳମ୍ବ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସୁଯୋଗ ପ୍ରଦାନ ସହିତ ଭତ୍ତା ଅର୍ଥ ପ୍ରଦାନରେ ବିଳମ୍ବ। ସେହିଭଳି ପୂର୍ବ ସରକାର ଅମଳରେ ବିଏମସିରେ ଚାଲିଥିବା ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେବା ଓ ବିଜେଡି ଦଖଲରେ ଥିବା ନିଗମକୁ ରାଜ୍ୟ ସରକାରଙ୍କ ଅବହେଳା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ସମ୍ଭାବନା ରହିଛି। ବିଏମସିର ପୂର୍ବ ବଜେଟ ଅନୁଯାୟୀ ସରକାରୀ ଅନୁଦାନ ଆସିବାରେ ବିଳମ୍ବ ଯୋଗୁଁ ବହୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନଥିବା ବେଳେ ଅନେକ ଅଧପନ୍ତରିଆ ଭାବେ ପଡିରହିଛି। ସେହିଭଳି ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନରେ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସୁଯୋଗ ନଦେବା ସବୁଠୁ ବଡ ସମସ୍ୟା ହୋଇଛି। ଯାହାକୁ ନେଇ କର୍ପୋରେଟରମାନଙ୍କୁ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି। କର୍ପୋରେସନ ବୈଠକରେ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନଥିବା ଏପରିକି ବିଭିନ୍ନ ୱାର୍ଡର ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଉ ନ ଥିବାରୁ କର୍ପୋରେଟରଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଆସନ୍ତା ୨୫ତାରିଖରେ ହେବାକୁ ଥିବା ବୈଠକରେ ଉଗ୍ରରୂପ ଧାରଣ କରିବ ବୋଲି ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ବିଧାନସଭାର ବଜେଟ ଅଧିବେଶନ ଚାଲିଥିବାବେଳେ ୨୪ ତାରିଖରେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହେବ। ପୁଣିଥରେ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଅଧିବେଶନର ଛୁଟି ଦିନ ମଧ୍ୟରେ ବ୍ରହ୍ମପୁର ମବହାନଗର ନିଗମର ସାଧାରଣ ପରିଷଦ ବୈଠକ ଡକାଯିବାକୁ ସ୍ଥିର କରାଯାଇଥିବା ନେଇ ସୂଚନା ଦେଇଛନ୍ତି ମେୟର ସଂଘମିତ୍ରା ଦଳେଇ। ସାଧାରଣ ପରିଷଦ ବୈଠକ ପୂର୍ବରୁ ବିଭିନ୍ନ ଷ୍ଟାଣ୍ଡି କମିଟି ବୈଠକ ବସିବା ବିଧି ରହିଥିବା ବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଓ ଆଉ କିଛି କମିଟି ବୈଠକ ହୋଇପାରିନଥିବା ସୂଚନା ମିଳିଛି। ତେବେ କର୍ପୋରେସନ ଓ ସଂସ୍ଥାପନା ଷ୍ଟାଣ୍ଡି କମିଟି, ଟିକସ, ଅର୍ଥ ଓ ଆୟବ୍ୟୟ ଷ୍ଟାଣ୍ଡିଂ କମିଟି ସମେତ କଣ୍ଟ୍ରାକ୍ଟ କମିଟି ଆଦିର ବୈଠକ ହୋଇସାରିଥିଲେ ହେଁ କମିଟି ଦ୍ୱାରା ସୁପାରିଶ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନାହିଁ କିମ୍ବା କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରି ନାହିଁ।

ଚୋରି ଅଭିଯୋଗରେ ଯୁବକ ଗିରଫ

ଫିରିଙ୍ଗିଆ,୨୩।୨(ସମିସ): ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କାରି କୋର୍ଟ ଚାଲାଣ କରିଛି ଫିରିଙ୍ଗିଆ ପୁଲିସ। ଅଭିଯୁକ୍ତ ଜଣକ ହେଉଛି ଫିରିଙ୍ଗିଆ ଥାନା ନୁଆପଦର ପଞ୍ଚାୟତ ବିଲୁ ପଦର ଗାଁର ସୁମନ୍ତ ଦିଗାଲ। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ବିଲୁପଦର ଗାଁର ଉଲପି ବେହେରା ନାମକ ଜଣେ ମହିଳାଙ୍କ ଘର ଲୋକ ଘରେ ତାଲା ପକେଇ ଫୁଲବାଣୀ ଡାକ୍ତରଖାନାକୁ ଯାଇଥିବା ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ଘରର ତାଲା ଭାଙ୍ଗି ଏକ ସିଲିଂ ଫ୍ୟାନ, ଏକ ପାଣି ପମ୍ପ ଓ ଏକ ବାକ୍ସରେ ରଖା ହୋଇଥିବା ନଗଦ ଚାରିହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଘରକୁ ଆସି ଚୋରି ହୋଇଥିବା ଜାଣିବା ପରେ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ଫିରିଙ୍ଗିଆ ଥାନାରେ ଏକ ଚୋରି ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ମୁରଲିଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲା। ଚୋରି ହେବାର ଆଠ ଘଣ୍ଟା ନପୂରୁଣୁ ଚୋରକୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ପାଖରୁ ପୁଲିସ ସମସ୍ତ ଚୋରି ସାମଗ୍ରୀ ମଧ୍ୟ ଜବତ କରିଥିଲା। ସମ୍ପୃକ୍ତ ଚୋରକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ।


ଗୋଦର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୨୩।୨(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନର ଫାଇଲେରିଆ ବା ଶ୍ଲୀପଦ ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ସନ୍ତସନ୍ତିଆ ଜାଗାରେ ଫାଇଲେରିଆ କୃମି ଯୁକ୍ତ ଆନୋଫିଲିସ ମଶା ବଢ଼ନ୍ତି, ଏମାନେ କାମୁଡ଼ିଲେ କୀଟ ଲସିକା ସଂବହନରେ ଯାଇ ଲସିକାଗ୍ରନ୍ଥକୁ ବଡାଇ କମ୍ପନ ଯୁକ୍ତ ଜ୍ୱର, ମୁଣ୍ଡବ୍ୟଥା, ଗୋଡ, କୋଷ, ହାତ, ନାକ, କାନ ବା ଓଠ ଫୁଲିଯାଏ। ଲସିକା ଆସୁଥିବାରୁ କ୍ଷୀର ରଙ୍ଗର ପରିସ୍ରା ହୁଏ। ଅର୍ଦ୍ଧ ରାତ୍ରିରେ ରକ୍ତ ପରୀକ୍ଷା କରି ବା ନାଡୀ ଦେଖି ରୋଗ ନିର୍ଣ୍ଣୟ ହୁଏ। ମଶା ବଂଶ ନାଶ କରି, ମଶାରୁ ଦୂରେଇ ରହିଲେ ରୋଗ ହୁଏ ନାହିଁ। ଖଟା, ବାସୀ ଥଣ୍ଡା ଓ କଫ କାରକ ଖାଦ୍ୟ ଛାଡି ହଳଦୀ ଚୂର୍ଣ୍ଣ ଗୁଡ଼ ସହ ବା ଗିଲ ପତ୍ର ବା ଗୁଳୁଚି ପତ୍ର ରସ ସହ ସୋରିଷ ତେଲ ପିଇଲେ ଭଲ ହୋଇଯାଏ। ଫୁଲା ବ୍ୟଥା ସ୍ଥାନରେ ଦୁଦୁରା କିମ୍ବା ବୃଦ୍ଧଦ ରକପତ୍ର ବାଟି ଗରମ କରି ଲଗାଇଲେ ଭଲ ହୋଇଯାଏ। ଫୁଲା ସ୍ଥାନରେ ଶୁଦ୍ଧ ଜୋକ ଲଗାଇଲେ ଅଶୁଦ୍ଧ ରକ୍ତ ବାହାରିଯାଇ ଫୁଲା ଶୀଘ୍ର କମିଯାଏ। ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର।

ଦୁର୍ଗମ ଅଞ୍ଚଳକୁ ଟିପିଏସ୍‌ଓଡିଏଲ୍‌ର ଗୁଣାତ୍ମକ ବିଜୁଳି ସେବା

ଉପକୃତ ହେବେ ୨ ହଜାର ଉପଭୋକ୍ତା



ବ୍ରହ୍ମପୁର,୨୩।୨(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମାର୍ଥାପୁଟଠାରେ ୪.୭୩ ସର୍କଟ୍ କିଲୋମିଟର ଲମ୍ବା ଏକ ନୂତନ ୩୩କେଭି ଲାଇନ ପ୍ରତିଷ୍ଠା କରାଯାଇଛି। ଦକ୍ଷିଣ ଓଡ଼ିଶା ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ଅଟେ। ନୂତନ ଭିତ୍ତିଭୂମି କାରଣରୁ ପାଖାପାଖି ୨ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିଛି। ଆନ୍ଧ୍ରପ୍ରଦେଶ ସୀମାନ୍ତ ତଥା ପୂର୍ବଘାଟ ପର୍ବତମାଳାର ବଳୟ ଭିତରେ ରହିଥିବା କାରଣକୁ କୋରାପୁଟ ଜିଲ୍ଲାରେ ବିଜୁଳି ଯୋଗାଣ ଅପେକ୍ଷାକୃତ ଭାବେ ଅନ୍ୟ ସ୍ଥାନ ତୁଳନାରେ କଷ୍ଟସାଧ୍ୟ। ଏହିକ୍ରମରେ ଲମତାପୁଟ ବ୍ଲକରେ ବିଜୁଳି ଯୋଗାଣକୁ ନେଇ ଥିବା ସମସ୍ୟାର ସମାଧାନ ପାଇଁ ନୂଆ ଲାଇନ ପ୍ରତିଷ୍ଠା କରି କମ୍ପାନୀ ଗୁଣା।କ ସେବା ସୁନିଶ୍ଚିତ କରୁଛି। ପ୍ରତିଷ୍ଠା ହୋଇଥିବା ନୂତନ ୩୩ କେଭି ଫିଡର ଲମତାପୁଟ ବ୍ଲକ ଅନ୍ତର୍ଗତ ଗଣେଇପଦା, ଜଳହଞ୍ଜର, ଟିକେନପୁଟ୍, ଗୋଦିହଞ୍ଜର, ଅନକାଡେଲି ଓ ବଡ଼ିଗଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଇବ। ପୂର୍ବରୁ ମାର୍ଥାପୁଟ ପ୍ରାଥମିକ ସବଷ୍ଟେସନକୁ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାୟ ୭୦କିଲୋମିଟର ଲମ୍ବା ୩୩ କେଭି ଲାଇନ ମାଧ୍ୟମ ବିଦ୍ୟୁତ ଯୋଗାଣ ହେଉଥିଲା। ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ, ବିଶେଷ କରି ବର୍ଷା ସମୟରେ ବିଦ୍ୟୁତଜନିତ ତ୍ରୁଟି ଚିହ୍ନଟରେ ବିଳମ୍ବ ହେଉଥିଲା ଓ ବିଦ୍ୟୁତ ସେବା ପ୍ରଭାବିତ ହେଉଥିଲା। ସଂପ୍ରତି ଏହି ସମସ୍ୟା ଦୂର ହୋଇଛି। ଲମତାପୁଟ ଗ୍ରୀଡ୍ ସବଷ୍ଟେସନରୁ ସ୍ୱତନ୍ତ୍ର ଫିଡର କାର୍ଯ୍ୟକ୍ଷମ ହେବା ପରେ ବିଜୁଳି ଯୋଗାଣ ନିମନ୍ତେ ବିକଳ୍ପ ଉତ୍ସ ମିଳିପାରିଛି। ଯାହା ମୂଳ ତଥା ଲମ୍ବା ଲାଇନ ଉପରେ ନିର୍ଭରତାକୁ ହ୍ରାସ କରିଛି। ସେହିପରି ନନ୍ଦପୁର ଫିଡର ମାଧ୍ୟମରେ ବିକଳ୍ପ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ଭୋଲଟେଜ୍ ସମସ୍ୟା ଦୂର କରିବା ସହ ବିଜୁଳି ଯୋଗାଣରେ ସ୍ଥିରତା ଆଣିବ ଓ ତ୍ରୁଟି ଚିହ୍ନଟ ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଇପାରିବ। ଘରୋଇ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, କ୍ଷୁଦ୍ର ଉଦ୍ୟୋଗ ତଥା କୃଷି ଓ ଜୀବନଜୀବିକା କ୍ଷେତ୍ରକୁ ଗୁଣାତ୍ମକ ବିଜୁଳି ସେବା ମିଳିବ। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ମାର୍ଥାପୁଟରେ ନୂତନ ୩୩କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ଭୌଗଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ବିଜୁଳି ଯୋଗାଣ ପୂର୍ବାପେକ୍ଷା ସହଜ ହୋଇପାରିଛି। ସେହି ଅଞ୍ଚଳଗୁଡ଼ିକରେ ବିଜୁଳି ଯୋଗାଣରେ ସ୍ଥିରତା ଆସିବା ସହ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଶୀଘ୍ର କରାଯାଇପାରୁଛି। ଆମେ ନୂତନ ଭିତ୍ତିଭୂମିମାନ ପ୍ରତିଷ୍ଠା କରି ଉପଭୋକ୍ତାଙ୍କୁ ଗୁଣା।କ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ପ୍ରତିବଦ୍ଧ ଅଟୁ।

ଲାଞ୍ଜିପଲ୍ଲୀ ବାଇପାସ୍ ଛକ ଓଭରବ୍ରିଜ ନିର୍ମାଣରେ ବିଳମ୍ବ

ବ୍ରହ୍ମପୁର, ୨୩।୨ (ସମିସ): ହଳଦିଆପଦର ଓଭରବ୍ରିଜ ଉପରେ ଦୁର୍ଘଟଣାରେ ୫ଜଣଙ୍କ ଜୀବନ ଯିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସେପଟେ ଲାଞ୍ଜିପଲ୍ଲୀ ବାଇପାସ ଛକରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଛି। ଅନେକଙ୍କ ଅକାଳରେ ପ୍ରାଣ ମଧ୍ୟ ଯାଉଛି। ଏଠାରେ ଓଭରବ୍ରିଜ ନିର୍ମାଣ ନେଇ ଦୀର୍ଘ ବର୍ଷ ହେଲା ଦାବି ହେଉଥିବା ବେଳେ ନେତା ଓ ମନ୍ତ୍ରୀଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନେ ଓଭରବ୍ରିଜ ନିର୍ମାଣ ନେଇ କେବଳ ପ୍ରତିଶ୍ରୁତି ଦେଇ ଆସିଛନ୍ତି। ଏପରିକି ବ୍ରିଜ ନିର୍ମାଣ ହେବ କହି ସେଠାରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ଦେଖି ଲୋକେ ଭାବିଲେ ଏଥର କାମ ଆରମ୍ଭ ହେବ। କିନ୍ତୁ ଏଯାବତ ହୋଇପାରି ନାହିଁ। ଶୁଣିବାକୁ ମିଳୁଛି କିଛି ଲୋକ ପିଟିସନ ଦାଖଲ କରିଛନ୍ତି। ପ୍ରଶାସନ ପକ୍ଷରୁ ପିଟିସନକାରୀଙ୍କୁ ସେମାନଙ୍କ ଜାଗାର ଟଙ୍କା ଦିଆ ଯାଇନଥିବା କୁହାଯାଉଛି। ଯାହା ଫଳରେ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ନିକଟରେ ଲାଞ୍ଜିପଲ୍ଲୀ ବାଇପାସ ଛଅରେ ଏକ ଦୁର୍ଘଟଣାରେ ବ୍ରହ୍ମପୁର ବଡବଜାର ଗୌଡ ସାହିର ଜେ. ରୂପସୁନ୍ଦରୀ(୭୫) ନାମକ ଜଣେ ବୃଦ୍ଧା ମହିଳା ମୃତ୍ୟୁ ବରଣ କରିଥିଲେ। ସ୍ଥାନୀୟ ଲୋକେ ବାରମ୍ବାର ବ୍ରିଜ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ ହେଁ ତାହା କଲମ କାଗଜରେ ସୀମିତ ଥିଲା ଭଳି ମନେ ହେଉଛି। ଲାଞ୍ଜିପଲ୍ଲୀ ବାଇପାସ ଦେଇ ସକାଳ ଆରମ୍ଭରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଛକରେ ଶହ ଶହ ଗାଡ଼ି ଯାତାୟତ କରୁଛି। ଗୋଟିଏ ପରେ ସହର ମଧ୍ୟକୁ ଯାତାୟତ ରହିଥିବା ବେଳେ ଅନ୍ୟପଟେ

ଘୋଷଣାରେ ସୀମିତ ରହିବ ନା କାମ ଆଗେଇବ?

ଜାତୀୟ ରାଜପଥରେ ମଧ୍ୟ ଭାରିଯାନ ଗୁଡ଼ିକ ଯାତାୟତ କରିଥାଏ। ଯାହାଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ହେଉଛି। ବାରମ୍ବାର ଦୁର୍ଘଟଣାକୁ ନେଇ ଦୀର୍ଘ ବର୍ଷ ହେଲା ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ଏକ ଓଭରବ୍ରିଜ ନିର୍ମାଣ ଦେଇ ଦାବି ହୋଇ ଆସୁଛି। କିନ୍ତୁ ଏଥିରେ ଶିଥିଳତା ଦେଖାଦେଇଛି। ପୂର୍ବରୁ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ସହରବାସୀ ଜାତୀୟ ରାଜପଥ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ଗତ ଫେବୃୟାରୀ ମାସରେ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲ ସୁବ୍ରମଣ୍ୟମଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଗସ୍ତ କରିଥିଲେ। ଏହି ଟିମ୍ ସହର ଓ ସହରକୁ ଲାଗି ରହିଥିବା ଜାତୀୟ ରାଜପଥରେ କାହିଁକି ଦୁର୍ଘଟଣାର ମାତ୍ରା ବଢୁଛି ସେନେଇ ବ୍ରହ୍ମପୁର ଏସପି ଡ଼ା.ଶର୍ବଣୀ ବିବେକ ଏମ୍‌ଙ୍କ ସହ ସମୀକ୍ଷା କରିଥିଲେ। ବ୍ରହ୍ମପୁରକୁ ଲାଗି ରହିଥିବା ମୋଟ ୧୦ଟି ସ୍ଥାନକୁ ବ୍ଲାକସ୍ପଟ୍ ଭାବେ ଘୋଷଣା କରିବା ସହିତ ଓଭରବ୍ରିଜ ନିର୍ମାଣ ଓ ସର୍ଭିସ୍ ରୋଡ଼କୁ ଦୁଇ ଲାଇନ କରିବା ନିମନ୍ତେ ବ୍ରହ୍ମପୁର ଏସପି ଓ ସରକାରଙ୍କୁ କହିଥିଲେ। ଏହାପରେ ଲାଞ୍ଜିପଲ୍ଲୀ ବାଇପାସରେ ପୁଲିସ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହିତ ସୁରକ୍ଷିତ ଭାବେ ଯାତାୟତ ପାଇଁ ବାଇପାସ୍ ଛକରେ ସୂଚନା ଫଳକ ତଥା ବ୍ୟାରିକେଟ୍ ଲଗାଯାଇଛି। ସୂଚନା ଫଳକ ତଥା ବ୍ୟାରିକେଟ୍ ଲଗାଯିବା ଓ କର୍ମଚାରୀ ନିୟୋଜିତ ହେବା ପରେ ଦୁର୍ଘଟଣା ମଧ୍ୟ କମ୍ ହୋଇଛି। ସେଠାରେ ଓଭରବ୍ରିଜ ନିର୍ମାଣ ନେଇ ସରକାର ଯୋଜନା କରୁଛନ୍ତି। ଓଭରବ୍ରିଜ ହେଲେ ହିଁ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇପାରିବ ପୁଲିସ ପକ୍ଷରୁ କୁହାଯାଇଛି। ତେବେ କେବେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାହା ହିଁ ଦେଖିବାକୁ ବାକି ରହିଲା।

ଥାନାଧିକାରୀଙ୍କ ଗାଡ଼ିକୁ ପଇଡ଼ ମାଡ଼

ବ୍ରହ୍ମପୁର,୨୩।୨(ସମିସ): ଗୋପାଳପୁର ଥାନା କରାପଲ୍ଲୀ ଛକରେ ରାତ୍ର ପ୍ରାୟ ୮ଟା ସମୟରେ ପାଟ୍ରୋଲିଂ ଚାଲିଥିବା ସମୟରେ ଥାନା ଅଧିକାରୀଙ୍କ ଗାଡ଼ିକୁ କେହି ଜଣେ ଦୁର୍ବୃତ୍ତ ପଛପଟୁ ପଇଡ଼ ଫିଙ୍ଗି କାଚ ଭାଙ୍ଗି ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ଗୋପାଳପୁର ଥାନାରେ ନୂତନ ଥାନା ଅଧିକାରୀ ସତ୍ୟରଞ୍ଜନ ଲେଙ୍କା ଦାୟିତ୍ୱ ନେବା ପରେ ଅଞ୍ଚଳରେ ପାଟ୍ରୋଲିଂ କଡ଼ା କଡ଼ି କରିଛନ୍ତି। ଆଜି କରାପଲ୍ଲୀ



ଛକରେ ଥିବା ଏକ ଦେଶୀ ମଦ ଦୋକାନ ନିକଟରେ ଟ୍ରାଫିକ ସମସ୍ୟା ବୁଝି ଫେରୁଥିବା ସମୟରେ କେହି ଜଣେ ଦୁର୍ବୃତ୍ତ ପଛପଟୁ ପଇଡ଼ ଫିଙ୍ଗିବାରୁ ପଛପଟ କାଚ ଭାଙ୍ଗି ଚୂରମାର ହୋଇଯାଇଥିଲା। ଘଟଣାସ୍ଥଳରେ ପୁଲିସ ଟିମ୍ ତଦନ୍ତ ଜାରି ରଖିବା ଜଣାପଡ଼ିଛି।

ଭାରତ ବିକାଶ ପରିଷଦର ଗୁରୁ ବନ୍ଦନ ଓ ମେଧା ବୃତ୍ତି ସମ୍ମାନ

ବ୍ରହ୍ମପୁର,୨୩।୨(ସମିସ): ଭାରତ ବିକାଶ ପରିଷଦ ବ୍ରହ୍ମପୁର ଶାଖା ପକ୍ଷରୁ 'ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ' ଏବଂ 'ମେଧା ବୃତ୍ତି ସମ୍ମାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ସୀମାଞ୍ଚଳ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାକେଶ କୁମାର ପରିଡା, ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ, ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶାଖା ସମ୍ପାଦକ ଶିବରାମ ରେଡ୍ଡୀ ଯୋଗ ଦେଇଥିଲେ। ଗୁରୁ ବନ୍ଦନା ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ନିଜ ନିଜର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ଶିକ୍ଷା ଜରିଆରେ ନିଜର ଓ ସାମାଜିକ ପରିବର୍ତ୍ତନ କରିବା ଏବଂ ଦେଶାତୋବାଧକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ପାଇଁ କହିଥିଲେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ମେଧା ବୃତ୍ତି ସମ୍ମାନ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସଦ୍ୟସ ବାଇଧର ଗୌଡ଼, କୁମୁଦ ରଞ୍ଜନ ଜେନା, ଯାଜ୍ଞସେନି ଦେବୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଜି.ଉଦୟଗିରି,୨୩।୨(ସମିସ): ଜି.ଉଦୟଗିରି ପଞ୍ଚାୟତ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ୪୨ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣିରେ ଜିଲ୍ଲାପାଳ ବେଦଭୂଷଣ, ଉପଜିଲ୍ଲାପାଳ ପ୍ରାଣିତ ଦାସ, ଜିଲ୍ଲାଯୋଜନା ପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ବାଲିଗୁଡା ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା ମଞ୍ଚାସୀନ ଥିବା ବେଳେ ବିଡ଼ିଓ ସତ୍ୟନାରାୟଣ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଥାନାଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ସହିତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ରହିଥିଲେ। ପଞ୍ଜୀକୃତ ୪୨ ଅଭିଯୋଗ ମଧ୍ୟରେ ୬ ଆବାସ ସମସ୍ୟା, ଉନ୍ନୟନ ମୂଳକ ୯, ପେନସନ ସଂକ୍ରାନ୍ତ ୨ ,ଜମିଜମା ୨ , ରାସନ ସମ୍ବନ୍ଧୀୟ ୪, ପାନୀୟ ଜଳ ସମ୍ବନ୍ଧୀୟ ୩ , ଅନାନ୍ୟା ୧୫ ଏହିପରି ୪୨ ଅଭିଯୋଗ ଶୁଣିଥିଲେ ଜିଲ୍ଲାପାଳ। ଅଭିଯୋଗ ଶୁଣାଣିରେ ବ୍ଲକରେ ସ୍ଥାୟୀ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦପୂରଣ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବ୍ଲକର ୮ ସରପଞ୍ଚ ଓ ସମିତିସଭ୍ୟ।

ପୀତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ଆଜି; ଚାର୍ଜଫ୍ରେମ ସମ୍ଭାବନା କ୍ଷୀଣ

- ଏମକେସିଜିରେ ପୂର୍ବତନ ବିଧାୟକ 'ବିକ୍ରମ' ଓ କର୍ପୋରେଟର 'ମଳୟ'ଙ୍କ ଚିକିତ୍ସା ଜାରି
- ମଦନ ଦଳେଇଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା, ୪ଜଣିଆ କମିଟି ଗଠିତ
- ଦୁଇ ବିହାରୀ ଓ ସୁନୀଲଙ୍କ ସମେତ ୫ଜଣଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଆଜି



ବ୍ରହ୍ମପୁର,୨୩।୨(ସମିସ): ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ମଙ୍ଗଳବାର ଅର୍ଥାତ୍ ୨୪ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଚାର୍ଜ ଫ୍ରେମ ପାଇଁ ଯଦିଓ ଦିନ ଧାର୍ଯ୍ୟ ହୋଇଛି ତେବେ ଏଥିପାଇଁ ସମସ୍ତ ୧୬ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବା ଜରୁରୀ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଶୋୟୀ ଏବଂ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେମାନେ ବ୍ୟକ୍ତିଗତ ହାଜର ହେବା ସମ୍ଭବପର ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଫଳରେ ମଙ୍ଗଳବାର ମାମଲାର ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ ସମ୍ଭାବନା କ୍ଷୀଣ ରହିଛି। ସେପଟେ ମଙ୍ଗଳବାର ମାମଲାରେ ଗିରଫ ୫ଜଣ ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶ୍ୱାନଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନ ଉପରେ ଶୁଣାଣି ହେବ। ଏବଂ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶ, ମଦନ ଦଳେଇ ଓ ମଳୟ ବିଷୋୟୀଙ୍କ ପକ୍ଷରୁ ସେମାନଙ୍କ ଓକିଲଙ୍କ ଦ୍ୱାରା ଦାଖଲ ପିଟିସନ ଉପରେ ମଧ୍ୟ ଶୁଣାଣି ହେବ ବୋଲି ଜଣାପଡ଼ିଛି। ଗତ ୬ତାରିଖ ଠାରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ଯୋଗୁଁ ସେ ଏମକେସିଜିରେ ଚିକିତ୍ସିତ ହେଉଥିବା ବେଳେ କର୍ପୋରେଟର ମଳୟ ବିଶୋୟୀ ଗୁରୁତର ଅବସ୍ଥାରେ ବିଗତ ୫ଦିନ ଧରି ମେଡିସିନ ଆଇସିୟୁରେ ଭର୍ତ୍ତି ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି। ସେହିଭଳି ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆବଶ୍ୟକ ନିଦାନ କରି ଚିକିତ୍ସା ସମ୍ପର୍କିତ ରିପୋର୍ଟ ଓ ପରାମର୍ଶ ତୁରନ୍ତ କୋର୍ଟକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ପରେ ଏଥିପାଇଁ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ମେଡିକାଲ ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥିଙ୍କ କାର୍ଯ୍ୟାଳୟରୁ ଜାରି ନୋଟିସ ପ୍ରକାରେ କମିଟିରେ ଭେଷଜ ବିଭାଗ ମୁଖ୍ୟଙ୍କ ସମେତ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ, ଶଲ୍ୟ ବିଭାଗ ମୁଖ୍ୟ ଓ ନ୍ୟୁରୋଲୋଜି ବିଭାଗୀୟ ମୁଖ୍ୟଙ୍କୁ ଟିମରେ ସାମିଲ କରାଯାଇଛି। ଆସନ୍ତା କାଲି ଅର୍ଥାତ୍ ୨୪ତାରିଖରେ ଏହି ବିଶେଷଜ୍ଞ ଟିମ ମଦନଙ୍କ ଆବଶ୍ୟକ ନିଦାନ କରି ରିପୋର୍ଟ ମୁତାବକ ଚିକିତ୍ସା ପରାମର୍ଶ କୋର୍ଟଙ୍କୁ ପ୍ରଦାନ କରିବେ ବୋଲି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମାମଲାର ସମସ୍ତ ତଥ୍ୟ ଓ ପ୍ରମାଣ ଦାଖଲ ପାଇଁ ଅଭିଯୁକ୍ତଙ୍କ ଓକିଲ ଦାଖଲ କରିଥିବା ପିଟିସନର ଶୁଣାଣି କରି କୋର୍ଟ ଆସନ୍ତା ୨୪ତାରିଖ ସୁଦ୍ଧା ୧୬୪ବୟାନର କପି, ଅଭିଯୁକ୍ତ ଚିହ୍ନଟ ପ୍ୟାରେଡ ବା ଟିଆଇ ପରେଡର କପି, ଫଟୋ ଓ ଭିଡିଓ ସମ୍ବଳିତ ପେନ ଡ୍ରାଇଭ, ଫଟୋଗ୍ରାଫ କପି, ସିଡିଆର ରିପୋର୍ଟ, ସିସିଟିଭି ଫୁଟେଜ କପି ଆଦି ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ମେୟର ପିଣ୍ଟୁ ଦାଶ ସୁରକ୍ଷା ଦୃଷ୍ଟି କୋଣରୁ ଫୁଲବାଣୀ ମଣ୍ଡଳ କାରାଗାରରେ ବନ୍ଦୀ ଅଛନ୍ତି। ମଙ୍ଗଳବାର ପିଣ୍ଟୁଙ୍କ ସମେତ ଅବଶିଷ୍ଟ ଅବଶିଷ୍ଟ ୧୩ଜଣ ଅଭିଯୁକ୍ତ ଭର୍ଚ୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହେବେ ବୋଲି ସୂଚନା ମିଳିଛି। ପ୍ରକାଶ ଯୋଗ୍ୟ ଯେ' ଆସନ୍ତା ୨୫ତାରିଖରେ ହାଇକୋର୍ଟରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ରହିଛି। ପୂର୍ବରୁ ଏହି ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁଙ୍କୁ ଜିଲ୍ଲା ଓ ଦୌରାଜଜ୍ ସର୍ତ୍ତମୂଳକ ଜାମିନ ପ୍ରଦାନ କରିସାରିଛନ୍ତି।

ଲୁଣାନଦୀ କୂଳରେ ଚାଲିଛି ନାଲି ଇଟାଭାଟି ପ୍ରସ୍ତୁତି

ପ୍ରଦୂଷଣରେ ଲୋକେ ଅସ୍ତବ୍ୟସ୍ତ; ପ୍ରଶାସନ ନିରବ

ମହାକାଳପଡ଼ା,୨୩।୨(ସମିସ)



ମହାକାଳପଡ଼ା ତହସିଲ ଅଧୀନ ଜୟଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସାନଗାଁରେ ଥିବା ଲୁଣାନଦୀ କୂଳରେ ଖୋଲାଖୋଲି ଭାବେ ନାଲି ଇଟା ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନାଲି ଇଟା ଭାଟିକୁ ବନ୍ଦ କରାଯାଇଥିବା ସତ୍ତ୍ୱେ ଏଠାରେ ନିର୍ବିଘ୍ନରେ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଇଟାଭାଟିରୁ ଉଠୁଥିବା ଧୂଆଁ ଓ ଧୂଳିକଣା ପରିବେଶକୁ ଭୟାବହ ଭାବେ ପ୍ରଭାବିତ କରୁଛି। ଏହାର ପରିଣାମରେ ନଦୀ ପାଣି ଦୂଷିତ ହେଉଥିବା ସହ ବାୟୁମଣ୍ଡଳରେ ମଧ୍ୟ ପ୍ରଦୂଷଣ ବଢ଼ିବାରୁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଗୁରୁତର ପରିସ୍ଥିତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ସବୁ କିଛି ଜାଣିଶୁଣି ଆଖି ବୁଜି ରହିଛି କି ନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ତଦନ୍ତ ସହ ଅବୈଧ ଇଟାଭାଟି ବନ୍ଦ କରି ପରିବେଶ ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କେବେ ମହାକାଳପଡା ତହସିଲ ପ୍ରଶାସନର ସୁଦୃଷ୍ଟି ପଡ଼ିବ, ତାହା ଦେଖିବାକୁ ବାକି ରହିଲା।

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

ଜିଲ୍ଲା ଶିକ୍ଷା ବିଭାଗର ତଦନ୍ତ ଆରମ୍ଭ



ରାଜକନିକା,୨୩।୨(ସମିସ): ରାଜକନିକା ଥାନା ଅନ୍ତର୍ଗତ ଓଳାଭର ଅକ୍ସଫୋର୍ଡ ଇଂରାଜୀ ମାଧ୍ୟମ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଶିକ୍ଷା ବିଭାଗର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି। ଆଜି ଅପରାହ୍ନରେ ଜିଲ୍ଲା ଶିକ୍ଷା ବିଭାଗର ଏକ ପ୍ରତିନିଧି ଦଳ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ ଓ ଶୁଭମିତା ମହାନ୍ତି ବିଦ୍ୟାଳୟରେ ପହଞ୍ଚି ପିଲାଙ୍କ ଆଟେନାନ୍ସ ବୁକ୍ ସହ ଅନେକ ଜରୁରୀ କାଗଜପତ୍ର ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା। ତେବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ନାୟକ କହିବା କଥା ଯାହା ଆମେ ତଦନ୍ତ କଲୁ। ସେସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦେବୁ। ଆଜି ଶିକ୍ଷା ବିଭାଗର ଏହି ଟିମରେ ରାଜକନିକା ବିଇଓ ରତିକାନ୍ତ ସେନାପତି, ଏବିଇଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। ଏହି ଘଟଣା ଦିନକୁ ଦିନ ଅଧିକ ସମ୍ବେଦନ ହେଉଥିବାରୁ ବିଭିନ୍ନ ପ୍ରକାର ତଦନ୍ତ ହେବାର ସମ୍ଭାବନା ଦେଖା ଦେଇଛି।

ଭାରତ ଭାରତୀ ପକ୍ଷରୁ ଚେନ୍ନାଇରେ ମାତୃଭାଷା ଦିବସ

କେନ୍ଦ୍ରାପଡ଼ା,୨୩।୨(ସମିସ): ଭାରତ ଭାରତୀ ସଂଗଠନ ପକ୍ଷରୁ ଚେନ୍ନାଇଠାରେ ବିଶ୍ୱ ମାତୃଭାଷା ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଚେନ୍ନାଇରେ ବସବାସ କରୁଥିବା ୨୨ଟି ରାଜ୍ୟର ଲୋକ ନିଜ ନିଜ ଭାଷା ଓ ସଂସ୍କୃତିକୁ ଆଧାର କରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିତିଥିଲା। ଓଡ଼ିଆ ଆଇଟି ଇଂଜିନିୟର ଗାୟତ୍ରୀ ଭୂପତି ଓ ତମସା ରାଉତଙ୍କ ସହଯୋଗରେ କୁନିକୁନି ଓଡ଼ିଆ ପିଲା ଓଡ଼ିଶୀ ନୃତ୍ୟ ସହ ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ବନ୍ଦନା ସହ ଆରମ୍ଭ ହୋଇଥିବା ଏହି ପରିବେଷଣ ଚେନ୍ନାଇରେ ବାସ କରୁଥିବା ବିଭିନ୍ନ ରାଜ୍ୟର ଦର୍ଶକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା। ପ୍ରଫେସର ନଳିନୀ କାନ୍ତ ମହାନ୍ତି, ଶିବଶଙ୍କର ନାୟକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଲୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚେନ୍ନାଇର ବିଭିନ୍ନ ସ୍ଥାନରେ ବାସ କରୁଥିବା ଓଡ଼ିଆ ମହିଳା, ପୁରୁଷ, ଯୁବକ/ଯୁବତୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଓଡ଼ିଆମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଅନ୍ୟ ରାଜ୍ୟର ଲୋକଙ୍କ ମନକୁ ଛୁଇଁଥିଲା। ମାତୃଭାଷା ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବାରେ ସହାୟକ ହୋଇଥିବା ମତ ପ୍ରକାଶ ପାଇଥିଲା।



ଗୌରହରି ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଆଳି,୨୩।୨(ସମିସ): ଆଳି ବ୍ଲକ ତେଲିପାଟଣା ଖେଳ ପଡିଆରେ ଗୌରହରୀ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଆଳିର ବରିଷ୍ଠ ସମାଜସେବୀ ସ୍ୱର୍ଗତ ଗୌରହରୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ରାଧାନଗର କ୍ରିକେଟ କ୍ଲବ ଓ ଗୌଡ଼ପାଟଣା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୌଡ଼ପାଟଣା କ୍ରିକେଟ ଟିମ ଟସ ଜିତି ରାଧାନଗର କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଧାନଗର କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଥିବାବେଳେ ଜବାବରେ ଗୌଡ଼ପାଟଣା କ୍ରିକେଟ କ୍ଲବ ୧୦ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ରାଧାନଗର କ୍ରିକେଟ୍ କ୍ଲବର ଅମରଜିତ ପାତ୍ରଙ୍କ ବିସ୍ଫୋରକ ବ୍ୟାଟିଂ ଓ ସଫଳ ବୋଲିଂ ଫଳରେ ଟିମ ବିଜୟୀ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଗୌରହରୀ ସାହୁଙ୍କ ପୁତ୍ର ତଥା ବରିଷ୍ଠ ସମାଜସେବୀ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଆଳିର ଅତିରିକ୍ତ ତହସିଲଦାର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପ୍ରମୋଦ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଖେଳକୁ ଉଦଘାଟନ କରିଥିଲେ। ରାଧାନଗର କ୍ରିକେଟ କ୍ଲବ୍‌ର ଅମରଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

● ଆବାସ ଦେବାକୁ କହି ୧୦ ହଜାର ଠକେଇ

ଟଙ୍କା ମାଗିବାରେ ଦମ୍ପତିଙ୍କୁ ମାଡ଼; ଦଲାଲ ବିରୋଧରେ ଏତଲା

କେନ୍ଦ୍ରାପଡ଼ା,୨୩।୨(ସମିସ): ଗରିବଙ୍କୁ ସରକାରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ନାଁରେ ଲାଞ୍ଚ ନେଇ ଠକେଇ କରାଯାଉଥିବା ଘଟଣା ପୁଣିଥରେ ସାମ୍ନାକୁ ଆସିଛି। ଆବାସ କରାଇଦେବାକୁ କହି ୧୦ ହଜାର ଟଙ୍କା ନେଇ ଘର ନ ଦେବା ସହ ଟଙ୍କା ଫେରସ୍ତ ମାଗିବାରୁ ଦମ୍ପତିଙ୍କୁ ଗାଳିଗୁଲଜ, ମାଡ଼ମାରି ଓ ଧମକ ଦେଇଥିବା ନେଇ କୁଦାନଗରୀ ଥାନାରେ ଏତଲା ହୋଇଛି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ରାଏଚାନ୍ଦ ଗ୍ରାମର ବାବାଜୀ ଦାସ (୫୫) ପକ୍କା ଘର ଯୋଜନାରେ ଘର ପାଇବା ଆଶାରେ ସେହି ଗ୍ରାମର ଜଣେ ଦଲାଲଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତ ଘର କରାଇଦେବା ପ୍ରତିଶ୍ରୁତି ଦେଇ ଟଙ୍କା ନେଇଥିଲେ ମଧ୍ୟ ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ନା ଘର ମିଳିଲା, ନା ଟଙ୍କା ଫେରିଲା । ଏନେଇ ଗତ ଡିସେମ୍ବର ୧୦ ତାରିଖ ସକାଳେ ବାବାଜୀ ଦାସ ଓ ତାଙ୍କ ପତ୍ନୀ ଅଭିଯୁକ୍ତଙ୍କ ଘରକୁ ଯାଇ ଟଙ୍କା ଫେରସ୍ତ ମାଗିଥିଲେ। କିନ୍ତୁ ଦଲାଲ ଓ ତାଙ୍କ ପତ୍ନୀ ଦୁହେଁ ମିଶି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ବାବାଜୀ ଦାସ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗରିବ ଲୋକଙ୍କ ଆବାସ ଆଶାକୁ ପୁଞ୍ଜି କରି କିଛି ଦଲାଲ ଏଭଳି ଠକେଇ କରୁଥିବା ଘଟଣା ଚିନ୍ତାଜନକ ହୋଇଥିବାବେଳେ ଏଭଳି ଦଲାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ଜୋର ଧରିଛି ।

ଶିକ୍ଷକ ଗୋପାଳ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୩।୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲର ଆଦର୍ଶ ଶିକ୍ଷକ ତଥା ବେଲତଳ ଭୋଳି ବାବା ମଠ ପରିଚାଳନା କମିଟି ପୂର୍ବତନ ସଭାପତି ଗୋପାଳ ବିହାରୀ ଦାଶଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭୋଳି ବାବା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠ ପରିଚାଳନା କମିଟି ସଭାପତି ନୃସିଂହ ଚରଣ ପାଢ଼ୀଙ୍କ ପୌରୋହିତ୍ୟ ଓ ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ପ୍ରଶାସକ ଡ କେଳୁ ଚରଣ ସ୍ୱାଇଁ, ଗାଳ୍ପିକ ପ୍ରଦୀପ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦିବଂଗତ ଆଦର୍ଶ ଶିକ୍ଷକ ଗୋପାଳ ବିହାରୀ ଦାଶଙ୍କ ଉତ୍ତମ ଶିକ୍ଷାଦାନ, ସମାଜସେବା ଓ ଆଧ୍ୟାତ୍ମିକ ଜଗତକୁ ଅବଦାନ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ସଭାରେ ମଠ ପରିଚାଳନା କମିଟି ଉପସଭାପତି ତ୍ରିଲୋଚନ ପଣ୍ଡା, ସମ୍ପାଦକ ବ୍ରଜବନ୍ଧୁ ଦାଶ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ, ସୁଦର୍ଶନ ଦାଶ, ନଟବର ରାଉତ, ଭାବଗ୍ରାହୀ ଗିରି, ନାରାୟଣ ପ୍ରଧାନ, ତ୍ରିଲୋଚନ ଜେନା, ସୁବାସ ସ୍ୱାଇଁ, ମନୁ ଚରଣ ଦାସ, କୁମାରେଶ ନାୟକ, ବୈଷ୍ଣବ ମଲିକ, ରାଜେନ୍ଦ୍ର ମଲିକ, ସର୍ବେଶ୍ୱର ମଲିକ ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ଗୋପାଳ ବିହାରୀ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।



ରଜାଙ୍ଗରେ ସାଇ ଆରୋଗ୍ୟ ମଲ୍ଟି ସ୍ପେଶାଲିଷ୍ଟ ହସ୍‌ପିଟାଲ୍‌ର ଶିଳାନ୍ୟାସ

ଡେରାବିଶ, ୨୩।୨(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମରେ ୫୦ ଶଯ୍ୟା ବିଶିଷ୍ଟ ସାଇ ଆରୋଗ୍ୟ ମଲ୍ଟି ସ୍ପେଶାଲିଷ୍ଟ ହସ୍‌ପିଟାଲ୍‌ର ଶିଳାନ୍ୟାସ କରାଯାଇଛି। ସଞ୍ଜୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମଧୁସୂଦନ ସାଇ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ ହସପିଟାଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାରେ ପ୍ରଥମକରି ଏହି ଦାତବ୍ୟ ଚିକିତ୍ସାଳୟରେ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଡାକ୍ତରଙ୍କ ପରାମର୍ଶ, ଚିକିତ୍ସା, ସମସ୍ତ ପ୍ରକାର ରୋଗର ପରୀକ୍ଷା ଓ ଅସ୍ତ୍ରୋପଚାର ଇତ୍ୟାଦି ସେବା ଯୋଗାଇ ଦିଆଯିବ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ଏହି ଚିକିତ୍ସାଳୟ କେନ୍ଦ୍ରାପଡ଼ାର ଜନସାଧାରଣଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ସମଗ୍ର ଓଡ଼ିଶାର ଲୋକଙ୍କର ସେବାରେ ଲାଗିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ୧୦ ଏକର ପରିମିତ ସ୍ଥାନରେ ଏହି ହସପିଟାଲ୍‌ର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶଶାଙ୍କ ଶେଖର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଡେରାବିଶ ବିଡିଓ ନମିତା ବାରିକ, ସିଡିପିଓ ହରପ୍ରିୟା ଦେବୀ, ବ୍ଲକ୍ ଅଧକ୍ଷା ପ୍ରଭାତୀ ମଲିକ, ବିପିଏମ୍ ଅମୀୟ ରାଉତ, ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ, ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ରାଜନଗର,୨୩।୨(ସମିସ): ରାଜନଗର ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମାଙ୍କ ପକ୍ଷରୁ ଆଗନ୍ତୁକ ମାଆମାନଙ୍କୁ ପୁଷ୍ପ ଚନ୍ଦନ ଦିଆଯାଇ ବନ୍ଦାପନା କରାଯାଇଥିଲା। ପରେ ଝୋଟି, ସଙ୍ଗୀତ, ମ୍ୟୁଜିକଚେୟାର, ଲକ୍ଷ୍ମୀପୁରାଣ ପଠନ ପ୍ରତିଯୋଗିତା ମାଆମାନଙ୍କ ମଧ୍ୟରେ କରାଯାଇଥିଲା। ବୌଦ୍ଧିକ ମଣ୍ଡପରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଲେଖ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ଶିକ୍ଷକ ହେମନ୍ତ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୈଦିକ ଯୁଗରୁ ମାଆମାନଙ୍କ ସମାଜ ପ୍ରତି ରହିଥିବା ଅତୁଳନୀୟ ଦାନ ସଂପର୍କରେ ଆଲୋକପାତ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଦୋଳଗୋବିନ୍ଦ ଜେନା ଶିଶୁମନ୍ଦିରର ଶୈକ୍ଷିକ ଭାବଧାରା ଶିଶୁଙ୍କ ପ୍ରତି ମାଆମାନଙ୍କର ନୈତିକ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଆଦର୍ଶ ଗୃହିଣୀ ଅବଳୀ ସେଠୀ ଏହି ମାତୃ ସମ୍ମିଳନୀକୁ ଉଦଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମା'ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ସ୍ମରଣିକା ତାଡୁ ମାତୃ ବନ୍ଦନା ଗାନ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁଜୀ କୈଳାସ ଜେନା, ବିଭୂତି ଲେଙ୍କା, ଗୁରୁମା ସ୍ୱପ୍ନାରାଣୀ ସାହୁ, ପ୍ରଣତି ସ୍ୱାଇଁ, ଶୁଭଶ୍ରୀ ଲେଙ୍କା, ଦେବାଞ୍ଜଳି ପରିଡା, ସୁଦୀପ୍ତା ନାୟକ, ସଙ୍ଗୀତା ସାହୁ, ଜ୍ୟୋତିର୍ମୟୀ ସାହୁ ପରିଚାଳନା କରିଥିଲେ।

ନାବାଳିକା ଛାତ୍ରୀ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୩।୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର +୨ ପଢୁଥିବା ନାବାଳିକା ଛାତ୍ରୀ ଗତ ମହାଶିବରାତ୍ରୀ ଦିନ ସ୍ଥାନୀୟ ଏକ ମନ୍ଦିରକୁ ମହାଦେବ ଦର୍ଶନ ପାଇଁ ଯାଇ ଘରକୁ ଫେରି ନ ଥିଲେ। ନାବାଳିକା ପରିବାର ବନ୍ଧୁ ବାନ୍ଧବଠାରୁ ଆରମ୍ଭ କରି ସାଙ୍ଗ ସାଥୀ ପର୍ଯ୍ୟନ୍ତ ବହୁ ଖୋଜା ଖୋଜି ପରେ ଝିଅକୁ ନ ପାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ଶେଷରେ କୌଣସି ଉପାୟ ନ ପାଇ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ସମ୍ପର୍କରେ ଆଦର୍ଶ ଥାନା ପୁଲିସ ଏକ ମୋକଦମା ରୁଜୁ କରି ତ୍ୱରିତ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଅପହରଣ ମାମଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଏକ ସ୍ୱତନ୍ତ୍ର ଟିମ ଗଠନ କରି ନାବାଳିକା ଅପହରଣର ୬ଦିନ ମଧ୍ୟରେ ଅପହୃତା ନାବାଳିକାକୁ ଉଦ୍ଧାର କରି ପରିବାର ଜିମା ଦେବା ସହିତ ପଟ୍ଟାମୁଣ୍ଡାଇ କୋର୍ଟ ଓ ସିଡବ୍ଲ୍ୟୁସିରେ ହାଜର କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ନାବାଳିକା ଉଦ୍ଧାର ହେବା ସହିତ କୌଣସି ଅଘଟଣକୁ ଏଡାଇ ଦିଆଯାଇପାରିଛି।

ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡେରାବିଶ,୨୩।୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ନରସିଂହପୁର ଗ୍ରାମର ଜୟନ୍ତ ପଣ୍ଡାଙ୍କ ପୁଅ ପ୍ରଭୁଦତ୍ତ (୨୨)ଙ୍କ ଗତକାଲି ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ପ୍ରଭୁଦତ୍ତ ଗତକାଲି ରାତିରେ ଗ୍ରାମ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଆଜି ସକାଳେ ପ୍ରଭୁଦତ୍ତଙ୍କ ଚପଲ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସନ୍ଦେହରେ ପୋଖରୀରେ ଖୋଜିବାରୁ ପୋଖରୀର ଗଭୀର ପାଣିରୁ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଚାନ୍ଦୋଳ ଫାଣ୍ଡି ପୁଲିସ୍ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ବିଭୁଦତ୍ତ ତାଙ୍କ ବାପାମାଆଙ୍କ ଏକମାତ୍ର ପୁଅ ହୋଇଥିବାରୁ ପରିବାରରେ ତଥା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

କୁରୁଣ୍ଟିରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ରାଜନଗର,୨୩।୨(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ବାବା କାଞ୍ଚନେଶ୍ୱର ପୀଠ କୁରୁଣ୍ଟିରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। କମିଟି ସଭାପତି ସୁବ୍ରତ ନାୟକଙ୍କ ପୌରହିତ୍ୟ, ଆଇନଜୀବୀ ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ସସ୍ମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ଜେନା ଯୋଗଦେଇ ଧର୍ମ ପ୍ରତିଷ୍ଠା ପାଇଁ ନାମସଂକୀର୍ତ୍ତନ ଓ ଯଜ୍ଞର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଯଜ୍ଞ କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଥିବା ସୂର୍ଯ୍ୟ ମହାନ୍ତି (ସେଣ୍ଟ୍ରାଲ ଇନ୍ସପେକ୍ଟର), ଅଭିଷେକ ନରେନ୍ଦ୍ର (ଡାକ୍ତର), ଶୁଭ୍ରଜିତି ରାଉତ (ସରକାରୀ ଅଧ୍ୟାପକ), କୌଶିକ ରାଉତ (ସଏଲ କଞ୍ଜରଭେସନ ଅଫିସର)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ୨୦୨୫ ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ଡୋନାରାଣୀ ନରେନ୍ଦ୍ର, ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ସାଳିନୀ ନାୟକ, ଚତୁର୍ଥ ଶ୍ରେଣୀରେ ବ୍ଲକ୍ ଟପ୍ପର ହୋଇଥିବା ସିଦ୍ଧିଧାତ୍ରୀ ଶତପଥୀ ଓ ଗାୟତ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଇନଜୀବୀ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ପ୍ରମୋଦ ଶତପଥୀ ଧନ୍ୟବାଦ ଦେଇଥିଲେ। ଗ୍ରାମବାସୀଙ୍କ ସମେତ ଅଧ୍ୟାପକ ରମେଶ ଚନ୍ଦ୍ର ବିଶ୍ୱାସ, କମଳାକାନ୍ତ ରାଉତ, ଅଧ୍ୟାପକ ଦିଲ୍ଲୀପ ମହାରଥା, ବିଜୟ ବିଶ୍ୱାଳ, ଅନନ୍ତ ଜେନା, ଅଶୋକ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାଇକ୍‌କୁ ଧକ୍କା ଦେଲା ଅଟୋ, ବୃଦ୍ଧ ଗୁରୁତର

ଆଳି,୨୩।୨(ସମିସ): ଆଳି ଥାନା ଅନ୍ତର୍ଗତ ଆୟତପୁର କଲେଜ ନିକଟରେ ଏକ ବାଇକ୍‌କୁ ଅଟୋ ଧକ୍କା ଦେବା ଫଳରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଣ୍ଡରା ଅମୃତମଣୋହି ଅଞ୍ଚଳର ବସନ୍ତ ମଲିକ (୭୧) ଜରୁରୀ କାମରେ ବାଇକ ଯୋଗେ ଆଳି ଯିବା ସମୟରେ ଆୟତପୁର କଲେଜ ନିକଟରେ ଏକ ଅଟୋ ଧକ୍କା ଦେବା ଫଳରେ ସେ ବାଇକ୍‌ରୁ ଛିଟକି ପଡ଼ିଥିଲେ। ତାଙ୍କ ହାତ, ଅଣ୍ଟା, ମୁହଁ, ମୁଣ୍ଡ ଓ ଡାହାଣ ପାଦରେ ଶକ୍ତ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପରେ ଡାହାଣ ଗୋଡ଼ ପାଦ ଭାଙ୍ଗିଯାଇଥିବା ଜଣାପଡିଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।



ବଳଦେବ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



କେନ୍ଦ୍ରାପଡ଼ା,୨୩।୨(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଉଚ୍ଚବିଦ୍ୟାଳୟ ୧୯୬୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ତୁଳସୀକ୍ଷେତ୍ରସ୍ଥ ଆରାଧ୍ୟ ଦେବତା ବଳଦେବଜୀଉଙ୍କ ମନ୍ଦିର ପାର୍ଶ୍ୱସ୍ଥ ହେରିଟେଜ କଟେଜ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୭ ବର୍ଷ ପରେ ସହପାଠୀ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ତାଜା କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବଳଦେବଜୀଉଙ୍କ ସ୍ତୋତ୍ର ପାଠ କରାଯାଇଥିଲା। ପରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନର ଅତିକ୍ରାନ୍ତ ବୟସରେ ଅବଶିଷ୍ଟ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ବିତାଇବା ପାଇଁ ସମସ୍ତେ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସଂଯୋଜକ ମାଧବ ଚନ୍ଦ୍ର ପତ୍ରୀ ଉପସ୍ଥିତ ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇଥିଲେ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

ଜିଲ୍ଲାପାଳ, ଏସ୍‌ପିଙ୍କ ଅନୁପସ୍ଥିତ ନେଇ ଅସନ୍ତୋଷ

ଗରଦପୁର,୨୩।୨(ସମିସ)



ଗରଦପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପି ଅନୁପସ୍ଥିତ ଥିଲେ। ସେମାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିବିରରେ ଯୋଗ ଦେଇଥିଲେ। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଶିବିରରେ ୮ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଉକ୍ତ ଶିବିରରେ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୬୮ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗ ଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ କେବଳ ୮ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଶୀଘ୍ର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବର୍ଷ ବର୍ଷ ଧରି ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ନିରାଶା ବଢ଼ିଛି। ଅନେକ ଅଭିଯୋଗ କେବଳ ଫାଇଲ ମଧ୍ୟରେ ସୀମିତ ରହିଯାଉଥିବାବେଳେ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଷ୍ଟାଫ ଅଭାବ ଓ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହେଉଥିବା ଅଭିଯୋଗ ଉଠିଛି।

୮ଟି ଅଭିଯୋଗର ତତ୍କାଳ ସମାଧାନ

ଚାଷୀଙ୍କ ସମସ୍ୟା ମଧ୍ୟ ଗୁରୁତର ରୂପ ନେଇଛି। କେନାଲରେ ପାଣି ନ ଆସିବାରୁ ମୁଗ ଫସଲ ନଷ୍ଟ ହୋଇଥିବାବେଳେ ପାଣି ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହେଉଛି। ପୋଖରୀ ଖନନ କରିଥିଲେ ମଧ୍ୟ ଚାଷୀ ବିଲ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସାଲାଇନ ଘୋଷଣା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରୟୋଜନୀୟ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।

ଏଥିସହ ଅଞ୍ଚଳର ବହୁ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାରୁ ସେଗୁଡ଼ିକ ମରଣଯନ୍ତା ପାଲଟିଥିବା ସ୍ଥାନୀୟ ଲୋକ କହିଛନ୍ତି। କର୍କଟ ପୀଡ଼ିତା କଳ୍ପନା ପଣ୍ଡାଙ୍କ ଭତ୍ତା ଆକାଉଣ୍ଟ ବନ୍ଦ ହୋଇଥିବାରୁ ସେ ଭତ୍ତା ଟଙ୍କା ପାଇପାରୁ ନ ଥିବାବେଳେ ଜୟଶ୍ରୀ ଦାଶ ଆୟୁଷ୍ମାନ କାର୍ଡ ସମସ୍ୟା ଯୋଗୁଁ ବାଧ୍ୟ ହୋଇ ସୁଧରେ ଋଣ ନେଇ ଚିକିତ୍ସା କରାଇଥିବା ଜଣାପଡ଼ିଛି। ଏହାଛଡ଼ା ବର୍ଷ ବର୍ଷ ଧରି ଜମି ଡିମାରକେସନ ହୋଇ ନ ଥିବାରୁ ତହସିଲ କାର୍ଯ୍ୟାଳୟର କାର୍ଯ୍ୟ ପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର (ଜମି ଅଧିଗ୍ରହଣ), ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

୨୩/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୧,୮୨୩/- ସୁନା:୦୧.୬୦୦ ଗ୍ରାମ୍ ରୁପା: ୧୮.୦୦୦ ଗ୍ରାମ୍





ରାସ୍ତାରେ ରହିଥିଲା ପୁରୁଣା, ଅବ୍ୟବହୃତ ଗାଡ଼ି

୨୬ ଗାଡ଼ିକୁ ଟେକିନେଲା ପୁଲିସ

ପୁରୀ,୨୩।୨(ସମିସ): ପୁରୀ ସହରରେ ଟ୍ରାଫିକ୍ ସୁପରିଚାଳନା ଏବଂ ଜନସାଧାରଣଙ୍କ ଯାତାୟାତକୁ ସୁଗମ କରିବା ଲାଗି ପୁଲିସ ବିଶେଷ ଅଭିଯାନ ଚଳାଇଥିଲା। ପୁରୀ ସହର ଏକ ଧାର୍ମିକ ଓ ପର୍ଯ୍ୟଟନ ସହର ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ ଯାତାୟାତ କରିଥା'ନ୍ତି। କିନ୍ତୁ ସହରର ବିଭିନ୍ନ ସ୍ଥାନ ବିଶେଷକରି ଛୋଟ ଗଳିମାନଙ୍କରେ ବର୍ଷ ବର୍ଷ ଧରି ପୁରୁଣା ୩ ଚକିଆ ଓ ୪ ଚକିଆ ଯାନବାହନ ଅଚଳ ଅବସ୍ଥାରେ ପଡ଼ିରହିଥିଲା। ଏହି ପରିତ୍ୟକ୍ତ ଯାନବାହନ ରାସ୍ତା ଅବରୋଧ ସୃଷ୍ଟି କରିବା ସହିତ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିଲେ। ପୁରୀ ଟ୍ରାଫିକ୍ ଥାନା ପକ୍ଷରୁ ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ସର୍ବସାଧାରଣ ରାସ୍ତାରେ ରଖାଯାଇଥିବା




ମୋଟ୍ ୨୬ଟି ଗାଡ଼ିକୁ ସେହି ଜାଗାରୁ ହଟାଯାଇଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରୁ କିଛି ଗାଡି ଅଚଳ ଅବସ୍ଥାରେ ଥିବା ସହିତ କିଛି ଗାଡ଼ି ମାଲିକଙ୍କ ଅବହେଳା ଯୋଗୁଁ ରାସ୍ତାରେ ରଖାଯାଇଥିଲା। ଏହାଦ୍ୱାରା ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ପୁରୀ ସହର ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ବିଶେଷକରି ଶ୍ରୀମନ୍ଦିର ପରିସର ଓ ସମୁଦ୍ରତଟ ଅଞ୍ଚଳରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଉଛି।

ଏ ପରିସ୍ଥିତିରେ ରାସ୍ତା ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବେ ଗାଡ଼ି ରଖାଯାଇଥିବାରୁ ଜରୁରୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଗାଡ଼ି ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ସେଥିପାଇଁ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଅଭିଯାନ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିଲା। ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ରାସ୍ତା ଜାମ୍ ହ୍ରାସ କରିବା ଓ ସାଧାରଣ ଲୋକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଟ୍ରାଫିକ୍ ପୁଲିସ ଦ୍ୱାରା ନିୟମିତ ଯାଞ୍ଚ ଓ ଅଭିଯାନ ଚାଲିଛି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଏସ୍‌ପି କହିଛନ୍ତି। ସହରର ଯେକୌଣସି ଅଞ୍ଚଳରେ ଯଦି କୌଣସି ବ୍ୟକ୍ତି ଦୀର୍ଘ ସମୟ ଧରି ତାଙ୍କର ଗାଡ଼ି ସର୍ବସାଧାରଣ ରାସ୍ତାରେ ପାର୍କିଂ କରିଥା'ନ୍ତି ତେବେ ଦୟାକରି ସ୍ୱଇଚ୍ଛାରେ ହଟାଇ ନେବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଉଛି। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

● ବେଆଇନ ବାଲି ଓ ପଥର ଚାଲାଣ

୫୨ ଦିନରେ ୬୩ ମାମଲା; ୫୯ ଗିରଫ

ପୁରୀ,୨୩।୨(ସମିସ): ପୁରୀ ଜିଲ୍ଲାରେ ବଆଇନ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଚଳିତବର୍ଷ ଆରମ୍ଭରୁ ବିଶେଷ ଅଭିଯାନ ଚାଲିଛି। ଅର୍ଥାତ୍ ଗତ ୫୨ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ବାଲି ଓ ପଥର ଖନନ ଏବଂ ଚାଲାଣ ସମ୍ପର୍କିତ ୬୩ଟି ମାମଲା ରୁଜୁ କରାଯାଇଛି। ଏହି ସମସ୍ତ ମାମଲାର ତଦନ୍ତ କରାଯାଇ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ବେଆଇନ କାର୍ଯ୍ୟରେ ନିୟୋଜିତ ୭୩ଟି ଗାଡ଼ି ଓ ୨ଟି ଜେସିବି ମେସିନ୍ ଜବତ କରାଯାଇଛି। ଏହା ସହିତ ୧୪ଟି ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏହି ବେଆଇନ ଚାଲାଣ ଉପରେ ରୋକ୍ ଲାଗିପାରୁ ନାହିଁ। ଚଳିତ ବର୍ଷ ଏପର୍ଯ୍ୟନ୍ତ ରୁଜୁ ହୋଇଥିବା ୬୩ଟି ମାମଲା ଏହି ଅଭିଯାନର ତୀବ୍ରତାକୁ ସ୍ପଷ୍ଟ କରୁଛି। ପୂର୍ବ ବର୍ଷରେ ମୋଟ ୧୪୬ଟି ବେଆଇନ ଖନନ ସମ୍ପର୍କିତ ମାମଲା ରୁଜୁ ହୋଇଥିବାବେଳେ ଚଳିତ ବର୍ଷ ଆରମ୍ଭରୁ ଏହି ଅଭିଯାନକୁ ଆହୁରି ଜୋର୍‌ଦାର କରାଯାଇଛି। ଏହି ବିଶେଷ ଅଭିଯାନକୁ ଜିଲ୍ଲାର ସମସ୍ତ ୪ଟି ସବ୍ ଡିଭିଜନ୍(ସିଟି ସବ୍‌ଡିଭିଜନ୍, ପିପିଲି ସବ୍‌ଡିଭିଜନ୍, ନିମାପଡ଼ା ସବ୍‌ଡିଭିଜନ୍ ଓ ସଦର ସବ୍‌ଡିଭିଜନ୍)ରେ ସମନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇଛି। ଅନଧିକୃତ ଭାବେ ବାଲି ଓ ପଥର ପରିବହନ କରୁଥିବା ଯାନବାହନ ଜବତ ସହ ଖନନ କାର୍ଯ୍ୟରେ ବ୍ୟବହୃତ ମେସିନ୍, ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ଜବତ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ ହେଉଛି। ବେଆଇନ ବାଲି ଓ ପଥର ଖନନ ପରିବେଶ ପାଇଁ ଗୁରୁତର ହାନୀକାରକ ହେବା ସହ ନଦୀପଥର ପରିବର୍ତ୍ତନ, ଭୂଗର୍ଭ ଜଳସ୍ତର କମିବା ଓ ପ୍ରାକୃତିକ ସମତାକୁ ବ୍ୟାହତ କରୁଛି। ଏହି ପ୍ରକାର ଅପରାଧ ପ୍ରତି କୌଣସି ପ୍ରକାର ସୁଯୋଗ ଦିଆଯିବ ନାହିଁ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ତଥାପି ଲାଗିପାରୁନି ରୋକ୍; ବଢୁଛି ବେଆଇନ ଚାଲାଣ

ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

ପୁରୀ,୨୩।୨(ସମିସ): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଶନିବାର ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ପେନ୍‌ସନଭୋଗୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ୨୦୨୦ ଜାନୁଆରୀରୁ ୨୦୨୧ ଜାନୁଆରୀ ପର୍ଯ୍ୟନ୍ତ ୩ କିସ୍ତି ମହଙ୍ଗା ଭତ୍ତା ପେନ୍‌ସନ ଭୋଗୀମାନଙ୍କୁ ଏ ପର୍ଯ୍ୟନ୍ତ ପ୍ରଦାନ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ଏହା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ଏତଦ୍‌ବ୍ୟତୀତ ପୂର୍ବଭଳି ୫୦ ପ୍ରତିଶତରୁ ମହଙ୍ଗା ଭତ୍ତା ଅଧିକ ହୋଇଥିବାରୁ ୫୦ ପ୍ରତିଶତ ପେନ୍‌ସନ ଭାବେ ପ୍ରଦାନ କରିବା ଓ ପୂର୍ବ ବେତନ କମିଶନ ଭଳି ଅଷ୍ଟମ ବେତନ କମିଶନଙ୍କୁ ପେନ୍‌ସନ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେବା ସହିତ ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରାରେ ପାଉଥିବା ରିଆତି ପୁନଃ ପ୍ରଚଳନ କରିବା ଆଦି ଦୀର୍ଘଦିନ ଧରି ଦିଆଯାଇଥିବା ସୁବିଧା ପ୍ରଦାନ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ବେହେରା ଦାବି କରିଛନ୍ତି। ଆଲୋଚନାରେ ସର୍ବଶ୍ରୀ ଲକ୍ଷ୍ମୀଧର ମିଶ୍ର, ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ବାଇଧର ଜେନା, ସୁରେନ୍ଦ୍ର ନାଥ ଦାସ, ମିନତି ଓତା, ଅଞ୍ଜଳି ରଥ ଓ ସତ୍ୟବାଦୀ ଦାଶ ଅଂଶଗ୍ରହଣ କରିଥିଲେ। ବିଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିଗୁଆଳି ପଞ୍ଚାୟତରେ ସ୍ୱଚ୍ଛତା ଫେଲ୍

ରାସ୍ତାକଡ଼ରେ ଜମିଛି ଆବର୍ଜନା; ଉଦ୍‌ବେଗ ପ୍ରକାଶ କଲା ଆପ୍

ପୁରୀ,୨୩।୨(ସମିସ): ସ୍ୱଚ୍ଛତାକୁ ଏବେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସରକାର ମଧ୍ୟ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଅନେକ ଜାଗାରେ ଏ ବାବଦରେ ଆସୁଥିବା ଖର୍ଚ୍ଚ ଠିକଣା ବାଟରେ ଲାଗୁନାହିଁ। ଅନେକ ସମୟରେ ବାଟମାରଣା ହେଉଛି। ଏମିତି ବିଭିନ୍ନ ପଞ୍ଚାୟତରେ ମାଳମାଳ ଅଭିଯୋଗ ହୋଇଆସୁଛି। ହେଲେ ପଞ୍ଚାୟତର ଜନପ୍ରତିନିଧି ଏବଂ ସରକାରୀ କର୍ମଚାରୀମାନେ ଯଦି ଏ ଦିଗରେ ବିଶେଷ ଧ୍ୟାନ ରଖନ୍ତେ ତେବେ ପୌରାଞ୍ଚଳ ଏବଂ ସହରାଞ୍ଚଳ ଭଳି ମଧ୍ୟ ପଞ୍ଚାୟତ ସ୍ୱଚ୍ଛ ଏବଂ ସୁନ୍ଦର ରହିପାରିବ। ଏମିତି ବି ରାଜ୍ୟର ବିଭିନ୍ନ ପଞ୍ଚାୟତ ଆଜି ସ୍ୱଚ୍ଛତା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମାତ୍ର ପୁରୀ ସହର ଉପକଣ୍ଠ ବାଲିଗୁଆଳି ପଞ୍ଚାୟତରେ ସ୍ୱଚ୍ଛତା କିନ୍ତୁ ଫେଲ୍ ମାରିଛି। ପୁରୀ ସହରକୁ ଲାଗି ରହିଥିବା ଏହି ପଞ୍ଚାୟତର ରାସ୍ତାଘାଟ ଦେଖିଲେ ସ୍ୱଚ୍ଛତାର ବାସ୍ତବ ଚିତ୍ର ସ୍ପଷ୍ଟ ଜଣାପଡୁଛି। ରାସ୍ତାକଡ଼ରେ ଅଳିଆ ଆବର୍ଜନା ଜମି ରହିଥିବା ବେଳେ ଏହାକୁ ସଫା କରାଯାଉନାହିଁ। ଏ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ସୋମବାର ଏ ସଂକ୍ରାନ୍ତରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ବାଲିଗୁଆଳି ପଞ୍ଚାୟତ ଅଫିସରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବାଲିଗୁଆଳି ପଞ୍ଚାୟତ ପୁରୀ ସଦର ବ୍ଲକ୍‌ର ଏକ ସ୍ୱତନ୍ତ୍ର ପରିଚୟ। ଜନସଂଖ୍ୟା ହେଉ ବା ସାମାଜିକ ଅଥବା ଆର୍ଥିକସ୍ଥିତି ଅନୁସାରେ ଏହା ଏକ ଆଗଧାଡ଼ିର ପଞ୍ଚାୟତ। ଏହି ପଞ୍ଚାୟତରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲଠାରୁ ଆରମ୍ଭ କରି



ଅନେକ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ପ୍ରକଳ୍ପ ରହିଛି। ହେଲେ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଅଞ୍ଚଳର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ଫେଲ୍ ମାରିଛି ବାଲିଗୁଆଳି ପଞ୍ଚାୟତର ସ୍ୱଚ୍ଛତା। ରାସ୍ତାକଡ଼ରେ ଅଳିଆଆବର୍ଜନା ଗଦା ହୋଇ ରହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାବେଳେ ସ୍ଥାନୀୟବାସୀ ଏଭଳି ସ୍ଥିତିକୁ ଦେଖି କ୍ଷୋଭପ୍ରକାଶ କରୁଛନ୍ତି। ବର୍ଷାଦିନେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବିଶେଷକରି ପୁରୀରୁ କୋଣାର୍କ ଯାତାୟାତ କରୁଥିବା ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ଏ ନେଇ ପଞ୍ଚାୟତରେ ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

ଜୁଆ ଆଡ୍ଡାରେ ଚଢ଼ଉ; ୬ ଗିରଫ



ପୁରୀ,୨୩।୨(ସମିସ): ସୋମବାର ଜୁଆ ଆଡ୍ଡାରେ ଚଢ଼ଉ କରି ତାଳବଣିଆ ଥାନା ପୁଲିସ ୩ ଜଣ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାଇନା ସ୍ୱାଇଁ, ନନ୍ଦୁ ସ୍ୱାଇଁ, ଜୟ ଦାଶ, ମାମି ବାରିକ, ଲକ୍ଷ୍ମୀ ସ୍ୱାଇଁ ଓ ବିଜୟଲକ୍ଷ୍ମୀ ସାହୁ। ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୦୬ଟି କାର୍ଡ, ୩ଟି ମୋବାଇଲ୍ ଫୋନ୍ ଏବଂ ୬୯୦୧ ଟଙ୍କା ଜବତ କରିଛି। ଏନେଇ ତାଳବଣିଆ ଥାନା ପୁଲିସ କେସ୍ ନଂ ୬୨/୨୪ରେ ଏକ ମାମଲା ରୁଜୁ କରିଛି। ପୁଲିସର ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣ ସମୟରେ ତାଳବଣିଆ ପୁଲିସ ପକ୍ଷରୁ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ କି ଭୂଦାନ ନିକଟସ୍ଥ କାଜୁ ଜଙ୍ଗଲରେ କିଛି ଲୋକ ଜୁଆ ଖେଳୁଛନ୍ତି। ଖବର ପାଇ ପୁଲିସର ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ଉ କରି ବେଆଇନ ଭାବରେ ଜୁଆ ଖେଳିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ସେମାନେ ବେଆଇନ ଭାବରେ ଜୁଆ ଖେଳୁଥିବା ସ୍ୱୀକାର କରିଥିଲେ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିବା ସହ ନୋଟିସ୍ ଦିଆଯାଇଛି।

ବିଶ୍ୱନାଥ ମିଶ୍ରଙ୍କୁ ସେବା ସମ୍ମାନ

ପୁରୀ,୨୩।୨(ସମିସ): ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ୍‌ମୁକ୍ତ ପୁରୀ ସେବା ପାଇଁ ସମାଜସେବୀ ତଥା ନିର୍ମାଲ୍ୟ ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସେବା ସମ୍ମାନରେ ସମ୍ମାନିତ କରିଛନ୍ତି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଜୟଦେବ ଭବନ ସମ୍ମିଳନୀ କକ୍ଷରେ ରବିବାର



ଆୟୋଜିତ ରାଜ୍ୟସ୍ତରୀୟ ରକ୍ତଦାନ ସମାବେଶରେ ଡ. ମିଶ୍ରଙ୍କୁ ମନ୍ତ୍ରୀ ଏହି ସେବା ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଡ. ମିଶ୍ର ବୃକ୍ଷରୋପଣ, ବେଳାଭୂମି ସଫେଇ ସହ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥା'ନ୍ତି।

ବିଏଫ୍-୦୭ କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ସୋମନାଥ ଜାଲି ଚାମ୍ପିଅନ୍ସ ଅଫ୍ ଚାମ୍ପିଅନ୍ସ

ପୁରୀ,୨୩।୨(ସମିସ): 'ଭବାନୀ ଫିଟ୍‌ନେସ୍' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଏଫ୍-୦୭ କ୍ଲାସିକ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚାମ୍ପିଅନ୍ସ ଅଫ୍ ଚାମ୍ପିଅନ୍ସ ହୋଇଛନ୍ତି ସୋମନାଥ ଜାଲି। ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ତାଙ୍କୁ ୩୧ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ମେଡାଲ ଦିଆଯାଇ ପୁରସ୍କୃତ କରାଯାଇଛି। ଟାଉନ୍ ହଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରମୁଡ଼ା ଚାମ୍ପିଅନ୍ସ ହୋଇଛନ୍ତି ଦୀପକ



କୁମାର ଦାଶ। ଡେନିମ୍ ଜିନ୍ସ ଚାମ୍ପିଅନ ହୋଇଛନ୍ତି ରୁଦ୍ରନାରାୟଣ ମାହାଲି। ମହିଳା ବର୍ଗରେ ଓମେନ୍ ଗ୍ଲାମର ବିଜେତା ହୋଇଛନ୍ତି ଲକ୍ଷ୍ମୀପ୍ରିୟା ପାତ୍ର। ସ୍ୱତନ୍ତ୍ର ବର୍ଗରେ ବିଜେତା ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଏଥିସହ ୧୧ଟି ବର୍ଗରେ ପ୍ରଥମରୁ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୧୦୦ ଟଙ୍କା, ୩୧୦୦ ଟଙ୍କା, ୨୧୦୦ ଟଙ୍କା ଲେଖାଏଁ ଅର୍ଥରାଶି ସହ ଟ୍ରଫି, ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ସଦର ଥାନା ଅଧିକାରୀ ସୁନୀଲ ପ୍ରଧାନ, ସାମାଜିକ କର୍ମୀ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, ବିଶ୍ୱନାଥ ମିଶ୍ର, ମନୋଜ ରଥ, ଅନିଲ କୁମାର ସାହୁ, ଆଦର୍ଶ କୁମାର, ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୀୟୂଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଜିମ୍‌ର ମୁଖ୍ୟ ଭବାନୀ ଶଙ୍କର ସାହୁଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରଞ୍ଜନ ମହାନ୍ତି, ଆଦର୍ଶ କୁମାର ପ୍ରଧାନ, ପବିତ୍ର ରଥ ଓ ଚନ୍ଦନ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

■ ବାଲିଉପର ବସ୍ତିରେ ଆମ ପୁଲିସ ବୈଠକ

ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କଲେ ଅଞ୍ଚଳବାସୀ



ପୁରୀ,୨୩।୨(ସମିସ): କୁମ୍ଭାରପଡ଼ା ଥାନା ଅଧୀନ ବାଲିଉପର ବସ୍ତିରେ ସୋମବାର 'ଆମ ପୁଲିସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ଯୁବସଂଘ ସଦସ୍ୟ ଓ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ପୃକ୍ତ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି, ନିଶା ନିୟନ୍ତ୍ରଣ, ଟ୍ରାଫିକ୍ ସୁବିଧା, ସାଇବର ଠକେଇ ସଚେତନତା ଓ ସାମାଜିକ ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ମତବିନିମୟ ହୋଇଥିଲା। ସିଟି ଡିଏସ୍‌ପି ଜନସାଧାରଣଙ୍କୁ ପୁଲିସ ସହିତ ସମନ୍ୱୟ ରଖି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, କୌଣସି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇଲେ ସଙ୍ଗେ ସଙ୍ଗେ ପୁଲିସକୁ ଅବଗତ କରାନ୍ତୁ। ବସ୍ତିରେ ବସ୍ତିମିତ୍ର ଗଠନ କରିବା, ଗଳିକନ୍ଦିରେ ମୋଟର ସାଇକଲ ପାଟ୍ରୋଲିଂ କରିବା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବଗୁଡ଼ିକ ପୁଲିସ ପ୍ରଶାସନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପୁଲିସ ପକ୍ଷରୁ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦିଆଯାଇଥିଲା। ଏହି ବୈଠକ ମାଧ୍ୟମରେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିଲା। ଏହି ଅବସରରେ ଆମ ପୁଲିସର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଲୋକମାନଙ୍କୁ ଅବଗତ କରାଯାଇଥିଲା।

ଗୋବିନ୍ଦ ଦ୍ୱାଦଶୀ ସ୍ନାନ ପ୍ରସ୍ତୁତି ବୈଠକ

ପୂର୍ବାହ୍ଣ ୧୦ଟା ୧୮ ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ହେବ ସ୍ନାନ

ପୁରୀ,୨୩।୨(ସମିସ): ଶାସ୍ତ୍ରୀୟ ମର୍ଯ୍ୟାଦାର ସହ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆସନ୍ତା ୨୮ ତାରିଖରେ ପୁରୀ ମହୋଦଧିରେ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ନିମନ୍ତେ ଏକ ସମନ୍ୱୟ ବୈଠକ ସୋମବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏହି ଆଧ୍ୟାତ୍ମିକ ସ୍ନାନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପନ୍ନ ପାଇଁ ଅନୁରୋଧ କରିଥିଲେ। ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ପାଳନ ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଏହି ଅଲଭ୍ୟ ସ୍ନାନରେ ସମସ୍ତେ ସାମିଲ୍ ହେବା ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତିର ସଂଯୋଜକ ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ସମ୍ପର୍କରେ ବିଷଦ୍ ସୂଚନା ଦେଇ ଆସନ୍ତା ୨୮ ତାରିଖରେ ଶ୍ରୀକ୍ଷେତ୍ର ମହୋଦଧିରେ କୁମ୍ଭ ରାଶିରେ ସୂର୍ଯ୍ୟଙ୍କର ଅବସ୍ଥାନ ସହ ଗୋବିନ୍ଦ ଦ୍ୱାଦଶୀ ପବିତ୍ର ସ୍ନାନ ଯୋଗ ରହୁଛି ବୋଲି କହିଥିଲେ। ୨୮ ତାରିଖ ସକାଳ ସାଢ଼େ ୮ଟାରୁ ଏମାର ମଠ ଚକଡ଼ାଠାରୁ ଏକ ଭବ୍ୟ ଶୋଭାଯାତ୍ରା ସ୍ୱର୍ଗଦ୍ୱାର ସମ୍ମୁଖ ଶ୍ରୀନାରାୟଣ ବିଜେଘାଟରେ ପହଞ୍ଚିବ। ସେଠାରେ ପୂର୍ବାହ୍ଣ ୧୦ଟା ୧୮ ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଅମୃତ ବେଳାରେ ସ୍ନାନ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

ସିଂହଦ୍ୱାର ସମ୍ମୁଖରୁ ଯାତ୍ରା ଆରମ୍ଭ ସମୟରେ ବଡ଼ଛତା ମଠରେ ମହାବୀରଙ୍କ ସହିତ ସମସ୍ତ ମଠ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ନିଶାଣଙ୍କ ସହିତ ଶୋଭାଯାତ୍ରାରେ ସାମିଲ୍ ହେବେ। ସ୍ନାନ ପୂର୍ବରୁ ବରୁଣ ଦେବତାଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହିତ ନାମ କୀର୍ତ୍ତନ କରି ସ୍ନାନ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନି ନିର୍ବାପକ, ଲାଇଫ୍ ଗାର୍ଡ ମୁତୟନ, ଆମ୍ବୁଲାନ୍ସ, ବ୍ୟାଟେରି ଗାଡ଼ି, ସଂକୀର୍ତ୍ତନ ଦଳ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ଅତିରିକ୍ତ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ସୁଆର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ନାରାୟଣ ରାମାନୁଜ ଦାଶ, ଶ୍ରୀନିବାସ ଦାଶ, ନରେନ୍ଦ୍ର ମହାନ୍ତି, କୃଷ୍ଣ ଚନ୍ଦ୍ର ଦାସ, ମନୋଜ ଦାସ, ଶେଖର ସାମନ୍ତରା, ଜୟନ୍ତ ମହାସୁଆର, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମାଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ଦୁର୍ଘଟଣା

ପରୀକ୍ଷା ଦେବାରୁ ବଞ୍ଚିତ ହେଲେ ୨ ଛାତ୍ରୀ

ବାଲେଶ୍ୱର/ବାହାନଗା, ୨୩।୨(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ଗ୍ରାମର ଦୁଇ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାକୁ ପରୀକ୍ଷାକେନ୍ଦ୍ରକୁ ଯାଉଥିବା ସମୟରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଉଭୟ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିବା ବେଳେ ଜଣେ ଛାତ୍ରୀଙ୍କ ହାତରୁ ବୁଢ଼ା ଆଙ୍ଗୁଠି ବିଚ୍ଛିନ୍ନ ହୋଇ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବା ଜଣାଅପଡ଼ିଛି।

ଖବର ଅନୁସାରେ ରାଜ୍ୟରେ ଗତ ୧୯ ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆଜି ତୃତୀୟ ଦିନରେ ହିନ୍ଦୀ ଏବଂ ସଂସ୍କୃତ ବିଷୟର ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀ ପରୀକ୍ଷାକେନ୍ଦ୍ରକୁ ଯାଉଥିଲେ। ଅଭଣା ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ପରୀକ୍ଷା କେନ୍ଦ୍ର ବିଷ୍ଣୁପୁର ହୋଇଥିବା ବେଳେ ଛାତ୍ରଛାତ୍ରୀ ମାନେ ସାଇକେଲ ଯୋଗେ ବିଷ୍ଣୁପୁର ହାଇସ୍କୁଲକୁ ପରୀକ୍ଷା ଦେବାକୁ ଯାଉଥିବା ବେଳେ ଆଜି ଏକ ଦୁର୍ଘଟଣା ଘଟିଥିଲା। ଆଜି ଅଭଣା ଗ୍ରାମର ଚକ୍ରଧର ମାଝୀଙ୍କ ଝିଅ ଜ୍ୟୋତିପ୍ରଭା ମାଝୀ ଏବଂ ଦାଶରଥି ମାଝୀଙ୍କ ଝିଅ ମମତା ମାଝୀ ଉଭୟ ସାଇକଲ ଯୋଗେ ଅଭଣା ପରୀକ୍ଷାକେନ୍ଦ୍ରକୁ ପରୀକ୍ଷା ଦେବାକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ୨ ଜଣ ବାଇକ ଆରୋହୀ ବେପରୁଆ ଭାବେ ଗାଡ଼ି ଚଳାଇ





ସାଇକେଲରେ ଯାଉଥିବା ୨ ଛାତ୍ରୀଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଜ୍ୟୋତିପ୍ରଭା ମାଝୀଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଳି ହାତ ପାପୁଲିରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ମମତା ମାଝୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଦୁଇଜଣ ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସ୍ଥାନୀୟ ଲୋକେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ସେଥିରୁ ଜ୍ୟୋତିପ୍ରଭା ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣାପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଗ୍ରାମବାସୀ ବାଇକ ଆରୋହୀ ମାନଙ୍କୁ ଧରି ଉତ୍ତମମଧ୍ୟମ ଦେଇ ଗୋପାଳପୁର ଥାନା ପୁଲିସକୁ ଜିମା ଦେଇଥିବା ଜଣାପଡ଼ିଛି। ଘଟଣାପରେ ଅଭିଭାବକ ଓ ଗ୍ରାମବାସୀମାନେ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଜ୍ୟୋତିପ୍ରଭାଙ୍କ ହାତରୁ ବୁଢ଼ା ଆଙ୍ଗୁଠି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ମଧ ଗୁରୁତର ଆହତ ହୋଇଥିବାରୁ ଉଭୟ ଛାତ୍ରୀ ପରୀକ୍ଷା ଦେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଆହତ ଛାତ୍ରୀମାନଙ୍କ ଉଚିତ ଚିକିତ୍ସା ସହ ଚିକିତ୍ସା ସହାୟତା ସହ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତାଙ୍କର ପରୀକ୍ଷା ଦିଗରେ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀମାନେ ସରକାର ଓ ଶିକ୍ଷା ବିଭାଗଙ୍କୁ ନିବେଦନ କରିଛନ୍ତି। ସେପଟେ ଗୋପାଳପୁର ଥାନା ପୁଲିସ ବାଇକ ଚଳାଉଥିବା ବାଇକ ଡ୍ରାଇଭର ବିଷ୍ଣୁପୁର ଗ୍ରାମର ସାଗର ଦାସ (୧୯) ଙ୍କ ନାମରେ ଥାନାରେ ୪୨/୨୬ରେ ଏକ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ଗ୍ରାମୀଣ ଶିବିରରେ ଯୋଗଦେଲେ ସାଂସଦ



ନୀଳଗିରି, ୨୩।୨ (ସମିସ): ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ଆନୁକୂଲ୍ୟରେ ନୀଳଗିରି ସିଆଡିମାଳ ପଞ୍ଚାୟତ ଅଧୀନ କୁମ୍ଭକ୍ଷେତ୍ର ପରିସରରେ ସୋମବାର 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ନାମକ ଗ୍ରାମୀଣ ଶିବିର ଚାଲିଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଗ୍ରାମୀଣ ଶିବିର ୨୦୨୫-୨୬ ସ୍ଥାନୀୟ କୁମ୍ଭକ୍ଷେତ୍ର ଠାରେ ୧୦ ଦିନ ଧରି ଆୟୋଜିତ ହେଉଥିବା ଥିବା ବେଳେ ପଞ୍ଚମ ଦିବସରେ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଥିଲେ। କୁମ୍ଭକ୍ଷେତ୍ର ପ୍ରତିଷ୍ଠାତା ଶିଳ୍ପୀ କେଶୁ ଦାସ ଙ୍କୁ ପ୍ରଶଂସା କରିବା ସହିତ ୨୮ ପ୍ରକାରର ପାରମ୍ପରିକ ଓଡିଆ ଖାଦ୍ୟ ଖାଇଥିଲେ। ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ, ଅତିଥି କୁମ୍ଭକ୍ଷେତ୍ର ପ୍ରତିଷ୍ଠାତା କେଶୁ ଦାସ, ସମ୍ମାନୀତ ଅତିଥି ସିଆଡିମାଳ ପୂର୍ବତନ ସରପଞ୍ଚ ପତିତପାବନ ସିଂ, ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ଓ ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭୋଗରାଇ,୨୩।୨(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସୋମବାର ଭୋଗରାଇ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରକୁ ବିଡିଓ ପ୍ରଶାନ୍ତ ମହାରଣା ଉଦଘାଟନ କରିଥିଲେ। ଏହି ଶିବିରରେ ୫୭୯ ଜଣ ପଞ୍ଜିକରଣ କରିଥିଲେ।



ସେଥି ମଧ୍ୟରୁ ୧୨୨ ଜଣ ବିଭିନ୍ନ ପ୍ରକାରର ମାନସିକ ଭିନ୍ନକ୍ଷମ,୮୨ ଦୃଷ୍ଟି ବାଧିତ, ୩୩୯ ଅସ୍ଥି ଶଲ୍ୟ ରକ୍ତ ହୀନତା ସ୍ନାୟୁ ଆଘାତ ରହିଥିଲେ। ଦିବ୍ୟାଙ୍ଗଙ୍କ ପରୀକ୍ଷା ନିରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏହି ଶିବିରରେ ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କୁ ଯାଞ୍ଚ କରି ଚିହ୍ନଟ କରିଥିଲେ। ମାତ୍ର କାନ ନାକ ଗଳା ବିଭାଗର ପରୀକ୍ଷା ପାଇଁ ଡାକ୍ତର ନଥିବାରୁ ବହୁଲୋକ ଶିବିରରୁ ଫେରିଯିବାର ଦେଖିବାକୁ ମିଳିଛି। ଏହା ବ୍ୟତୀତ ଡିଆରଆଇ ଋଣ ୫ ଜଣ ଓ ବସ୍‌ରେ ଯାତାୟାତରେ ସୁବିଧା ପାଇଁ ୨୮ ଜଣଙ୍କୁ ମନୋନୀତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲ, ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ଆଦିତ୍ୟ ପ୍ରଧାନ,ସପନ ବ୍ରହ୍ମ ସମେତ ସମସ୍ତ କର୍ମଚାରୀ ଶିବିରକୁ ପରିଚାଳନା କରିଥିଲେ।

ବିପିନ ବିହାରୀ ବିଶ୍ୱାଳଙ୍କ ୮୪ ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ



ଜଳେଶ୍ୱର ବ୍ଲକ, ୨୩।୨ (ସମିସ): ବାଗୀଶ୍ୱରୀ ସଂସ୍କୃତଶମହାବିଦ୍ୟାଳୟ ଶାଳିକୋଠା ସଂସ୍କୃତି ଭବନ ପରିସରରେ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ ବର୍ଷ ପୂର୍ତ୍ତି ଅଭିନନ୍ଦନ ଉତ୍ସବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସଭାପତି ଡ଼ଃ ରମାକାନ୍ତ ଭଞ୍ଜ ଙ୍କ ସଭାପତିତ୍ୱ ରେ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ ତମ ଜନ୍ମ ଦିବସ ଅବସରେ ଉପାନ୍ତ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜାଗ୍ରତ ପ୍ରହରୀ ରୂପେ ଅଭିହିତ କରିଥିଲେ। ମୁଖ୍ୟ ଅତିଥି ଭାବରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ର ଡଃ ବିବେକାନନ୍ଦ ସାହୁ, ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ଅଧକ୍ଷ ତଥା ସ୍ୱପ୍ନ ଦୀପ ପତ୍ରିକା ର ସମ୍ପାଦକ ଡଃ କାଳି କିଙ୍କର ଦାଶ, ସମ୍ମାନୀତ ଅତିଥି ଭାବରେ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବରେ ପ୍ରଧ୍ୟାପକ ଡ଼ଃ ଦୟାନିଧି ସାହୁ , ସାହିତ୍ୟ ବିଭାଗ, ପିପିଲି ମହାବିଦ୍ୟାଳୟ,ଜଗାଇ, ଅନ୍ୟତମ ବରେଣ୍ୟ ଅତିଥି ଭାବରେ ଉପସଭାପତି ବ୍ରଜେନ୍ଦ୍ର ଗିରି, ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଅନୁସୂୟା ପ୍ରଧାନ, ଉପାଧକ୍ଷା ଜିଲ୍ଲା ପରିଷଦ, ବରେଣ୍ୟ ଅତିଥି ଭାବରେ ଡାକ୍ତର ପଦ୍ମନାଭ ପ୍ରଧାନ,ମଞ୍ଚ ଆମନ୍ତ୍ରଣ କରିଥିଲେ ଯୁଗେଶ ଚନ୍ଦ୍ର ରାଉଳ। ଅନୁଷ୍ଠାନ ପକ୍ଷରୁ ବିପିନ ବିହାରୀ ବିଶ୍ୱାଳ ଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର।

ଟ୍ରେନରେ ଚାଲାଣବେଳେ ଧରାପଡ଼ିଲା

୧୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଳେଶ୍ୱର, ୨୩।୨ (ସମିସ): ଟ୍ରେନରେ ଗଞ୍ଜେଇ ଚାଲାଣ ବେଳେ ରେଳ ପୁଲିସ ଓ ଅନୁସନ୍ଧାନକାରୀ କୁକୁର ଦ୍ୱାରା ୧୧ଲକ୍ଷ ୧୫ ହଜାର ଟଙ୍କାର ଗଞ୍ଜେଇ ଜବତ ସହିତ ଜଣେ ଗିରଫ। ସୂଚନାରୁ ଜଣାଯାଇଛି ଯେ ୧୮୦୪୪ ଭଦ୍ରଖ-ଖଡଗପୁର ବାଘାଯତୀନ ଏକ୍ସପ୍ରେସରେ ସୋର ଷ୍ଟେସନରୁ ଖଡଗପୁର ଅଭିମୂଖେ ଜନୈକ ଯୁବକ ଗଞ୍ଜେଇ ନେଇ ଯାଉଥିବାର କୌଣସି ଏକ ସୂତ୍ରରୁ ରେଳ ପୁଲିସକୁ ସୂଚନା ମିଳିଥିଲା। ଫଳରେ ଆଇ.ପି.ଏଫ୍ ରେଳ ଟାକ୍ସ ଟିମର ମୁଖ୍ୟ ଇନଚାର୍ଜ ଏମ.କେ ସନ୍ୟାସୀଙ୍କ ନେତୃତ୍ୱରେ ଏକ ଟିମ ଜଳେଶ୍ୱର ଷ୍ଟେସନରୁ ବିଭିନ୍ନ ରେଳ ବଗିକୁ ଅନୁସନ୍ଧାନକାରୀ ପୁଲିସ କୁକୁର ଦ୍ୱାରା ତଲାସୀ କରିଥିଲେ। ଶେଷରେ ବେଲଦା ଷ୍ଟେସନ ପାଖରେ ଏକ ବଗିରେ ଦୁଇଟି ବ୍ୟାଗ ସହିତ ଜଣେ ବ୍ୟକ୍ତିଙ୍କୁ କୁକୁର ଚିହ୍ନଟ କରିଥିଲା। ଉକ୍ତ ଯୁବକ ସହିତ ଦୁଇଟି ଗଞ୍ଜେଇ ଭର୍ତି ବ୍ୟାଗ, ଏକ ମୋବାଇଲ



ଫୋନ ସହିତ କିଛି ଜିନିଷ ରେଳ ପୁଲିସ ଜବତ କରିଥିଲା। ଉକ୍ତ ବ୍ୟାଗ ଦୁଇଟିରେ ୨୩ ପ୍ୟାକେଟ ଗଞ୍ଜେଇ ରହିଥିବା ବେଳେ ତାର ଓଜନ ୨୨କେଜି ୩୦୦ଗ୍ରାମ ବୋଲି ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ୧୧ଲକ୍ଷ ୧୫ହଜାର ଟଙ୍କା ବୋଲି ପୁଲିସ କହିଛି। ଗିରଫ ଯୁବକ ଜଣକ ପଶ୍ଚିମବଙ୍ଗ ରାଜ୍ୟର, ଜିଲ୍ଲା-ଦକ୍ଷିଣ ୨୪ ପ୍ରଗଣା, ଥାନା- କୁଲଟଲି, ପୋଅ-୦୪ ନଂ ଲସ୍କରପଡା, ବାବୁରିଛକ ଅଂଚଳର ମନିରୁଦ୍ଦିନ ମୋଲାଙ୍କ ପୁଅ ରାହୁଲ ମୋଲା(୧୯) ବୋଲି ଜଣାପଡିଛି। ଚଢାଉରେ ଆଇ.ପି.ଏଫ୍ ୱାଏ କୁମାର, ଏସ.ଆଇ ଏସ୍‌ଆର ମଲ୍ଲିକ, ଏଏସଆଇ ଜି. ହାଁସଦା, ଏ.ଏସ.ଆଇ ବିଏମ୍ ପାତ୍ର, ଏଚ.ସି ପି ରଣା, ଏଚ.ସି ବି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ମୋବାଇଲ୍ ଚୋରି, ଅଭିଯୁକ୍ତ ଗିରଫ

ବାଲେଶ୍ୱର,୨୩।୨(ସମିସ): ରେଲୱେ ଷ୍ଟେସନରେ ମୋବାଇଲ୍ ଚୋରି ମାମଲାରେ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ଜଣକ ହେଲେ ସିଙ୍ଗଲା ଥାନା ଅନ୍ତର୍ଗତ ଜାକିର ଖାନ୍। ବାଲେଶ୍ୱର ରେଳ ଷ୍ଟେସନରେ ଆରପିଏଫ ପୋଷ୍ଟ/, ସିଆଇବି/ଖଡ଼ଗପୁର ଏବଂ ଟାସ୍କ ଟିମ୍/ ଖଡ଼ଗପୁର ଦ୍ୱାରା ମିଳିତ ଭାବେ ଡ୍ରାଇଭ୍ ଡ୍ୟୁଟି ସମୟରେ ପ୍ଲାଟଫର୍ମ ନମ୍ବର ୦୧ (ଆର୍ ଏମ୍ ଏସ୍ ଅଫିସ ପଛ ପାଶ୍ୱର)ରୁ ଜଣେ ପୁରୁଷଙ୍କୁ ଅଟକ ରଖାଯାଇଥିଲା। ଚଳିତ ମାସ ୬ ତାରିଖରେ ବାଲେଶ୍ୱର ୟାର୍ଡରେ ଟ୍ରେନ ନମ୍ବର ୧୨୮୭୫ (ପୁରୀ-ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ୍)ର ଜଣେ ଯାତ୍ରୀଙ୍କଠାରୁ ଏକ ଅପୋ ରେନୋ ୧୪ ପ୍ରୋ ୫ଜି ମୋବାଇଲ୍ ଫୋନ୍ (ମୂଲ୍ୟ ୫୦ ହଜାର) ଛଡ଼ାଇ ନେବାରେ ସେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଚୋରି ହୋଇଥିବା ମୋବାଇଲ୍‌ଫୋନ୍ ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ଜବତ ସାମଗ୍ରୀ ସହିତ ଅଭିଯୁକ୍ତଙ୍କୁ ଜିପିଆରଏସ୍/ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା। ଯେଉଁଠାରେ ଏକ ମାମଲା ପଞ୍ଜିକୃତ ହୋଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି।

କଇଥଗଡ଼ିଆ-ଡୁଙ୍ଗୁରା ନିର୍ମାଣାଧୀନ ରାସ୍ତାର ତଦନ୍ତ କଲେ ଅଧୀକ୍ଷଣ ଯନ୍ତ୍ରୀ



'ସକାଳ' ପ୍ରଭାବ

ଖଇରା,୨୩।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ସଡକ କଇଥଗଡିଆ-ଡୁଙ୍ଗୁରା ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ ଏବେ କିଛି ମାସ ତଳେ କଂକ୍ରିଟ ଅଂଶର ନିର୍ମାଣ ଆରମ୍ଭ ହୋଇଛି। ହେଲେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁ ସଂଖ୍ୟାର ଅଭିଯୋଗ ତଥା 'ସକାଳ'ରେ ଖବର ପ୍ରକାଶ ପରେ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀଙ୍କ ନେତୃତ୍ୱର ଏକ ଟିମ ରାସ୍ତା କାର୍ଯ୍ୟର ଯାଞ୍ଚ କରିଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ଦେଖିବା ପରେ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅବଗତ ହେବା ପରେ ଏହି ରାସ୍ତାର ପୁନଃନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଶ୍ରୀ ସେଠୀଙ୍କ ପ୍ରତିକ୍ରିୟା ନିଆଯିବାରେ ରାସ୍ତା ପାଇଁ ନିମ୍ନମାନର ମେଟାଲ ବ୍ୟବହୃତ ହେବା, କଂକ୍ରିଟରେ ପାଣି ଦିଆଯାଇନଥିବା ବିଷୟ ସ୍ୱୀକାର କରିଛନ୍ତି। ଆଉ ଥରେ କାର୍ଯ୍ୟର ସଂଶୋଧନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ ଓ କନିଷ୍ଠ ଯନ୍ତ୍ରୀ ମନୋଜ ସାମନ୍ତ ପ୍ରମୁଖ ସାମିଲ ଥିଲେ। ୨କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୫.୧୫୬କିମି ରାସ୍ତା ୨୦୨୫ ନଭେମ୍ବରରେ ଆରମ୍ଭ ହୋଇ ୨୦୨୬ ମସିହା ଏପ୍ରିଲ ୧୧ତାରିଖରେ ସରିବା କଥା। ହେଲେ ୪ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ୨୦ ପ୍ରତିଶତ କାର୍ଯ୍ୟ ସରିନାହିଁ। ହେଲେ କାର୍ଯ୍ୟ ଆରମ୍ଭ ଦିନରୁ ଏଥିରେ ଦୁର୍ନିତି ହେଉଥିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା।

ଟ୍ରେନରୁ ଖସିପଡ଼ି କିନ୍ନର ମୃତ

ଜଳେଶ୍ୱର, ୨୩। ୨ (ସମିସ): ଟ୍ରେନରୁ ଖସି ପଡି କିନ୍ନରଙ୍କ ମୃତ୍ୟୁ। ସଲମା (୩୫) ନାମ୍ନୀ ଜନୈକ କିନ୍ନର ଆଜି ୧୨୮୭୬ ନଂ ଆପ ନୀଳାଂଚଳ ଏକ୍ସପ୍ରେସରେ ଯାଉଥିବା ବେଳେ ଦିନ ୨ଟା ସମୟରେ ଜଳେଶ୍ୱର ରାଜଘାଟ ଷ୍ଟେସନ ମଝିରେ ଥିବା ବାଘାବାଳୀ ଗେଟ ନିକଟରେ ଟ୍ରେନରୁ ଖସି ପଡିଥିଲେ। ଜଳେଶ୍ୱର ଷ୍ଟେସନ ମାଷ୍ଟର ଚନ୍ଦନ ସିଂଙ୍କ ସହାୟତାରେ ରେଳ ପୁଲିସ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ହସପିଟାଲକୁ ନେଇ ଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ରେଳ ପୁଲିସ ଏଥିନେଇ ଏକ ୟୁଡି ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିବା ଜଣାଯାଇଛି। ମୃତ ସଲମା କିନ୍ନରଙ୍କ ଘର ଜଳେଶ୍ୱର ଥାନା ରାଜପୁର ମୁସଲିମ ବସ୍ତିରେ ବୋଲି ଜଣାଯାଇଛି।

ପୁଅର ଜନ୍ମଦିନ ପାଳନ ପୂର୍ବରୁ ଟଳିପଡ଼ିଲେ ମା'

ଜଳେଶ୍ୱର, ୨୩।୨ (ସମିସ) : କଲ୍ୟାଣପୁର ନିବାସୀ ଉତ୍ତମ କୁମାର ଜେନାଙ୍କ ସହଧର୍ମିଣୀ ଶୁଭଶ୍ରୀ ଜେନା (୨୬) ନିଜର ଏକମାତ୍ର ପୁତ୍ରକୁ କ୍ଷୀର ପିଆଉଥିବା ବେଳେ ଆଜି ସଂଧ୍ୟାରେ ହଠାତ୍ ଟଳିପଡିଥିଲେ। ପରିବାର ପକ୍ଷରୁ ତାଙ୍କୁ ଜିକେଭଞ୍ଜର ହସ୍‌ପିଟାଲକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରୁ ପ୍ରକାଶ ୩ବର୍ଷ ପୂର୍ବରୁ ଉତ୍ତମ ଜମାଳପୁର ନିବାସୀ କାହ୍ନୁଚରଣ ଦେଙ୍କ ଝିଅ ଶୁଭଶ୍ରୀକୁ ବିବାହ କରିଥିଲେ। ତାଙ୍କର ୧ବର୍ଷର ପୁଅ ଥିବା ବେଳେ ଆସନ୍ତା କାଲି ପୁଅର ପ୍ରଥମ ଜନ୍ମଦିନ ପାଳନ ଲାଗି ପ୍ରସ୍ତୁତି ମଧ ସରିଥିଲା। ହେଲେ ସଂଧ୍ୟାରେ ପୁଅକୁ କ୍ଷୀର ଦେଉଥିବା ବେଳେ ହଠାତ୍ ଟଳି ପଡିଥିଲେ।

ଯୁବକଙ୍କ ଆତ୍ମହତ୍ୟା

ଔପଦା,୨୩।୨(ସମିସ): ଔପଦା ଥାନା ଅଘିରାପଦା ପଞ୍ଚାୟତ ଛିଞ୍ଚିଡା ଗ୍ରାମ ଆଦିବାସୀ ସାହିର ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ର ଜଣାଯାଇଛି। ଏହି ଗ୍ରାମର ଗୁରୁବା ସିଂ (୪୦) ଘରୋଇ କଳହ କୁ ନେଇ ବିଲ ମଝିରେ ଥିବା ଏକ ମହୁଲ ଗଛର ପ୍ରାୟ ୪୦ ଫୁଟ ଉଚ୍ଚରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି। ଖବର ପାଇ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ ସଦଳ ବଳେ ପହଁଚି ତଦନ୍ତ ଆରମ୍ଭ କରିବା ସହ ଶବ ଉଦ୍ଧାର ପାଇଁ ଔପଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଔପଦା ଦମକଳ ବାହିନୀ ପହଁଚି ଶବକୁ ଗଛରୁ ଉଦ୍ଧାର କରି ସୋର ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି।

୨୭ ତମ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା

ଖଇରା,୨୩।୨ (ସମିସ): ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଆନୁକୂଲ୍ୟରେ ଖଇରା ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରୀକ୍ଷା କେନ୍ଦ୍ରରେ ୨୭ ତମ ରାଜ୍ୟ ମେଧାବୃତ୍ତି ପରୀକ୍ଷା ୨୨ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି। ଦ୍ୱିତୀୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ଆୟୋଜିତ ଏହି ପରୀକ୍ଷାରେ ୧୧୬ଜଣ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ର ଅଧୀକ୍ଷକ ଶଶୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ସମ୍ବର୍ଦ୍ଧିତ କରାଯିବ।

ଦୋଳ ମହୋତ୍ସବ ବିମାନ ଶୋଭାଯାତ୍ରାରେ ଡିଜେ ନିଷେଧ

ସିମୁଳିଆ, ୨୩।୨ (ସମିସ): ସିମୁଳିଆ ତହସିଲ ଅନ୍ତର୍ଗତ ବାଲିଖଣ୍ଡ ଦୋଳ ମଣ୍ଡପରେ ଦୋଳ ମହୋତ୍ସବ ୩ ଏବଂ ୪ ମାର୍ଚ୍ଚ ୨୦୨୬ ରେ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଯେଉଁ ସମୟରେ ୪୦ ରୁ ଅଧିକ ବିମାନ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଉକ୍ତ ଶୋଭାଯାତ୍ରା ସମୟରେ ଉଚ୍ଚ-ଡେସିବଲ ଡିଜେ ସାଉଣ୍ଡ ସିଷ୍ଟମ ପ୍ରଦର୍ଶନ ଏବଂ ବ୍ୟବହାର ହେବାର ପ୍ରବଳ ସମ୍ଭାବନା ରହିଥିବାର ଅଭିଯୋଗ ହୋଇଛି। ଦଶମ ବୋର୍ଡ ଏବଂ +୨ ବାର୍ଷିକ ପରୀକ୍ଷା ବର୍ତ୍ତମାନ ଚାଲିଥିବାରୁ ବିମାନ ଶୋଭାଯାତ୍ରା ସମୟରେ ଉଚ୍ଚ-ସ୍ୱର ଡିଜେ ସାଉଣ୍ଡ ସିଷ୍ଟମ ବ୍ୟବହାର ପରୀକ୍ଷାର୍ଥୀଙ୍କ ପାଇଁ ଗୁରୁତର ବିଭ୍ରାଟ ସୃଷ୍ଟି କରିପାରେ ଏବଂ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି କରିପାରେ। ଏପରି ଉଚ୍ଚ-ସ୍ୱର ଶବ୍ଦ ଶୋଭାଯାତ୍ରା ପଥ ପାଶ୍ୱର୍ରେ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅସୁବିଧାର କାରଣ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି, ବାଲେଶ୍ୱର ଉପ ଜିଲ୍ଲାପାଳ ସିମୁଳିଆ ତହସିଲଦାର ଙ୍କୁ ଚିଠି ନମ୍ବର ୮୯୦/୧୯. ୨. ୨୦୨୬ ରେ ଡିଜେ ବନ୍ଦ ପାଇଁ ନିର୍ଦ୍ଦେଶ ଜାରୀ କରିଛନ୍ତି। ଏହାକୁ ତଦାରଖ କରିବା ନିମନ୍ତେ ସିମୁଳିଆ ଥାନାଧିକାରୀ ଙ୍କୁ ଚିଠି ନମ୍ବର ୮୯୧ ରେ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱରରେ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା ଆୟୋଜନ ଦାବି ଜୋର୍ ଧରିଲା

ବାଲେଶ୍ୱର,୨୩।୨(ସମିସ)

ବାଲେଶ୍ୱର ଜିଲ୍ଲାରେ ସରକାରୀ ସହଯୋଗରେ ପୂର୍ଣ୍ଣାଙ୍ଗ ବାର୍ଷିକ ପୁସ୍ତକ ମେଳା ଆୟୋଜନର ଦାବି ଜୋରଦାର ହୋଇଛି। ବିଧାନସଭାରେ ଏ ସମ୍ପର୍କରେ ବସ୍ତା ବିଧାୟିକା ସୁବାସିନୀ ଜେନା ଏ ସମ୍ପର୍କରେ ପ୍ରଶ୍ନ ଉଠାଇବା ପରେ ପୁସ୍ତକମେଳା ଦାବି ଭିନ୍ନ ମୋଡ଼ ନେଇଛି। ଓଡ଼ିଆ ଭାଷା ଆନ୍ଦୋଳନରେ ବାଲେଶ୍ୱରର ଐତିହାସିକ ଭୂମିକା ଓ ସମୃଦ୍ଧ ସାହିତ୍ୟିକ ପରମ୍ପରାକୁ ଉଲ୍ଲେଖ କରି ବିଧାୟିକା ପ୍ରଶ୍ନ କରିଥିଲେ ଯେ, ସରକାରୀ ସହଯୋଗରେ ବାର୍ଷିକ ପୁସ୍ତକ ମେଳା ଆୟୋଜନ ପାଇଁ କୌଣସି ସ୍ପଷ୍ଟ ପ୍ରସ୍ତାବ ସରକାରଙ୍କ ତରଫରୁ ପ୍ରସ୍ତୁତ ହୋଇଛି କି ନାହିଁ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ମାଧ୍ୟମରେ



ପ୍ରସ୍ତାବ ଆସିଲେ ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ମେଳା ଆୟୋଜନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। କିନ୍ତୁ ଏହି ଉତ୍ତରରେ ଜିଲ୍ଲାର କିଛି ପ୍ରମୁଖ ସାହିତ୍ୟିକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା ହେଉଛି, ପ୍ରଶାସନିକ ପ୍ରତିପାଳନରେ ବାଲେଶ୍ୱରରେ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ଓ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା ଆୟୋଜିତ ହୋଇନାହିଁ। ସମ୍ପ୍ରତି ପୋଲିସ୍ ଲାଇନ୍ ପଡିଆରେ ଆୟୋଜିତ ଜିଲ୍ଲାସ୍ତରୀୟ 'କୋଶମ୍' ମେଳାରେ ବସ୍ତ୍ର, ଖାଦ୍ୟପଦାର୍ଥ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ବାଣିଜ୍ୟିକ ସାମଗ୍ରୀ ପ୍ରମୁଖତା ପାଇଥିବା ବେଳେ, ପୁସ୍ତକ ପାଇଁ କେବଳ ଗୋଟିଏ ମାତ୍ର ଷ୍ଟଲ୍ ରଖା ଯାଇଥିଲା। ଯାହାକୁ କୌଣସି ଭାବେ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା ବୋଲି କୁହାଯାଇପାରିବ ନାହିଁ। ବାଲେଶ୍ୱରକୁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ବୋଲି ଗଣ୍ୟ କରାଯାଏ। ଏହି ଭୂମି ରାଧାନାଥ ରାୟ ଓ ଫକୀର ମୋହନ ସେନାପତିଙ୍କ ସହ ଜଡିତ, ଯେଉଁମାନେ ଓଡ଼ିଆ କବିତା ଓ କଥାସାହିତ୍ୟର କର୍ଣ୍ଣଧାର ହୋଇଥିବା ବେଳେ ଔପନିବେଶିକ ଶାସନକାଳୀନ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ରୂପେ ଗଠିତ ହେବାରେ ଏହି ଜିଲ୍ଲାର ଅବଦାନ ଅନସ୍ୱୀକାର୍ଯ୍ୟ। ବାଲେଶ୍ୱରର ବୁଦ୍ଧିଜୀବୀ ଓ ସାହିତ୍ୟିକଙ୍କ ମଧ୍ୟରେ ଗାଳ୍ପିକ ଉଦୟ ନାରାୟଣ ଦାସ, ସାହିତ୍ୟିକ ଡକ୍ଟର ରାଧା ରଞ୍ଜନ ପଟ୍ଟନାୟକ, କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି, କବି ଓ ପ୍ରକାଶକ ଡକ୍ଟର କାଳିପଦ ପଣ୍ଡା, କବି ଓ ପ୍ରକାଶକ ଅଭୟ ଦାସଙ୍କ ସମେତ ଅନ୍ୟାନ୍ୟ ଅନେକ ସାହିତ୍ୟିକ ଏବେ ଏହି ପ୍ରଶ୍ନର ପ୍ରଶାସନିକ ଆଗ୍ରହ ଓ ତତ୍ତ୍?ାବଧାନ ସମ୍ପର୍କରେ ସ୍ୱଚ୍ଛ ଓ ସ୍ପଷ୍ଟ ତଦନ୍ତର ଦାବି କରିଛନ୍ତି। ସେମାନେ ସଂସ୍କୃତି ବିଭାଗକୁ ଏହି ବିଷୟରେ ସମ୍ପୂର୍ଣ୍ଣ ତଦାରଖ କରି ଆବଶ୍ୟକ ପଦକ୍ଷେପ ନେଇ ବାଲେଶ୍ୱରର ସାହିତ୍ୟିକ ଐତିହ୍ୟକୁ ସମ୍ମାନ ଜଣାଇ ଏକ ସୁବ୍ୟବସ୍ଥିତ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା ଆୟୋଜନ କରିବାକୁ ଆହ୍ୱାନ କରିଛନ୍ତି। ସାହିତ୍ୟିକମାନେ କହିଛନ୍ତି ଯେ, ଏହି ପ୍ରଶ୍ନ କେବଳ ଏକ ମେଳା ଆୟୋଜନର ନୁହେଁ; ଏହା ଜିଲ୍ଲାର ସାଂସ୍କୃତିକ ମର୍ଯ୍ୟାଦା ସହ ସଂପୃକ୍ତ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁଦୃଢ଼ କରିବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

ସକାଳ
THE SAKALA

ଦିନ ଦିପହରେ ମହାନଦୀ ଘାଟରୁ ବାଲି ଚୋରା ଚାଲାଣ

ଶଗଡା,୨୩।୨(ସମିସ)

ବୌଦ୍ଧ ଜିଲ୍ଲାରେ ଦୈନନ୍ଦିନ ଶହଶହ ବାଲି ଜିଲ୍ଲା ଓ ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ମହାନଦୀ ଘାଟରୁ ଏଭଳି ବେଧଡକ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେଲା ଏହି ପଠାରୁ ବେଆଇନ ଭାବେ ଚାଲିଛି ବାଲି ଚୋରା ଚାଲାଣ। ଦିନ ଦ୍ୱୀପହରରେ ଶହଶହ ଗାଡ଼ିରେ ବାଲି ଚାଲାଣ ହେଉଛି। ଏଥିଯୋଗୁଁ ଦିନକୁ ଦିନ ମହାନଦୀର ବାଲି ଶଯ୍ୟା ନଷ୍ଟ ହେବା ସହ ନଦୀରେ ଏବେ ଖାଲ ସହ ପଥର ଦେଖିବାକୁ ମିଳୁଛି। ଫଳରେ ବିପୁଳ ପରିମାଣର ରାଜସ୍ୱ ହାନି ହେବା ସହ ବାଲି ଚୋରା ଚାଲାଣ ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।



ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱତନ୍ତ୍ର ନିୟମ ରହିଥିବା ବେଳେ ବୌଦ୍ଧ ତହସିଲ ଅଧୀନରେ ଥିବା ମହାନଦୀ ଘାଟରୁ ପ୍ରଶାସନ ଜ୍ଞାତସାରରେ ଦୀର୍ଘ ବର୍ଷ ହେଲା ବେଧଡକ ଦିନରାତି ବାଲି ଚାଲାଣ କରାଯାଉଛି। ବାଲି ମାଫିଆମାନେ ନଦୀ ପଠାରେ ଶହ ଶହ ଟ୍ରାକ୍ଟର, ଭାରି ଯାନରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ବାଲି ମାଫିଆଙ୍କ ଏଭଳି ବେଆଇନ ବାଲି ଚାଲାଣ ବର୍ଷ ବର୍ଷ ଧରି ଚାଲିଆସୁଥିଲେ ମଧ୍ୟ ଖଣି ବିଭାଗ ସହ ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ପାଲଟିଛନ୍ତି। ଟ୍ରାକ୍ଟର ଗୁଡିକରେ ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ବାଲି ଲୋଡିଙ୍ଗ କରି ପଞ୍ଚାୟତ ରାସ୍ତା ଦେଇ ଯାତାୟାତ କରିବା ଦ୍ୱାରା ରାସ୍ତା ନଷ୍ଟ ହେଉଛି। ବାଲି ନେବା ବେଳେ କୌଣସି ଘୋଡଣି ଦେଉନଥିବାରୁ ରାସ୍ତା ଘାଟରେ

ପ୍ରଶାସନ ନିରବଦ୍ରଷ୍ଟା

ଗୁଣ୍ଡ ଉଡିବା ସହ ବାଲି ପଡୁଛି। ବାଲି ଉଡିବା ଦ୍ୱାରା ସାଧାରଣ ଦୁଇ ଚକିଆ ଚାଳକ ଓ ପଥଚାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମୟ ସମୟରେ ଏହାଦ୍ୱାରା ଦୁର୍ଘଟଣା ମଧ୍ୟ ଘଟୁଛି। ସାଧାରଣ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିମ୍ବା ବିକୁ ପକ୍କାଘର ଘର ତିଆରି କରିବାକୁ ବାଲି ପାଇଁ ଚଢ଼ା ଦରରେ କିଣୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଟେଣ୍ଡର କରାଯାଉ ନ ଥିବାରୁ ମାଫିଆଙ୍କ ପାଇଁ ସହଜ ହୋଇଛି ବାଲି ଚୋରାଚାଲାଣ। ସେହିପରି ଯେଉଁ ସବୁ ଖାଦାନରେ ଲିଜ ଦିଆଯାଇଛି, ଲିଜ ସୀମା ବାହାରୁ ବାଲି ଉଠାଣ ହେଉଥିବା ବେଳେ ସେଠାରେ ମଧ୍ୟ ବିନା ରସିଦରେ ବାଲି ନେଉଥିବା ଅଭିଯୋଗ ହୋଇଛି। ଯେଉଁମାନେ ଥରେ ରସିଦ କାଟିଦେଲେ ସେମାନେ ଦିନସାରା ବାଲି ଚୋରାରେ ନେଉଛନ୍ତି। ଯାହାର ରାଜସ୍ୱ ଆୟ ସରକାରୀ ତହବିଲକୁ ଆସୁନାହିଁ ଓ ରାଜସ୍ୱ ହାନି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବୌଦ୍ଧ ତହସିଲଦାରଙ୍କୁ ପଚାରିବାରୁ ବାଲି ଚୋରା ଚାଲାଣ କଥାକୁ ସ୍ୱୀକାର କରିବା ସହ କିଛି ଟେଣ୍ଡର ହୋଇଛି ଆଉ କିଛି ବାକି ଅଛି ବୋଲି କହିଛନ୍ତି। ଚଢ଼ଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ମନ୍ଦିରକୁ ୱାଟର କୁଲର ପ୍ରଦାନ



ମନମୁଣ୍ଡା,୨୩।୨(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ମିଳିତ ସାମାଜିକ କର୍ତ୍ତବ୍ୟ (ସିଏସଆର) କାର୍ଯ୍ୟକ୍ରମ ମାଧ୍ୟମରେ ମନମୁଣ୍ଡା ନିକଟସ୍ଥ ପ୍ରସିଦ୍ଧ ରାମେଶ୍ୱର ମନ୍ଦିରକୁ ୨ଟି ୱାଟର କୁଲର ପ୍ରଦାନ କରିଛି।

ମହାନଦୀ - ତେଲନଦୀ (ତ୍ରିବେଣୀ) ସଙ୍ଗମରେ ସ୍ଥାପିତ ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ପ୍ରଭୁ ମହାଦେବଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ଏହି ୱାଟର କୁଲର ପ୍ରଦାନ କରାଯାଇଛି। ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ଦିରର ପୂଜକ ଓ କମିଟି ସଦସ୍ୟଙ୍କୁ ୨ ୱାଟର କୁଲର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପିଏନ୍‌ବି ସୋନପୁର ଶାଖା ମ୍ୟାନେଜର ଶ୍ୟାମ ସୁନ୍ଦର ମହାଲିଙ୍ଗ, ଉଫୁଲା ମ୍ୟାନେଜର ପ୍ରିତମ ସାହୁ, ବିନିକା ମ୍ୟାନେଜର ସୁବାଷିନୀ ଖମାରୀ, ବ୍ୟାଙ୍କ ଅଫିସର ଆମ କୁମାର ଜୈୱାଲ, ନନି ଗୋପାଳ ପାତ୍ରଙ୍କ ସମେତ ଭକ୍ତ ଓ ପର୍ଯ୍ୟଟକ ଉପସ୍ଥିତ ଥିଲେ।


ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବିନିକା,୨୩।୨(ସମିସ): ଫୁଲମୁଠି ଗ୍ରାମରେ ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମବାସୀ ଘର ସମ୍ମୁଖରେ କଳସ ସ୍ଥାପନ ସହ ଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଉତ୍ସବକୁ ପାଳନ କରୁଛନ୍ତି। ଆଜି ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଦ୍ୱିତୀୟ ଦିନରେ ଚବିଶ ପ୍ରହରୀ ନାମ ଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ନିକଟ ଉରଲେ ଗ୍ରାମବାସୀ ସଂକୀର୍ତ୍ତନର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ମା'ଙ୍କ ପାଇଁ ମଉଳା ଭାର ଆଣି ସମର୍ପି ଥିଲେ। ପୀଠରେ ପୂଜକ, ଦେହେରୀଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ଅନ୍ୟପକ୍ଷରେ ଭକ୍ତଙ୍କ ମନୋରଞ୍ଜନ ସକାଶେ ଦୁଃଖୀ ଶ୍ୟାମ ତ୍ରିପାଠୀ ଓ ଶିବାନନ୍ଦ ତ୍ରିପାଠୀଙ୍କ ଦ୍ୱାରା ଭଜନ ପରିବେଷଣ ଏବଂ ରମାକାନ୍ତ ପଣ୍ଡାଙ୍କ ତରଫରୁ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା।



କାଶୀନାଥ ମହାବିଦ୍ୟାଳୟରେ ପୁସ୍ତକ ବଣ୍ଟନ

ଡୁଙ୍ଗୁରିପାଲି,୨୩।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପହଣ୍ଡି ସ୍ଥିତ କାଶୀନାଥ ଯୁକ୍ତ ଦୁଇ ମହାବିଦ୍ୟାଳୟଠାରେ ଦୂର ଓ ନିରନ୍ତର ଶିକ୍ଷା ଆନୁକୂଲ୍ୟରେ ପୁସ୍ତକ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏ ସକାଶେ ଆୟୋଜିତ ଏକ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଚନ୍ଦ୍ରମା ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମବାଗ୍ ଯାଦବ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ହୋତା ଏବଂ ପରିଚାଳନା କମିଟି ସମ୍ପାଦକ ନେହେରୁଲାଲ ସା ଅନ୍ୟତମ ଅତିଥି ଆସନରେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ଅଧ୍ୟାପକ ଆକାଶ କୁମାର ତରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାନେତ୍ରୀ ତଥା ଅଧ୍ୟକ୍ଷା ସୁଶ୍ରୀ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ହିନ୍ଦି ଅଧ୍ୟାପିକା ଡିଲେଶ୍ୱରୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।



● କଶୁରବନ୍ଧରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

୪୫ ମାମଲା ପଞ୍ଜିକୃତ, ୧୧ର ଦ୍ୱରିତ ସମାଧାନ

ଶଗଡା,୨୩।୨(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ କଶୁରବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏସପି ରାହୁଲ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ସମୁଦାୟ ୪୫ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୮ଗୋଟି ବ୍ୟକ୍ତିଗତ ଓ ୮ଟି ସାମୁହିକ ମାମଲା ଥିଲା। ୧୧ଟି ମାମଲାର ଦ୍ୱରିତ ସମାଧାନ କରାଯାଇଥିଲା



। ଜନଶୁଣାଣିକୁ ଆସୁଥିବା ଜନ ସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଜନଶୁଣାଣି ପରେ ଜିଲ୍ଲାପାଳ ସମସ୍ତ ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ବର୍ଷ ଶେଷ ହେବାକୁ ଥିବା ବେଳେ ତୁରନ୍ତ ଅଧା ହୋଇ ପଡିରହିଥିବା ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜନ ଶୁଣାଣି ସ୍ଥାନରେ ବିଭିନ୍ନ ଯୋଜନା ର ହୋଡିଂ, ଫ୍ଲେକ୍ସ, ବ୍ୟାନର ଆଦି ଲଗାଇବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀକାଳିନ ଅଧିକାରୀ ଜ୍ୟୋତି ରଞ୍ଜନ ଭୂଏ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ପ୍ରଭାସ ଚନ୍ଦ୍ର ଦଣ୍ଡସନା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସମସ୍ତ ଅଧିକାରୀ ଅନୁପାଳନ କରିବାକୁ ମତବ୍ୟକ୍ତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ ଉପସ୍ଥିତ ରହି ସହଯୋଗ କରିଥିଲେ।

କର୍ଲାଯୋରି ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି,୨୩।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ କର୍ଲାଯୋରୀ ପଞ୍ଚଯାତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୧୬ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୯୮ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୮ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା।



ଦୁଇଜଣଙ୍କ ଦରଖାସ୍ତର ଫାଇସଲା କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର ବିମଳ କିଶୋର ପତ୍ର, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସରପଞ୍ଚ ସୁଜାତା ସେଠୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଜଣ ଭିନ୍ନକ୍ଷମ ବୃଦ୍ଧା ମହୁଲପାଲି ଗ୍ରାମର ଭାରତୀ ରାଉତ ଓ ଗଜମାଲ ଗ୍ରାମର ରଏବାରି ସାହୁଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। କର୍ଲକୋରି ଗ୍ରାମ ପଞ୍ଚାୟତର ନୂତନ ପାଠାଗାରର ଉଦ୍‌ଘାଟନ କରିଥିଲେ।

ବୃତ୍ତି ପରୀକ୍ଷାରେ ୨ କୃତୀ ଛାତ୍ର ସମ୍ବର୍ଦ୍ଧିତ



ବୌଦ୍ଧ,୨୩।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାଧାନଗର କ୍ଲଷ୍ଟର କେଳାକଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରିଥିବା ଦୁଇ ଛାତ୍ର ତୃତୀୟ ଶ୍ରେଣୀର ସୂର୍ଯ୍ୟନାରାୟଣ ପ୍ରଧାନ ଓ ପଞ୍ଚମ ଶ୍ରେଣୀର ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ବାରିକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ଫ୍ଲାଇଂ ସ୍କ୍ୱାଡ୍ ଓ ସ୍ପେଶାଲ ସ୍କ୍ୱାଡ୍‌ର ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ

ବୌଦ୍ଧ,୨୩।୨(ସମିସ): ଜିଲ୍ଲାରେ ଚାଲିଥିବା ମାଟ୍ରିକ୍ ପରୀକ୍ଷାରେ ତୃତୀୟ ମାତୃଭାଷା ପରୀକ୍ଷା ଥିବା ବେଳେ ଫ୍ଲାଇଂ ସ୍କ୍ୱାର୍ଡ ଓ ସ୍ପେଶାଲ ସ୍କ୍ୱାର୍ଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ବାଉଁ ଶୁଣୀ, ଗୋଛାପଦା, ବାଦୀ କଟା, ଦହ୍ୟା ଆଦି ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ର ଫ୍ଲାଇଂ ସ୍କ୍ୱାର୍ଡ ପରିଦର୍ଶନ କରିଛନ୍ତି। ସେହିପରି ସ୍ପେଶାଲ ସ୍କ୍ୱାର୍ଡ ଗବଜୋର୍, ପଲସା ଗୋରା, ଖଟ ଖଟିଆ, ବିଳାସ ପୁର, ଶୁଣ୍ଠୀପଦର ଆଦି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି।

ଓଡିଶା ପାଠ୍ୟକ୍ରମର ରୂପରେଖ ଓ ପ୍ରବୋଧନ ତାଲିମ୍

ବୌଦ୍ଧ,୨୩।୨(ସମିସ): ବୌଦ୍ଧ ବ୍ଲକ ଟୁଟୁ ସିଙ୍ଗା ହାଇସ୍କୁଲଠାରେ ବିଭିନ୍ନ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଓଡିଶା ପାଠ୍ୟକ୍ରମର ରୂପରେଖ-୨୦୨୫ ଓ ପ୍ରବୋଧନର ୫ ଦିନିଆ କାର୍ଯ୍ୟକ୍ରମର ତୃତୀୟ ଦିନର ତାଲିମ ଅନୁଷ୍ଠିତ ହୋଇଯାଇଛି। ଆଜି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ବିଶ୍ୱାଳ ତାଲିମ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ। ସାଧନ କର୍ମୀ ଭାବରେ ଶିକ୍ଷକ ଗୋପାଳ ଅମାତ୍, ଗିରିଶ ଚନ୍ଦ୍ର ମହାକୁଲ, ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଜ୍ୟୋତିଷ ମେହେର ତାଲିମ ଦେଇଥିଲେ।

ଫୁଲ ଫଳ ଚାରା ପ୍ରଶିକ୍ଷଣ ଶିବିର



ବିନିକା,୨୩।୨(ସମିସ): ବିନିକା ବ୍ଲକ ବିଶାଳପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଇକୋ କ୍ଲବ ସହଯୋଗରେ ଫୁଲ ଫଳ ଚାରା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିନିକା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମ ସାଗର କାଲସେ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ପରିବେଶବିତ୍ ତଥା ଶିକ୍ଷକ ମାନଭଞ୍ଜନ ବାଘ, ଫରେଷ୍ଟର ବନମାଳୀ ପାଣ୍ଡେ ଯୋଗଦେଇ ଅଞ୍ଚଳର ଚାଷୀମାନେ କିପରି ଫୁଲ ଫଳ ଚାରାକୁ ଗୁରୁତ୍ୱ ଦେବେ ଏବଂ ରୋଜଗାର କରି ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିବେ ସେ ଦିଗରେ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଇକୋ କ୍ଲବ ଇନଚାର୍ଜ ସୂର୍ଯ୍ୟନ୍ତ ସାହୁ ସଭାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ବିଭୂତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ମହୁମାଛି ଆକ୍ରମଣରେ ୪ ଗୁରୁତର

ବୌଦ୍ଧ,୨୩।୨(ସମିସ): ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ମାନେଶ୍ୱର ଗ୍ରାମ ନିକଟରେ ମହୁମାଛି ଆକ୍ରମଣରେ ୪ ଜଣ ଗୁରୁତର ହୋଇଛନ୍ତି। ବହିରା ଗ୍ରାମର କାହ୍ନା ଉର୍ମା, ଶ୍ରବଣ ବାଦି, ତ୍ରିଲୋଚନ ଜଗଦଲା ଓ ତାଳପଡା ଗ୍ରାମର ନିଗମ୍ ଉର୍ମା କୌଣସି କାର୍ଯ୍ୟରେ ମାନେଶ୍ୱର ଗ୍ରାମକୁ ଯାଇଥିବା ବେଳେ ପାଣି ଟାଙ୍କି ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବାଉଁଶୁଣି ମେଡିକାଲରେ ଭର୍ତ୍ତି କରିଥିଲେ।

ଦୋଳ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୨୩।୨(ସମିସ): ସ୍ଥାନୀୟ ବୀରମହାରାଜପୁର ବ୍ଲକ୍ ସଭାଗୃହଠାରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଦୋଳ ପୂର୍ଣ୍ଣିମା ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ ତାରିଖରେ ଥିବା ଦୋଳ ପୂର୍ଣ୍ଣିମା ପାଇଁ ବ୍ଲକ୍ ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦେବ ବରଣ, ହରିହର ଭେଟର ସମୟ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଦେବୋତ୍ତର ଅଧିକାରୀ ଅଜିତ ମିର୍ଧା, ବୀରମହାରାଜପୁର ଉପଖଣ୍ଡ ଥାନା ଅଧିକାରୀହେମନ୍ତ ରାଓ, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପେଶ୍ୱର ଦୋଳ ପୂର୍ଣ୍ଣିମା ଯାତ୍ରାର ସଭାପତି କିଶୋର ହୋତା, ରାମକୃଷ୍ଣ ହୋତା, ଦାମୋଦର ହୋତା, ପୀତବାସ ଶତପଥୀ, ପ୍ରଭାସ ଦାସ, ଅକ୍ଷୟ ମିଶ୍ରଙ୍କ ସମେତ ବିଭିନ୍ନ ମନ୍ଦିର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଦୋଳ ପୂର୍ଣ୍ଣିମା ଯାତ୍ରାକୁ ସୁରକ୍ଷିତ ଏବଂ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମେଲଣ ପଡିଆକୁ ଆହୁରି ସମ୍ପ୍ରସାରଣ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି। ଚନ୍ଦ୍ର ଗ୍ରହଣ ଥିବାରୁ ଗୋଟେ ଦିନ ଆଗରୁ ଦେବ ବରଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ହରିହର ମିଳନ ସକାଳ ୫.୩୦ରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦର୍ଶକଙ୍କ ସଂଖ୍ୟାକୁ ଆଖିଆଗରେ ରଖି ଓ ଅଘଟଣକୁ ଏଡାଇବା ପାଇର୍ କର୍ଡନ ରଖାଯିବ। ଏହି କର୍ଡନ ଭିତରେ ୬ଟି ପୂଜା କମିଟିର ୩୦ ଜଣ ଲେଖାଏଁ ସଦସ୍ୟ ଏବଂ ପୂଜକ ଓ ଚମ୍ପେଶ୍ୱର ପୂଜା କମିଟିର ୭୦ ଜଣଙ୍କୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମେଲଣ ପଡିଆ ଭିତରେ ବାଣ ଫଟାଇବାକୁ ଉପଜିଲ୍ଲାପାଳ ଶ୍ରୀ ମେହେର କଡାକଡି ଭାବରେ ମନା କରିଛନ୍ତି। ଯାତ୍ରାରେ ପାନୀୟ ଜଳର ବ୍ୟବସ୍ଥା, ମେଲଣ ପଡିଆକୁ ଯାଇଥିବା ରାସ୍ତାର ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା ଏବଂ ମେଲଣ ପଡିଆକୁ କିପରି ସଫାସୁତରା ରଖାଯାଇପାରିବ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ କହିଛନ୍ତି।



ଶେଷରେ ଉପଜିଲ୍ଲାପାଳ ଏବଂ ଉପସ୍ଥିତ ଅଧିକାରୀମାନେ ମେଲଣ ପଡିଆ ପରିଦର୍ଶନ କରିଛନ୍ତି। କମିଟି ସଦସ୍ୟଙ୍କ ସହଯୋଗରେ ଆଗାମୀ ଦିନରେ ଉଠା ଦୋକାନୀମାନଙ୍କୁ ମେଲଣ ପଡ଼ିଆ ରେ ମଇଳା ନ ପକାଇବାକୁ ତାଗିଦ କରାଯିବା ଏବଂ ମଇଳା ପକେଇଲେ ଫାଇନ ହେବ ବୋଲି ଶ୍ରୀ ମେହେର ସୁଚନା ଦେଇଛନ୍ତି।

ବେଆଇନ ଭାବେ ଗଢ଼ା ଚାଲିଛି ଇଟା ଭାଟି

କଣ୍ଟାମାଲ,୨୩।୨(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଲ ତହସିଲ ଅଞ୍ଚଳରେ ବେଆଇନ ଭାବେ ଇଟାଭାଟି ଗଢ଼ାଚାଲିଥିବା ବେଳେ ତାହାର ଧୂଆଁ ଓ ଉତ୍ତାପ ଏବେ ଆଖପାଖର ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ଏବେ ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ମାଟି ଇଟା ପୋଡିବା ନିଷେଧ ଥିବା ବେଳେ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ଜ୍ଞାତସାରରେ ସ୍ପଷ୍ଟ ଦିବାଲୋକରେ ଇଟାଭାଟି ପୋଡାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜନବସତି ସ୍ଥାନରେ ଇଟା ଭାଟିରେ ଇଟା ପୋଡାଯାଉଥିବାରୁ ତାହାର ଉତ୍ତାପ ଓ ଧୂଆଁରେ ଲୋକମାନେ ଅସ୍ତବ୍ୟସ୍ତ ହେଉଛନ୍ତି। ଏହି ତହସିଲ ଅଧୀନରେ ଥିବା ୮ ଟି ରାଜସ୍ୱ ସର୍କଲର ବିଭିନ୍ନ ରାଜସ୍ୱ ଗ୍ରାମରେ ବେଆଇନ ଭାବରେ ଇଟା ଭାଟି କରି ଇଟା ପୋଡି ବ୍ୟବସାୟ ଚଳାଇଥିବା ଜଣାଯାଇଛି। କଣ୍ଟାମାଲ ରାଜସ୍ୱ ସର୍କଲ ଅଧୀନରେ ଥିବା କଣ୍ଟାମାଲ, ଖଲିଆପାଲି, ରେଙ୍ଗାଲି ଆଦି ପଞ୍ଚାୟତ କାର୍ଯ୍ୟାଳୟ



ନିକଟରେ ବେଆଇନ ଭାବେ ଇଟା ପୋଡା ଚାଲିଥିବା ନଜରକୁ ଆସିଛି। ଏହା ଛଡା ମନମୁଣ୍ଡା ରାଜସ୍ୱ ସର୍କଲ ଅଧିନସ୍ଥ ଘିକୁଣ୍ଡି ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମ ନିକଟରେ ଜନବସତି ମଧ୍ୟରେ ଇଟା ଭାଟି ଗଢ଼ାଯାଇ ଲକ୍ଷାଧିକ ଇଟା ପୋଡାଯାଉଛି। ଦପଲା ରାଜସ୍ୱ ସର୍କଲର ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଇଟା ଭାଟିରେ ଇଟା ପୋଡା ଯାଉଥିବା ଦେଖାଯାଉଛି। ମାଫିଆମାନେ ସମସ୍ତ ସରକାରୀ ଗୋଚର ଜମି, ଗ୍ରାମ୍ୟ ଜଙ୍ଗଲ ତଥା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଶହଶହ ଟ୍ରିପ ମାଟି ଉଠାଇ ନେଇ ଇଟା ଗଢୁଥିଲେ ମଧ୍ୟ ତହସିଲ କର୍ମଚାରୀମାନେ ସବୁ ଜାଣି ନ ଜାଣିଲା ଭଳି ରହୁଥିବା ସ୍ଥାନୀୟବାସୀନ୍ଦା ଅଭିଯୋଗ କରିଛନ୍ତି। ଏପରିକି ଇଟା ଭାଟିରେ ଇଟା ପୋଡିବା ପାଇଁ ଜଙ୍ଗଲରୁ ବଶହ ଶହ ଗଛ କାଟି ଆଣୁଛନ୍ତି। ରାଜ୍ୟ ସରକାର ୨୦୧୪ ମସିହାରୁ ମାଟିରେ ଇଟା ପକାଇ ଭାଟି ପୋଡ଼ିବାକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବାବେଳେ ଏହି ତହସିଲ ଅଞ୍ଚଳରେ ଡିସେମ୍ବର ମାସ ଠାରୁ ସରକାରୀ ନିୟମକୁ ଉଲଂଘନ କରାଯାଇ ମାଫିଆ ରାଜସ୍ୱ ନିରକ୍ଷକ ଓ ତହସିଲ କାର୍ଯ୍ୟାଳୟ ମଧ୍ୟରେ କିଛି ଅଧାସୁ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବ୍ୟାପକ ଇଟାଭାଟି କରି ଇଟା ପୋଡୁଥିବା ଅଭିଯୋଗ ହୋଇଛି। ଇଟାଭାଟି ନ ପୋଡିବା ପାଇଁ ଲୋକମାନେ ବାରଣ କରୁଥିଲେ ମଧ୍ୟ ଇଟା ମାଫିଆମାନେ ସାଧାରଣ ଲୋକମାନଙ୍କୁ ଧମକ ଚମକ

ଧୂଆଁ ଓ ଉତ୍ତାପରେ ଜନଜୀବନ ଅସ୍ତବ୍ୟସ୍ତ

ଦେଇ ତାଙ୍କ ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ନିରକ୍ଷକମାନେ କିମ୍ବା ତହସିଲଦାର ଇଟା ପକାଉ ଥିବା ସ୍ଥାନକୁ ପରିଦର୍ଶନରେ ଯିବା ତ ଦୂରର କଥା ଅଭିଯୋଗ ହେଲେ ଚୁପଚାପ ରହୁଥିବା ନେଇ ସାଧାରଣ ପ୍ରଶ୍ନ ଉଠିଛି। ବେଆଇନ ଭାବେ ଇଟା ପକାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ଜରିମାନା ଆଦାୟ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ରାଜସ୍ୱ ନିରକ୍ଷକମାନେ ଲକ୍ଷ ଲକ୍ଷ ଇଟା ପକାଉଥିବା ବ୍ୟବସାୟୀଙ୍କ ଠାରୁ ଖୁବ କମ ପରିମାଣରେ ବେଆଇନ ଇଟା ପକା ପାଇଁ ଜୋରିମାନା ଅଦାୟ କରୁଥିବା ଶୁଣିବାକୁ ମିଳୁଛି। ଏଥିପ୍ରତି ବୌଦ୍ଧ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ବେଆଇନ ଇଟା ଭାଟି ପୋଡାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଓ ପ୍ରଦୂଷଣ ସମସ୍ୟା ସମାଧାନ ଦାବି

ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣ ସମାବେଶ

ଅନୁଗୋଳ, ୨୩।୨(ସମିସ)



ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରାଯାଉନାହିଁ କିମ୍ବା ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିଷ୍ଠିତ କୋଇଲାଖଣି, ତାପଜ ବିଦ୍ୟୁତ୍ ଶିଳ୍ପ ଓ ଅନ୍ୟାନ୍ୟ ବୃହତ ଶିଳ୍ପଗୁଡ଼ିକ ଦ୍ୱାରା ପ୍ରଦୂଷଣ ବିଷବଳୟରେ ଜିଲ୍ଲାବାସୀ ହନ୍ତସନ୍ତ ହେଉଥିଲେ ମଧ୍ୟ ଏହାର କୌଣସି ପ୍ରତିକାର କରାଯାଉନାହିଁ। ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଓ ପ୍ରଦୂଷଣ ସମସ୍ୟା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ ସହ ଇକୋ ମେସିନ୍ ପ୍ରତିଷ୍ଠା, ଜିଲ୍ଲା ମୁଖ୍ୟ ଚିକିଳୟରେ ଅର୍ଥୋ, ଇଏନ୍‌ଟି ସହ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହକୁ ଥରେ ଆସୁଥିବା ବିଶେଷଜ୍ଞ ଡାକ୍ତରମାନଙ୍କୁ ନିୟମିତ ଭାବେ ନିଯୁକ୍ତି ଦେଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦନ୍ତ ବିଭାଗରେ ଆବଶ୍ୟକ ଉପକରଣ ଯୋଗାଇ ଦନ୍ତ ଚିକିତ୍ସା ବ୍ୟବସ୍ଥା କରିବା, ଜିଲ୍ଲାର ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦ ପୂରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନ୍‌ଲାଇନ୍ ଟିକେଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା, ପ୍ରଦୂଷଣ ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଣ, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ବସାଇବା ଓ ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ଶିଳ୍ପ, କୋଇଲା ଖଣି ପ୍ରଦୂଷଣକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା, ଅନୁଗୋଳ ସହର ଦେଇ କୋଇଲା ପରିବହନ ରାସ୍ତାରେ ପଡୁଥିବା କୋଇଲାଗୁଣ୍ଡ ସଫା କରିବା ସହ ନିୟମିତ ପାଣି ସିଞ୍ଚନ, କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ ଆଦି ଦାବିରେ ସୋମବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣ ସମାବେଶ ଅନୁଷ୍ଠିତ ହୋଇଛି। କମିଟି ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ସମାବେଶରେ ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ରମେଶ ସାହୁ, ଶିବରାମ ମିଶ୍ର, ବ୍ରଜବନ୍ଧୁ ସାହୁ, ଆଇନଜୀବୀ ବସନ୍ତ କୁମାର ଦାସ, ନିରୋଦ ପାଲ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ପଠାଣୀ ବାରିହା, ମାନସ ପାଲ, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ପରିବେଶବିତ୍ ପ୍ରସନ୍ନ ବେହେରା, ବରିଷ୍ଠ ସାମ୍ବାଦିକ ଜଗଦାନନ୍ଦ ପ୍ରଧାନ, ଦେବାଶିଷ ପନାୟକ, ଅଚ୍ୟୁତାନନ୍ଦ ମିଶ୍ର, ଶିକ୍ଷାବିତ୍ ତରୁଣ ଦେହୁରୀ, ପ୍ରଦୀପ କୁମାର ପ୍ରଧାନ, ହେମନ୍ତ କୁମାର ଦାସ, ପ୍ରବୋଧ କୁମାର ସ୍ୱାଇଁ, ବ୍ରହ୍ମଜ୍ୟୋତି ମିଶ୍ର, ଅଶୋକ କୁମାର ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲୀ, ଆଇନଜୀବୀ ସୁବାସ ସାହୁ, ରବୀନ୍ଦ୍ର କୁମାର ବେହେରା, ବ୍ରଜସୁନ୍ଦର ବିଶ୍ୱାଳ, ଲକ୍ଷ୍ମଣ ସାହୁ, ସୂର୍ଯ୍ୟନାରାୟଣ ରଥ, ଅଜୟ ଭାଇ, ରଶ୍ମିରଞ୍ଜନ ସାହୁ, ତପନ କୁମାର ମହାନ୍ତି, ନିରୁପମା ପ୍ରଧାନ, ବବିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଜିଲ୍ଲାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବାବେଳେ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପ୍ରଦୂଷଣ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ବ୍ୟବହାର କରାଯାଉଥିଲେ ମଧ୍ୟ ଏଠାରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରାଯାଉନାହିଁ। ଏପରିକି ଅସ୍ଥିଶଲ୍ୟ, କର୍ଣ୍ଣ, ନାଶା, ଗଳା ବିଭାଗ ସମେତ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା ନାହିଁ। ଫଳରେ ସାମାନ୍ୟ ହାତଗୋଡ଼ ହାଡ଼ ଭାଙ୍ଗିଲେ ଏଠାରେ ଚିକିତ୍ସା ନ କରି ରୋଗୀଙ୍କୁ ରେଫର କରିଦିଆଯାଉଛି। ଏ ନେଇ ଗରିବ ରୋଗୀ ବହୁ ଖର୍ଚ୍ଚାନ୍ତ ଓ ଅସୁବିଧା ଭୋଗି କଟକ କିମ୍ବା ଘରୋଇ ହସ୍ପିଟାଲ ଯିବାକୁ ବାଧ ହେଉଛନ୍ତି। କିଛି ଅସାଧୁ ପ୍ରଶାସନିକ, ସ୍ୱାସ୍ଥ୍ୟ ଅଧିକାରୀ ଓ ଘରୋଇ ନର୍ସିଂ ହୋମ୍ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଜିଲ୍ଲାର ଖଣିଜ ପାଣ୍ଠିରେ ପ୍ରଚୁର ଅର୍ଥ ଜମା ଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ବିକାଶ କରା ନ ଯାଇ ରୋଗୀଙ୍କୁ ଶୋଷଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଏବଂ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରା ନ ଯିବା ଜିଲ୍ଲା ପ୍ରଶାସନର ଅପାରଗତା ଓ ସମ୍ପୂର୍ଣ୍ଣ ଦାୟିତ୍ୱହୀନତାର ନିଦର୍ଶନ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ, କୋଇଲା ପରିବହନ ରାସ୍ତାରେ ନିୟମିତ ପାଣି ସିଞ୍ଚନ ସହ କୋଇଲା ପରିବହନ ନିମନ୍ତେ ସ୍ୱତନ୍ତ୍ର କୋଲ୍ କରିଡର୍ ନିର୍ମାଣ କରିବାକୁ ସେମାନେ ଦୃଢ଼ ଦାବି କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଭେଟି ୧୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କମିଟି ପକ୍ଷରୁ ଉପସ୍ଥାପିତ ଜିଲ୍ଲାର ନ୍ୟାଯ୍ୟ ଦାବିଗୁଡିକ ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବାସ୍ତବ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲ୍ଲାବ୍ୟାପୀ ବ୍ୟାପକ ଆନ୍ଦୋଳନ ସହ ଜିଲ୍ଲା ବନ୍ଦ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

ଆଠମଲ୍ଲିକରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଆଠମଲ୍ଲିକ, ୨୩।୨(ସମିସ): ଆଠମଲ୍ଲିକ ବ୍ଲକ ସଭାଗୃହରେ ସୋମବାର ଅନୁଗୋଳ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ଅବଦଲ ଏମ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୩୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୮ ଟି ବ୍ୟକ୍ତିଗତ, ଗୋଟିଏ ସାମୂହିକ ଓ ୨ଟି ରେଡ୍‌କ୍ରସ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ୮ ଅଭିଯୋଗର ସମାଧାନ କରାଯାଇଛି। ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସପି ରାହୁଲ ଜୈନ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ମୋହନ ପ୍ରଧାନ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ, ବିଡିଓ ଟିଟସ ମହାନନ୍ଦିଆ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

ନୁନକାପଶି ପଞ୍ଚାୟତରେ ଜନଶୁଣାଣି



କିଶୋରନଗର, ୨୩।୨(ସମିସ): କିଶୋରନଗର ବ୍ଲକ ନୁନକାପଶି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ, ବିଏସଏସଓ ଝସକେତନ ସାହୁ, କନିଷ୍ଠ ଯନ୍ତ୍ରୀ ଭୁବନେଶ୍ୱରୀ ବେହେରା, ଡିଇଓ (ଆରସିଏମ) ସରୋଜ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ରାଧାଗୋବିନ୍ଦଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା



ଅନୁଗୋଳ, ୨୩।୨(ସମିସ): ଅନୁଗୋଳ ଜିଲ୍ଲା ରାଣୀଗୋଡ଼ା (ପୁରୁଣାସାହି) ଶାଳଗାଡ଼ିଆ ପୋଖରୀ ନିକଟରେ ଶ୍ରୀ ଶ୍ରୀ ରାଧାଗୋବିନ୍ଦଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ୧୯ ତାରିଖ ଅଙ୍କୁରା ରୋପଣ, ୨୧ ତାରିଖ ପଥରି ଗାଡ଼ିଆ ପୋଖରୀରୁ ୧୦୮ କଳସ ଯାତ୍ରା ଅନୁଷ୍ଠି ହୋଇଥିଲା। ୨୨ ତାରିଖ ମନ୍ଦିର ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ପୂଜା, ଦଧିନଉତି ସ୍ଥାପନ, ଧ୍ୱଜା ଉତ୍ତୋଳନ, ଆହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳେ ସୂର୍ଯ୍ୟପୂଜା, ଆହୁତି ଯଜ୍ଞ, ବିଗ୍ରହ ଜୀବନ୍ୟାସ, ମନ୍ଦିର ପ୍ରବେଶ, ପ୍ରଥମ ଭୋଗ ଆଦି ଅନୁଷ୍ଠିତ ହୋଇଥିଲା।

ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କିଶୋରନଗର, ୨୩।୨(ସମିସ): କିଶୋରନଗର ହାଇସ୍କୁଲ ୧୯୮୧ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଧଉରାପାଲି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି।



ଏଥିରେ ପୁରାତନ ଛାତ୍ର ରାଜକିଶୋର ଷଡ଼ଙ୍ଗୀ, ଜମ୍ବେଶ୍ୱର ପ୍ରଧାନ, ସଞ୍ଜୟ ପ୍ରଧାନ, ପ୍ରଭାକର ରାଉଳ, ସରୋଜିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ।

ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୁଇଓ, ୨୩।୨(ସମିସ): ଜରାସିଂହା ୟୁଥ୍ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପ୍ରଥମ ମ୍ୟାଚ ସମ୍ବଲପୁର ସ୍ପୋର୍ଟସ୍ ଓ ନାଲକୋ ଏଫସିସି ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ୫-୦ ଗୋଲ୍‌ରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଜରାସିଂହା ସରପଞ୍ଚ ପ୍ରିୟଙ୍କା ସ୍ୱାଇଁ, ଜରାସିଂହା ସମିତିସଭ୍ୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ନେହରୁ ଯୁବକ ସଂଘର ତପନ ନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ରେଫରୀ ଆଲୋକ ଦେହୁରୀ, ଧନେଶ୍ୱର ସଦକ୍ଷରେ, ବାସୁଦେବ ସାହୁ, ବୀଣାପାଣି ବରୁଆ ଏବଂ ମ୍ୟାଚ୍ କମିସନ୍ ଭାବେ ବସନ୍ତ କୁମାର ଦାସ ଯୋଗଦେଇଥିଲେ।

ଶିକାର ପାଇଁ ରଖାଯାଇଥିବା ବୋମା ଫୁଟି ନାବାଳିକା ଗୁରୁତର

● ବୋମା ରଖିଥିବା ଅଭିଯୋଗରେ ୪ ଗିରଫ

ପାଲଲହଡ଼ା, ୨୩।୨(ସମିସ): ଗାଁ ମୁଣ୍ଡ ମହୁଲ ଗଛ ମୂଳେ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ରଖାଯାଇଥିଲା ଦେଶୀ ବୋମା। ହେଲେ ଜନ୍ତୁ ବଦଳରେ ଜଣେ ନିରୀହ ନାବାଳିକା ହେଲା ତା'ର ଶିକାର। ବୋମା ବିସ୍ଫୋରଣରେ ଛିଣ୍ଡିଗଲା ନାବାଳିକାଙ୍କ ହାତ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପାଲଲହଡ଼ା ଥାନା ବାଲିପସୀ ପଞ୍ଚାୟତ କେଲପଶି ଗାଁରେ ରବିବାର ଭୋର ସମୟରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳିକା ହେଲେ ସେହି ଗାଁର ମାନିନୀ ନାଏକ। ମାନିନୀ ମହୁଲ ଫୁଲ ଗୋଟେଇବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଜନ୍ତୁ ଶିକାର ପାଇଁ ରଖାଯାଇଥିବା ବୋମାକୁ ହାତରେ ଧରି ଦେଇଥିଲା। ଫଳରେ ବୋମା ହାତରେ ଫୁଟିଯାଇଥିଲା। ଏଥିରେ ନାବାଳିକାଙ୍କ ପାପୁଲି ଛିଣ୍ଡି ଯାଇଛି। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବୋମା ବାନ୍ଧିବା ଅଭିଯୋଗରେ ପୁଲିସ ସେହି ଗାଁର ଦିପୁ କିସାନ (୨୩), ରଞ୍ଜନ ନାଏକ (୩୫), ଶ୍ୟାମ ନାଏକ (୭୮) ଓ ସୋମନାଥ ମୁଣ୍ଡା (୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଜୀବନ୍ତ ବୋମା ଠାବ କରି ଅନୁଗୋଳ ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ତାହାକୁ ନିଷ୍କ୍ରିୟ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

ସାଇକଲରୁ ପଡ଼ି ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର

ପାଲଲହଡ଼ା, ୨୩।୨(ସମିସ): ପରୀକ୍ଷା କେନ୍ଦ୍ରକୁ ଯିବା ବେଳେ ସାଇକଲରୁ ପଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପାଲଲହଡ଼ା ବ୍ଲକ ସିଗଡ଼ ପଞ୍ଚାୟତ କର୍ମର୍କଳା ଗାଁର ଅନାମ ବାରିଜଙ୍କ ଝିଅ ମାଲି ବାରିଜ। ମାଟ୍ରିକ ପରୀକ୍ଷା ଦେବାକୁ ମାଲି ନିଜ ଘରୁ ସାଇକଲରେ ପାଲଲହଡ଼ା ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଆସୁଥିବା ବେଳେ ସିଗଡ଼ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ସେ ସାମାନ୍ୟ ସୁସ୍ଥ ହେବାରୁ ପରୀକ୍ଷା କେନ୍ଦ୍ର ଯାଇ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ମାଲି ସିଗଡ଼ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ।

ବିଜେଡି ପକ୍ଷରୁ ସମୂହ ଦୀପଦାନ, ନିରବ ପ୍ରାର୍ଥନା

ଅନୁଗୋଳ, ୨୩।୨(ସମିସ): ଦୁଇଦିନ ପୂର୍ବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ସଂଗଠକ ଅମିତ୍ କୁମାର ସାହୁ (ସିକୁ) ଏବଂ ନକେଇପଶି ଗ୍ରାମର ଅଶୋକ କୁମାର ଦାସଙ୍କ ପୁଅ ବିସ୍ମୟ ଦାସଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଦୁଃଖଦ ସମୟରେ ସୋମବାର ଅନୁଗୋଳ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଉଭୟଙ୍କ ଆତ୍ମାର ସଦଗତି କାମନା କରାଯାଇ ଦଳ ପକ୍ଷରୁ ସମୂହ ଦୀପଦାନ ଓ ନିରବ ପ୍ରାର୍ଥନା କରାଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପରିଷଦ



ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ବରିଷ୍ଠ ନେତା ଶକ୍ତିପ୍ରସାଦ ପଟ୍ଟନାୟକ, ବିପ୍ଳବ ଜେନା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଜିଲ୍ଲା ଛାତ୍ର ସଭାପତି ରାଜୀବ ଲୋଚନ ଦାସଙ୍କ ସମେତ ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ।

ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

କଣିହାଁ, ୨୩।୨(ସମିସ): କଣିହାଁ ବ୍ଲକ ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ସହ ଏହାର ବହୁଳ ବ୍ୟବହାର, ସୁରକ୍ଷା ଓ ପ୍ରଚାର ପ୍ରସାର, ଓଡ଼ିଆ ଅସ୍ମିତା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଜାୟ ରଖି ସୁସ୍ଥ ସମାଜ ଗଠନ ଦିଗରେ କାମ କରିବାକୁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଶପଥପାଠ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଓଡ଼ିଆ ବର୍ଣ୍ଣମାଳା, ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟାମାନଙ୍କ ଫଟୋ, ଲେଖା ଓ କବିତା, ଢଗଢମାଳି, ଗଳ୍ପ ଆଦି ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କବିତା ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ମୁନା ନାଏକ ଓ ପ୍ରଦୀପ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ନନ୍ଦିନୀ ସାହୁ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ ସହଯୋଗ କରିଥିଲେ।

କୋର୍ଟ କାର୍ଯ୍ୟାଳୟ ପାଇଁ ବିସ୍ଥାପିତଙ୍କ ଥଇଥାନକୁ ବିରୋଧ



ତହସିଲଦାରଙ୍କୁ ଅଭିଯୋଗ

କଣିହାଁ, ୨୩।୨(ସମିସ): କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମ ସରକାରୀ ଜମିରେ ୧୭ଜଣଙ୍କୁ ଭୀମକାଣ୍ଡ ଶିବ ମନ୍ଦିର ପାର୍ଶ୍ୱ ମୁଣ୍ଡା ହଟିଂ ଏରିଆରେ ପ୍ରସ୍ତାବିତ ନୂତନ କୋର୍ଟ କାର୍ଯ୍ୟାଳୟ ନିର୍ମାଣ ପରିପ୍ରେକ୍ଷୀରେ ବିସ୍ଥାପିତ ଭୂମିହୀନ ଅଧିବାସୀଙ୍କୁ ଥଇଥାନ ବ୍ୟବସ୍ଥାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ସୋମବାର ପୂର୍ବାହ୍ନରେ ଗ୍ରାମବାସୀ କଣିହାଁ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମ ସଭାପତି ଜଳଧର ମହାନ୍ତି ଓ ୱାର୍ଡ ସଭ୍ୟ ନରୋତ୍ତମ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ମୁଣ୍ଡା ବସ୍ତିର ଭୂମିହୀନ ୧୭ ଜଣଙ୍କୁ ଉକ୍ତ ସରକାରୀ ଜମିରେ ଜମି ପ୍ରଦାନ କରି ଥଇଥାନ ବ୍ୟବସ୍ଥା କରାଯାଉଥିବା ପଦକ୍ଷେପକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ସେମାନଙ୍କ ମତାନୁସାରେ, ଗ୍ରାମ ସୀମାଭିତ୍ତିକ ସରକାରୀ ଜମିରେ ଏପରି ପୁନର୍ବାସ ବ୍ୟବସ୍ଥା କଲେ ଆଗାମୀ ଦିନରେ ଗ୍ରାମର ଗୃହପାଳିତ ପଶୁ ଆଦି ଗ୍ରାମର ସାମାଜିକ କାର୍ଯ୍ୟକ୍ରମରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଏହାର ପୁନର୍ବିଚାର କରି ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଶିକେଶନ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ବିଜୟ ମହାନ୍ତି, କୁନମୟ ମହାନ୍ତି, ନରେନ୍ଦ୍ରମହାନ୍ତି, ପଦ୍ମଚରଣ ପରିଡ଼ା, ବନମାଳୀ ସାମଲ, କଳନ୍ଦୀ ସାମଲ, ଅଖିଳ ସାହୁ, ଶ୍ରୀକାନ୍ତ ସାହୁ, ଶୁକଦେବ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

ଛେଣ୍ଡିପଦା, ୨୩।୨(ସମିସ)



ଛେଣ୍ଡିପଦା ବ୍ଲକ ଜରପଡ଼ା ଗ୍ରାମ ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସୋମବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ଖଣ୍ଡ ଜରପଡ଼ା ମଣ୍ଡଳ (ଜରପଡ଼ା, ଦୁର୍ଗାପୁର, କତଡ଼ା, ତୁକୁଡ଼ା, ଜେରେଙ୍ଗ ଦେହୁରୀ ସାହି, ଓଗୀ, ପରା ପଞ୍ଚାୟତ)ର ସମସ୍ତ ହିନ୍ଦୁଙ୍କୁ ନେଇ ଏହି ସମ୍ମିଳନୀ ହୋଇଥିଲା। ଏହି ଅବସରରେ କୁନି ପିଲାମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ, ପଞ୍ଚ ମହାଯଜ୍ଞ, ଘୃତ ମହାଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ସେବାଯଜ୍ଞ ସହ ଚାରାରୋପଣ, ଗୋପୂଜନ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜରପଡ଼ା ମଣ୍ଡଳ ହିନ୍ଦୁ ସମ୍ମିଳନୀର ସଂଯୋଜକ ମନୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶଶିକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଆର୍‌ଏସଏସ, ଛେଣ୍ଡିପଦା ଖଣ୍ଡ କାର୍ଯ୍ୟବାହ ଜିତେନ୍ଦ୍ର ସାହୁ, (ଜରପଡ଼ା ମଣ୍ଡଳର ପାଳକ) ଖଣ୍ଡସେବା ପ୍ରମୁଖ କୀର୍ତ୍ତନ ସେନାପତି, ବିଭାଗ ସେବା ପ୍ରମୁଖ ନାରାୟଣ ନାୟକ, ସହ ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ଭୋଲେଶ୍ୱର ଗୋଛାୟତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର, ବାବା ବିନୋଦ ବିହାରୀ ଦାସ ମହାରାଜ, ବାବା ଶ୍ୟାମସୁନ୍ଦର ଦାସ, ବାବା ପ୍ରେମାନନ୍ଦ ଦାସ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିନୋଦିନୀ ଭଉଣୀ, ବାବା ସତ୍ୟାନନ୍ଦ ଷଣ୍ଢ, ପୂଜକ ସତ୍ୟନାରାୟଣ ଶତପଥୀ, ବିଷ୍ଣୁଚରଣ ଦାସ ଉପସ୍ଥିତ ଥିଲେ। ଜରପଡ଼ା ଗ୍ରାମ ସଭାପତି ବିନୋଦ ପ୍ରଧାନ, ସମ୍ପାଦକ ଗଣେଶ୍ୱର ସାହୁଙ୍କ ସମେତ ଗ୍ରାମବାସୀ ଓ ୭ ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

ଶ୍ରମିକଙ୍କ ମୃତଦେହ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

ଫୁଲନଖରା, ୨୩।୨(ସମିସ): କଟକ ସଦର ଥାନା ଆମଣ ସବ୍‌ମାଇନର କେନାଲ ନିକଟରୁ ସୋମବାର ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଗୋବିନ୍ଦପୁର ଥାନା ଧାନମଣ୍ଡଳ ଗ୍ରାମର ପ୍ରଦୀପ କୁମାର ନାୟକ (୫୪)। ପ୍ରଦୀପ ସାଶୋଳ ଗ୍ରାମରେ ନିଜ ଶଶୁର ଘର ନିକଟରେ ଏକ ଭଡ଼ାଘରେ ରହି ଦିନମଜୁରିଆ ଥିଲେ। କିଛି ଦିନ ହେବ ଆର୍ଥିକ ଅନଟନ ଯୋଗୁଁ ସେ ମାନସିକ ଦୁଶ୍ଚିନ୍ତାରେ ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ତାଙ୍କ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରିବା ସହ ତାଙ୍କ ନିକଟରୁ ଏକ ବିଷାକ୍ତ ଦାନାଦାର ପୁଡ଼ିଆ ଜବତ କରିଛି। ପ୍ରଦୀପ ବିଷପାନ କରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ହିତାଧିକାରୀଙ୍କ ପାଇଁ ସାତସପନ ପାଲଟିଛି ଯୋଜନା

ଭଙ୍ଗା କୁଡ଼ିଆରେ ଦିବ୍ୟାଙ୍ଗ ପ୍ରମୋଦଙ୍କ ଦୁର୍ଦ୍ଦଶା

ନିଶ୍ଚିନ୍ତକୋଇଲି, ୨୩।୨(ସମିସ)



ରାଜ୍ୟରେ 'କେହି କଚ୍ଚା ଘରେ ରହିବେ ନାହିଁ' ବୋଲି ଡବଲ ଇଞ୍ଜିନ ସରକାର ଡିଣ୍ଡିମ ପିଟୁଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତର ହଳଧରପୁର ଗ୍ରାମରେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରଶାସନିକ ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ତଦନ୍ତ ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ପକ୍କାଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ଦଳିତ ପରିବାରର ଦିବ୍ୟାଙ୍ଗ ବ୍ୟକ୍ତି ପ୍ରମୋଦ କୁମାର ମଳିକ। ଦୀର୍ଘ ବର୍ଷର ଆଶା ପରେ ମଧ୍ୟ ତାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଯାହାଫଳରେ ସେ ଏବେ ବି ଏକ ଜରାଜୀର୍ଣ୍ଣ ଚାଳଛପର କୁଡ଼ିଆରେ ଅତ୍ୟନ୍ତ ବିପଜ୍ଜନକ ଭାବେ ଜୀବନ ବିତାଉଛନ୍ତି। ପ୍ରମୋଦ ଦିବ୍ୟାଙ୍ଗ ହୋଇଥିବାରୁ ସେ କୌଣସି କାର୍ଯ୍ୟ କରିବାକୁ ଅକ୍ଷମ। ପୂର୍ବରୁ ମୂଳ ମଜୁରୀ ଲାଗି ତାଙ୍କର ପୁଅ ପରିବାର ପ୍ରତିପୋଷଣ କରୁଥିଲେ, ମାତ୍ର ଚାରି ମାସ ତଳେ ପୁଅର ଅକାଳ ମୃତ୍ୟୁ ଘଟିବା ପରେ ପରିବାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଛି। ବର୍ତ୍ତମାନ ଏକମାତ୍ର ଝିଅ ଏକ ଦୋକାନରେ କାମ କରି ଯାହା ରୋଜଗାର କରୁଛନ୍ତି, ସେଥିରେ ଚାରି ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ବର୍ଷା ଦିନେ ଛାତରୁ ପାଣି ଗଳିବା ସହ ବାଉଁଶ ଖୁଣ୍ଟ ଓ କାଛଗୁଡ଼ିକ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଅର୍ଥାଭାବରୁ ଘର ଛାଉଣୀ କରିବା ମଧ୍ୟ ତାଙ୍କ ପାଇଁ କାଠିକର ପାଠ ହୋଇପଡ଼ିଛି। ନୂତନ ସରକାରଙ୍କ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ ହେବା ପାଇଁ ପ୍ରମୋଦ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବହୁବାର ଦୌଡ଼ି ଗୁହାରି କରିଛନ୍ତି। କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ତାଙ୍କର ଏହି ଦୟନୀୟ ସ୍ଥିତିକୁ ଅନୁଭବ କରିପାରି ନାହାନ୍ତି। ପ୍ରମୋଦଙ୍କୁ ତୁରନ୍ତ ସରକାରୀ ଗୃହ ଯୋଜନାରେ ସାମିଲ କରି ଏକ ନିରାପଦ ଆଶ୍ରୟ ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ସାଧାରଣରେ ଦୃଢ଼ ଦାବି ହୋଇଛି।

- ପୁଅର ମୃତ୍ୟୁ ପରେ ପରିବାର ଉପରେ ଦୁଃଖର ପାହାଡ଼
- ପ୍ରଶାସନିକ ଅବହେଳା ଯୋଗୁଁ ଆବାସ ତାଲିକାରୁ ବାଦ୍

ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ; ଶ୍ରୀକ୍ଷେତ୍ରରୁ ପହଞ୍ଚିଲା ଆଜ୍ଞାମାଳ



ସାଲେପୁର, ୨୩।୨(ସମିସ): ସାଲେପୁର ବ୍ଲକ ପାଟପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତଜୀଉଙ୍କ ମନ୍ଦିର ପରିସରରେ ଆୟୋଜିତ ହେବାକୁ ଥିବା ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ନିମନ୍ତେ ରବିବାର ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ପହଞ୍ଚିଛି। ଏହି ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଶ୍ରୀକ୍ଷେତ୍ରରୁ ଆଜ୍ଞାମାଳ ଆସି ଶିଗମାପୁର ବିପ୍ରେଶ୍ୱର ମହାଦେବଙ୍କ ପୀଠରେ ପହଞ୍ଚିବା ପରେ ସେଠାରୁ ଖୋଳ, କୀର୍ତ୍ତନ, ଘଣ୍ଟ ଓ ମୃଦଙ୍ଗ ନାଦରେ ଏକ ବିଶାଳ ପଟୁଆରରେ ଏହାକୁ ଗ୍ରାମ ପରିକ୍ରମା କରାଯାଇଥିଲା। ସୁସଜ୍ଜିତ ବିମାନରେ ମହାପ୍ରଭୁଙ୍କ ଆଜ୍ଞାମାଳକୁ ଶିଗମାପୁର, ଜମାଲପୁର ଓ ପାଟପୁର ଗ୍ରାମ ପରିକ୍ରମା କରାଯାଇ ରାଧାକାନ୍ତଜୀଉ ମନ୍ଦିରକୁ ଅଣାଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ବିଭିନ୍ନ ଛକମାନଙ୍କରେ ମହିଳାମାନେ ଏକତ୍ରିତ ହୋଇ ଆଜ୍ଞାମାଳକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ପୁରୀରୁ ଆସିଥିବା ଖଜା ଭୋଗ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯାଇଥିବା ବେଳେ ପାଟପୁର ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରରୁ ବିଗ୍ରହଙ୍କୁ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ଉଦ୍‌ଯାପନୀ ଦିନ ୨୫ ତାରିଖ ଅପରାହ୍ନରେ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ରଖାଯାଇଛି। ସମାଜସେବୀ ଦିଲୀପ ଦାସ, ମଦନମୋହନ ଦାସ, ହିମାଂଶୁ ଭୂଷଣ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

ଭୌତିକ ଚିକିତ୍ସା କେନ୍ଦ୍ରର ଶିଳାନ୍ୟାସ



ମାହାଙ୍ଗା, ୨୩।୨(ସମିସ): ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତ ଅନ୍ତର୍ଗତ ରାମକପୁର ଗ୍ରାମରେ 'ମା ରାଧାଦେବୀ ଦତ୍ତ ନ୍ୟାସ' ପକ୍ଷରୁ ଏକ ଦାତବ୍ୟ ଭୌତିକ ଓ ହୋମିଓ ଚିକିତ୍ସା ସେବା କେନ୍ଦ୍ର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର ଅଧ୍ୟକ୍ଷ ପ୍ରଫେସର ଦେବୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ ଗୋ-ସେବକ ତଥା ସମାଜସେବୀ କିଶନ ଲାଲ ଭରତୀୟା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାନବାଧିକାର ଆଇନଜୀବୀ ସତ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠଇତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ବୈଜ୍ଞାନିକ ଡକ୍ଟର ମହେନ୍ଦ୍ର ମହାନ୍ତି, ସାମ୍ବାଦିକ ଉମାକାନ୍ତ ଜେନା, ଫିଜିଓଥେରାପିଷ୍ଟ ଡ. ରବୀନ୍ଦ୍ର କରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଏହି ନ୍ୟାସ ବିଗତ ୫ ବର୍ଷ ଧରି ଗରିବ ରୋଗୀଙ୍କ ପାଇଁ ନିଶୁଳ୍କ ଭୌତିକ ଚିକିତ୍ସା ଓ ହୋମିଓ ସେବା ଯୋଗାଇଆସୁଛି। ସୁଶାନ୍ତ ମହାନ୍ତି, ପ୍ରତାପ ରାଉତ, ଅଜୟ ପଣ୍ଡା ଓ ରଞ୍ଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।


ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ବିବାଦ

ସହକାରୀ ଯନ୍ତ୍ରୀଙ୍କୁ ଅଟକ ନେଇ ଥାନାରେ ମାମଲା



ନିଶ୍ଚିନ୍ତକୋଇଲି, ୨୩।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତ ମହମ୍ମଦପୁର ଗ୍ରାମର ଏକ ସ୍କୁଲ ଓ ଅଙ୍ଗନବାଡ଼ି ନିକଟରେ ବିପଦସଂକୁଳ ବିଦ୍ୟୁତ ଟ୍ରାନସଫର୍ମରକୁ ଉଠାଇବାକୁ ନେଇ ଦୀର୍ଘ ବର୍ଷ ହେବ ବାଦ ବିବାଦ ଲାଗିରହିଛି। ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏନେଇ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ମଧ୍ୟ କରାଯାଇଥିଲା। ଗତ ଶନିବାର ଏକ ଗୋଷ୍ଠୀ ନିଶ୍ଚିନ୍ତକୋଇଲି ବିଦ୍ୟୁତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଉଠାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଏହାକୁ ତୁରନ୍ତ ଉଠାଇବାକୁ ଦାବି କରିଥିଲେ। ହେଲେ ସହକାରୀ ଯନ୍ତ୍ରୀ ଜଣକ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦେଶ ପାଇ ନ ଥିବାରୁ ବୁଝିବା ପରେ କାର୍ଯ୍ୟ ହେବ ବୋଲି କହିବାରୁ ସମ୍ପୃକ୍ତ ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୋର ଜବରଦସ୍ତ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ପରେ ନିଶ୍ଚିନ୍ତକୋଇଲି ଓ ନେମାଳ ଥାନା ସହଯୋଗରେ ସହକାରୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିଲା। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ଅଭିଯୋଗ ପରେ ଥାନା ଆଇଆଇସି ଅନୀତା ସାହୁ ୬୮/୨୦୨୬ ନମ୍ବରରେ ତିନି ଜଣଙ୍କ ନାମରେ ଏକ ମାମଲା ରୁଜୁ କରିଛନ୍ତି। ୨୦୧୮ ମସିହାରୁ ଏହାର ସ୍ଥାନାନ୍ତରଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ଏହାକୁ ନ ଉଠାଇବା ପାଇଁ ଉଚ୍ଚ ନ୍ୟାୟାଳୟରେ ଷ୍ଟେ କରିଦେଇଥିଲେ। ଅନ୍ୟ ଗୋଷ୍ଠୀ ଏହାର ଜବାବ ଦେବା ପରେ ଗତ ଗୁରୁବାର ସ୍ଥାନାନ୍ତରଣ ପାଇଁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଏହି ଟ୍ରାନ୍ସଫରମର ସ୍ଥାନାନ୍ତରଣ ନେଇ ଏକ ଗୋଷ୍ଠୀ ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇବା, ଏପରିକି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିଲା ଭଳି ଘଟଣା ଘଟିଥିବା ଯନ୍ତ୍ରୀ ଅନୀଲ କୁମାର ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ଭୋଇପଡ଼ା ଗ୍ରାମର ଜଣେ ଦଳିତ ମହିଳା ୱାର୍ଡ ସଭ୍ୟାଙ୍କୁ ଗାଳିଗୁଲଜ କରିବା ନେଇ ନେମାଳ ଥାନାରେ ଏକ ପାଲଟା ଅଭିଯୋଗ କରାଯାଇଛି।

ବାଲୁଙ୍କେଶ୍ୱର ପୀଠରେ ବିଶ୍ୱଶାନ୍ତି ଯଜ୍ଞ



ନିଶ୍ଚିନ୍ତକୋଇଲି, ୨୩।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତ ବରପଡ଼ାଠାରେ ଅଧିଷ୍ଠିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ରଙ୍କ ପୀଠସ୍ଥଳରେ ପରମପିତା ବିଶ୍ୱଗୁରୁ ବ୍ରହ୍ମକଳ୍କୀ ବ୍ରହ୍ମ ବିରାଟପୁରୁଷଙ୍କ ଆବାହନ ଓ ସତ୍ୟସନାତନ ଧର୍ମ ପ୍ରତିଷ୍ଠା ନିମିତ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞରେ ସ୍କନ୍ଦପୁରାଣ ଶୈବଗ୍ରନ୍ଥ ଆଧାରରେ ପଞ୍ଚବିଂଶମୁଖ ପଞ୍ଚାଶତ ହସ୍ତ ଓ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ମୃତ୍ୟୁଞ୍ଜୟ ପରମ ସଦାଶିବଙ୍କ ବିରାଟ ସ୍ୱରୂପ ପ୍ରଥମଥର ପାଇଁ ନିର୍ମାଣ କରାଯାଇଛି। ଏହି ସ୍ୱରୂପକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଦର୍ଶନ କରି ବିମୁଗ୍ଧ ହେବା ସହିତ ଶିବଙ୍କର କୃପା ଲାଭ କରୁଛନ୍ତି। ଏହାଛଡ଼ା ଯଜ୍ଞର ପ୍ରତ୍ୟେକ ଦିନରେ ବିଶିଷ୍ଟ ପଣ୍ଡିତ ଓଲାଶୁଣୀ ପୀଠର ମହନ୍ତ ନାମାନନ୍ଦ ଦାସ ମହାରାଜ ଧାନକୁଦ ପୀଠର ପୀଠାଧିଶ ପ୍ରେମସାଗର ଅରକ୍ଷିତ ଦାସ ମହାରାଜ, ଉଦଳା ରାମକୃଷ୍ଣ ମଠରମଠାଧୀଶ ଅଶିତ୍ ବାବା, କରମଳା ଶାନ୍ତିଧାମ ପୀଠର ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାସ, ଚହଟା କଟକର ବାବା ବ୍ରଜବନ୍ଧୁ ମହାରାଜ, ଅନାଦି ମହାରାଜ ଅଭୟ ମହାରାଜ, ବାବାଜୀ ଚରଣ ପତ୍ରୀ, ସୋମନାଥ ପତ୍ରୀ ପ୍ରମୁଖ ଧର୍ମୀୟ ଆଲୋଚନା କରିଛନ୍ତି। ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଇନଫର୍ମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷ ସନ୍ଥ ଅରକ୍ଷିତ ଓଝାଙ୍କ ସଂଯୋଜନାରେ ପଣ୍ଡିତ ଗୁରୁପ୍ରସାଦ ଦାସ, ପଣ୍ଡିତ ରଘୁନାଥ ଶତପଥି, ପଣ୍ଡିତ ପବିତ୍ର ମହାପାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବିଭିନ୍ନ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଥିବା ବେଳେ ପ୍ରତ୍ୟେହ ଯଜ୍ଞ କାର୍ଯ୍ୟ କରାଯାଉଛି। ବାବା ତପନ କୁମାର ଓଝାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ପ୍ରବଚକ ନାରାୟଣ ଓଝା, ସଞ୍ଜୟ ଓଝାଙ୍କ ପରିଚାଳନାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୃପାଲାଭ କରୁଛନ୍ତି।

ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି



ସାଲେପୁର, ୨୩।୨(ସମିସ): ସମସ୍ତ ଭିତ୍ତିଭୂମି ଥାଇ ଅଦ୍ୟାବଧି ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇନାହିଁ। ଆଜି ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସାଲେପୁର କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଅକ୍ଷୟ ଦାଶ, ସମ୍ପାଦକ ହୃଷୀକେଶ ମଲ୍ଲିକ, ଉପସଭାପତି ଦୀପକ ଦାସ, ମହାସଚିବ ମନୋଜ ଆଚାର୍ଯ୍ୟ, ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ରଞ୍ଜନ ନାୟକ, ମହେଶ୍ୱର ବେହେରା, ସୁଜିତ୍ ଭୂୟାଁ, ତାରାକାନ୍ତ ନାୟକ, ଅକ୍ଷୟ ଦାଶ, ଅଭୟ ନାୟକ, କେଦାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଦାବିପତ୍ରକୁ ଗ୍ରହଣ କରି ଏ ଦିଗରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆସନ୍ତା ମାସରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ହେବାକୁ ଥିବା ଉତ୍କଳ ଦିବସ ସମାରୋହ ଓ ସଂଘର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ।

ସାଲେପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ସାଲେପୁର, ୨୩।୨(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଇନ୍, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି, ମୁଖ୍ୟବକ୍ତା ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତ ଯୋଗ ଦେଇଥିଲେ। ସାଲେପୁର କଲେଜ ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦବୋଧନ ଓ ସମ୍ବର୍ଦ୍ଧନା ପର୍ବ ପରେ କଲେଜ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ବସନ୍ତ ଲେଙ୍କା, ସତ୍ୟନାରାୟଣ ପଟ୍ଟନାୟକ, ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଜୟବର୍ଦ୍ଧନ ଜେନା, ସଞ୍ଜୟ ନାୟକ, ରଞ୍ଜନ ସାମଲ, ସୁଜିତ ଶତପଥୀ, ସୌମ୍ୟରଞ୍ଜନ ଭୂୟାଁ, ପ୍ରଦୋଷ ମହାନ୍ତିଙ୍କ ସମେତ କଲେଜର ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ଥିଲେ।

ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ

ମାହାଙ୍ଗା, ୨୩।୨(ସମିସ): ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ବଡଗୋଠସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ଏହି କାର୍ଯ୍ୟକ୍ରମର ଶନିବାର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ହୋଇଛି। ପଣ୍ଡିତ ସଞ୍ଜୟ ଷଡ଼ଙ୍ଗୀ ମୁଖ୍ୟ ପୂଜକ ଥିବା ବେଳେ ସୁବୋଧ ଷଡ଼ଙ୍ଗୀ, ଭବାନୀ ଶଙ୍କର ଦାଶ, ଧର୍ମ ନାରାୟଣ ଶତପଥୀ ପ୍ରମୁଖ ସହଯୋଗୀ ଥିଲେ। ଦେବେନ୍ଦ୍ର ନାୟକ ଓ ମଧୁସ୍ମିତା ନାୟକଙ୍କ ସମେତ ଶରତ ବାରିକ, ରଶ୍ମିରେଖା ବାରିକ, ସୁରେନ୍ଦ୍ର ମହାପାତ୍ର ଓ ଲିଜାରାଣୀ ମହାପାତ୍ର କର୍ତ୍ତା ରହିଥିଲେ। ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସନ୍ଥ କୈଳାସ ଜେନା ଏବଂ ସମାଜସେବୀ ଲକ୍ଷ୍ମୀଧର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବଡଗୋଠ, ବଇଁଚୁଆ, କୌଡୁକୋଲା, ଗୋପାଳପୁର ଓ ଶୁକ୍ଳେଶ୍ୱର ଆଦି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଲଣ୍ଡନରେ ଡ. ସ୍ମୃତିରଞ୍ଜନଙ୍କୁ 'ରତ୍ନଶ୍ରୀ' ସମ୍ମାନ



ନିଶ୍ଚିନ୍ତକୋଇଲି, ୨୩।୨(ସମିସ): ଓଡ଼ିଶାର ସଂସ୍କାର ଓ ବୌଦ୍ଧିକ ପ୍ରତିଭାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଛନ୍ତି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଫତେପୁର ଗ୍ରାମର ଡ. ସ୍ମୃତିରଞ୍ଜନ ନାୟକ। ଭଗବତ ଗୀତାର ଶାଶ୍ୱତ ଜୀବନ ଦର୍ଶନକୁ ଆଧୁନିକ ବ୍ୟବସାୟିକ ପରିଚାଳନା ସହ ସଫଳତାର ସହ ସମନ୍ୱିତ କରିଥିବାରୁ ତାଙ୍କୁ ଲଣ୍ଡନଠାରେ ପ୍ରତିଷ୍ଠିତ 'ରତ୍ନଶ୍ରୀ' ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ବୀରବର ନାୟକ ଓ ଶାନ୍ତିଲତା ନାୟକଙ୍କ ପୁତ୍ର ସ୍ମୃତିରଞ୍ଜନ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟରୁ ପ୍ରାରମ୍ଭିକ ଶିକ୍ଷା ପରେ ଅକ୍ସଫୋର୍ଡ, ହାବାର୍ଡ ଏବଂ ଏମ୍‌ଆଇଟି ଭଳି ବିଶ୍ୱ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରୁ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି। ଡ. ନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବ୍ୟାଟେଲ ଫିଲ୍ଡ ଟୁ ବୋର୍ଡ ରୁମ୍' ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି, ଯେଉଁଥିରେ ସେ ଗୀତାର ଜ୍ଞାନକୁ ବ୍ୟବସାୟର ମହାମନ୍ତ୍ର ଭାବେ ଉପସ୍ଥାପନ କରିଛନ୍ତି। ବିଗତ ୧୫ ବର୍ଷ ଧରି ଡିଜିଟାଲ ଟ୍ରାନ୍ସଫରମେସନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡ. ନାୟକ ନିଜର ଏହି ସଫଳତାର ଶ୍ରେୟ ଗ୍ରାମର ପାରମ୍ପରିକ ସଂସ୍କାର ଓ ପୂଜ୍ୟ ପୂଜାକୁ ପ୍ରଦାନ କରିଛନ୍ତି। ତାଙ୍କର ଏହି ବିଶ୍ୱସ୍ତରୀୟ ଉପଲବ୍ଧି ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କନିଷ୍ଠ ଭ୍ରାତ ସୁଧୀର ରଞ୍ଜନ ନାୟକ, ସ୍ତମ୍ଭକାର ପ୍ରମୋଦ ନାୟକ, ଯୁଗ୍ମସଚିବ ଉମାକାନ୍ତ ବିଶ୍ୱାଳ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଗୋପୀନାଥଜୀଉଙ୍କ ବଟମେଲଣ ନିମନ୍ତେ ପ୍ରସ୍ତୁତି ବୈଠକ



ଫୁଲନଖରା, ୨୩।୨(ସମିସ): କଟକ ସଦର ଧାରଘରପଡ଼ା ଗ୍ରାମର ଇଷ୍ଟଦେବୀ ମା'ମଙ୍ଗଳାଙ୍କ ପୀଠରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ଦୋଳମେଳଣ ବା ବଟମେଲଣ ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କଟକ ସଦର ଥାନାଧିକାରୀ ତୁଷାରକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୨୨ଗାଦି ସର୍ବାଧିକାରୀ ପର୍ଶୁରାମ ସେନାପତି, ସର୍ବମହନ୍ତ ବାସୁଦେବ ପରିଡ଼ା ଓ ୨୨ଗାଦି ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମର ଅଧିକାରୀ ଓ ଗ୍ରାମର ମହନ୍ତମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ଜେନା, ଯୁବକ ସଂଘର ସଭାପତି ତାପସ ମହାନ୍ତି, ଗ୍ରାମ ମହନ୍ତ କୃପାସିନ୍ଧୁ ଜେନା, କାର୍ଯ୍ୟକାରୀ ଅଧିକାରୀ ବ୍ରଜକିଶୋର ଜେନା, ଗ୍ରାମ୍ୟ ମୁରବୀ ଯୁଧିଷ୍ଠିର ସାହୁ, ରାଜେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରଧାନ, କାହ୍ନୁଚରଣ ମହାନ୍ତି, ଭାଗୀରଥି ସାହୁ, ବିପିନ ପ୍ରଧାନ, କାକ ମହାନ୍ତି, ବୁଡ଼ା ସେନାପତି, ଗଜେନ୍ଦ୍ର ଜେନା, ପ୍ରଦୀପ୍ତ ପ୍ରଧାନ, କାଶୀନାଥ ସାହୁ, ବିଗନ ନନ୍ଦ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମ୍ୟ ଯୁବ କମିଟିର ବିପିନ ମହାନ୍ତି, ମାନସ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ତପନ ଜେନା, ତ୍ରିଲୋଚନ ମହାନ୍ତି, ବୁଲା ବେହେରା, ହେମନ୍ତ ବାରିକ, ପ୍ରଶାନ୍ତ ଦାସ, ସନ୍ତୋଷ ଦାସ ସହଯୋଗ କରିଥିଲେ।

ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟିତ

ସାଲେପୁର, ୨୩।୨(ସମିସ)



ସାଲେପୁର ବ୍ଲକ ତେନ୍ତୋଳ ପଞ୍ଚାୟତର ପାଟପୁରଠାରେ ପ୍ରତିଷ୍ଠିତ ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ମହାଯଜ୍ଞ, ପୂଜାର୍ଚ୍ଚନା ଓ ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସହିତ ଦେବାଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପ୍ରାତଃ ସମୟରେ କଳସ ଶୋଭାଯାତ୍ରାରେ ଶତାଧିକ ମହିଳାମାନେ ସାମିଲ ହୋଇ ଗୁପ୍ତଗଙ୍ଗା ଚିତ୍ରୋତ୍ପଳା ନଦୀର ତେନ୍ତୋଳ ଗ୍ରାମ ନିକଟରୁ କଳସରେ ପାଣି ଆଣି ଯଜ୍ଞମଣ୍ଡପ ନିକଟରେ ପହଞ୍ଚାଇଥିଲେ। ସେଠାରେ ପ୍ରଥମେ ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯିବା ପରେ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଘାଟନ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଦ୍ଧାର୍ଥ ଟିଭିରେ ପ୍ରସାରିତ ଓଡ଼ିଆ ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଫିଟ୍ ଆଣ୍ଡ ଫାୟାର ଡ୍ୟାନ୍ସ ଗ୍ରୁପ୍‌ର କଳାକାର ଓ ମଧୁସୂଦନ କଳା ନିକେତନ ଗୋପୀନାଥପୁରର କଳାକାରମାନେ ଏବଂ ହାସ୍ୟ ଅଭିନେତା ଗୁଡୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ମୁଖ୍ୟ ଆକର୍ଷଣ ଯାତ୍ରା ଅଭିନେତ୍ରୀ ରାନୀ ପଣ୍ଡାଙ୍କ ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସମାଜସେବୀ ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ପାଟପୁର ଗ୍ରାମର ଗ୍ରାମବାସୀ ସହଯୋଗ କରୁଛନ୍ତି। ଏହି

ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମସଗୁଲ ଦର୍ଶକ

ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସୁବାସଚନ୍ଦ୍ର ଦାଶ, ଜୟନ୍ତ ଦାଶ, ହିମାଂଶୁ ଦାଶ, ଜଗମୋହନ ଦାଶ, ଶରତ ପ୍ରଧାନ, ମଦନମୋହନ ଦାଶ, ହେମନ୍ତ ନନ୍ଦ, ବିଶ୍ୱରଞ୍ଜନ ସାହୁ, ବଭ୍ରୁବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ସଞ୍ଜିତ ଦାଶ, ଚଗଲା ଭୋଇ, ଅଲେଖ ସାମଲଙ୍କ ସମେତ ପରିଚାଳନା ସମିତିର କର୍ମକର୍ତ୍ତା ଓ ପାଟପୁର ଗ୍ରାମବାସୀ ସହଯୋଗ କରିଥିଲେ।

କଟକ ସିଟି



କଟକ ଆକାଶରେ ପ୍ରଦୂଷଣର କଳା ବାଦଲ୍

ଏକ୍ୟୁଆଇ ୩୦୦ ଛୁଇଁଲା, ଅଣନିଶ୍ୱାସୀ ସହରବାସୀ

କଟକ,୨୩।୨(ସମିସ):

କଟକ ସହରରେ ବାୟୁ ପ୍ରଦୂଷଣର ସ୍ଥିତି ଏବେ ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ବିଗତ ମାସରେ ପ୍ରଶାସନିକ କଟକଣା ଯୋଗୁଁ ବାୟୁର ଗୁଣାବତ୍ତା ମାନ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ

ରାସ୍ତା ନିର୍ମାଣ ବେଳେ ପାଳନ ହେଉନି ନିୟମ

ଧୂଳି-ଧୂଆଁରେ ଶ୍ୱାସରୁଦ୍ଧ ହେଉଛି ଜୀବନ

(ଏକ୍ୟୁଆଇ) ୨୦୦ ମଧ୍ୟରେ ସୀମିତ ରହିଥିବା ବେଳେ, ଏବେ ଏହା ପୁଣି ଉପରମୁହାଁ ହୋଇଛି। ସୋମବାର ଅପରାହ୍ଣ ସୁଦ୍ଧା ସହରର ଏକ୍ୟୁଆଇ ୨୮୪ ରେକର୍ଡ କରାଯାଇଛି, ଯାହାକୁ ପରିବେଶ ବିଜ୍ଞାନୀମାନେ 'ଖରାପ'



ବର୍ଗଭୁକ୍ତ କରିଛନ୍ତି। ବିଶେଷ କରି ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପଛରେ ଶିଳ୍ପାଞ୍ଚଳ ଅପେକ୍ଷା ଅତ୍ୟଧିକ ଟ୍ରାଫିକ ଏବଂ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ହିଁ ପ୍ରମୁଖ କାରଣ ସାଜିଛି। ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ରାସ୍ତା ସମ୍ପ୍ରସାରଣ ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ସର୍ବନିମ୍ନ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଖାନନଗର ମଲାଚଣ୍ଡିଆ ଛକରୁ ଲିଙ୍କରୋଡ ଏବଂ ଚହଟାରୁ ମଧୁ ସେତୁ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟ ଯୋଗୁଁ ପୂରା ପରିବେଶ ଧୂଳିମୟ ହୋଇପଡ଼ିଛି। ନିୟମ ଅନୁଯାୟୀ ନିର୍ମାଣ ସ୍ଥଳରେ ନିୟମିତ ପାଣି ସିଞ୍ଚନ ହେବା କଥା, ମାତ୍ର କାର୍ଯ୍ୟରେ ନିୟୋଜିତ ସଂସ୍ଥାମାନେ ଏହା କରୁନାହାନ୍ତି। ଫଳରେ ବାୟୁରେ ଅତି ସୂକ୍ଷ୍ମ କଣିକା (ପିଏମ ୨.୫) ର ପରିମାଣ ୧୧୦ ଏବଂ ପିଏମ ୧୦ର ପରିମାଣ ୧୪୧ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ମାନବ ଶରୀରର ଶ୍ୱାସତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ। ବାୟୁମଣ୍ଡଳରେ କେବଳ ଧୂଳିକଣା ନୁହେଁ, ବରଂ ନାଇଟ୍ରୋଜେନ ଡାଇଅକ୍ସାଇଡ୍, କାର୍ବନ ମନୋଅକ୍ସାଇଡ୍ ଏବଂ ଓଜୋନ ସ୍ତରର ଅସମାନତା ମଧ୍ୟ ଚିନ୍ତା ବଢ଼ାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚିହ୍ନଟ ଓଡ଼ିଶାର ୭ଟି ଅତି ପ୍ରଦୂଷିତ ସହର ମଧ୍ୟରେ କଟକର ନାମ ରହିଥିଲେ ହେଁ, ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଫଳପ୍ରଦ ହେଉନାହିଁ। ରାସ୍ତାରେ ଜମି ରହୁଥିବା ଧୂଳିର ଆସ୍ତରଣ ଯାନବାହନ ଚଳାଚଳ ବେଳେ ବାୟୁରେ ମିଶି ପଥଚାରୀ ଓ ସହରବାସୀଙ୍କୁ ଅଣଃନିଶ୍ୱାସୀ କରିପକାଉଛି। ଯଦି ତୁରନ୍ତ ରାସ୍ତା ନିର୍ମାଣ ସମୟରେ ପାଣି ସିଞ୍ଚନ ଏବଂ ଧୂଳି ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ସହରର ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଛି।

ମହିମା ସ୍ୱାମୀଙ୍କ ୧୫୦ତମ ଶୂନ୍ୟ ଦିବସ

କଟକ,୨୩।୨(ସମିସ): କଟକ ମହାନଗର ନିଗମର ୫୧ ନମ୍ବର ୱାର୍ଡ ତିନିଘରିଆସ୍ଥିତ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ପ୍ରତିଷ୍ଠିତ ଅଲେଖ ମହିମା ଟୁଙ୍ଗୀରେ ବିଶ୍ୱବନ୍ଦ୍ୟ ପ୍ରବୁଦ୍ଧ ଗୁରୁ ଯୋଗେଶ୍ୱର ମହିମା ସ୍ୱାମୀଙ୍କ ୧୫୦ତମ ଶୂନ୍ୟ ଦିବସ ମହୋତ୍ସବ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଆୟୋଜିତ ଏହି ଉତ୍ସବରେ ମହିମା ଧର୍ମର ପରମ୍ପରା ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଜୋରନ୍ଦା ଗାଦୀର ସଭାପତି ବାବା ରଘୁନାଥ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସମାରୋହରେ ବରିଷ୍ଠ କଂଗ୍ରେସ ନେତା ସୁରେଶଚନ୍ଦ୍ର ମହାପାତ୍ର, ସମାଜସେବୀ ସୁକାନ୍ତ ସେଠୀଙ୍କ ସମେତ ଅନେକ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ରବୀନ୍ଦ୍ର ବେହେରା ଓ ଆଲୋକ ବସ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତିନିଘରିଆ ଗ୍ରାମର ମୁରବୀ ଓ ଯୁବକ ସହଯୋଗ କରିଥିଲେ।

ଦେହରେ ନିଆଁ ଲଗାଇ ଛାତରୁ ଡେଇଁଲେ ଯୁବତୀ

କଟକ,୨୩।୨(ସମିସ): ବାଦାମବାଡ଼ି ଥାନା ଦୋଳମୁଣ୍ଡାଇ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବତୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଦେହରେ ନିଆଁ ଜଳୁଥିବା ବେଳେ ସେ ପାଞ୍ଚ ମହଲା ଛାତ ଉପରୁ ଡେଇଁ ପଡ଼ିଥିଲେ। ଗୁରୁତର ଆହତ ଯୁବତୀ ଜଣକ ହେଉଛନ୍ତି ଲକ୍ଷ୍ମୀପ୍ରିୟା ଘୋଷ(୨୨)। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଦୋଳମୁଣ୍ଡାଇ ଦାସ ସାହିର ପ୍ରଦୀପ ଘୋଷଙ୍କ ଝିଅ ହେଉଛନ୍ତି ଲକ୍ଷ୍ମୀପ୍ରିୟା। ସେ ଆଜି ଅପରାହ୍ଣ ପ୍ରାୟ ୪ଟା ୪୫ରେ ଘରେ ଏକୁଟିଆ ଥିଲେ। ତାଙ୍କ ବାପା ମା' କୌଣସି ଏକ କାର୍ଯ୍ୟରେ ବିହାର ଯାଉଥିଲେ। ତାଙ୍କ ଭାଇ ବାପା ମା'ଙ୍କୁ ଛାଡ଼ିବାକୁ କଟକ ରେଳ ଷ୍ଟେସନ୍ ଯାଇଥିଲେ। ଏହି ସମୟରେ ଲକ୍ଷ୍ମୀପ୍ରିୟା ଏକୁଟିଆ ଥିବା ବେଳେ ଦେହରରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ଟିମ୍ ଖବର ପାଇ ସେଠାରେ ପହଞ୍ଚିଥିଲା। ତେବେ ଅଗ୍ନିକାଣ୍ଡ ଘଟିଥିବା ଅଞ୍ଚଳରେ କିରାସିନ ଗନ୍ଧ ଆସୁଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିବା ବେଳେ ଏ ସମ୍ପର୍କରେ ତାଙ୍କ ବାପା ମା' ଖବର ପାଇ ଡାକ୍ତରଖାନାରେ ପହଞ୍ଚିଛନ୍ତି। ଆତ୍ମହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇ ନାହିଁ ବୋଲି ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ ସୂଚନା ଦେଇଛନ୍ତି।

ଅନ୍‌ଲାଇନ ଡେଲିଭରି ସଂସ୍ଥା କର୍ମଚାରୀଙ୍କ ଆନ୍ଦୋଳନ

କଟକ,୨୩।୨(ସମିସ): ଥାନାରେ ମିଥ୍ୟା ମାମଲା ଓ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଅନଲାଇନ ଡେଲିଭରି ସଂସ୍ଥା ବ୍ଲିନକିଟ ରାଇଡରମାନେ ଆନ୍ଦୋଳନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ୩ ମାସରୁ ଉଦ୍ଧ୍ୱର୍ ସମୟ ହେବ ସତୀଚୌରା ନିକଟ ସତୀନଗରସ୍ଥିତ ସଂସ୍ଥାରେ ସେମାନେ କାମ କରୁଛନ୍ତି। ଦିନକୁ ପ୍ରାୟ ୧୮ ଘଣ୍ଟା ଅନଲାଇନ ଡେଲିଭରି ଦେବା ପରେ ପ୍ରାୟ ୧ ହଜାର ଟଙ୍କା ଆୟ ହେଉଛି। ସେହି ଆୟରେ ଦୈନିକ ତେଲ, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ସଂପୃକ୍ତ ରହିଛି। ଏହାପରେ ଦିନକୁ ଅତିବେଶୀରେ ୪ଶହ ଟଙ୍କା ବଳକା ରହୁଛି। ଏତିକି ଟଙ୍କାରେ ଚଳିବା କଷ୍ଟକର ହୋଇପଡୁଛି। ଏଣୁ ଡେଲିଭରି ବାବଦ ପ୍ରାପ୍ୟ/କମିଶନ ବୃଦ୍ଧି, ଜନିଷ ଚୋରି ଅଭିଯୋଗ, ବିଳମ୍ବିତ ଅର୍ଡର ଗ୍ରହଣ ଭଳି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ଗତ ରବିବାର ଷ୍ଟୋର୍ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ। ଏହାପରେ ସଂସ୍ଥା କର୍ତ୍ତୃପକ୍ଷ ଆସି ସେମାନଙ୍କୁ ବିଭିନ୍ନ ଧମକଚମକ ଦେବା ସହ ଆଇଡି ବ୍ଲକ କରିଦେବାର ଚେତାବନୀ ଦେଇଥିଲେ। ଧାରଣାରତ ଡେଲିଭରୀ ବଏଙ୍କ ବିରୋଧରେ ବିଡାନାସୀ ଥାନାରେ ଷ୍ଟୋର୍ କର୍ତ୍ତୃପକ୍ଷ ମିଥ୍ୟା ଏତଲା ଦେଇଥିଲେ। ଏହାର ବିଧିବଦ୍ଧ ତଦନ୍ତ କରି ଉପରୋକ୍ତ ଦାବି ତଥା ସମସ୍ୟାର ସମାଧାନ ଦୃଷ୍ଟି ଦେବାକୁ ୫୦ ଜଣ ଯୁବକ ଲିଖିତ ଆକାରରେ ଆଜି ବିଡାନାସୀ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

■ **ସୁନା-ରୁପା ଲୁଟ୍ ଘଟଣା**

ପଶ୍ଚିମବଙ୍ଗରୁ ଫେରାର ଠକ କାରିଗର ଗିରଫ

କଟକ,୨୩।୨(ସମିସ): କଟକ ସହରର ସୁନା ଓ ରୁପା ବ୍ୟବସାୟୀଙ୍କୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଠକେଇ କରିଥିବା ଜଣେ ପେସାଦାର କାରିଗରକୁ ଲାଲବାଗ ଥାନା ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲା ତାମଲୁକ ଥାନା ଅଞ୍ଚଳର ତାପସ ମାଇତି ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ତାପସ କଟକର ଆଲମଚନ୍ଦ ବଜାରରେ ଏକ ଗହଣା ଦୋକାନ କରିଥିଲା। ଗହଣା ଗଢ଼ିବା ବାହାନାରେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧ କିଲୋ ୮୮୭ ଗ୍ରାମ ସୁନା ଏବଂ ୭୮୪ ଗ୍ରାମ ରୁପା ସଂଗ୍ରହ କରିଥିଲେ। ମାତ୍ର ଗତ ଏପ୍ରିଲ ୨୦୨୫ରେ ସେ ସମସ୍ତ ସାମଗ୍ରୀ ଧରି ଚମ୍ପଟ ମାରିଥିଲେ। ବ୍ୟବସାୟୀମାନେ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ସେ ଗୁଣ୍ଡାମାନଙ୍କ ଦ୍ୱାରା ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କାଜିବଜାରର ବ୍ୟବସାୟୀ ରମେଶ କୁମାର ଦେଓଙ୍କ ଅଭିଯୋଗକୁ ଆଧାର କରି ଲାଲବାଗ ପୁଲିସ ଏକ ମାମଲା ରୁଜୁ କରିଥିଲା। ନିର୍ଭରଯୋଗ୍ୟ ସୂଚନା ପାଇ ପୁଲିସ ପଶ୍ଚିମବଙ୍ଗର ତୁଲିଆ ନିକଟରୁ ତାପସକୁ ଗିରଫ କରି ୧୪୭ଟି ରୁପା ବ୍ରେସଲେଟ୍ ଓ କିଛି ରୁପା ବସ୍ତୁ ଜବତ କରିଛି। ସୋମବାର ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

କଟକ ଗସ୍ତରେ ଉପମୁଖ୍ୟମନ୍ତ୍ରୀ

ଜଗତପୁରରେ ନୂତନ କୃଷି ଭବନ ଉଦ୍‌ଘାଟିତ



କଟକ,୨୩।୨(ସମିସ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଦିନିକିଆ କଟକ ଗସ୍ତରେ ଆସି ଜଗତପୁରଠାରେ ନୂତନ କୃଷି ଭବନର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଡେପୁଟି ମେୟର ଦମୟନ୍ତୀ ମାଝୀ ଏବଂ କୃଷି ବିଭାଗର ବହୁ ବରିଷ୍ଠ ନିର୍ଦ୍ଦେଶକ ଓ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ନିମନ୍ତ୍ରଣ କାର୍ଡ ପଠାଇ ୭୦ ହଜାର ଠକେଇ

ହରଡ଼ଘଣାରେ ପକାଉଛି ଏପିକେ ଫାଇଲ୍ ତଥା ଆଣ୍ଡ୍ରଏଡ୍ ପ୍ୟାକେଜ କିଟ୍

କଟକ,୨୩।୨(ସମିସ): ମୋବାଇଲର ହ୍ୱାଟସଆପ୍‌କୁ ଡିଜିଟାଲ୍ ବାହାଘର ନିମନ୍ତ୍ରଣ ପଠାଇ ଜଣେ ଯୁବକଙ୍କଠାରୁ ୭୦ହଜାର ଟଙ୍କା ସାଇବର ଲୁଟେରାମାନେ ଠକି ନେଇଛନ୍ତି। ଏଥିସହ ତାଙ୍କ ମୋବାଇଲ୍‌ରେ ଥିବା ଆଧାର, ପ୍ୟାନ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ନେଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକଙ୍କ ଘର ମର୍କତନଗର, ସେକ୍ଟର-୬ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାଁ ବିଦ୍ୱାନ୍ ଭରଦ୍ୱାଜ(୩୮)। ସେ ସାଇବର ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଆଜି ବିଦ୍ୱାନ୍‌ଙ୍କ ମୋବାଇଲ୍ ହ୍ୱାଟସଆପ୍‌ରେ ଏକ ଅଜଣା ନମ୍ବରରୁ ଏକ ବାହାଘର ନିମନ୍ତ୍ରଣ ପତ୍ର ଲେଖାଥିବା ଏପିକେ ଫାଇଲ୍‌ଟିଏ ଆସିଥିଲା। ସେ ତାହାକୁ ଖୋଲିଥିଲା ବେଳେ ତାଙ୍କୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଲା। ତାକୁ ମଧ୍ୟ ଖୋଲି ଦେଇଥିଲେ। ନିଜ ମୋବାଇଲରେ ସେ ଏହି କାର୍ଯ୍ୟ କଲାପରେ ବ୍ୟାଙ୍କରୁ ତାଙ୍କ ପାଖକୁ ୭୦ହଜାର ଟଙ୍କା ଉଠାଣ ସମ୍ପର୍କିତ ମେସେଜ୍ ଆସିଥିଲା। ଏହାପରେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉ କି, ସାଇବର ଲୁଟେରାମାନେ ସମଗ୍ର ରାଜ୍ୟରେ ଆତଙ୍କ ଖେଳାଇଛନ୍ତି। ଅଜଣା ନମ୍ବରରୁ ଲୋକଙ୍କ ପାଖକୁ ପ୍ରତ୍ୟେକ ଦିନ 'ଏପିକେ ଫାଇଲ୍'(ଆଣ୍ଡ୍ରଏଡ୍ ପ୍ୟାକେଜ କିଟ୍) ପଠାଉଛନ୍ତି। ନିମନ୍ତ୍ରଣ କାର୍ଡ, ଟ୍ରାଫିକ ଚାଲାଣ, ଏସ୍‌ବିଆଇ, କେୱାଇସି ଅପଡେଟ୍, ସରକାରୀ ସବସିଡି, ଏସ୍‌ବିଆଇ ଯୋନୋ ଭଳି ଏପିକେ ଫାଇଲ୍ ପଠାଉଥିବାରୁ ଲୋକମାନେ ସହଜରେ ବିଶ୍ୱାସକୁ ନେଇ ଯାଉଛନ୍ତି। ଏହାପରେ ଉକ୍ତ ଫାଇଲ୍ ଖୋଲିବା ମାତ୍ରେ ମୋବାଇଲ୍ ଫୋନ୍ ହ୍ୟାକ୍ କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଅନେକ ସାଧାରଣ ଲୋକ ସାଇବର ଠକଙ୍କ 'ଏପିକେ' ଜାଲରେ ପଡ଼ି ଲକ୍ଷାଧିକ ଟଙ୍କା ହରାଉଛନ୍ତି। କିଏ ପେନ୍‌ସନ ଟଙ୍କା ହରାଉଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ସର୍ବସ୍ୱ ହରାଇ ତଳିତଳାନ୍ତ ହେଉଛି। ଏବେ କଟକ ସାଇବର ଥାନାକୁ ଆସୁଥିବା ୧୦୦ପ୍ରତିଶତ ସାଇବର ମାମଲା ମଧ୍ୟରୁ ୪୦ପ୍ରତିଶତରୁ ଅଧିକ ମାମଲା ଏହି ଏପିକେ ଫାଇଲଜନିତ ବୋଲି ଜଣାପଡ଼ିଛି। ଏଣୁ ନିଜ ମୋବାଇଲ୍ ଫୋନ୍‌ରେ ଅଜଣା ନମ୍ବରରୁ ଆସୁଥିବା ଏପିକେ ଫାଇଲକୁ ନଖୋଲିବାକୁ ସାଇବର ଥାନା ପୁଲିସ ସୂଚନା ଦେଇଛି।

ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

କଟକ,୨୩।୨(ସମିସ): କଟକର ପ୍ରତିଷ୍ଠିତ ତେଲୁଗୁ ସମାଜସେବା ସଂଗଠନ 'ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ରବିବାର ନବମ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟିକା ସୋଫିୟା ଫିର୍ଦୋସ, କଟକ ମେୟର ସୁଭାସ ସିଂ ଏବଂ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ସମାଜସେବୀ ରଞ୍ଜନ ବିଶ୍ୱାଳ, ୧୭ ନମ୍ବର ୱାର୍ଡ କର୍ପୋରେଟର ଏ. ଶ୍ରୀଦେବୀ, ୧୫ ନମ୍ବର ୱାର୍ଡ କର୍ପୋରେଟର ଲିଜାରାଣୀ ରାଉତଙ୍କ ସମେତ କଟକର ବିଭିନ୍ନ ସମାଜସେବା ସଂଘ ଓ ସମିତିର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦିନସାରା ଚାଲିଥିବା ଏହି ଶିବିରରେ ମୋଟ ୧୫୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଟ୍ରଷ୍ଟର ସଭାପତି ବି. କିଶୋର କୁମାର, ସମ୍ପାଦକ କେ. ରାକେଶ କୁମାର, ଉପସଭାପତି ଏ. ହରିଶ କୁମାର, ଯୁଗ୍ମ ସମ୍ପାଦକ ବସନ୍ତ ରାଉତ ଏବଂ ସଂଯୋଜକ କେ. ଭାସ୍କର ରାଓ ଓ ଜି. ପବନ କୁମାରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

୧୫୬ ୟୁନିଟ୍ ରକ୍ତ ସଂଗୃହିତ

ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗର ୬ଟି ନୂତନ କ୍ୟାବିନ୍ ଉଦ୍‌ଘାଟିତ

କଟକ,୨୩।୨(ସମିସ): ରୋଗୀମାନଙ୍କୁ ଅଧିକ ସୁବିଧା ଓ ଉତ୍ତମ ଚିକିତ୍ସା ପରିବେଶ ଯୋଗାଇଦେବା ଲକ୍ଷ୍ୟରେ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଅସ୍ଥିଶଲ୍ୟ କୋଠାର ୫ମ ମହଲାରେ ଆଜି ୬ଟି ନୂତନ କ୍ୟାବିନ୍ ଉଦ୍‌ଘାଟିତ ହୋଇଛି। ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ୍ ପ୍ରଫେସର ଡଃ ଲୁସି ଦାସ ଏବଂ ଅଧୀକ୍ଷକ ପ୍ରଫେସର ଡଃ ଗୌତମ ଶତପଥୀ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ରେଜିଷ୍ଟ୍ରାର ସୁବାଷ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡଃ ନିର୍ମଳଚନ୍ଦ୍ର ମହାପାତ୍ର ଏବଂ ଅତିରିକ୍ତ ଅଧୀକ୍ଷକ ଡଃ ଜ୍ୟୋତିର୍ମୟ ନାୟକଙ୍କ ସମେତ ହସ୍ପିଟାଲ ପରିଚାଳକ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ନୂତନ କ୍ୟାବିନ୍‌ଗୁଡ଼ିକ ଏସସିବିର ରୋଗୀ ସେବାର ମାନକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ମୁହଁ ମୋଡ଼ିଲା ପ୍ରଶାସନ; ପୁଣି ଧାରଣାରେ ଛାତ୍ରୀ







କଟକ,୨୩।୨(ସମିସ):

କଟକର ସର୍ବପୁରାତନ ତଥା ଗୌରବମୟ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ଏବେ ଗଣଆନ୍ଦୋଳନର ରୂପ ନେଇଛି। ଗତ ଶନିବାର ୧୫ ଘଣ୍ଟାର ଧାରଣା ପରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, କଟକ ସଦର ଉପଜିଲ୍ଲାପାଳ ଏବଂ ଏଡିଏମଙ୍କ ମଧ୍ୟସ୍ଥତାରେ ହୋଇଥିବା ସମାଧାନର ବାଟ ଏବେ ବନ୍ଦ ହେବାକୁ ବସିଛି। ସୋମବାର ସକାଳ ୧୦:୩୦ ମିନିଟ୍‌ରେ କଲେଜ ପରିସରରେ ଜିଲ୍ଲା ପ୍ରଶାସନ, ପୁରାତନ ଛାତ୍ରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ହେବାର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଜିଲ୍ଲାପାଳ ଏହି ବୈଠକ ବାତିଲ କରି ଛାତ୍ରୀମାନଙ୍କୁ ଜିଲ୍ଲାପାଳ ଅଫିସ ଆସିବାକୁ କହିବା ପରେ ସ୍ଥିତି ପୁଣି ବିଗିଡ଼ିଛି। ଖବର ଲେଖାଯିବା ବେଳକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରୀଙ୍କ ଧାରଣା ଜାରି ରହିଥିବା ବେଳେ ଛାତ୍ରୀଙ୍କ ଏହି ଆନ୍ଦୋଳନକୁ ଛାତ୍ର ସଂଗଠନ ଏବିଭିପି ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି।

କଟକର 'ଅଖ-ଚକ' ବନ୍ଦ ଚେତାବନୀ

ଆନ୍ଦୋଳନରତ ଛାତ୍ରୀମାନେ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର ନିକଟରେ ଚାରୋଟି ନୂଆ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିବା ବେଳେ ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ କାହିଁକି ଅଣଦେଖା କରାଯାଉଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନବରତ ଧାରଣା ଜାରି ରହିବ ଏବଂ ଆଗାମୀ ଦିନରେ କଟକର 'ଅଖ ଚକ' ବନ୍ଦ କରି ସହରକୁ ସ୍ଥାଣୁ କରିଦିଆଯିବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଜିଲ୍ଲା ପ୍ରଶାସନ ଆନ୍ଦୋଳନକୁ ଦମନ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ କଟକଣା ଜାରି କରିବାକୁ କଲେଜ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କୁ କାର୍ଯ୍ୟାନୁଷ୍ଠାନର ଧମକ ଦିଆଯାଇଛି। କଟକ ମେୟର ସୁବାସ ସିଂ ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସରକାର ଏହି ଆନ୍ଦୋଳନକୁ ହାଲୁକା ଭାବେ ନ ନେଇ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଉଚିତ, ନଚେତ୍ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହେଲେ ସରକାର ଦାୟୀ ରହିବେ ବୋଲି ସେ ଚେତାଇ ଦେଇଛନ୍ତି। ଏଥିସହ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ ବାର ଆସୋସିଏସନର କର୍ମକର୍ତ୍ତା ମଧ୍ୟ ଆନ୍ଦୋଳନସ୍ଥଳରେ ଛାତ୍ରୀଙ୍କ ସହ ଆଲୋଚନା କରି ନୈତିକ ସମର୍ଥନ ଜଣାଇଛନ୍ତି।



୨୬ରୁ ରାଉରକେଲାରେ 'ସରସ ସ୍ୱଦେଶୀ ମେଳା'

ସ୍ୱଦେଶୀ ଉତ୍ପାଦନ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ

ରାଉରକେଲା, ୨୩।୨(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ସରସ ସ୍ୱଦେଶୀ ମେଳା ଆସନ୍ତା ୨୬ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ପ୍ରଶାସନର ସହଯୋଗରେ ଓର୍ମାସ ଦ୍ୱାରା ରାଉରକେଲାର ସେକ୍ଟର-୧୩ ମେଲଣା ପଡ଼ିଆରେ ଏହି ମେଳା ଆୟୋଜନ କରାଯାଉଛି ବୋଲି ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି ଯେ ସ୍ୱଦେଶୀ ଉତ୍ପାଦନ ଏବଂ ସାମଗ୍ରୀକୁ ଲୋକଙ୍କ ପାଖରେ ପହଞ୍ଚାଇବା, ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀକୁ ବଜାର ଏବଂ ଗ୍ରାହକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ହିଁ ଏହି ସରସ ମେଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ।



ଏହି ମେଳାରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରୁ ଅନେକ ବ୍ୟବସାୟ ପ୍ରତିଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ କାରିଗର ଅଂଶଗ୍ରହଣ କରି ସେମାନଙ୍କର ସ୍ୱଦେଶୀ ଉତ୍ପାଦକୁ ବିକ୍ରୀ କରିବେ। ଏହି ମେଳାରେ ହସ୍ତଶିଳ୍ପ, ହସ୍ତତନ୍ତ, ପାରମ୍ପରିକ ଖାଦ୍ୟ ସାମଗ୍ରୀ, ଜୈବିକ ଉତ୍ପାଦ ଏବଂ ଗ୍ରାମୀଣ ନବସୃଜନ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ କରାଯିବ। ଆରଏମ୍‌ସି ସମ୍ମିଳନୀ ହଲରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦିନାଃ ଦସ୍ତଗିର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ ଓ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଏହି ୧୨ ଦିନିଆ ସରସ ମେଳା କିପରି ସୁପରିଚାଳିତ ହୋଇ ପାରିବ ସେଥିପାଇଁ କରାଯାଉଥିବା ପ୍ରଶାସନିକ ବ୍ୟବସ୍ଥା ଉପରେ ଆଲୋକପାତ କରି ସେମାନେ କହିଥିଲେ ଯେ ଏହି ମେଳା କେବଳ ଗ୍ରାମୀଣ ଉତ୍ପାଦର ବିପଣନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ନାହିଁ ବରଂ ସନ୍ଧ୍ୟା ସମୟରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପ୍ରଦାନ କରିବ ଯାହା ପରିଦର୍ଶକଙ୍କୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବ। ଜନସାଧାରଣଙ୍କ ପାଇଁ ଏକ ନିରାପଦ ଏବଂ ଉପଭୋଗ୍ୟ ଅଭିଜ୍ଞତାକୁ ସୁଗମ କରିବା ପାଇଁ ସୁରକ୍ଷା, ପାର୍କିଂ, ପରିମଳ ଏବଂ ଭିଡ଼ ପରିଚାଳନା ସମ୍ବନ୍ଧୀୟ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉଛି। ସରସ ସ୍ୱଦେଶୀ ମେଳା ରାଉରକେଲା ଏବଂ ସଂଲଗ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭିଡ଼ ଆକର୍ଷିତ କରିବ, ଯାହା 'ସ୍ଥାନୀୟ ପାଇଁ ସ୍ୱର' ଏବଂ ଗ୍ରାମୀଣ ସଶକ୍ତିକରଣ ପଦକ୍ଷେପର ମନୋଭାବକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମେଳାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସ୍ୱଦେଶୀ ଉତ୍ପାଦ କ୍ରୟ କରି ସ୍ଥାନୀୟ କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ସମର୍ଥନ କରିବାକୁ ବାସିନ୍ଦାମାନଙ୍କୁ ନିମନ୍ତ୍ରଣ କରାଯାଇଛି।

ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର



କୋଇଡ଼ା, ୨୩।୨(ସମିସ): ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଥାନା ଅଧୀନସ୍ଥ ବନ୍ଦଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଡ଼ିହି ଗ୍ରାମର ବିଦେଶୀ ନାଏକ। ସୂଚନା ଅନୁସାରେ, ବିଦେଶୀ ନାଏକ ଗତ ୧୫ ନଭେମ୍ବରରେ ତାଙ୍କ ଭଉଣୀଙ୍କ ଘର ବନ୍ଦଲକୁ ଯାଇଥିଲେ। ସେହିଦିନ ଘରୁ ବାହାରିବା ପରେ ସେ ଆଉ ଫେରି ନଥିଲେ। ପରିବାରଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ କୋଇଡ଼ା ଥାନାରେ ନିଖୋଜ ଅଭିଯୋଗ ଦାଖଲ କରିଥିଲେ। ଖାଜାଖୋଜି ଜାରି ଥିବାବେଳେ ସୋମବାର ସକାଳେ କିଛି ଗ୍ରାମବାସୀ ଜାଳକାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଗଳିତ ମୃତଦେହ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଚିହ୍ନଟ କରି କୋଇଡ଼ା ପୁଲିସକୁ ଖବର ଦେଇଥିଲେ। ଖବରପାଇ କୋଇଡ଼ା ପୁଲିସ ଓ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରୀକ୍ଷଣ ସମୟରେ ଉପଡ଼ା ଗଛ ଓ ହାତୀର ପାଦଚିହ୍ନ ମିଳିଥିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ଭୂଗର୍ଭ ଜଳ ତଥ୍ୟ ପ୍ରଚାର ପାଇଁ ଜିଲ୍ଲାସ୍ତରୀୟ ବୈଠକ



ରାଉରକେଲା, ୨୩।୨(ସମିସ): ସ୍ଥାନୀୟ ବିକାଶ ଭବନଠାରେ ଭାରତୀୟ ଜଳଶକ୍ତି ମନ୍ତ୍ରଣାଳୟ ସିଜିଡବ୍ଲ୍ୟୁବିର ଭୁବନେଶ୍ୱର ସ୍ଥିତ ଦକ୍ଷିଣପୂର୍ବ ଅଞ୍ଚଳ କାର୍ଯ୍ୟାଳୟ ଦ୍ୱାରା ସୁନ୍ଦରଗଡ଼ରେ ଭୂଗର୍ଭ ଜଳ ତଥ୍ୟର ପ୍ରଚାର ଓ ଏନ୍‌ଏକ୍ୟୁଆଇଏମ୍ (ରାଷ୍ଟ୍ରୀୟ ଜଳଭୃତ ମାନଚିତ୍ରଣ ଏବଂ ପରିଚାଳନା କାର୍ଯ୍ୟକ୍ରମ)ର ରିପୋର୍ଟ ଅଦାନପ୍ରଦାନ ପାଇଁ ଏକ ଜିଲ୍ଲାସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ପ୍ରମାଣଭିତ୍ତିକ ପୁସ୍ତକକୁ ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଅନୁମୋଦନକ୍ରମେ ଉନ୍ମୋଚନ କରାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଧୀରେନ୍ଦ୍ର ସେଠୀ ଏବଂ ସିଜିଡବ୍ଲ୍ୟୁବିର ଭୁବନେଶ୍ୱର ସ୍ଥିତ ଦକ୍ଷିଣପୂର୍ବ ଅଞ୍ଚଳ କାର୍ଯ୍ୟାଳୟର ବୈଜ୍ଞାନିକ ସତ୍ୟମ୍ ଶୁକ୍ଳା ଏବଂ ଆଶୁତୋଷ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଏକ୍ୟୁଆଇଏମ୍ ଅଧ୍ୟୟନର ବିସ୍ତୃତ ରିପୋର୍ଟ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ରିପୋର୍ଟରେ ଭୂଗର୍ଭ ଜଳ ଉପଲବ୍ଧତା, ଜଳର ଗୁଣଗତ ଅବସ୍ଥା, ପୁନର୍ଭରଣ କ୍ଷମତା, ପରିଚାଳନା କୌଶଳ ଓ ସୁପାରିଶ ଆଦି ରହିଥିଲା। ଏହି ଅବସରରେ ବୈଜ୍ଞାନିକ ଶ୍ରୀ ଶୁକ୍ଳା ଓ ଶ୍ରୀ ଚୌଧୁରୀ ସୁନ୍ଦରଗଡ଼ ଜିଲ୍ଲାର ଭୂଗର୍ଭ ଜଳ ପରିସ୍ଥିତି, ଜଳଭୃତ ମାନଚିତ୍ରଣର ମୁଖ୍ୟ ନିଷ୍କର୍ଷ, ସମ୍ଭାବ୍ୟ ଚ୍ୟାଲେଞ୍ଜ, କାର୍ଯ୍ୟକାରୀ ପରିଚାଳନା ପାଇଁ ପ୍ରସ୍ତାବ ଆଦି ଉପରେ ଆଲୋକପାତ କରିଥିଲେ। ସେହିଭଳି ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନ କରି ଜଳ ସଂରକ୍ଷଣ ଓ କୃତ୍ରିମ ପୁନର୍ଭରଣ ଉପାୟ ଅବଲମ୍ବନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ସମସ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

ଜାତୀୟ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ପ୍ରତିଯୋଗିତା

ରାଉରକେଲା, ୨୩।୨(ସମିସ): ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଫେବୃଆରୀ ୨୦ ତାରିଖରେ ସୁରକ୍ଷା ଟ୍ରେନିଂ ହଲ୍‌ରେ ଏକ ଟୁଲ୍ କିଟ୍ ସେଫ୍ଟି ଟକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ଏବଂ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ନିରାପଦ କାର୍ଯ୍ୟ ଅଭ୍ୟାସର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତିଯୋଗିତାର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୬୦ରୁ ଅଧିକ କର୍ମଚାରୀ ଏବଂ ଠିକା ଶ୍ରମିକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁମାନେ ପ୍ରତିଯୋଗିତାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ବିଭିନ୍ନ କର୍ମକ୍ଷେତ୍ର ବିପଦ, ପ୍ରତିରୋଧକ ପଦକ୍ଷେପ ଏବଂ ସର୍ବୋତ୍ତମ ସୁରକ୍ଷା ଅଭ୍ୟାସ ଉପରେ ସୁଦୃଢ଼ ସୁରକ୍ଷା ଆଲୋଚନା କରିଥିଲେ। ଅଂଶଗ୍ରହଣକାରୀମାନେ ଏକ ନିରାପଦ ଏବଂ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପ୍ରଶଂସନୀୟ ଜ୍ଞାନ, ସ୍ପଷ୍ଟତା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ହିରାଲାଲ ମହାପାତ୍ରଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗର ଜିଏମ ଏସ୍.କେ. ନାୟକ ପ୍ରତିଯୋଗିତାର ନିର୍ଣ୍ଣାୟକ ଥିଲେ ଏବଂ ବିଷୟବସ୍ତୁ, ଉପସ୍ଥାପନା, ବ୍ୟବହାରିକ ପ୍ରାସଙ୍ଗିକତା ଏବଂ ଯୋଗାଯୋଗ ଦକ୍ଷତା ଆଧାରରେ ଅଂଶଗ୍ରହଣକାରୀଙ୍କର ମୂଲ୍ୟାଙ୍କନ କରିଥିଲେ। ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ବି.କେ. ପାଢ଼ୀ ସଂଯୋଜନା କରିଥିଲେ।



ସୁନ୍ଦରଗଡ଼ରେ ମାଟ୍ରିକ ପରୀକ୍ଷା

ତୃତୀୟ ଭାଷାରେ ୩୧୭ ପରୀକ୍ଷାର୍ଥୀ ଅନୁପସ୍ଥିତ



ରାଉରକେଲା, ୨୩।୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଗୁରୁବାରରୁ ଆରମ୍ଭ ହୋଇଛି। ତୃତୀୟ ଭାଷା (ସଂସ୍କୃତ ଓ ହିନ୍ଦୀ) ବିଷୟରେ ସୁନ୍ଦରଗଡ଼ ଜିଲ୍ଲାରେ ୩୧୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାରେ ଥିବା ମୋଟ୍ ୨୪୦୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଫଳରେ ଆଜି ୩୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେହିପରି ମଧ୍ୟମା ପରୀକ୍ଷାରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସଓଏସ୍‌ସି ପରୀକ୍ଷାରେ ମୋଟ୍ ୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ମୋଟ୍ ୧୧୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୪୦୬ଟି ସ୍କୁଲର ମୋଟ୍ ୨୪, ୦୦୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଯେଉଁଥିରେ ସେମାନଙ୍କ ମଧ୍ୟରେ ୨୩, ୮୩୯ ଜଣ ରେଗୁଲାର ଏବଂ ୬୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏତଦବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଜିଲ୍ଲାରେ ଗୋଟିଏ ଏବଂ ଏସଓଏସ୍‌ସି ପରୀକ୍ଷାର୍ଥୀ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଆଜି ଫ୍ଲାଇଂ ସ୍କ୍ୱାର୍ଡ ଦଳ ୧୭ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଡିଇଓ ସ୍କ୍ୱାର୍ଡ ୪ଟି ପରୀକ୍ଷା କେନ୍ଦ୍ର ବୁଲି ଅଚାନକ ପରିଦର୍ଶନ କରିଥିଲେ। ଏଡିଇଓ ସ୍କ୍ୱାର୍ଡ ୭ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

ଏନ୍‌ଆଇଟିରେ କ୍ରିଷ୍ଟାଲୋଗ୍ରାଫି ସମ୍ପର୍କରେ କର୍ମଶାଳା



ରାଉରକେଲା, ୨୩।୨(ସମିସ): କ୍ରିଷ୍ଟାଲୋଗ୍ରାଫି ଏବଂ ରିଟ୍‌ଭେଲ୍ଡ ରିଫାଇନମେଣ୍ଟ ବିଶ୍ଳେଷଣ ଉପରେ ଏକ ୬ ଦିନିଆ ଅନ୍ତର୍ଜାତୀୟ ସ୍କୁଲ ଏବଂ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତ ଏବଂ ୟୁରୋପର ପ୍ରମୁଖ ବୈଜ୍ଞାନିକ ଏବଂ ଦେଶ ସାରା ପ୍ରତିଷ୍ଠିତ ପ୍ରତିଷ୍ଠାନର ପ୍ରାୟ ୮୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। କର୍ମଶାଳାରେ ବକ୍ତବ୍ୟ ରଖି ସଂଯୋଜକ ପ୍ରଫେସର ଦିଲ୍ଲୀପ କେ. ପ୍ରଧାନ କହିଛନ୍ତି, ଏହି କର୍ମଶାଳା ଆଧୁନିକ କ୍ରିଷ୍ଟାଲୋଗ୍ରାଫିକ୍ କୌଶଳରେ ବିଶେଷଜ୍ଞତା ନିର୍ମାଣ କରିବା ଲକ୍ଷ୍ୟ ରଖିଛି। ବିଶ୍ୱସ୍ତରୀୟ ବିଶେଷଜ୍ଞ ଏବଂ ପ୍ରାରମ୍ଭିକ କ୍ୟାରିଅର ଗବେଷକମାନଙ୍କୁ ଏକ ସାଧାରଣ ଶିକ୍ଷାଗତ ପ୍ଲାଟଫର୍ମରେ ଏକତ୍ର କରି, ଏହି ପ୍ରୟାସ ନବସୃଜନ ଉପରେ ଧ୍ୟାନ ଦିଏ ଏବଂ ଭାରତରେ ଉଚ୍ଚ-ଗୁଣବତ୍ତା କ୍ରିଷ୍ଟାଲୋଗ୍ରାଫିକ୍ ବିଶ୍ଳେଷଣକୁ ପ୍ରୋତ୍ସାହିତ କରେ ବୋଲି କହିଥିଲେ। ଫ୍ରାନ୍ସର ତିନିଜଣ ବିଶିଷ୍ଟ ବୈଜ୍ଞାନିକ, ପ୍ରଫେସର ମାସିମୋ ନେସ୍ପୋଲୋ, ପ୍ରଫେସର ଜୁଆନ୍ ରୋଡ୍ରିଗେଜ୍-କାରଭାଜଲ୍ ଏବଂ ଡକ୍ଟର କ୍ଲେୟାର ଭି. କଲିନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାବ୍ୟତୀତ ଜର୍ମାନୀ ଏବଂ ସ୍ପେନର ଅନ୍ୟାନ୍ୟ ପ୍ରଖ୍ୟାତ ବିଦେଶୀ ଶିକ୍ଷାବିତମାନେ ଉଦ୍‌ଘାଟନୀ ଅଧିବେଶନରେ ଅନଲାଇନରେ ଯୋଗ ଦେଇଥିଲେ। ସେମାନେ ଛଅ ଦିନିଆ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ତାଲିମ ମଧ୍ୟ ପ୍ରଦାନ କରିବେ। ଭାରତର ପ୍ରତିଷ୍ଠିତ ପ୍ରତିଷ୍ଠାନର ଅନ୍ୟ ବକ୍ତାମାନେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ୨୩ ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଡିନ୍ ଏକାଡେମିକ୍ ପ୍ରଫେସର ଅଶୋକ କୁମାର ତୁରୁକ, ପ୍ରଫେସର ଏସ୍. କେ. ପ୍ରତିହାର, ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜେ.ପି. କର, ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧୂମାନ, ପ୍ରଫେସର ପିତାମ୍ବର ମହାନନ୍ଦିଆଙ୍କ ସମେତ ବରିଷ୍ଠ ପ୍ରତିଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

କୁଆଁରମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ରାଉରକେଲା, ୨୩।୨(ସମିସ): କୁଆଁରମୁଣ୍ଡା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୪ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୪ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନ୍‌ସନ୍, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ଆଇଏଏସ୍ ଶିକ୍ଷାନବୀସ ସୁଶ୍ରୀ ଫାବି ରସିଦ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବନ୍ଧମୁଣ୍ଡା ଥାନା ପୁଲିସର ଅପରାଧ ମୁକ୍ତ ପଦକ୍ଷେପ

ରାଉରକେଲା, ୨୩।୨(ସମିସ): ଦିନକୁ ଦିନ ସହରରେ ବିଭିନ୍ନ ଅପରାଧ ତଥା ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରତ୍ୟେକ ଦିନ ଛୋଟରୁ ବଡ ଅପରାଧ ଘଟି ଚାଲିଛି। ତେବେ ଏହାକୁ ରୋକିବାକୁ ପ୍ରୟାସ କରିଛି ବନ୍ଧମୁଣ୍ଡା ଥାନା ପୁଲିସ। ଏନେଇ ଇନ୍ସପେକ୍ଟର ରଞ୍ଜନ ନାୟକ ଥାନାଞ୍ଚଳରେ ମାଇକ ପ୍ରଚାର କରି ଏ ନେଇ ସଚେତନ କରିଛନ୍ତି। ମାଇକ ପ୍ରଚାର ମୁତାବକ, ଯେ କୌଣସି ଘର ମାଲିକ ଯଦି ଘର ଭଡାରେ ଲଗାଇଛନ୍ତି ତେବେ ସେମାନେ ଭଡାଟିଆଙ୍କ ଆଧାର ଏବଂ ସବିଶେଷ ତଥ୍ୟ ପୁଲିସ୍ ନିକଟରେ ଜମା କରିବେ। ସେହିପରି କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଯଦି କର୍ମଚାରୀ ନିଯୁକ୍ତ କରିଛନ୍ତି। ତେବେ ସେମାନେ କର୍ମଚାରୀଙ୍କ ସବିଶେଷ ତଥ୍ୟ ଥାନାରେ ଜମା କରିବେ। ଏହାସହ ଯଦି କୌଣସି ବ୍ୟକ୍ତି ଘରେ ତାଲା ପକାଇ ସହର କୌଣସି ବାହାରକୁ ଯାଉଛନ୍ତି ତେବେ ଦୁଇଦିନ ପୂର୍ବରୁ ପୁଲିସ୍‌କୁ ସୂଚନା ପ୍ରଦାନ କରିବେ। ଘରେ କେହି ବୃଦ୍ଧବୃଦ୍ଧା ଏକା ରହୁଛନ୍ତି ତେବେ ଥାନାରେ ଜଣାଇବାକୁ କୁହାଯାଇଛି। ପୁଲିସ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବ। ତଥ୍ୟ ଦେବାକୁ ହେଲେ ସମସ୍ତ ଫର୍ମ ଥାନାରେ ଉପଲବ୍ଧ ରହିଛି। ୭ ଦିନ ମଧ୍ୟରେ ତଥ୍ୟ ଦେବାକୁ ଅପିଲ କରାଯାଇଛି। ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇନ୍ସପେକ୍ଟର ଶ୍ରୀ ନାୟକ କହିଛନ୍ତି। ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।



ସହକାରୀ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଉରକେଲା, ୨୩।୨(ସମିସ): ନୂଆଗାଁ ବ୍ଲକର ସହକାରୀ ଶିକ୍ଷାଅଧିକାରୀ ବନମାଳି ମଲ୍ଲିକଙ୍କ ଇତି ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଯାଇଛି। ଏହି ଅବସରରେ ତାଙ୍କୁ ଶନିବାର ନୂଆଗାଁ ବ୍ଲକ ଗୋଷ୍ଠିଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ ଉତ୍ସବରେ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ମଲ୍ଲିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମୁନି ଟୁଡୁ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ବାନେ କେର୍ଚ୍ଛୁଆଙ୍କ ସମେତ ଶିକ୍ଷକନେତା ଦିଲୀପ ସାହୁ, ଅଶୋକ ସିଂ, ବାସୁଦେବ ତ୍ରିପାଠୀ, ମଙ୍ଗଳ କେର୍କେଟ୍ଟା, ସଞ୍ଜୟ ରଥ, ପର୍ଶୁରାମ ବେହେରା, ପ୍ରଶାନ୍ତ କେର୍କେଟ୍ଟା, ମଙ୍ଗଳ ଦାସ ଖାଲଖ, ରଞ୍ଜିତ ଏକ୍କା, ଶଙ୍କର୍ଷଣ ବେହେରା, ମଧୁସୂଦନ କୋରିଆଲି, ଅନଦା ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏବିଇଓ ଶ୍ରୀ ମଲ୍ଲିକ ଗତ ୨୦୧୮ ମସିହାରୁ ନୂଆଗାଁ ବ୍ଲକରେ ସହକାରୀ ଶିକ୍ଷା ଅଧିକାରୀ ଭାବରେ ଯୋଗଦାନ କରିଥିଲେ। ନୂଆଗାଁ ବ୍ଲକରେ ଦୀର୍ଘ ୮ ବର୍ଷର ଚାକିରିକାଳ ଭିତରେ ସେ ଦେଇଥିବା ପରାମର୍ଶ ନିଶ୍ଚିତ ରୂପେ ସ୍ମରଣୀୟ ହୋଇ ରହିବ ବୋଲି ଶିକ୍ଷକମାନେ ମତବ୍ୟକ୍ତ କରିଥିଲେ।

ଗଞ୍ଜେଇ ଓ ଅଫିମ ଚାଷର ପେଣ୍ଠସ୍ଥଳୀ ବଣାଇଁ ଉପଖଣ୍ଡ

ବଣାଇଁ, ୨୩।୨(ସମିସ)



ବଣାଇଁର ଉପାନ୍ତ ଅଞ୍ଚଳ କୁହାଯାଉଥିବା ଜଡ଼ା, କେଲୋ କୁଞ୍ଜର, ପଙ୍କଡିହି, ବନ୍ଧା ଭୂଇଁ, ଚନ୍ଦ୍ରପୁର ଓ କୋଇଡ଼ାରେ ବିପୁଳ ପରିମାଣର ଗଞ୍ଜେଇ ଓ ଅଫିମ ଚାଷ ହୋଇ ଥିବା ନଜରକୁ ଆସିବା ପରେ ବଣାଇଁ ଉପଖଣ୍ଡ ଯେ ବେଆଇନ ଚାଷର ହବ୍ ପାଲଟିଛି ଏହା ନିଃସନ୍ଦେହ। ଗତ ୩ ମାସ ମଧ୍ୟରେ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ଜଣାପଡ଼ିବା ପରେ ପୁଲିସ, ବନବିଭାଗ ଓ ଅବକାରୀ ବିଭାଗ ମିଳିତ ଭାବେ ଏସବୁ ବେଆଇନ୍ ଚାଷକୁ ନଷ୍ଟ କରିଛି। ଗଞ୍ଜେଇ ହେଉ କି ଅଫିମ ବଣାଇଁ ଉପଖଣ୍ଡର ଜଙ୍ଗଲ ଅଞ୍ଚଳକୁ ସୁରକ୍ଷିତ କ୍ଷେତ୍ର ଭାବେ ବାଛି ନେଇଛନ୍ତି ଅପରାଧୀ। ୨୦୨୫ ସେପ୍ଟେମ୍ବର ୧୪ ତାରିଖ ଦିନ ଟିକାୟତ ପାଲି ଥାନା ଅଧୀନ ଭାଲୁପାଣି ପଞ୍ଚାୟତ ବରଘାଟ, ଉଲସୁରା ରାଣ୍ଡୋସାହି ଅଞ୍ଚଳରେ ଦେଢ଼ ଏକରରୁ ଉର୍ଦ୍ଧ୍ୱ ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇ ଥିବାବେଳେ ୨୦୨୫ ନଭେମ୍ବର ୨୭ ତାରିଖ ଦିନ କେଲୋ କୁଞ୍ଜର ଅଞ୍ଚଳରେ ୩ ଏକରରୁ ଉର୍ଦ୍ଧ୍ୱ ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରା ଯାଇଥିଲା। ୨୦୨୬ ଜାନୁଆରୀ ୧୩ ତାରିଖ ଦିନ ଗୁରୁଣ୍ଡିଆ ଥାନା ଅଧୀନ କୁଣ୍ଡେଇଡିହା ଗ୍ରାମରେ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ। ସେହିପରି ଗତ ୭ ତାରିଖ ଦିନ କୋଇଡ଼ା ଥାନା ଅଧୀନ କାଲଟା ପଞ୍ଚାୟତ ପୁଣ୍ଡୁପୋଖରୀ ଗାଁ ନିକଟରେ ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରାଯାଇଥିବା ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଅଫିମ ଗଛକୁ ଠାବକରି ନଷ୍ଟ କରାଯାଇଥିବାବେଳେ ଗତ ୧୮ରେ ଗୁରୁଣ୍ଡିଆ ଥାନା ଅଧୀନ ଜଡ଼ା, ପଙ୍କଡିହି ଗାଁ ନିକଟରେ ୩ ଏକର ଜାଗାରେ ୪୨ ହଜାରହଜାର ପାଖାପାଖି ଅଫିମ ଗଛକୁ ପୁଲିସ, ଅବକାରୀ, ଏବଂ ଜଙ୍ଗଲ ବିଭାଗର ଟିମ୍ ଚଢଉ କରି ନଷ୍ଟ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ପାଖାପାଖି। କୋଟିକୋଟି ଟଙ୍କାର ନିଶାଦ୍ରବ୍ୟ ଗଛ ନଷ୍ଟ କରାଯାଇଥିଲେ ମଧ୍ୟ ବେପାରୀଙ୍କ ନିକଟରେ ଅବକାରୀ ବିଭାଗ ପହଞ୍ଚି ନ ପାରିବା ଦୁର୍ଭାଗ୍ୟର ବିଷୟ ହୋଇଛି। କେଉଁ ବେପାରୀମାନେ ଗାଁ ଗହଳିର ଲୋକଙ୍କୁ ପ୍ରଲୋଭିତ କରି ଏସବୁ ଚାଷ କରିବାକୁ ବାଧ୍ୟ କରୁଛନ୍ତି ତାହା ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କଲେ ହୁଏତ ଆଗାମୀ ଦିନରେ ଉପଖଣ୍ଡରେ ଏସବୁ ଚାଷ କରିବାକୁ ଲୋକେ କୁଣ୍ଠାବୋଧ କରନ୍ତେ।

୨୫ରେ ଆର୍‌ଏସ୍‌ପି ପକ୍ଷରୁ ନାଟକ ସନ୍ଧ୍ୟା

ରାଉରକେଲା, ୨୩।୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଲୋକସମ୍ପର୍କ ରାଜଭାଷା ବିଭାଗ ଫେବୃଆରୀ ୨୫ ତାରିଖରେ ରାଉରକେଲା ସ୍ଥିତ ସିଭିକ୍ ସେଣ୍ଟର ଠାରେ ବାର୍ଷିକ ନାଟକ ସମାରୋହ, 'ନାଟକ ସନ୍ଧ୍ୟା' ଆୟୋଜନ କରିବାକୁ ଯାଉଛି। ଏହି ବହୁ ପ୍ରତୀକ୍ଷିତ 'ନାଟକ ସନ୍ଧ୍ୟା' କାର୍ଯ୍ୟକ୍ରମକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ଏହି ସନ୍ଧ୍ୟାରେ ଦୁଇଟି ନାଟକ ବ୍ୟାସକବି ଫକିରମୋହନଙ୍କ ରଚନାରୁ ତଥା ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟ ରଚନାରୁ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଗୀତିନାଟ୍ୟ 'ପେଟେଣ୍ଟ ମେଡିସିନ' ଏବଂ ଅରୁଣ ଅଲାବେଲାଙ୍କ ରଚନାରୁ ପରେଶ ରଞ୍ଜନ ମାହାତୋଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଦେଢ଼ ଟାଙ୍ଗ କି ମୁର୍ଗୀ' ପ୍ରଦର୍ଶିତ ହେବ।

ରାମକୃଷ୍ଣ ମିଶନରେ ଠାକୁରଙ୍କ ଜନ୍ମଦିନ ପାଳିତ

ରାଉରକେଲା, ୨୩।୨(ସମିସ): ସ୍ଥାନୀୟ ରାମକୃଷ୍ଣ ମିଶନରେ ରାମକୃଷ୍ଣ ଦେବଙ୍କର ୧୯୧ତମ ଜନ୍ମ ଦିନ ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ପବିତ୍ର ଦିନରେ ମଙ୍ଗଳ ଆଳତି, ବେଦ ଆବୃତ୍ତି, ହୋମ, ଭଜନ, ପ୍ରବଚନ, କଥାମୃତ ପାଠ, ପୁଷ୍ପାଞ୍ଜଳି, ଭୋଗ ଓ ପ୍ରସାଦ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାରାଜ ପ୍ରାୟ ଚାରି ଶହରୁ ଉହରୁ ଅଭାବୀ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ।

ବଡ଼ପଡ଼ିଆ ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟଣା

ବନ୍ଦର ସଚିବ ଓ ଇଷ୍ଟେଟ୍ ଅଫିସରଙ୍କ ପରିଦର୍ଶନ

ପାରାଦୀପ,୨୩।୨(ସମିସ)

ଶନିବାର ବିଳମ୍ବିତ ରାତିରେ ପାରାଦୀପ ବଡ଼ପଡ଼ିଆ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟି ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର ପୋଡି ଯିବା ଘଟଣାରେ ଆଜି ବନ୍ଦର ସଚିବ ଓ ଇଷ୍ଟେଟ୍ ଅଫିସର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଆଜି ସକାଳେ ପାରାଦୀପ ବନ୍ଦରର ସଚିବ କୃଷ୍ଣବାପି ରାଜୁ ଓ ବନ୍ଦର ଇଷ୍ଟେଟ ଅଫିସର ବିଶ୍ୱଜିତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପୋଡ଼ି ଯାଇଥିବା ଦୋକାନ ଘର ଗୁଡିକ ବୁଲି ଦେଖିବା ସହ ବ୍ୟବସାୟୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଉ ଜରି ପାଲ ଘର ରହିବ ନାହିଁ, ପିଣ୍ଡି ତିଆରି କରି ଉପରେ ପାଇପ ସହ ସିଟ୍ ପଡିବ ବୋଲି କହିଥିଲେ। ପିଣ୍ଡିର ସାଇଜ କେତେ ରହିବ ବନ୍ଦରର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ମଇଳା ଓ ପରିବା ଚୋପା ନଈକୁ ନ ପକାଇବା ପାଇଁ ପଛ ପଟେ ୱାଲ ରହିବ। ପିଣ୍ଡି ପଛ ପଟେ ଥିବା ପଡିଆରେ ଗାଡ଼ି ପାର୍କି ପାଇଁ ସ୍ଥାନ ଦିଆଯିବ। ଏହି ପିଣ୍ଡିର ଭଡ଼ା ପ୍ରତ୍ୟକ ବର୍ଷ ପୋର୍ଟରେ ପଇଠ କରାଯିବ। ତୁରନ୍ତ ତିନି ମାସ ମଧ୍ୟରେ ଏହି କାର୍ଯ୍ୟକୁ ସାରିବାର ଲକ୍ଷ୍ୟ ରଖାଯାଇଛି।



ବର୍ତ୍ତମାନ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଫୁଲ ଚାରା ବିକ୍ରି ହେଉଥିବା ପଡିଆ ନିକଟରେ ବ୍ୟବସାୟ ଆରମ୍ଭ କରିବେ। ଏହି ପିଣ୍ଡି ବଡ଼ ପଡିଆ ମାର୍କେଟର ସମସ୍ତ ପରିବା ବ୍ୟବସାୟୀଙ୍କ ପାଇଁ ନିର୍ମାଣ ନିର୍ମାଣ କରାଯିବ। ପିଣ୍ଡି ନିର୍ମାଣ ସରିଲେ ନୂତନ ଭାବେ ସେହି ସ୍ଥାନରେ ହିଁ ପରିବା ହାଟ ପୂର୍ବଭଳି ଚାଲିବ ବୋଲି କୁହାଯାଇଥିଲା। ପରିଦର୍ଶନ ବେଳେ ବଣିକ ସଂଘର ପୂର୍ବତନ ସଭାପତି କ୍ଷୀରୋଦ ସ୍ୱାଇଁଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ତେବେ ଦୁଇ ଦିନ ହେବ ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ କୌଣସି ବ୍ୟବସାୟ ମଧ କରି ପାରିନାହାଁନ୍ତି।

ଚାରି ମହଲା ଛାତରୁ ପଡ଼ି ମହିଳା ମୃତ

ପାରାଦୀପ,୨୩।୨(ସମିସ): ଆଜି ଭୋର ୫ଟାରେ ତାରିଣୀ ଗଡ଼ା ଅଞ୍ଚଳର ଏକ ଚାରି ମହଲା କୋଠା ଘରର ଛାତରୁ ଜଣେ ମହିଳା ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପାରାଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତ୍ୟଦେହ ଉଦ୍ଧାର କରିଥିଲେ। ତେବେ ସେ ମହିଳା ଜଣଙ୍କ କିଏ ଏବଂ କିପରି ଓ କାହିଁକି ତାଙ୍କର ଏପରି ମୃତ୍ୟୁ ଘଟିଲା ତାହା ଏବେବି ରହସ୍ୟ ଘେରରେ ରହିଛି। ମହିଳା ଜଣଙ୍କ କାହିଁକି ଏଠାକୁ ଆସିଥିଲେ, ତାଙ୍କୁ କିଏ ଆଣିଥିଲା ଏବଂ ତାଙ୍କ ଘର କେଉଁଠି? ଯାହା ଏବେ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପର୍ଯ୍ୟନ୍ତ ପୁଲିସ ମହିଳାଙ୍କ ପରିଚୟ ପାଇନଥିବା ବେଳେ ସନ୍ଦେହରେ ସେହି କୋଠାରେ ରହୁଥିବା ୪ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ଅଟକ ଯୁବକ ମାନେ ବିହାରୀ ଯୁବକ ବୋଲି ପୁଲିସ କହିଛି। ମହିଳା ଜଣଙ୍କ ଛାତ ଉପରୁ ପଡ଼ିବା ସମୟରେ ଦୁଇ ମହଲା ନିକଟରେ ଯାଇଥିବା ଗ୍ୟାସ ପାଇପ ଲାଇନରେ ତାଙ୍କ କପଡ଼ା ଓହଳି ଥିବା ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ତଳେ ପଡିଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ପୁଲିସ ଦେଖିବାକୁ ପାଇଛି।

ମିଳିପାରୁନି ମହିଳାଙ୍କ ପରିଚୟ

ତେବେ ଉକ୍ତ ଚାରି ମହଲା ବିଶିଷ୍ଟ କୋଠା ଘରେ ଯେଉଁ ସବୁ ଘର ରହିଛି, ସବୁଥିରେ ଏକ ଘରୋଇ କମ୍ପାନୀ ପ୍ରୋଜେକ୍ଟର କିଛି କର୍ମଚାରୀ ରହୁଥିଲେ। ତେବେ ଏମାନଙ୍କ ମଧ୍ୟରୁ ଗୋଟିଏ ଘରେ କମ୍ପାନୀର ୯ ଜଣ ଷ୍ଟାଫ ରହୁଥିଲେ। ଛାତ ଉପରେ ମହିଳାଙ୍କ ଚପଲ ଥୁଆ ହୋଇଥିବା ବେଳେ ପାଖରେ ମଦ ବୋତଲ, ପୋଡ଼ା ସିଗାରେଟ, ମଶା ଧୂପ, ଖଇନି ଜରି ପଡ଼ିଥିଲା। ବିଳମ୍ବିତ ରାତିରେ ସମସ୍ତେ ଶୋଇଯିବା ପରେ ଏହି ଯୁବକମାନେ ମହିଳାଙ୍କ ସହିତ କିଛି ଆପତ୍ତି ଜନକ କାର୍ଯ୍ୟ କରିଥିବା ପୁଲିସ ଅନୁମାନ କରୁଛି। କିନ୍ତୁ ପୁଲିସ୍ ପ୍ରକୃତ ରହସ୍ୟ ଖୋଜିପାଇନାହିଁ। ପାରାଦୀପ ଆଡ଼ିସିନାଲ ଏସ୍‌ପି ସ୍ମୃତି ରଞ୍ଜନ କର ଓ ଆଦର୍ଶ ଥାନା ଆଇଆଇସି କାବୁଲି ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ୍‌କୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଥିଲେ ମଧ ମହିଳାଙ୍କ ପରିଚୟ ମିଳିନାହିଁ। ଖୁବଶୀଘ୍ର ସମସ୍ତ ସତ୍ୟାସତ୍ୟ ସମ୍ନାକୁ ଆସିବ ବୋଲି ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି। ଘର ଚାରି ପାଖରେ ଲାଗିଥିବା ସିସିଟିଭିକୁ ପୁଲିସ ଯାଞ୍ଚ କରିବା ପାଇଁ ଚେଷ୍ଟା ଜାରି ରଖିଛି। ସିସିଟିଭି ଯାଞ୍ଚ ହେଲେ ଘଟଣାର ଅଧିକ ସତ୍ୟତା ଜଣା ପଡିପାରେ ବୋଲି ପୁଲିସ ସୂଚନା ଦେଇଛି।

ବରମୁଣ୍ଡଳୀ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ

ବାଲିକୁଦା,୨୩।୨(ସମିସ): ବରମୁଣ୍ଡଳୀ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ ପଞ୍ଚାୟତ ସଭାପତି ସୁବାସ ନାୟକଙ୍କ ସଭାପତିତ୍ୱରେ ବରଦିଆସ୍ଥିତ ମା' ନଳକଣି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ରାଜ୍ୟରେ ଥିବା ବିଜେପି ସରକାର ଚାଷୀଙ୍କୁ ଶୋଷଣ କରୁଥିବା ଓ ସବୁଥିରେ ଫେଲ୍ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ମହିଳା ଟିମ୍‌ରେ ସମ୍ପାଦିକା ଭାବେ ସ୍ଥାନ ପାଇଥିବା ତଟିନା ସ୍ୱାଇଁଙ୍କ ସମେତ ଜିଲ୍ଲା ସଂଗଠନରେ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ପଞ୍ଚାୟତ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଦଳର ବରିଷ୍ଠ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସରପଞ୍ଚ ରାଜଶ୍ରୀ ଖଟୁଆ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସେନାପତି ଓ ଦୀପକ ସେନାପତିଙ୍କୁ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ତଟିନା ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ଯୁଗଳ କିଶୋର ମହାନ୍ତି, ପୂର୍ବତନ ପାରିଷଦ ଶଙ୍କର ରାଉତ, ସମିତିସଭ୍ୟ ପ୍ରତିନିଧି ଅନାଦି ଚରଣ ବେହେରା, ସଞ୍ଜୟ ନାୟକ, ମୁନା ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ଦଳାଇ, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ପ୍ରସାଦ ମିଶ୍ର, ଯୁବ ସଭାପତି ଆସିକ ମହାନ୍ତି, ଗୋବିନ୍ଦ ମହାନ୍ତି, ଶ୍ରୀଧର ପରିଡା, ସୁଦର୍ଶନ ପରିଡା, ଉଲ୍ଲାସ ଚନ୍ଦ୍ର ଜେନା, ଜଗବନ୍ଧୁ ଦଳାଇ, ହରି ନାୟକ, ମାନସ ଆଚାର୍ଯ୍ୟ, ସାଧୁ ମହାରଣା, ନ୍ୟାବ ସରପଞ୍ଚ ସନ୍ତୋଷ ବିଶ୍ୱାଳ, ମୋହନ ମିଶ୍ର, ଦୁଷ୍ମନ୍ତ ଦଳାଇ, ପ୍ରକାଶ ସ୍ୱାଇଁ, ହେମନ୍ତ ବେହେରା, ନିରଞ୍ଜନ ଜେନା, ହେମନ୍ତ ସେନାପତି, ଶିଶିର ପରିଡାଙ୍କ ସମେତ ବହୁ ନେତା ଦଳୀୟ ନେତା ଏଥିରେ ସାମିଲ ହୋଇଥିଲେ।

ଏରସମାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୯ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୮ଟି, ପୋଲିସ୍ ସହାୟତା ପାଇବା ପାଇଁ ୩ଟି, ଭତ୍ତା ପାଇବା ପାଇଁ ୧୨ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏରସମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣିରେ ସହଯୋଗ କରିଥିଲେ।

ଅସ୍ତ୍ରୋପଚାର ପରେ ୧୭ ମହିଳା ତଳେ ଶୋଇବା ଘଟଣା

ପୁଣି ଦୁଇ ଜଣଙ୍କୁ ନୋଟିସ୍ ଜାରି

ନାଉଗାଁ,୨୩।୨(ସମିସ): ଗତ ୧୮ ତାରିଖରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ହେବାକୁ ଆସିଥିଲେ ୧୭ ଜଣଙ୍କୁ ଅସ୍ତ୍ରୋପଚାର ପରେ ମେଡିକାଲରେ ବେଡ୍ ନ ଦିଆଯାଇ ତଳେ ଶୁଆଇ ଦିଆଯାଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୪୪/୧୯-୦୨-୨୦୨୬ ତାରିଖରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଚିଦ୍‌ଭୂଷଣ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଡା. ପଣ୍ଡା ଏବେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ତନ୍ମୟ କୁମାର ପରିଡା ଓ ଦାୟିତ୍ୱରେ ଥିବା ପିଏଚ୍‌ଇଓ ତ୍ରିଲୋଚନ ମହାନ୍ତିଙ୍କୁ ୱାର୍ଣ୍ଣିଂ ନୋଟିସ୍ ଜାରି କରାଯାଇଥିବା ପ୍ରକାଶ କରିଛନ୍ତି। ସଦ୍ୟ ଅସ୍ତ୍ରୋପଚାର ହୋଇଥିବା ମହିଳାମାନେ ଏଭଳି ଅଭାବନୀୟ ସ୍ଥିତିରେ ଶୋଇଥିବା ଘଟଣା ଜିଲ୍ଲା ପ୍ରଶାସନର ନଜରକୁ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ଓ ଯାହାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ସେ ପୁଣି ଆଉ ଦୁଇଜଣଙ୍କୁ ୱାର୍ଣ୍ଣିଂ ନୋଟିସ୍ ଦେବା ସମସ୍ତଙ୍କୁ ବେଶ ଆଶ୍ଚର୍ଯ୍ୟ କରିଛି। ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନାଉଗାଁ ସ୍ୱାସ୍ଥ୍ୟ ବିଭାଗକୁ ଓ ସେ ପୁଣି ଆଉ ଦୁଇଜଣଙ୍କୁ ନୋଟିସ୍ ଜାରି କରିବାରେ ମଧ ସପ୍ତାହ ବିତିବାକୁ ବସିଲାଣି। ଜିଲ୍ଲାରେ ଏଭଳି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ପଦାକୁ ଆସିଥିବା ବେଳେ କେବଳ ନୋଟିସ୍‌ରେ ନୋଟିସ୍‌ରେ ଏହା ଦବି ଯିବାକୁ ବସିଛି। ବିପିଏମ ଉକ୍ତଦିନ ଜଗତସିଂହପୁର ଏକ ଟ୍ରେନିଂରେ ଯାଇଥିବା ଓ ସେ କିଛି ଜାଣି ନଥିବା କହୁଛନ୍ତି। ତେବେ କାର୍ଯ୍ୟକ୍ରମ ତାଙ୍କ ତତ୍ତ୍ୱାବଧାନରେ ହେବା କଥା ଓ ତାଙ୍କ ଟ୍ରେନିଂ ଦିନ କିଭଳି ଏହି ଅସ୍ତ୍ରୋପଚାର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା ତାହା ମଧ ତଦନ୍ତ ସାପେକ୍ଷ। ଜିଲ୍ଲାରେ ଏଭଳି ଆଉ କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ପରେ ମହିଳାଙ୍କୁ ଏଭଳି ତଳେ ଶୁଆ ଯାଉଛି ଓ ତାହା ସମସ୍ତଙ୍କ ଜାଣିବାରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ଅନେକ ପ୍ରକାଶ କରିଛନ୍ତ।

କଟକ ପାରାଦୀପ ରାସ୍ତାରେ ଦୁର୍ଘଟଣା

କୁଜଙ୍ଗ,୨୩।୨(ସମିସ): କଟକ ପାରାଦୀପ ରାସ୍ତା କଡ଼ରେ ଛିଡା ହୋଇଥିବା ଗାଡ଼ି ଯୋଗୁ ଆଜି ଜଣେ କଲେଜ ଛାତ୍ର ଦୁର୍ଘଟଣାର ଶିକାର ହୋଇ ଜୀବନ ସହ ସଙ୍ଘର୍ଷ କରୁଛନ୍ତି। ଗୁରୁତର ଛାତ୍ର ହେଉଛନ୍ତି ତାରାପ୍ରସାଦ ମଲ୍ଲିକ (ଜିତୁ)। ସେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ନାଳଦିଆ ପାଳନ୍ଦାର ସାରଦା ପ୍ରସାଦ ମଲ୍ଲିକଙ୍କ ପୁଅ। ଦୁର୍ଘଟଣା ପରେ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଦସ୍ୟ ଓ କୁଜଙ୍ଗ ଅଗ୍ନିଶମ ବାହିନୀ ପୀଡିତ ଯୁବକଙ୍କୁ ଉଦ୍ଧାର କରିବା ପରେ କୁଜଙ୍ଗ ମେଡିକାଲ ଓ ପରେ କଟକ ପଠାଇଛନ୍ତି। ସେହିପରି କୁଜଙ୍ଗ ଓ ବଳରାମପୁର ଗଡା ନିକଟରେ ରାସ୍ତା କଡରେ ସରକାରୀ ମଦ ଦୋକାନ ଯୋଗୁ ଦୁର୍ଘଟଣା ବଢୁଥିବା ଶିକ୍ଷାବିତ୍ ନିଶାକର ମୁଦୁଲି ଅଭିଯୋଗ କରିଛନ୍ତି। ଏହି ମର୍ମରେ ଆଜି ଜଣେ ଯୁବକ ଅତ୍ୟଧିକ ମଦ୍ୟ ପାନ କରି ଗାଡ଼ି ଚଳାଇବା ଓ ରାସ୍ତା କଡ଼ରେ ପଡି ରହିଥିବା ଦେଖିବାକୁ ମିଳିଥିଲା। କୁଜଙ୍ଗରୁ ପନ୍ଦର ନମ୍ବର୍ ମଧ୍ୟରେ ପ୍ରତି ଦିନ ଛୋଟ ବଡ ଦୁର୍ଘଟଣା ମାନ ଘଟି ଚାଲିଛି। ଏହି ଅଞ୍ଚଳରେ ପାଖା ପାଖି ତିନୋଟି ତେଲ ଟାଙ୍କି ଯୋଗୁ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ, ରାସ୍ତା କଡ଼ରେ ଥିବା ମଦ ଦୋକାନ ଓ ଅତ୍ୟଧିକ ଭାରୀଯାନ ଯାତାୟାତ ଯୋଗୁ ଦୁର୍ଘଟଣା ଘଟୁଛି। କୁଜଙ୍ଗ ନିକଟ କଟକ ପାରାଦୀପ ରାସ୍ତାର ଟ୍ରାଫିକ ବ୍ୟବସ୍ଥା ଓ ରାସ୍ତାରେ ପଥଚାରୀ ଓ ବାଇକ୍ ଆରୋହୀଙ୍କ ଜୀବନ ଦୁର୍ବିସହ ହୋଇ ଯାଇଛି।

ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ



ଜଗତସିଂହପୁର,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ଚଷାପଡ଼ା ପଞ୍ଚାୟତସ୍ଥ ସାହାଡ଼ା ଗ୍ରାମରେ ସପ୍ତାହ ବ୍ୟାପୀ ଆୟୋଜିତ ଶ୍ରୀଶ୍ରୀ ଗୋପିନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଗୋପିନାଥ ଦାତବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ବଟକିଶୋର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ ଶ୍ରୀମଦ୍ ଭାଗବତ ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଦିବସର ପୂର୍ବାହ୍ନରେ ଗୋପିନାଥଜିଉଙ୍କ ଚଳନ୍ତି ବିଗ୍ରହଙ୍କୁ ପଞ୍ଚାୟତର ସମସ୍ତ ଗ୍ରାମକୁ ନଗର ଭ୍ରମଣରେ ନିଆଯାଇଥିଲା। ଅପରାହ୍ନରେ ଶ୍ରୀମଦ୍ ଭଗବତ୍ ଗୀତାରେ ଆହୁତି ପ୍ରଦାନ ସଂଗେ ସଂଗେ ଦିଅଁମାନଙ୍କୁ ସିଂହାସନ ଆରୋହଣ କରାଯାଇଥିଲା। ନୂତନ ବିଗ୍ରହ ସ୍ଥାପନ ପରେ ବିଶିଷ୍ଟ କ୍ରିୟାଯୋଗୀ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ଶ୍ରୀଶ୍ରୀ ଗୋପିନାଥଜିଉ ଓ ମା' ରାଧାରାଣୀଙ୍କ ପ୍ରଥମ ଆଳତି କରିଥିଲେ। ପ୍ରକାଶ ଥାଉକି ସ୍ୱାମୀ ଶ୍ରଦ୍ଧାନନ୍ଦ ଜୀ ମହାରାଜ ଏହି ମନ୍ଦିର ଶୁଭ ଦେଇଥିଲେ। ପ୍ରାରମ୍ଭରେ ନାଇଜରର ପ୍ରାକ୍ତନ କୁଳସଚିବ ତଥା ଟ୍ରଷ୍ଟି ଡ. ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ ଶତପଥି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରେଶ ଚୌଧୁରୀ, ହରେକୃଷ୍ଣ ରାୟ ଓ ସୌଭାଗିନୀ ରାୟ। ଶେଷରେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର କାନ୍ତ ଦାସ, ସୁଦର୍ଶନ ରାୟ, ଲଲାଟେନ୍ଦୁ ରାୟ, ଗିରିଜା ପ୍ରସାଦ ନନ୍ଦ, ରାମେଶ୍ୱର ସାହୁ, ଲଲାଟେନ୍ଦୁ ରାୟ ଏବଂ ଇପ୍ସିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

'ବଜେଟ ଓ ଜଗତସିଂହପୁର ଜିଲ୍ଲା' ଶୀର୍ଷକ ଆଲୋଚନାଚକ୍ର



ଜଗତସିଂହପୁର,୨୩।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗହ୍ଣାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଉଗ୍ରେଶ୍ୱରୀ ନାରାୟଣୀଙ୍କ ପୀଠରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୁଧାକର ଦ୍ୱିବେଦୀ ବକ୍ତୃତା ମାଳାର ଶୀର୍ଷକ "ବଜେଟ- ୨୦୨୬-୨୭ ଓ ଜଗତସିଂହପୁର ଜିଲ୍ଲା' ସମ୍ପର୍କୀୟ ଏକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ସୁରେନ ରାଉତ, ଯୁଗ୍ମସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ବିଜନ ମହାପାତ୍ର, କୋଷାଧ୍ୟକ୍ଷ ରବି ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିସହିତ ଲୁଣା ଜଙ୍ଗଲର ସୁରକ୍ଷା ନିମନ୍ତେ ଅଧିକ ଅର୍ଥ ବ୍ୟୟ ବରାଦ କରିବା ପାଇଁ ନିବେଦନ କରାଯାଇଥିଲା। ସେହିପରି ଜଗତସିଂହପୁର ଜିଲ୍ଲାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯିବାର ବ୍ୟବସ୍ଥା କରାଯିବା ସମ୍ପର୍କ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ତମ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଉକ୍ତ ବୈଠକରେ ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ ଓ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ବିଶ୍ୱଜିତ ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ରାଉତରାୟ, ଆଶୁତୋଷ ମହାପାତ୍ର, ଅଜୟ କୁମାର ବରାଳ, ରଞ୍ଜନ କୁମାର ମିଶ୍ର, ଶିବପ୍ରସାଦ ମାଝୀ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବରେ ସ୍ମରଣିକା 'ସୁଧାସୌରଭ' ପ୍ରକାଶ ପାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଆଲୋକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ମାତୃଶକ୍ତି କ୍ଲବ୍ ଚାମ୍ପିଅନ୍



ବାଲିକୁଦା,୨୩।୨(ସମିସ): ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ବାର୍ଷିକ ଆଲୋକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦଶବାଟିଆ ସ୍ଥିତ ମେଦ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଣ୍ଡଗିରି ଗାଦୀବ୍ରହ୍ମ କ୍ରିକେଟ୍ କ୍ଲବ ଗଣ୍ଡକୁଳ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଏସ କେ ଅମିତ କୁମାର ସର୍ବାଧିକ ୪୬ ରନ କରିଥିଲେ। ଏହାର ଜବାବରେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ୧୮ ଓଭରରେ ୬ ୱିକେଟ ହରାଇ ଅଧିନାୟକ ସରୋଜ ସ୍ୱାଇଁଙ୍କ ୬୬ ରନର ବଳରେ ୧୬୩ ରନ କରି ଚାମ୍ପିଅନ ହୋଇଥିଲା। ମ୍ୟାଚରେ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ରାହୁଲ ବେହେରା, ଶ୍ରେଷ୍ଠ ବୋଲର ରାକେଶ ପରିଡା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ମହେଶ ମଲ୍ଲିକ, ମ୍ୟାନ ଅଫ ଦି ମ୍ୟାଚ ବ୍ରହ୍ମଜିତ ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ସରୋଜ ସ୍ୱାଇଁ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ଧିରେନ ମହାନ୍ତି, ସତ୍ୟଜିତ ରାଉତ ଓ ଜିତେନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ପ୍ରସନଜିତ ଗୋଚ୍ଛାୟତ, ବର୍ଣ୍ଣି ଜେନା, ମଳୟ ପରିଡା ସହଯୋଗ ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକ ପ୍ରଣବ ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ମୁଖ୍ୟବକ୍ତା ଭାବେ ସମାଜସେବୀ ତପନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୟନ୍ତ ପରିଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ସ୍ୱାଇଁ, କୃପାସିନ୍ଧୁ ମହାନ୍ତି, ବିବେକାନନ୍ଦ ମହାନ୍ତି, ନିର୍ମଳ ମହାନ୍ତି, ଆସିକ ମହାନ୍ତି, ଧ୍ରୁବଚରଣ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଞ୍ଜୟ ପରିଡା, ଦିଲ୍ଲୀପ ପରିଡା, ତୁଷାର ପରିଡା, ରଞ୍ଜନ ମହାନ୍ତି, ଶିଶିର ପରିଡାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ଓ ଦଶବାଟିଆ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ପାଇଁ ଚିଠି ଲେଖିଲେ ବିଧାୟକ

ଉତ୍ସବ ସରିବାର ୧୦ ମାସ ପରେ ମଧ ହେଉନି ସମୀକ୍ଷା

ଜଗତସିଂହପୁର, ୨୩।୨(ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫' ସରିବାର ୧୦ ମାସରୁ ଅଧିକ ସମୟ ବିତିଗଲାଣି। ହେଲେ ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୁଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଣୁ।

ଗତ ଏପ୍ରିଲ ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୫'। ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ ଡାକିବାକୁ ଗତ ଜୁଲାଇ ୧୮ ତାରିଖରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଇତି ମଧ୍ୟରେ ୭ ମାସ ବିତି ଯାଇଥିବା ବେଳେ କେବେ ଏହି ସମୀକ୍ଷା ବୈଠକ ହେବ ତାହା ଅସ୍ପଷ୍ଟ ରହିଛି। ଜଣେ ଶାସକ ଦଳର ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିବା ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ଏବେ ପୁଣି ଥରେ ଗତ ଫେବୃୟାରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ବିଧାୟକ। ସେହିପରି ଏହି ବିଷୟରେ ଜିଲ୍ଲାପାଳ ଜେ.ସୋନାଲ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ନୀରବତା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନ ଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ଉପରେ ସନ୍ଦେହ ହେଉଛି। ସେପଟେ ଜିଲ୍ଲା ସଂସ୍କୃତି ବିଭାଗ ଉତ୍ସବର ଆୟବ୍ୟୟ ବିବରଣୀ ନୋଟିସ୍ ବୋର୍ଡରେ ଝୁଲାଇ ଦେଇ ନିଜ କାମ ସାରି ଦେଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତ୍ତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସେ ସମୟରେ ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଚଳିତବର୍ଷ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ସେହିପରି ଏହି ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକାରେ କେତେକ କମିଟି ସଦସ୍ୟଙ୍କ ନାମ ନଥିବା ଦେଖାଯାଇଥିଲା। କିନ୍ତୁ ଜିଲ୍ଲା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିବା ଏବଂ ପୂର୍ବରୁ କୌଣସି କମିଟିରେ ସଦସ୍ୟ ନଥିବା ଜଣେ ବ୍ୟକ୍ତିଙ୍କ ନାମ କିପରି ସ୍ମରଣିକା ସବ୍-କମିଟିରେ ସ୍ଥାନ ପାଇଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଚଳିତବର୍ଷ ଜିଲ୍ଲା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ଭିଭିଆଇପି ଏବଂ ଭିଆଇପି ଯୋଗ ଦେଇଥିବା ବେଳେ ଆଖିବୁଜା ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହାସତ୍ତ୍ୱେ ଜିଲ୍ଲା ଉତ୍ସବ ସେଭଳି ଆକର୍ଷଣୀୟ ହୋଇପାରିନଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେଣୁ ବିଧାୟକଙ୍କ ଚିଠିକୁ ସମ୍ମାନ ଜଣାଇ ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

ସକାଳ
THE SAKALA

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର



ନବରଙ୍ଗପୁର,୨୩।୨(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସ୍ଥିତ ସୁଭଦ୍ରା ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ ମେହେରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୦ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ୩ ଜଣ ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ କରାଯାଇଥିଲା । ୯ ଜଣ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

ଆସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା’



କୋରୁକୋଣ୍ଡା,୨୩।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଠାରେ ମାଉଳିମାଙ୍କ ଯାତ୍ରାର ଆଜି ତୃତୀୟ ଦିବସ ହୋଇଥିବା ବେଳେ ମନ୍ଦିର ନିକଟ ମା’ଙ୍କ ଆସ୍ଥାୟୀ ମଣ୍ଡପରେ ବିରାଜମାନ ହୋଇ ଭକ୍ତଙ୍କ ପୂଜା ପାଉଛନ୍ତି ମା ମାଉଳି। ଗତ ଶନିବାର ଦିନ ଯାତ୍ରା ଆରମ୍ଭ ହୋଇଥିଲା। ଗତକାଲି ଦିନ ତମାମ ମାଣ୍ଡିଆଭଟା ଠାରେ ଥିବା ଆସ୍ଥାୟୀ ମଣ୍ଡପରେ ପୂଜା ପାଇଥିଲେ। ଦିନ ସାରା ବହୁ ଦୂର ଦୁରାନ୍ତରରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଆଖପାଖ ଗ୍ରାମ ଗୁଡିକରେ ପୂଜା ପାଉଥିବା ଗ୍ରାମ ଦେବୀଦେବତା ମାନେ ମଧ୍ୟ ଆସି ଏହି ଯାତ୍ରାରେ ଭକ୍ତଙ୍କ ଠାରୁ ପୂଜା ପାଇଥିଲେ। ଏହି ଯାତ୍ରା ଦୁଇବର୍ଷରେ ଥରେ ହେଉଥିବା କାରଣରୁ ଜିଲ୍ଲା ସମେତ ଜିଲ୍ଲା ବାହାର ଏବଂ ପଡୋଶୀ ରାଜ୍ୟରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ମାଙ୍କ ଆଶିଷ ପାଇବା ପାଇଁ ଧାଇଁ ଆସିଥାଆନ୍ତି। ଏହା ସହିତ ଭକ୍ତ ମାନଙ୍କ ମାନସିକ ପୂରଣ ହେଉଥିବା କାରଣରୁ ମାଙ୍କ ପ୍ରତି ଭକ୍ତଙ୍କ ଅଗାଡ ବିଶ୍ୱାସ ମଧ୍ୟ ରହିଛି। କାଲି ସନ୍ଧ୍ୟାରେ ମା’ ମାଣ୍ଡିଆ ଭଟା ଆସ୍ଥାୟି ମଣ୍ଡପରୁ ବାଜା, ବାଣ, ପାଟ ପଟୁଆର ସହ ଭକ୍ତଙ୍କ ଗହଣରେ ମା’ ନଗର ପରିକ୍ରମା କରି ସ୍ଥାନେ ସ୍ଥାନେ ପୂଜା ପାଇ ରାତ୍ରି ପ୍ରାୟ ୨ଟା ସମୟରେ ଗ୍ରାମ ଦେବି ମା ମାଉଳି ମନ୍ଦିର ପରିସରରେ ଥିବା ମାଙ୍କ ଆସ୍ଥାୟୀ ମଣ୍ଡପରେ ବିରାଜ ମାନ କରିଥିଲେ। କାଲି ରାତ୍ରିର ମାଙ୍କ ପାଟୁଆରାର ମୁଖ୍ୟ ଆକର୍ଷଣ ଥିଲା କୋରାପୁଟ ଜିଲ୍ଲା କୋରାପାଡ ଅଞ୍ଚଳରୁ କଳା ସଂକୃତିର ପ୍ରାୟ ୪୦ରୁ ଅଧିକ ବିଭିନ୍ନ ଦେବାଦେବୀଙ୍କ ମୁଖା ପିନ୍ଧା ପାଟୁଆର। ପାରମ୍ପରିକ ନୃତ୍ୟ ସହିତ ଲୋକ ବାଦ୍ୟ, ଆତସବାଜିରେ ପୁରା ଗାଁ ଦୁଲୁକି ଉଠୁଥିଲା। ଆଜି ଠାରୁ ଦୁଇଦିନ ଧରି ମା ଆସ୍ଥାୟୀ ମଣ୍ଡପରେ ବସି ଭକ୍ତଙ୍କୁ ଆଶୀଷ ପ୍ରଦାନ କରିବେ। ଆସନ୍ତା ବୁଧବାର ଦିନ ସକାଳେ ବିଭିନ୍ନ ଗ୍ରାମରୁ ଆସିଥିବା ମାଙ୍କ ପ୍ରତିମା ଲାଠି ପ୍ରତ୍ୟାବର୍ତ୍ତନ କରିବେ ନିଜ ନିଜ ମନ୍ଦିରକୁ। ଏହି ଯାତ୍ରାରେ ଜିଲ୍ଲା ବାହାରୁ ବହୁ ବ୍ୟବସାୟ ନିଜ ନିଜର ଉତ୍ପାଦିତ ସାମଗ୍ରୀ ସେଇ ବ୍ୟବସାୟୀ ମାନେ ଆସିଥାଆନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ମା’ଙ୍କ ଦର୍ଶନ ନିମନ୍ତେ ଆସିଥିବା ଭକ୍ତମାନେ ମିନା ବଜାରରେ ବୁଲା ସହିତ ବିଭିନ୍ନ ଦୋଳିର ମଧ୍ୟ ମଜା ନେଇଥାନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ମୂତୟନ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀମାନେ ମଧ୍ୟ ମୁତୟନ ରହିଥିଲେ। ଯାତ୍ରା କମିଟିର ସଦସ୍ୟ ମାନେ ବାହାରରୁ ଆସିଥିବା ଭକ୍ତ ମାନେ କିପରି ଭାବେ ମା’ଙ୍କ ଦର୍ଶନ କରିପାରିବେ ସେନେଇ ଭକ୍ତଙ୍କୁ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ରାତିରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମାନ କରାଯାଇଥିଲା।

ହାତରନ୍ଧା ଦେଶୀ ମଦ ଜବତ



ନବରଙ୍ଗପୁର,୨୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ନବରଙ୍ଗପୁର ଥାନା ଅର୍ନ୍ତଗତ ତାରାଗାଁ ଗ୍ରାମରେ ଚଢ଼ଉ କରି ନରସିଂ ଚାଲାଣ ନାମକ ଜଣେ ଯୁବକଙ୍କ ନିକଟରୁ ୨୦ ଲିଟର ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ଏହା ପରେ ନବରଙ୍ଗପୁର ଅବକାରୀ ଥାନା ପି ଆର ନଂ-୧୨୭/୨୦୨୫-୨୬ ଆଧାରରେ ଅଭିଯୁକ୍ତ ନରସିଂ ଚାଲାଣ ନାମରେ ଏକ ମାମଲା ରୁଜୁ କରି ନବରଙ୍ଗପୁର ଏସ୍‌ଡିଜେଏମ୍ ଅଦାଲତରେ ହଜାର କରାଯାଇଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି । ଏହି ଚଢ଼ଉରେ ଅବକାରୀ ବିଭାଗ ପକ୍ଷରୁ ରିସମା ସୁନା ଓ ଅକ୍ରମ ଖାନ ଉପସ୍ଥିତ ରହି ସହଯୋଗ କରିଥିଲେ ବୋଲି ସୂଚନା ଦେଇଛନ୍ତି ଅବକାରୀ ନିରୀକ୍ଷକ ଶ୍ରୀ ରଥ।

ଖଇରପୁଟ ବ୍ଲକ୍‌ରେ ଆରମ୍ଭ ହେଲା ସମ୍ପୂର୍ଣ୍ଣତା ଅଭିଯାନ



ଖଇରପୁଟ,୨୩।୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି କେନ୍ଦ୍ର ସରକାରଙ୍କ ବହୁ ପ୍ରତିକ୍ଷୀତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଯୋଜନା। ଆଜିର କାର୍ଯ୍ୟକ୍ରମକୁ ଖଇରପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ପ୍ରଶାସକ ଦାସରଥୀ ସରାବୁ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଘ୍ନରାଜ କିର୍ଷାନୀ , ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସାଂସଦ ପ୍ରତିନିଧି ସାନୁ ରଥ, ବିଧାୟକ ପ୍ରତିନିଧି ନିରଞ୍ଜନ ରାଜୁ, ନିତି ଆୟୋଗ ସଦସ୍ୟ ରାଜାରାମ ମଲ୍ଲିକ, ଶିଶୁ ବିକାଶ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦ୍ୱିପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ବନ୍ଦେ ମାତରଂ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ଗୀତକୁ ଅତି ସମ୍ମାନର ସହ ସମ୍ପୂର୍ଣ୍ଣ ଭାବେ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ସରାବୁ କହିଥିଲେ ଯେ ଏହା କେନ୍ଦ୍ର ସରକାରଙ୍କ ଏକ ବହୁ ଉପଯୋଗୀ ଓ ପ୍ରତିକ୍ଷୀତ ଯୋଜନା, ତାହା ହେଉଛି "ସମ୍ପୂର୍ଣ୍ଣତା ଅଭିଯାନ ୨.୦ । ଏହି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ପୁରା ଭାରତରେ ୫୦୦ ଗୋଟି ଆକାଂକ୍ଷୀ ବ୍ଲକରେ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ଶତ ପ୍ରତିଶତ ତ୍ୱରାନ୍ୱିତ ନିମନ୍ତେ ପ୍ରାଥମିକତା ଭିତ୍ତିରେ ହାତକୁ ନିଆଯାଇଛି। ଯେଉଁଥିରେ ବ୍ଲକର ବିଭିନ୍ନ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସୁଦ୍ଧ ପାନୀୟ ଜଳର ବ୍ୟବସ୍ଥା , ପଶୁ ସମ୍ପଦ ବିକାଶ, ପଞ୍ଚାୟତିରାଜ ବ୍ୟବସ୍ଥା, କୃଷି କ୍ଷେତ୍ର ସହ ଅନ୍ୟ ବିଭାଗୀୟ କାର୍ଯ୍ୟ ଓ ଯୋଜନା ଗୁଡ଼ିକର ସମ୍ପୁର୍ଣ୍ଣ ଶତ ପ୍ରତିଶତ ରୂପାୟନ ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଏହି ସମ୍ପୂର୍ଣ୍ଣତା ୨.୦ ମାଧ୍ୟମରେ ଚଳିତ ବର୍ଷ ଅକାଂକ୍ଷୀ ବ୍ଲକ ଗୁଡିକ ପାଇଁ ୬ ସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଛଅ ମାସ ଠାରୁ ଛଅ ବର୍ଷର ଶିଶୁ ସନ୍ତାନ ମାନଙ୍କୁ ଆଇସିଡିଏସ୍ ମାଧ୍ୟମରେ ଦିଆଯାଉଥିବା ଅତିରିକ୍ତ ପୋଷଣ ଆହାରର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ଶୌଚାଳୟ ର ପ୍ରତିଶତ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ବ୍ୟବହାର ଯୋଗ୍ୟ ସ୍ୱଚ୍ଛ ପିଇବା ପାଣିର ପ୍ରତିଶତ, ବିଦ୍ୟାଳୟ ପରିସରରେ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ସଂଖ୍ୟା ପ୍ରତିଶତ ରେ ଓ ଗୃହପାଳିତ ପଶୁମାନଙ୍କ ଠାରେ ହେଉଥିବା ଫାଟୁଆ ରୋଗ ନିରାକରଣ ଓ ଏହାର ଟିକାକରଣ ର ପ୍ରତିଶତ କେତେ ଦର୍ଶାଇବା ପାଇଁ ତିନି ବିଭାଗ ଯଥା ମାତୃତ୍ୱ ଓ ଶିଶୁ ବିକାଶ, ଶିକ୍ଷା ବିଭାଗ ଓ ପଶୁସମ୍ପଦ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା କହିଥିଲେ। ପରିଶେଷରେ ସମସ୍ତ ଅତିଥି ମାନେ ଏହି ଅଭିଯାନ ଉଦ୍ଦେଶ୍ୟକୁ ପ୍ରଦର୍ଶନୀ ମାଧ୍ୟମରେ ସାର୍ଥକ କରୁଥିବା ବିଭିନ୍ନ ଷ୍ଟଲ ଗୁଡିକୁ ବୁଲିଥିଲେ। କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଯାହାର ଶବ୍ଦ ଓ ମଞ୍ଚ ସଞ୍ଚାଳନ ଓଏଲଏମ୍ କର୍ମଚାରୀ ଚିନ୍ମୟ କୁମାର ସିଂ ଓ ଲିଙ୍ଗରାଜ ପାଣିଗ୍ରାହୀ ଦ୍ୱୟ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଡିଓ ଶ୍ରୀମତୀ ମହାନ୍ତି ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଦେବା ସହ ଏହି ସମ୍ପୂର୍ଣ୍ଣତା ଅଭିଯାନକୁ ସଫଳ ଓ ସାକାର କରିବା ଲକ୍ଷ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଆମ୍ବୁଲାନ୍ସ ଧକ୍କାରେ ବାଇକ୍ ଆରୋହୀ ମୃତ

ବିଷମକଟକ,୨୩।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ କୁମ୍ଭାର ଡାମୁଣୀ ପଞ୍ଚାୟତର ମୀନାହଲା ଗ୍ରାମ ନିକଟର ୪୬ ନମ୍ବର ରାଜ୍ୟରାଜପଥ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ଗୁଣୁପୁର ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀ ପୀତବାସ ରାଜୁ । ଆଜି ଅପରାହ୍ନ ସମୟରେ ପୀତବାସ ଧାନମଣ୍ଡିର କାର୍ଯ୍ୟ ସାରି ନିଜ ଘର ଗୁଣୁପୁରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଘରେଇ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ପୀତବାସ ରାଜୁ ଗୁରୁତର ହୋଇ ରାସ୍ତା ଉପରେ ପଡି ରହିଥିଲା। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ବିଷମ କଟକ ପୁଲିସ ଘଟଣା ସ୍ଥଳ ଓ ମେଡିକାଲ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଜବତ କରିଛି। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ବିଷମକଟକ ଥାନା ଅଧିକାରୀ ସମର୍ପିତ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରୀତବାସଙ୍କ ମୃତ୍ୟୁ ଖବର ପାଇବା ପରେ ନିୟନ୍ତ୍ରଣ ବଜାର କମିଟିର ଅଧ୍ୟକ୍ଷ ତଥା ଗୁଣୁପୁର ଉପ ଜିଲ୍ଲାପାଳ ଅଭିଷେକ ଦିଲିପ ଦୁଦାଲଙ୍କ ସମେତ ନିୟନ୍ତ୍ରଣ ବଜାର କମିଟିର ସମସ୍ତ କର୍ମଚାରୀ ମାନେ ମେଡିକାଲ ପହଞ୍ଚିଥିଲେ। ପୀତବାସ ରାଜୁଙ୍କ ମୃତ୍ୟୁ ଖବର ଗୁଣୁପୁରରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ବର୍ଜ୍ୟବସ୍ତୁ ପୃଥକୀକରଣ ସଚେତନତା ଅଭିଯାନ



ରାୟଗଡ଼ା,୨୩।୨(ସମିସ): ରାୟଗଡ଼ା ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ ନେଇ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୌରପରିଷଦର ୧୬ ନମ୍ବର ୱାର୍ଡ ସ୍ଥିତ ଇନ୍ଦିରା ନଗର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ପୌର ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ଜୁନିୟର ସାନିଟେସନ ଏକ୍ସପର୍ଟ ଏବଂ ସ୍ଥାନୀୟ ୱାର୍ଡ କାଉନସିଲରମାନେ ଯୋଗ ଦେଇ ଏହାକୁ ସଫଳ କରିଥିଲେ। ଅଧିକାରୀମାନେ ଘରକୁ ଘର ବୁଲି ଲୋକମାନଙ୍କୁ ଓଦା, ଅଳିଆ ଏବଂ ଶୁଖିଲା ଅଳିଆକୁ ଅଲଗା କରି ରଖିବା ପାଇଁ ବୁଝାଇଥିଲେ। ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ସହରବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, କେହି ବି ରାସ୍ତା କଡ଼ରେ କିମ୍ବା ବାହାରେ ଅଳିଆ ଆବର୍ଜନା ଫିଙ୍ଗନ୍ତୁ ନାହିଁ। ଯଦି କେହି ଏହାର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ଉପରେ କଠୋର ଜରିମାନା ଲାଗୁ କରାଯିବ। କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ବର୍ଜ୍ୟବସ୍ତୁ ପୃଥକୀକରଣ ଉପରେ ଗୁରୁତ୍ୱ ଦେବା ସହ ନିଜ ପାରିପାର୍ଶ୍ୱିକ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।ସ ହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ଅନ୍ୟ ସମସ୍ତ ୱାର୍ଡରେ ଏହି ଅଭିଯାନକୁ ଜାରି ରଖାଯିବ ବୋଲି ସୂଚନା ଦିଆଯାଇଛି।

ଉଦୁଲିବେଡା ଗ୍ରାମପଞ୍ଚାୟତରେ ସାମାଜିକ ସୁରକ୍ଷା ଭତ୍ତା ଶିବିର



ମାଥିଲି,୨୩।୨ (ସମିସ): ମାଲକାନଗିରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ମାଥିଲି ପଞ୍ଚାୟତ ସମିତି ଅଧୀନ ଉଦୁଲିବେଡା ଗ୍ରାମପଞ୍ଚାୟତ ଗୃହ ଠାରେ ମାଥିଲି ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ଭତ୍ତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୫୧ରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ବାର୍ଦ୍ଧକ୍ୟ ବିଧବା ତଥା ବିକଳାଙ୍ଗ ପେନସନ ଯୋଜନାରେ ସାମିଲ କରାଯାଇଥିଲା।ଶିବିରରେ ମୁଖ୍ୟ ଅତିଥି ଭାବେ ଉଦୁଲିବେଡା ଗ୍ରାମପଞ୍ଚାୟତର ସରପଞ୍ଚ ଦେବାନନ୍ଦ ଖିଲ ଓ ସମିତି ସଦସ୍ୟ ରାମେଶ୍ୱର ରାଓ ଯୋଗ ଦେଇଥିଲେ। ମାଥିଲି ବ୍ଲକ ତରଫରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଉପସ୍ଥିତ ଥିଲେ। ଏହି ଶିବିରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରିବା ସଙ୍ଗେ ସଙ୍ଗେ କିପରି ଯୋଗ୍ୟ ହିତାଧିକାରୀ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ନ ହେବେ ସେଥିପାଇଁ ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।


ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଚିତ୍ରକୋଣ୍ଡା,୨୩।୨(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ଗ୍ରାମପଞ୍ଚାୟତଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୭୮ଟି ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଥିଲା। ବିଭିନ୍ନ ଯୋଜନାର ସେବା ଯୋଗାଇ ଦେବା ପାଇଁ ଶିବିରରେ କ୍ୟାମ୍ପ ସ୍ଥାପନ କରାଯାଇଥିଲା। ହିତାଧିକାରୀଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ କାର୍ଡ ଗୁଡ଼ିକର ନବୀକରଣ କରାଯାଇଥିଲା। ସାମାଜିକ ସୁରକ୍ଷା ପେନସନ ଯୋଜନା ଅଧୀନରେ ନୂତନ ପେନସନ ନିମନ୍ତେ ପଞ୍ଜୀକରଣ କରାଯାଇଥିଲା। ସେହିପରି ହେଲ୍‌ଥ କ୍ୟାମ୍ପ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

ତଦନ୍ତ ପାଇଁ ଦାବିପତ୍ର ଦେଲା ଭାରତୀୟ ସନାତନୀ ପରିବାର



ମାଲକାନଗିରି, ୨୩।୨(ସମିସ): ମାଲକାନଗିରି ଜିଲ୍ଲାରେ ଅବୈଧ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ତଦନ୍ତ କରିବା ପାଇଁ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛି ଭାରତୀୟ ସନାତନୀ ପରିବାର ଜିଲ୍ଲା ଶାଖା। ଦାବିପତ୍ର ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କିଛି ଅନୁପ୍ରବେଶକାରୀ ବେଆଇନ ଭାବେ ବସବାସ କରିବା ସହ ବ୍ୟବସାୟ ନାମରେ ସ୍ଥାୟୀ ଭାବେ ରହୁଥିବା ସୂଚନା ମିଳିଛି। ନାଗରିକତା ଓ ବୈଧ ଦଲିଲ ଆଦି ସମସ୍ତ ତଥ୍ୟ ସନ୍ଦେହଜନକ ବୋଲି ସାଧାରଣ ଜନତାଙ୍କ ମଧ୍ୟରେ ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି। ସେମାନଙ୍କ ମଧ୍ୟରୁ ଅନେକ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ହୋଇଥିବା ବେଳେ ପ୍ରଥମେ ଭଡ଼ାଘରେ, ପରେ ନିଜସ୍ୱ ଘର ତିଆରି କରି ରହୁଛନ୍ତି। ଆବଶ୍ୟକ ସ୍ଥଳେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରି ସ୍ଥାୟୀ ବାସିନ୍ଦା ଭାବେ ନିଜକୁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ପରିଚୟ ଦେଇ ଲାଭ ଉଠାଉଛନ୍ତି। ଆମ ଜିଲ୍ଲାରେ ନିରୀହ, ସରଳ ଓ ଉଦାର ହୃଦୟ ଯୁକ୍ତ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିର ଭାଇଭଉଣୀ ମାନଙ୍କୁ ଏହି ବ୍ୟକ୍ତି ବିଶେଷ ମାନେ ଶୋଷଣ କରୁଛନ୍ତି। ସେମାନେ କମ୍ ଦରରେ, ନକ୍ସଲ ଓ ଅବୈଧ ଜିନିଷ ବିକ୍ରିକରି ସ୍ଥାନୀୟ ଲୋକଙ୍କ ସହ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଆୟକର ଫାଙ୍କି ଠକାମି କରୁଛନ୍ତି। ଏହାସହ ସେମାନଙ୍କ ଯୋଗୁଁ, ସ୍ଥାନୀୟ ସ୍ୱୀକୃତପ୍ରାପ୍ତ ଓ ପଞ୍ଜିକୃତ ବ୍ୟବସାୟୀଙ୍କ ବ୍ୟବସାୟକୁ ମଧ୍ୟ କ୍ଷତି ହେଉଛି।ତେଣୁ ସରକାରୀ ନିୟମ ଅନୁଯାୟୀ ଯଦି କେହି ଅନୁପ୍ରବେଶକାରୀ ମାଲକାନଗିରି ଥାନା ଅଞ୍ଚଳରେ ରହିଛନ୍ତି। ତେବେ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ସନାତନୀ ପରିବାର ଜିଲ୍ଲା ଶାଖାର ସଭାପତି ବାଲାଜି ପାଡାଲ, ସଦସ୍ୟ କ୍ରୀଷ୍ଣା ପାଲ, ଶ୍ରୀନିବାସ ପାତ୍ର, ଜଗନ୍ନାଥ ବସୁ, ଅଭିଜିତ ବନିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

‘ଆମେ ପଢ଼ିବା ଆମ ଭାଷାରେ’ ଜିଲ୍ଲାସ୍ତରୀୟ କର୍ମଶାଳା



ନବରଙ୍ଗପୁର, ୨୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ "ଆମେ ପଢ଼ିବା ଆମ ଭାଷାରେ’ ଏକ ଦିବସୀୟ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଡିଏସଡବ୍ଲୁଓ ଦ୍ରୌପଦୀ କହଁର, ଡିଆଇଇଟି ଅଧ୍ୟକ୍ଷ ଓଁକାର ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା , ବିଡିଓ ମନୋଜ ମେହେର, ପିରା ମଲ୍ ଫାଉଣ୍ଡେସନ ଅଧିକାରୀ ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପ କଥନ, ଶିକ୍ଷାଦାନ,"ନୂଆ ଅରୁଣିମା" ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃରୂପାୟନ,ଅଙ୍ଗନବାଡି କର୍ମୀଙ୍କ ଏହି ଶିକ୍ଷାଦାନ ଉପରେ ତାଲିମ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ନିଜ ଭାଷାରେ ଶିଶୁମାନେ ଖେଳ, କାହାଣୀ, ଗୀତ ଓ କଥୋପକଥନ ମାଧ୍ୟମରେ ଶିକ୍ଷାର ପ୍ରଥମ ସୋପାନରେ ଅନ୍ତର୍ଭୁକ୍ତ ହେବେ। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ୩୦ଟି ଅଙ୍ଗନବାଡି କେନ୍ଦ୍ରରେ ସ୍ଥାନୀୟ ଗୋଣ୍ଡି ଭାଷାରେ ୩ରୁ ୬ ବର୍ଷ ବୟସ ଶିଶୁମାନଙ୍କୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରାଯିବ।

ଭେଡେନରେ ଯୁଗ୍ମଅଭିଯୋଗ ଶୁଣାଣି



ଭେଡେନ, ୨୩।୨(ସମିସ): ଭେଡେନ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବ୍ଲକର ବିଭିନ୍ନ ଗାଁରୁ ୧୩ଟି ସାମୂହିକ ଓ ୨୩୧ଟି ବ୍ୟକ୍ତିଗତ ମୋଟ ୨୪୪ଟି ଅଭିଯୋଗ ଗୁଡିକର ଜନଶୁଣାଣି କରି ସମସ୍ୟାର ଅତିଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସହିତ ସିଡିଓ ଲଲାଟ ଲୁହା, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରଗଡ଼ ଏସପି ପ୍ରହ୍ଲାଦ ଏସ ମିନା, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ସିଡିଏମଓ ଡାକୁବେର ଚନ୍ଦ୍ର ମହନ୍ତଙ୍କ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, କୃଷି, ଜଙ୍ଗଲ, ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ, ଅବକାରୀ ବିଭାଗ, ପଶୁ ଉନ୍ନୟନ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହାସହ ବରଗଡ଼ ଜିଲ୍ଲା ସାମଜିକ ସୁରକ୍ଷା ଅଧିକାରୀ ତାହୀର ହୁସେନ, ଭେଡେନ ବିଡିଓ କର୍ଣ୍ଣ ସୁନା, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ବିଏସଏସଓ ଚକ୍ରପାଣି ଦାଶଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅନୁଷ୍ଠିତ ଜନଶୁଣାଣିରେ ସାମୂହିକ ସମସ୍ୟା ସମେତ, ଜଳ ଯୋଗଣ, ଉଠା ଜଳ ସେଚନ, ରାସନ କାର୍ଡ, ରାସ୍ତା ନିର୍ମାଣ, ଭତ୍ତା ସମ୍ବନ୍ଧରେ ଶୁଣାଣି ହୋଇଥିଲା।

ଠିକାଦାର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାହାର ଠିକାଦାରଙ୍କୁ ବିରୋଧ

ପଦ୍ମପୁର, ୨୩।୨(ସମିସ)



ପଦ୍ମପୁର ସ୍ଥିତ ଡାକବଙ୍ଗଳାରେ ବୋଡାସମ୍ବର ଠିକାଦାର ସଂଘର ବରିଷ୍ଠ ତଥା କାର୍ଯ୍ୟକାରୀ କମିଟିର ସଦସ୍ୟ ମାନଙ୍କୁ ନେଇ ବୈଠକ ସଂଘର ଉପସଭାପତି ଦିନେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୋଡାସମ୍ବର ଠିକାଦାର ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଗତ ୨୦ ତାରିଖରେ ହୋଇଥିବା ଓଡ଼ିଶା ମିଳିତ ଠିକାଦାର ମହାସଂଘର ଆନ୍ଦୋଳନର ଦାବିକୁ ସଂଘ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛି ବୋଲି ଦର୍ଶାଇଥିଲେ। ସମସ୍ତେ ସ୍ୱାର୍ଥର ଉର୍ଦ୍ଧ୍ୱରେ ସଂଗଠିତ ହୋଇ ନିର୍ମାଣ ଦିଗରେ କାମ କରିଲେ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବା ବୋଲି ମତ ପ୍ରକାଶ ପାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ସଂଘର ପଦ୍ମପୁର, ପାଇକମାଲ ଓ ଝାରବନ୍ଧ ଅଞ୍ଚଳର ଠିକାଦାର ମାନେ ନିଜ ମଧ୍ୟରେ ସମନ୍ୱୟରଖି ଉନ୍ନତ ମାନର କାମ କରିବାକୁ ଅନୁରୋଧ କରିଛନ୍ତି। ସଂଘର ସମ୍ପାଦକ ଧରମ ପାଢ଼ୀ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ଜାରି ହୋଇଥିବା ଜାନୁଆରୀ ୩ର ସର୍କୁଲାର ରଦ୍ଦ କରିବାକୁ ସମସ୍ତ ଠିକାଦାର ଆହ୍ୱାନ ଦେଇଥିଲେ। ନୂତନ ସର୍କୁଲାର ଅନୁଯାୟୀ ଠିକାଦାର ମାନେ ୪୦/୫୦ ପ୍ରତିଶତ କମ ଦରରେ କାମ ହାତେଇବା ପାଇଁ ଚେଷ୍ଟାରୁ ବିରତ ରୁହନ୍ତୁ ଏବଂ ବିଭାଗୀୟ ଟେଣ୍ଡର ଚୂଡାନ୍ତ ଅଧିକାରୀ ଗଣ ଏହିଭଳି କମ ଦରରେ ଟେଣ୍ଡର ଗୁଡିକୁ ମଞ୍ଜୁରୀ ଦିଅନ୍ତୁ

ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ ଦାବି

ନାହିଁ ବୋଲି ନିବେଦନ କରିଛନ୍ତି। ଯଦି ନିର୍ମାଣ ବିଭାଗର ସରକାରୀ କର୍ତ୍ତୃପକ୍ଷ ୪୦/୫୦ ପ୍ରତିଶତ କାଟିଥିବା ଠିକାଦାର ମାନଙ୍କୁ କାମ କରିବାକୁ ମଞ୍ଜୁରୀ ଦେବେ, ତା ହେଲେ ଆମ ଅଞ୍ଚଳର ଗୁଣାତ୍ମକ କାମଗୁଡିକ ନିଶ୍ଚିତ ଭାବେ ନିମ୍ନ ମାନର ହେବ ବୋଲି ସମ୍ପାଦକ ଧରମ ପାଢ଼ୀ ଆଶଙ୍କା ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ପଡୋଶୀ ଜିଲ୍ଲାର ସଂଗଠନର ନୀତିକୁ ଅବଲମ୍ବନ କରି ଆମେ ମଧ୍ୟ ଆମ ନିର୍ବାଚନ ମଣ୍ଡଳୀର ସଂଘର ଠିକାଦାର ମାନଙ୍କ ଭିତରେ ଏକତା ଏବଂ ସମନ୍ୱୟ ରଖିବାକୁ ସେ ଦୋହାରାଇ ଥିଲେ। ଆମ ଠିକାଦାର ମାନେ ବାହାର ଅଞ୍ଚଳରେ ଟେଣ୍ଡର ନ ପକାଇବାକୁ ଏବଂ ଅନ୍ୟ ଅଞ୍ଚଳର ଠିକାଦାର ଆମ ନିର୍ବାଚନ ମଣ୍ଡଳୀ ତଥା ଏନ୍‌ଏସି ଟେଣ୍ଡରରେ ଭାଗ ନନେବାକୁ ଉପସ୍ଥିତ ଠିକାଦାର ମାନଙ୍କ ତରଫରୁ ସମ୍ପାଦକ ଧରମ ପାଢ଼ୀ ଅନୁରୋଧ କରଛନ୍ତି। ସର୍ବସମ୍ମତି କ୍ରମେ ଆଗାମୀ ଟେଣ୍ଡର ଗୁଡିକ ନିଜ ଭିତରେ ପ୍ରତିଯୋଗିତା ନକରି ସର୍ବନିମ୍ନ ପ୍ରତିଶତ ଦରରେ ଟେଣ୍ଡର ପକାଇ ଗୁଣାତ୍ମକ କାମ କରି ଲାଭବାନ ହୋଇପାରିବା ବୋଲି ନିଷ୍ପତ୍ତି ହୋଇଥିଲା। ବୋଡାସମ୍ବର ଠିକାଦାର ସଂଘର ଆଗାମୀ ସାଧାରଣ ବୈଠକ ଆଗାମୀ ମାସରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସଂଘର ଉପସଭାପତି ଶୁଶାନ୍ତ ନାଗ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ନନ୍ଦ କିଶୋର ଶ୍ରୀବାସ୍ତବ, ଇକ୍ବାଲ୍ ଅହମ୍ମଦ, ଆଶୁତୋଷ ସାହୁ, ଲକି ପଣ୍ଡା, ସୁରେଶ ଅଗ୍ରୱାଲ, ଚନ୍ଦନ ବଂସଲ, ବିନୟ ଶର୍ମା, ଅଭିଜିତ ପତି, ରାଜୁ ସାହୁ, ଗୋପାଳ ମିଶ୍ର, ବିକାଶ ମିଶ୍ର, ଡମ୍ବୁ ମେହେର, ସନ୍ତୋଷ ବହିଦାର, କୁନାଲ ସିଂ ବରିହା, ସନାତନ ସାହୁ, ରୋହିତ ଅଗ୍ରୱାଲ, ଗାଦି ପଟ୍ଟନାୟକ, ପ୍ରକାଶ ସାହୁ, ସମାରୁ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ





ବରପାଲି, ୨୩।୨(ସମିସ): ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ତରଙ୍ଗ' ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଯତୀନ୍ଦ୍ର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ଏମସିଏଲ ଉପଦେଷ୍ଟା ସୁକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶ୍ୱର ଶତପଥୀ, ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡି ସଭାପତି ସତ୍ୟନାରାୟଣ ଦାଶ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ହଲଧର ନାଗ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପରିଣିତା ପଧାନ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅଧ୍ୟାପକ ଯତୀନ୍ଦ୍ର ସାହୁ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ବାର୍ଷିକ ବିବରଣୀ ପଠନ କରିଥିଲେ ଏବଂ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁଧାଂଶୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ କଳାକାର ମାନଙ୍କ ଦ୍ୱାରା ଫଟୋ ଗ୍ୟାଲେରୀ ପ୍ରଦର୍ଶନ ହୋଇଥିଲା। ମହାବିଦ୍ୟାଳୟ ୱାଲ୍ ମାଗାଜିନ୍ ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟେ ପ୍ରଥମ ଥିବା ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ଅମିତ୍ ପ୍ରଧାନଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀ ମାନେ 'ବିନମୁଲିଆ ଲହ' ନାଟକ ପରିବେଷଣ କରିଥିଲେ। ଛାତ୍ରୀ ମିଷ୍ଟିନା ପଧାନ, ଶ୍ରାବଣୀ, ଗୌରୀ ମେହେରଙ୍କ ସମେତ ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ସସ୍ମିତା ମେହେର, ପୁନମ ସାହୁ, ଶୋଭାବତୀ ଥପା, ଯାଜ୍ଞସେନୀ ପଟେଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଲୋକନାଥ ମେହେର, ସୁଧୀର ପଣ୍ଡା ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼, ୨୩।୨(ସମିସ): ବରଗଡ଼ର ଅଗ୍ରଗାମୀ ଯୁବକ ସଂଘ ଠାରେ ଜିଲ୍ଲା ସମାଜସେବୀ ସଂଘର ସଦସ୍ୟ, ଉପଦେଷ୍ଟା, ବରଗଡ଼ର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ସଦସ୍ୟ ଓ ସଦସ୍ୟା ତଥା ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଆଜ୍ଞା ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହିତ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସଂଘର ଅନନ୍ତ ପ୍ରଧାନ ସ୍ୱାଗତ ଜଣାଇଥିଲେ। ସଂଘର ସଭାପତି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଧୁମଧାମରେ ପାଳନ କରାଯିବାକୁ ପ୍ରସ୍ତୁତ ହେବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବରଗଡ଼ର ୧୨ଟି ବ୍ଲକର ଲୁକାୟିତ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବରଗଡ଼ର ଇତିହାସକୁ ନେଇ ବିଭିନ୍ନ ପ୍ରତିଯୋଗତା ଆୟୋଜନର ପ୍ରସ୍ତାବ ରଖାଯାଇଥିଲା। ଉତ୍ସବକୁ ଜିଲ୍ଲାର କଳାକାର ମାନଙ୍କ ମହାମିଳରେ ପରିଣତ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ବରଗଡ଼ବାସୀ ଏକତ୍ରିତ ହୋଇ ବରଗଡ଼ ଇତିହାସକୁ ମନେ ପକେଇବା, ଜିଲ୍ଲା ପାଇଁ ଗୌରବ ଅର୍ଜିଥିବା ବ୍ୟକ୍ତି ମାନଙ୍କୁ ମଞ୍ଚରୁ ସମ୍ବର୍ଦ୍ଧିତ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଅଭିଭାବକ ସଂଘର ସଭାପତି ବିମଳ ଦାଶ, ସମାଜସେବୀ ନିମାଇ ମହାପାତ୍ର, ସମାଜସେବୀ ପ୍ରିତମ ସିଂ, ବିଜେପିର ବରିଷ୍ଠ ସଦସ୍ୟ ଅକ୍ରୁର ମଲ୍ଲିକ, କୋଶଲ ସେନାର କୋଶଲ ସଂଗ୍ରାମୀ ବିରବଲ ମହାକୁର, ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଓ ହାଇକୋର୍ଟ ଆଡଭୋକେଟ ହୀରାରାମ ଭୋଇ, ବଜରଙ୍ଗ ଦଳର



ସଭାପତି ସଞ୍ଜୀବ ମେହେର, ଡ. ଆମ୍ବେଦକର ଯୁବକ ସଂଘର ସଭାପତି ଜଗଦଳା, କାଉନସିଲର ଜ୍ୟୋସ୍ନା ପାଇକ ଓ ପ୍ରିୟା ତାଣ୍ଡି, ମହିଳା ସମିତିର ସଦସ୍ୟା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ଆସିଥିବା ବିଭିନ୍ନ ସଦସ୍ୟ, ସଂଘର ମୋହନଲାଲ ଅଗ୍ରୱାଲ, ରାଜେଶ ଶର୍ମା, ମନୋଜ ବାଗ, ପ୍ରବେଶରୟ, ନାରାୟଣ ସିଂ, ଶିବ ଲୁହା, କୀର୍ତ୍ତି ମହାନନ୍ଦ, ହରମିତ ସିଂ, ହର୍ଷ ସାହୁ, ନୂତନ ସିଂ, ସାମ୍ବାଦିକ ପ୍ରବୀଣ ସାହୁ, ସୌମ୍ୟ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

ଖରମୁଣ୍ଡା ପିପିସି ଧାନ କ୍ରୟ ଜାଲିଆତି, ୨ କର୍ମଚାରୀ ନିଲମ୍ବିତ

ବରଗଡ଼, ୨୩।୨(ସମିସ): ଜିଲ୍ଲାର ବିଜେପୁର ବ୍ଲକ ବଡବାଉସେନ ପାକ୍ସ ଅଧୀନ ଖରମୁଣ୍ଡା ପିପିସିରେ ଧାନ କ୍ରୟ ପ୍ରକ୍ରିୟାରେ ଦୁର୍ନୀତି ତଥ୍ୟ ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିଛି। ବଡ ବାଉସେନ ପାକ୍ସର ଡିଇଓ ରଞ୍ଜନ ସାହୁ ଓ ଖରମୁଣ୍ଡା ମାର୍କେଟ ଇନ୍‌ଚାର୍ଜ ମିନକେତନ ସାହୁଙ୍କୁ ନିଲମ୍ବିନ କରାଯାଇଛି। ଏହାସହ ପାକ୍ସ ସମ୍ପାଦକ ଦୀପକ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଗୋଟିଏ ଟ୍ରାକ୍ଟର ୫ ମିନିଟ୍‌ରେ ୨୮ କିଲୋମିଟର ଦୂରତା ଅତିକ୍ରମ କରିଥିବା ଦର୍ଶାଯାଇଥିଲା। ଏହାସହ ଏକ ଗାଡି ନମ୍ବରରେ ୨ଟି ଟ୍ରାନଜିଟ ପାସ ଜାରି ହୋଇଥିବା ଓ ସମୟ ମାର୍ଜିନ୍‌ରେ ଅସମତା ଦେଖା ଦେଇଥିଲା। ଫଳରେ ଧାନ କ୍ରୟ ପ୍ରଣାଳୀର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା। ପାକ୍ସ ପକ୍ଷରୁ ଏହାକୁ 'ସର୍ଭର ତ୍ରୁଟି' ବୋଲି କୁହାଯାଇ ଥିଲା। ହେଲେ କୃଷକ ମହଲ ଏହି ଘଟଣାକୁ ସହଜ ଭାବେ ଗ୍ରହଣ କରି ନଥିଲେ। ଚାଷୀ ନେତା ରମେଶ ମହାପାତ୍ର ଅନ୍ୟ ମଣ୍ଡି ମାନଙ୍କ ଏଣ୍ଟ୍ରି ଯାଞ୍ଚ ପାଇଁ ଦାବି କରିଥିଲେ। ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ ପାଇଁ ୬ ଜଣିଆ କମିଟି ଗଠନ କରିଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଆଧାରରେ ଏସଆରସିଏସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ୨ ଜଣ ପାକ୍ସ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ସହ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ଜାଲ ପଞ୍ଜୀକରଣ ମାଧ୍ୟମରେ ଅନିୟମିତତା ସାବ୍ୟସ୍ତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ଧାନ କିଣାବିକାରେ କୌଣସି ପ୍ରକାରର ଜାଲିଆତି କିମ୍ବା ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଆଗାମୀ ଦିନରେ ଏପରି ଅଭିଯୋଗ ଆସିଲେ ଅଧିକ କଡା ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି।

ମହିଳା ବୁଣାକାରଙ୍କ ପାଇଁ କ୍ଷମତା ବିକାଶ କର୍ମଶାଳା ଉଦ୍‌ଘାଟିତ

ବରଗଡ଼, ୨୩।୨(ସମିସ): ବରଗଡ଼ ହୋଟେଲ ଟୁଲିରେ ସୋମବାର ୩୦ ଜଣ ମହିଳା ବୁଣାକାର ମାନଙ୍କ ପାଇଁ ୪ଦିନିଆ କ୍ଷମତା ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହିଳା ବୁଣାକାରଙ୍କ ମଧ୍ୟରେ, ଆତ୍ମବିଶ୍ୱାସ, ନେତୃତ୍ୱ, କୌଶଳ, ସୃଜନଶୀଳତା, ଉଦ୍ୟମିତା ଓ କ୍ଷମତାକୁ ବୃଦ୍ଧି କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମକୁ ମିଳିତ ଜାତିସଂଘର ମହିଳା ସଶକ୍ତିକରଣ ବିଭାଗ ବା ବିକାଶ ଆୟୁକ୍ତ (ହ୍ୟାଣ୍ଡଲୁମ୍) ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଣାଳୟ ଏବଂ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ ବରଗଡ଼ଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ବ୍ରିଜେଶ ଅବସ୍ଥି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ୟୁଏନ୍ ଟ୍ରେନର ଶିରିନ କୌର ଓ ଓଡ଼ିଶା ସରକାରଙ୍କ ଉପ ନିର୍ଦ୍ଦେଶକ (ହ୍ୟାଣ୍ଡଲୁମ୍) ଦେବୋଜିତ୍ ନନ୍ଦୀ ଉପସ୍ଥିତ ଥିଲେ। ସନ୍ଥ କବୀର ପୁରସ୍କାର ବିଜେତା ସୁରେନ୍ଦ୍ର ମେହେର ଓ ରାମକୃଷ୍ଣ ମେହର, ଆଇଆଇଏଚଟି ବରଗଡ଼ର ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର, ଯାଦବ ଓ ଧର୍ମେନ୍ଦ୍ର, ଡେପୁଟି ନିର୍ଦ୍ଦେଶକ ଦିଲୀପ ଦାଶ, ଅରବିନ୍ଦ, ସାମନ୍ତ ଭୋଇ, ଅଧ୍ୟାପକ ତଥା କଳାକାର ରାଜେନ୍ଦ୍ର ସିକନ୍ଦର, ଜାତୀୟ ପୁରସ୍କାର ବିଜେତା ଶାନ୍ତିଲତା ମେହେର ଓ ସୁକାନ୍ତି ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେବୋଜିତ୍ ନନ୍ଦୀ ବରଗଡ଼ ଦେଶର ଏକମାତ୍ର ଜିଲ୍ଲା ଯେଉଁ ଠାରେ



ହ୍ୟାଣ୍ଡଲୁମ୍ କ୍ଷେତ୍ରରେ ସର୍ବାଧିକ ବୃଦ୍ଧି ହାର ଦେଖାଯାଇଛି ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ମହିଳା ମାନଙ୍କୁ ଉଦ୍ୟମିତା ଓ ବିପଣନ ସୁଯୋଗକୁ ଅନ୍ୱେଷଣ କରିବାରେ ସଶକ୍ତ କରିବ ବୋଲି ନିର୍ଦ୍ଦେଶକ ବ୍ରିଜେଶ ଅବସ୍ଥି ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ମହିଳା ବୁଣାକାର ମାନଙ୍କୁ ସମର୍ଥନ ଓ ସବୁ ପ୍ରକାର ସାହାଯ୍ୟ ଦେବାକୁ ସଂକଳ୍ପ ନେଇଥିଲେ।

ଫାଲ୍‌ଗୁନ ଦଶମୀରେ ଶ୍ୟାମ ପ୍ରଭୁଙ୍କ ଜାଗରଣ ଉତ୍ସବ

ବରଗଡ଼, ୨୩।୨(ସମିସ): ଫାଲ୍ଗୁନ ଦଶମୀ ଅବସରରେ ବରଗଡ଼ ସହରର ବାଦୁଟିକ୍ରା ଛକ ସ୍ଥିତ ସ୍ୱଂସିଦ୍ଧ ଭବନରେ ଶ୍ରୀ ଶ୍ୟାମ ପରିବାର ପକ୍ଷରୁ ଭବ୍ୟ ଶ୍ରୀ ଶ୍ୟାମ ଫାଗୁନ୍ ମହୋତ୍ସବ ଓ ଜାଗରଣ ଆୟୋଜିତ ହେବ। ଶ୍ରୀ ଶ୍ୟାମ ପରିବାରର ଅଧ୍ୟକ୍ଷ କିଶନ ଲାଲ ଅଗ୍ରୱାଲ ଫାଲ୍ଗୁନ ଦଶମୀ ସନ୍ଧ୍ୟା ୬ରେ ବାବା ଶ୍ୟାମଙ୍କ ଶୃଙ୍ଗାର କରାଯିବ ଏବଂ ଯଜମାନଙ୍କ ଦ୍ୱାରା ବିଧିବତ ପୂଜାର୍ଚ୍ଚନା ସମ୍ପନ୍ନ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭାରତର ସୁପ୍ରସିଦ୍ଧ ଭଜନ ଗାୟକ ରତିକ ଗୁପ୍ତା (ଦିଲ୍ଲୀ), ଭାବନା ସ୍ୱରାଞ୍ଜଳି (ଦିଲ୍ଲୀ), ରାଜୀବ ପୁରୀ (ସମ୍ବଲପୁର), ସୁରେଶ ମୁନ୍ଦଡା (ସମ୍ବଲପୁର) ଏବଂ କୋଲକାତାର ଦିବ୍ୟ ଝାଙ୍କି ତାନିଆ ଆଣ୍ଡ ଗ୍ରୁପ ଦ୍ୱାରା ଭକ୍ତିରସ ପରିବେଷଣ ହେବ। ଫାଲ୍ଗୁନ ଏକାଦଶୀ ପ୍ରଭାତ ୩ଟାରେ କାର୍ଯ୍ୟକ୍ରମ ସ୍ଥଳରୁ ଭଟଲିଧାମ ପର୍ଯ୍ୟନ୍ତ ନିଶାନ ପଦଯାତ୍ରା ହେବ। ଯେଉଁ ଭକ୍ତମାନେ ବାବା ଶ୍ୟାମଙ୍କୁ ନିଶାନ ଅର୍ପଣ କରିବାକୁ ଚାହୁଁଛନ୍ତି ସେମାନେ ଶ୍ରୀ ଶ୍ୟାମ ପରିବାର, ବରଗଡ଼ ସହ ସମ୍ପର୍କ କରି ନିଶାନ କୂପନ ସଂଗ୍ରହ କରିପାରିବେ। କାର୍ଯ୍ୟକ୍ରମରେ ବାବା ଶ୍ୟାମଙ୍କୁ ଛପନ ଭୋଗ ଅର୍ପଣ କରାଯିବ। ସେହିପରି ସବାମଣି ପ୍ରସାଦ ଓ ଭକ୍ତମାନଙ୍କ ପାଇଁ ବିଶାଳ ଭଣ୍ଡାରାର ବ୍ୟବସ୍ଥା ରହିଛି। ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଶ୍ରୀବ୍ରାହ୍ମଣ ସାଂସ୍କୃତିକ ପରିଷଦରେ ରହିବା ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ରହିଛି।

ଦଧିବାମନ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଭଟଲି, ୨୩।୨(ସମିସ): ଦଧିବାମନ ସ୍ନାତକ ମହାବିଦ୍ୟାଳୟ ଭଟଲି ପରିସରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଅଧ୍ୟାପକ ରାଜୀବ ସାହୁ, ଆତ୍ମସୁରକ୍ଷା ତାଲିମର ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ନାଥ, ଆତ୍ମସୁରକ୍ଷା ତାଲିମଦାତା ଶିକ୍ଷିକା ବର୍ଷାରାଣୀ ମିଶ୍ର ଯୋଗ ଦେଇଥିଲେ। ମହିଳାମାନଙ୍କ ପାଇଁ ଆତ୍ମସୁରକ୍ଷାର କୌଶଳ ଜାଣିବା ନିହାତି ଦରକାର ବୋଲି ମତବ୍ୟକ୍ତ କରିଥିଲେ। ୮ ଦିନ ଧରି ହେବାକୁ ଥିବା ଶିବିରରେ ଶତାଧିକ ଛାତ୍ରୀ ଯୋଗ ଦେଇ ପ୍ରତ୍ୟହ ତାଲିମ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ରମାକାନ୍ତ ପଧାନ, ବେଦବ୍ୟାସ ପଧାନ, ସନ୍ତୋଷ ବାଗ, ରସାନନ୍ଦ ସାହୁ, ହରି ପଧାନ କିର୍ତ୍ତି ଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ।

ବ୍ଲକ୍‌ସ୍ତରୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ



ଅତାବିରା, ୨୩।୨(ସମିସ): ଗୋଡଭଗା ଜୁବଲି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଦିବସର ପ୍ରାରମ୍ଭରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ନୂତନ ଶିକ୍ଷା ନୀତି ୨୦୨୦କୁ ନେଇ ହୋଇଥିବା ଜାତୀୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୩ ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୫ ଆଧାରରେ ଆସନ୍ତା ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ, ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧନା କର୍ମୀ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଜାରଞ୍ଜନ ମେହେର, ଖିରେଶ୍ୱର ସାହୁ, ଉଷାରାଣୀ ସାମନ୍ତ ଯୋଗଦାନ କରି ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ସିଆରସିସି ନନ୍ଦିଘୋଷ ଭୁଏ, କେଶବ ଛନ୍ଦ, ତ୍ରିଲୋଚନ ସେଠ୍, ଆଶିଷ ନାଥ, ରାଜୀବ ବିଶ୍ୱାଳ, ବଳରାମ ମେହେର ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

କାମରେ ଆସୁନି କଲ୍ୟାଣ ମଣ୍ଡପ

ବିଜେପୁର, ୨୩।୨(ସମିସ)

ଜିଲ୍ଲାର ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତତ୍ତ୍ୱାବଧାନରେ ଥିବା ଦାମ୍ବୋଦର କଟା ନିକଟସ୍ଥ କଲ୍ୟାଣ ମଣ୍ଡପ ଅକାମୀ ହୋଇ ପଡ଼ି ରହିଥିବା ଅଭିଯୋଗ ହେଉଛି। ଏହାର ଚାରିପାଖରେ ଲଟାବୁଦା, ଆବର୍ଜନା ଓ ମଇଳା ଭର୍ତ୍ତି ହୋଇ ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଏଠାରେ ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ଲାଗିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ଏହା ଜନସାଧାରଣଙ୍କ କୌଣସି କାମରେ ନ ଲାଗି ଅବ୍ୟବହୃତ ହୋଇ ପଡ଼ି ରହିଛି। ପାଖାପାଖି ତିନି ବର୍ଷ ହେବ ୨ କୋଟି ଟଙ୍କା ବ୍ୟୟରେ ଏହି ବୃହତ୍ କଲ୍ୟାଣ ମଣ୍ଡପ ନିର୍ମିତ ହୋଇଛି। ବାହାଘର, ପାରିବାରିକ ଉତ୍ସବ, ସଭା ସମିତି ଆଦି ପାଇଁ ବିଜେପୁରରେ ମଣ୍ଡପର ଆବଶ୍ୟକତା



ଥିବା ବେଳେ ନିର୍ମିତ ମଣ୍ଡପ ଲୋକଙ୍କ କାମରେ ଆସୁନାହିଁ। ଦାମ୍ବୋଦର କଟା ସନ୍ନିକଟ ଅଞ୍ଚଳରେ ନିର୍ମିତ ହେଲେ ମଣ୍ଡପଟି ସବୁବେଳେ ବ୍ୟବହାର ହୋଇ ପାରିବ ବୋଲି ଆଶା କରାଯାଉଥିଲା। ଅଥଚ ଏହା ଅଲୋଡା ଭାବେ ପଡ଼ିରହିଛି। ଏହି ବୃହତ କଲ୍ୟାଣ ମଣ୍ଡପପ୍ରତି ସ୍ଥାନୀୟପ୍ରଶାସନର ଦୃଷ୍ଟିଦେବାକୁ ବିଜେପୁର ବାସୀ ଦାବି କରିଛନ୍ତି। ମଣ୍ଡପର ସମସ୍ୟା ସକ୍ରାନ୍ତରେ ସ୍ଥାନୀୟ କିଛି ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ବିଜେପୁର ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସହିତ ପୂର୍ବରୁ ଅନେକଥର ଆଲୋଚନା କରିଥିଲେ ସୁଦ୍ଧା ଏ ଦିଗରେ ତତ୍ପରତା ଗ୍ରହଣ କରାଯାଇ ନାହିଁ ବୋଲି କହିଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୀତା ବାରିକଙ୍କୁ ପଚରାଯିବାରୁ ବିଦ୍ୟୁତ ସଂଯୋଗ ପାଇଁ ପଦକ୍ଷେପ

ନଷ୍ଟ ହେଉଛି ୨ କୋଟିର ପ୍ରକଳ୍ପ

ନିଆଯାଇଛି। ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ବହୁ ପ୍ରତୀକ୍ଷିତ ଏହି ମେଗା କଲ୍ୟାଣ ମଣ୍ଡପର ସମସ୍ୟା ସକ୍ରାନ୍ତରେ ପୂର୍ବରୁ ମଧ୍ୟ ଖବର ପ୍ରସାରଣ ହୋଇଥିଲା। ମାତ୍ର ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ସହିତ ନେଇ ନାହାନ୍ତି। ଏ ନେଇ ସ୍ଥାନୀୟ ନାଗରିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସ୍ମୃତିରକ୍ଷା ପାଇଁ ବୃକ୍ଷରୋପଣ

ମେଲଛାମୁଣ୍ଡା, ୨୩।୨(ସମିସ): ସଂସାରରୁ ବିଦାୟ ନେବା ପରେ ସେହି ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୋଖରୀ ଖନନ, ପାନୀୟଜଳ ଯୋଗାଣ, ମନ୍ଦିର ନିର୍ମାଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ପାଠାଗାର, ଅନାଥାଶ୍ରମ ପରି ଅନୁଷ୍ଠାନ ଖୋଲା ଯାଇଥାଏ। କିନ୍ତୁ ପ୍ରକୃତିବନ୍ଧୁ ମୀନକେତନ ସାହୁ ଗତ ୨୫ ବର୍ଷ ଧରି ମୃତ ବ୍ୟକ୍ତିଙ୍କ ସ୍ମୃତିରକ୍ଷା ନିମିତ୍ତ ବୃକ୍ଷରୋପଣ ଓ ତାହାର ସଂରକ୍ଷଣ କାର୍ଯ୍ୟ କରି ଆସୁଛନ୍ତି। ଏହି ଆଧାରରେ ଗାଇସିଲଟ ବ୍ଲକ ଅଧୀନ କେର୍ମେଲି ଗାଁରେ ସ୍ୱର୍ଗତ ଦୁଃଖୁ ସାହୁଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପୁଅ ପ୍ରଦୀପ ସାହୁ ଓ ତ୍ରୈଲୋଚନ ସାହୁଙ୍କ ଦ୍ୱାରା ରାସ୍ତା ପାର୍ଶ୍ୱରେ ବଉଳ ଚାରାରୋପଣ କରାଯାଇଛି। ସ୍ୱର୍ଗତ ଦୁଃଖୁ ସାହୁଙ୍କ ଦୁଇ ବଡ ଭାଇ ସ୍ୱର୍ଗତ ପରିକ୍ଷିତ ସାହୁ ଓ ସ୍ୱର୍ଗତ ପବିତ୍ର ସାହୁଙ୍କ ସ୍ମୃତିରକ୍ଷା ପାଇଁ ପୁତ୍ର ରୂପାଧର ସାହୁ ଓ ବାମ ସାହୁ ପଥ ପାର୍ଶ୍ୱରେ ବଉଳ ଚାରାରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ର ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ ଚାରା ପ୍ରଦାନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚାରାରୋପଣ ସହ ସେ ଉପସ୍ଥିତ ପୁତ୍ର ତଥା ଆତ୍ମୀୟ ସ୍ୱଜନଙ୍କୁ ବୃକ୍ଷର ସୁରକ୍ଷା ତଥା ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ୧୫ ବର୍ଷ ପୂର୍ବେ ସେହି କେର୍ମେଲି ଗାଁର ସ୍ୱର୍ଗତ ଡୋଲାମଣୀ ବାରିକଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ତାଙ୍କର ନାତି ହୃଷିକେଶ ସାହୁଙ୍କ ଦ୍ୱାରା ରୋପିତ ବଉଳ ବୃକ୍ଷ ପଥିକ ମାନଙ୍କ ପାଇଁ ବର୍ତ୍ତମାନ ଆଶ୍ରୟସ୍ଥଳୀ ପାଲଟିଛି।



ଏହିପରି ମୃତବ୍ୟକ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।